₹ : 25

# ଆମରି ସତ୍ୟ


## AMARI SATYA

ସପ୍ତମ ବର୍ଷ, ଅଷ୍ଟମ ସଂଖ୍ୟା,
ମାସିକ, ଫେବ୍ରୁୟାରୀ-୨୦୧୭
ପୃଷ୍ଠା ସଂଖ୍ୟା ୫୨

RNI Regn. No. - 107608/2010
Postal Regd. No. : PURI-33/2016-18



# 'ଆମରିସତ୍ୟ' ପତ୍ରିକାର ଆଜୀବନ ସଦସ୍ୟ



ଡ. ଚିତ୍ତରଞ୍ଜନ ନାୟକ
ଭୁବନେଶ୍ୱର



ଶ୍ରୀଯୁକ୍ତ ବିଦ୍ୟାଧର ଖଟୁଆ
ବାଙ୍କୀ



ଶ୍ରୀଯୁକ୍ତ ସୀତା ପ୍ରସାଦ ସାହୁ
ଖୋରଧା



ଡ. ଅଶୋକ କୁମାର ବେଉରା
ରାଉରକେଲା



ଶ୍ରୀମତୀ ଅଲିଭା ବେଉରା
ଖୋରଧା



ଶ୍ରୀମତୀ ସୁଷମା ଦେଇ
ଭୁବନେଶ୍ୱର



ଶ୍ରୀଯୁକ୍ତ ରବିନ୍ଦ୍ରନାଥ ଶତପଥି
ଖୋରଧା



ଶ୍ରୀଯୁକ୍ତ ବଂଶୀଧର ଦାସ
ଖୋରଧା



ଅଧ୍ୟାପକ ବିଧୁଭୂଷଣ ରାଉତ
ବାଙ୍କୀ



ଡ. କୈଳାସ ଚନ୍ଦ୍ର ମହାରଣା
ବାଲୁଗାଁ



ଶ୍ରୀଯୁକ୍ତ ସନ୍ତୋଷ କୁମାର ଜେନା
ଭୁବନେଶ୍ୱର



ଶ୍ରଯୁକ୍ତ ଦିଲ୍ଲୀପ କୁମାର ତ୍ରିପାଠୀ
ଭୁବନେଶ୍ୱର



ଶ୍ରୀଯୁକ୍ତ ଉପେନ୍ଦ୍ର ଦାଶ
ପୋଢ଼ାଡିହ, ଖୋରଧା



ଅଧ୍ୟାପକ କର୍ମୋଦୟ ଛୋଟରାୟ
ବୋଲଗଡ଼, ଖୋରଧା



ପ୍ରାଧ୍ୟାପକ କେଳୁଚରଣ ପରିଡ଼ା
ଖୋରଧା



ଅଧ୍ୟାପକ ସଂଜୟ କୁମାର ସାହୁ
ନରସିଂହପୁର, କଟକ

**ସଂପାଦକ ଓ ପ୍ରକାଶକ**

ଡଃ ପ୍ରସନ୍ନ କୁମାର ଜେନା

୯୮୬୧୦୧୬୩୪୯ (ମୋ)

**ପ୍ରତିଷ୍ଠାତା**

**ଡଃ ପ୍ରମୋଦ ଚନ୍ଦ୍ର ଦାଶ**

୯୪୩୭୨୮୧୬୫୫ (ମୋ)

**ସହଯୋଗୀ ସମ୍ପାଦକ**

ସତ୍ୟବାଦୀ ବଳିଆରସିଂହ

୯୨୩୭୦୮୯୫୦୯ (ମୋ)

**ସହ ସମ୍ପାଦକ**

ତ୍ରିଲୋଚନ ମହାପାତ୍ର

ସତ୍ୟନାରାୟଣ ସାମନ୍ତରାୟ

ଡ. ଅଜୟ କୁମାର ସ୍ୱାଇଁ

ଭବାନୀ ଶଙ୍କର ଦାଶ

**ସଂଯୋଜକ**

ଆଶିଷ କୁମାର ରାୟ

**ଆଞ୍ଚଳିକ ସଂଯୋଜକ**

**ଡ. ପ୍ରେମଚାନ୍ଦ ମହାନ୍ତି**

**ପଶ୍ଚିମ ଓଡ଼ିଶା (ସମ୍ବଲପୁର)**

**ପରିଚାଳନା ସଂଯୋଜକ**

ସର୍ବେଶ୍ୱର ମହାପାତ୍ର

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**

ରାଜୀବ ରଥ

**ରାକେଶ ସାହୁ**

# ଆମରି ସତ୍ୟ

# AMARI SATYA

**ଭିନ୍ନସ୍ୱାଦର ମାସିକ ପତ୍ରିକା...**

**ସପ୍ତମ ବର୍ଷ - ଅଷ୍ଟମ ସଂଖ୍ୟା -ଫେବ୍ରୁଆରୀ, ୨୦୧୭**

**RNI Regn. No. - 107608/2010 / Postal Regd. No. - PURI-33/2016-18**

**ଯୋଗାଯୋଗ:**
'ଆମରିସତ୍ୟ'
ଏମ୍ - ୧/୫, ମୁକୁନ୍ଦପ୍ରସାଦ
ହାଉସିଂ ବୋର୍ଡ଼ କଲୋନୀ
ପୋ.ଅ.- ପି.ଏନ୍. କଲେଜ,
ଜି: ଖୋରଧା, ପିନ୍:୭୫୨୦୫୭, ଓଡ଼ିଶା
ଦୂରଭାଷ:୦୬୭୫୫-୨୨୦୯୮୦
ମୋ : ୯୪୩୭୨୮୧୬୫୫

**ଭୁବନେଶ୍ୱର ଅଫିସ -**
ଶ୍ରୀମତୀ ରୁନା ମହାପାତ୍ର
ପ୍ଲଟ ନ-୧୦୭୧/ପି
ଲେନ ନ-୪, ଶତାବ୍ଦୀ ନଗର
ଭୁବନେଶ୍ୱର-୩
ପିନ୍:୭୫୧୦୦୩, ଓଡ଼ିଶା
ଫୋନ୍ ନଂ:୯୪୩୭୪୧୪୩୨୦

**ଗ୍ରାହକମାନଙ୍କ ପାଇଁ ସୂଚନା**

୧. ପ୍ରତି ଖଣ୍ଡ ଦେୟ ଟ.୨୫/-
୨. ବାର୍ଷିକ ଦେୟ ଟ.୨୪୦/-
୩. ୨ବାର୍ଷିକ ଦେୟ ଟ.୪୫୦/-
୪. ୩ ବାର୍ଷିକ ଦେୟ ଟ.୬୫୦/-
୫. ଆଜୀବନ ସଦସ୍ୟ ଟ.୩୦୦୦/-

**ପରାମର୍ଶଦାତା ମଣ୍ଡଳୀ**

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**
ପୂର୍ବତନ କୁଳପତି, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ।

**ଡ. ନାରାୟଣ ରାଓ**
ପ୍ରାକ୍ତନ୍ କୁଳସଚିବ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ।

ଡ. ଦିଲ୍ଲୀପ କୁମାର ଶ୍ରୀଚନ୍ଦନ
ସାହିତ୍ୟିକ ଓ ସାମାଜସେବୀ,ଭୁବନେଶ୍ୱର।

**ଡା. ଧନେଶ୍ୱର ସାହୁ**
ପୂର୍ବତନ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଖୋରଧା।

**ଶ୍ରୀ ଭୀମସେନ ପ୍ରଧାନ**
ଶିକ୍ଷାବିତ୍, ଖୋରଧା।

**ଶ୍ରୀ ଅନୀଲ କୁମାର ଶତପଥୀ**
ବରିଷ୍ଠ ଆଇନଜୀବୀ ଓ ସମାଜସେବୀ, ଭୁବନେଶ୍ୱର।

**ଡ. ଗୌରୀ ଶଙ୍କର ପ୍ରହରାଜ**
ପୂର୍ବତନ ଅଧ୍ୟକ୍ଷ, ରମାମଣୀ ମହାବିଦ୍ୟାଳୟ,କଣ୍ଟାବାଡ଼।

**ଡ. ଧୀରେନ୍ଦ୍ର ନନ୍ଦ**
ସମାଜସେବୀ , ଖୋରଧା

**ସ୍ୱାମୀ ଜୟଦେବ ଭାରତୀ**
ଶାନ୍ତିଧାମ ଆଶ୍ରମ, ଧଣ୍ଡାମୁଣ୍ଡା, ବଲାଙ୍ଗୀର

**ଶ୍ରୀ ଜବାହାର ଲାଲ ସୁବୁଦ୍ଧି**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବଡ଼ତୋଟା, ଜଟଣୀ, ଖୋରଧା

**ଦେୟ ମନି ଅର୍ଡର, ଡ୍ରାଫଟ୍ କିମ୍ବା ଚେକ୍ ମାଧ୍ୟମରେ 'ଆମରିସତ୍ୟ' ନାମରେ ପଠାଇବାକୁ ଅନୁରୋଧ। ଏସ୍‌ବିଆଇ ଇଭିନିଂ ବ୍ରାଞ୍ଚ, ଖୋର୍ଦ୍ଧା ଆକାଉଣ୍ଟ ନମ୍ବର ୩୧୦୩୩୯୭୪୨୨୬। IFSC-SBIN0012027, MICR-752002151**

'ଆମରିସତ୍ୟ'ରେ ପ୍ରକାଶିତ ଲେଖା ଲେଖକଙ୍କର ନିଜସ୍ୱ ଅଟେ। ପ୍ରକାଶିତ ବିଷୟବସ୍ତୁ ପାଇଁ 'ଆମରିସତ୍ୟ' ଉତ୍ତରଦାୟୀ ନୁହେଁ।

# ସୂଚୀପତ୍ର


| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ସରସ୍ୱତୀ ବନ୍ଦନା | | ୦୪ |
| ୨. | ସମ୍ପାଦକୀୟ | | ୦୫ |
| ୩. | ହିତ ବାଣୀ | | ୦୬ |
| ୪. | ବିଚିତ୍ରା | | ୦୭ |
| ୫. | କେତେକ ଔଷଧୀୟ ବୃକ୍ଷ ..... | ଡକ୍ଟର ପ୍ରେମଚାନ୍ଦ ମହାନ୍ତି | ୦୯ |
| ୬. | ସଂଜପ୍ରାର୍ଥନା | ରମେଶ ମଙ୍ଗରାଜ | ୧୧ |
| ୭. | ନୈବେଦ୍ୟ | ସୌଦାମିନୀ ଦାସ | ୦୦ |
| ୮. | ବର୍ଣ୍ଣ ଓ ଜାତି ସମାନ ନୁହନ୍ତ | ଇଂ ଜଜ୍ଞପ୍ରକାଶ ଦାସ | ୦୦ |
| ୯. | ସଠିକ୍ ଉତ୍ତର | ତ୍ରିଲୋଚନ ମହାପାତ୍ର | ୦୦ |
| ୧୦. | ମୋହ | ବିଦ୍ୟାଧର ଖଟୁଆ | ୦୦ |
| ୧୧. | ତିରୋଟି | ଶକ୍ତିଶଙ୍କର ମିଶ୍ର | ୦୦ |
| ୧୨. | ଧନ୍ୟବାଦ ପ୍ରସଙ୍ଗରେ...... | ସତ୍ୟନାରାୟଣ ସାମନ୍ତରାୟ | ୦୦ |
| ୧୩. | ଫୁଲର ଫଗୁଣ | ଯମେଶ୍ୱର କହଲସିଂହ | ୦୦ |
| ୧୪. | ମମମମମମମ | ଡ଼କ୍ଟର ମୁରାରି ମୋହନ ଦାଶ | ୦୦ |
| ୧୫. | ରକ୍ତ ଜମାଟ | ଡ଼ା: ଧନେଶ୍ୱର ସାହୁ | ୦୦ |
| ୧୬. | ମାତୃଦେବୋ ଭବ | ଡକ୍ଟର ଶରଚ୍ଚନ୍ଦ୍ର ମହାପାତ୍ର | ୦୦ |
| ୧୭. | ଚିଠିର ଅତୀତ, ବର୍ତ୍ତମାନ ଓ ... | ଡ. ରାମଚନ୍ଦ୍ର ଦେଓ | ୦୦ |
| ୧୮. | ପାଖେଇଲା ନିର୍ବାଚନ | ବିରେନ୍ କୁମାର ବେହେରା | ୦୦ |
| ୧୯. | ଈଶ୍ୱରଙ୍କ ତ୍ରୁଟି ଖୋଜା | ଶ୍ରୀ ବିଭୁ ପ୍ରସାଦ ହରିଚନ୍ଦନ | ୦୦ |
| ୨୦. | ଧର୍ମ | ଜାନକୀବଲ୍ଲଭ ପଟ୍ଟନାୟକ | ୦୦ |
| ୨୧. | ଏତିକି କରୁଛି ଭିକ୍ଷା | ଜ୍ଞାନ ଦାଶ | ୦୦ |
| ୨୨. | ବୁଦ୍ଧି ହିଁ ବିବେକ | ଅଜୟ କୁମାର ସାହୁ | ୦୦ |
| ୨୩. | ଏଇ ହାତ ଥିଲେ କ'ଣ .... | ରବୀନ୍ଦ୍ରନାଥ ପ୍ରଧାନ | ୦୦ |
| ୨୪. | ଭୁଲ୍ କାହାର ? | ଡ. ପ୍ରମୋଦ ଚନ୍ଦ୍ର ଦାଶ | ୦୦ |
| ୨୫. | ଫୁଲିଆ ସାର୍ | ସମରଜୀତ୍ ପଟ୍ଟନାୟକ | ୦୦ |
| ୨୬. | ରତ୍ନମ୍ବରା ତୁମେ | ଉଦୟନାଥ ତ୍ରିପାଠୀ | ୦୦ |
| ୨୭. | ପ୍ରାର୍ଥନା | ଶକୁନ୍ତଳା ମିଶ୍ର | ୦୦ |
| ୨୮. | ମହାତ୍ମାଗାନ୍ଧୀଙ୍କ ପ୍ରେମରେ ... | ଡ଼ାକ୍ତର ନିତ୍ୟାନନ୍ଦ ସ୍ୱାଇଁ | ୦୦ |
| ୨୯. | ପ୍ରଜାପତି | ମନୋଜ କୁମାର ମହାପାତ୍ର | ୦୦ |
| ୩୦. | ମମମମମ | ଆଶିଷ କୁମାର ରାୟ | ୦୦ |
| ୩୧. | ସାଧାରଣ ଜ୍ଞାନ | | ୪୨-୫୦ |





# ସରସ୍ୱତୀ ବନ୍ଦନା

ୟା କୁନ୍ଦେନ୍ଦୁ ତୁଷାରହାରଧବଳା ୟା ଶୁଭ୍ରବସ୍ତ୍ରାବୃତା
ୟା ବୀଣାବରଦଣ୍ଡମଣ୍ଡିତକରା ୟା ଶ୍ୱେତପଦ୍ମାସନା
ୟା ବ୍ରହ୍ମାଚ୍ୟୁତଶଙ୍କର ପ୍ରଭୃତିଭିର୍ଦେବୈଃ ସଦା ବନ୍ଦିତା
ସା ମାଂ ପାତୁ ସରସ୍ୱତୀ ଭଗବତୀ ନିଃଶେଷକାଡ୍ୟାପହା।।୧।।

ଶୁକ୍ଳାଂ ବ୍ରହ୍ମ- ବିଚାର-ସାର-ପରମାମାଦ୍ୟାଂ ଜଗଦ୍‌ବ୍ୟାପିନୀମ୍
ବୀଣା-ପୁସ୍ତକ-ଧାରିଣୀମଭୟଦାଂ ଜାଡ୍ୟାନ୍ଧକାରାପହାମ୍।
ହସ୍ତେ ସ୍ଫାଟିକମାଳିକାଂ ବିଦଧତୀଂ ପଦ୍ମାସନେ ସଂସ୍ଥିତାମ୍
ବନ୍ଦେ ତାଂ ପରମେଶ୍ୱରୀଂ ଭଗବତୀଂ ବୁଦ୍ଧିପ୍ରଦାଂ ଶରଦାମ୍।।୨।।

କଜ୍ଜ୍ୱଳ- ପୂରିତ- ଲୋଚନ ଧୀରେ।
ସ୍ତନଯୁଗ- ଶୋଭିତ- ମୁକୁତାହାରେ।।
ବୀଣା- ପୁସ୍ତକ- ରଞ୍ଜିତ ହସ୍ତେ।
ଭଗବତୀ ଭାରତୀ ଦେବୀ ନମସ୍ତେ।।
ଅଇଲେ ସରସ୍ୱତୀ ନିର୍ମଳ ବର୍ଣ୍ଣେ।
ରତ୍ନ ବିଭୁଷିତ କୁଣ୍ଡଳ କର୍ଣ୍ଣେ।।
ଗଳାରେ ଗଜମୋତି- ମୁକୁତା-ହାର।
ଦିଅ ମା' ସରସ୍ୱତୀ ବିଦ୍ୟା- ଭଣ୍ଡାର।।



## ସମ୍ପାଦକୀୟ....



ଗତ କେତେ ଦଶନ୍ଧି ଧରି ପ୍ରଯୁକ୍ତି ବିଜ୍ଞାନ ବିଶ୍ୱରେ ତାର କାୟା ବିସ୍ତାରି ଚାଲିଛି। ଭିନ୍ନ ଭିନ୍ ପ୍ରଜାତିର ମୋବାଇଲ୍ ଫୋନ୍ ଓ କମ୍ପ୍ୟୁଟର ବିଭିନ୍ନ ଭାବରେ ସେସବୁର ଗୁଣ ଓ କର୍ମକୁ ବିକଶିତ କରି ଯୁବସମାଜକୁ ଆକୃଷ୍ଟ କରିବାରେ ଲାଗିଛି। ସାମାଜିକ ଯୋଗାଯୋଗର ମାଧ୍ୟମ ଭାବରେ ମାଇଁ ସ୍ପେସ୍ ଠାରୁ ଫେସ୍ ବୁକ୍ ଓ ଟ୍ୱିଟର୍ ତଥା ହ୍ୱାଟ୍ସ ଆପ୍ ଯାଏଁ ଜନସାଧାରଣଙ୍କୁ କବଳିତ କରିଛି। ଇଣ୍ଟରନେଟ୍ ମାଧ୍ୟମରେ ହଜାର ହଜାର ପୁସ୍ତକ ଆଜି ହାତପାଆନ୍ତାରେ। ଦେଶୀ ବା ବିଦେଶୀ କୌଣସି ବହିଟିଏ ପାଇଁ ଆଉ କାହାର ସାହାଯ୍ୟ ନେବା ଆବଶ୍ୟକ ପଡୁନାହିଁ। କୌଣସି ଆବଶ୍ୟକ ବିଷୟବସ୍ତୁ ସଂକଳିତ ବହିଟିଏ ଗୋଟିଏ ଚୁଟ୍‌କିରେ କମ୍ପ୍ୟୁଟର ପରଦାରେ ଝଲସି ଉଠୁଛି। ବହିଟିଏ ପାଇଁ ଆଉ କୌଣସି ବହି ଦୋକାନରେ ଠିଆ ହେବାର ସମୟ ଚାଲିଗଲାଣି। ବିଶେଷକରି ବହିଟିଏ ପଢ଼ିବା ପାଇଁ ଫର୍ଦ୍ଦ ପରେ ଫର୍ଦ୍ଦ ଆଉଡ଼େଇବା ମଧ୍ୟ ଦରକାର ନାହିଁ। କେବଳ ନିଜର କମ୍ପ୍ୟଟର ଜ୍ଞାନ ଉପରେ ଏହା ନିର୍ଭର କରୁଛି।

କାଗଜ କଲମର ଯୁଗ ସରି ସରି ଆସିଲାଣି। ଚିଠିଟିଏ ଲଏଖିବା ପାଇଁ ଆଉ ଡାକଘରକୁ ଯାଇ ପୋଷ୍ଟକାର୍ଡ଼, ଇନ୍‌ଲ୍ୟାଣ୍ଡ ଲେଟର୍ କି ଏନ୍‌ଭଲପ୍‌ଟିଏ କିଣିବା ଦରକାର ପଡୁନାହିଁ। କମ୍ପ୍ୟୁଟରରେ ଚିଠି ଟାଇପ୍ କରି ଇ-ମେଲ୍‌ରେ ଗୋଟିଏ କ୍ଲିକ୍ କଲେ ହଜାର ହଜାର ମାଇଲ୍ ଦୂରକୁ ଗୋଟିଏ ସେକେଣ୍ଡରେ ଚିଠିଟି ପହଞ୍ଚି ପାରୁଛି। ଆଜି ଆଉ ମୁହାଁମୁହିଁ କଥା ହେବାର ଆବଶ୍ୟକତା ପଡୁନାହିଁ। ନାହିଁ। ମୋବାଇଲ୍ ଫୋନ୍ ବା ଇଣ୍ଟରନେଟ୍‌ର ଯେ କୌଣସି ସାମାଜିକ ଯୋଗାଯୋଗ (ଝକ୍ଟମସବକ୍ଷ ଘରଗ୍ଧଙ୍ଗକ୍ଟକ୍ସଲ) ମାଧ୍ୟମରେ ଏହା ସମ୍ଭବ ହୋଇପାରୁଛି। ମୁହାଁମୁହିଁ କଥା ହେଲେ ଜଣେ ଯେତିକି ବ୍ୟକ୍ତିଙ୍କ ସହ କଥା ହୋଇପାରନ୍ତା, ଏସବୁ ମାଧ୍ୟମରେ ତା'ଠାରୁ ଢ଼େର ଅଧିକା ବ୍ୟକ୍ତିଙ୍କ ସହ ଯୋଗାଯୋଗରେ ରହିପାରୁଛି। ମୋଟାମୋଟି ଭାବରେ, ଏହା ବ୍ୟକ୍ତିର ଯୋଗାଯୋଗ, ମନୋରଞ୍ଜନ ତଥା ସଂପର୍କ ସ୍ଥାପନର ମୂଳ ସେତୁ ପାଲଟିଥିବାବେଳେ ବିଶ୍ୱକୁ ଗୋଟିଏ ଛୋଟିଆ ଗ୍ରାମରେ ପରିଣତ କରିଦେଇଛି।

ଏସବୁ ସତ୍ତ୍ୱେ, ସଙ୍କଟ ହେଲା, ଏଥିରେ ଯୁବସମାଜ ବହୁମାତ୍ରାରେ ସଂକ୍ରମିତ ହୋଇ ପଡୁଛନ୍ତି। ବସିବା, ଖାଇବା, ପଢ଼ିବା, ଶୋଇବା ଏପରିକି ଗାଧୋଇବାବେଳେ ମଧ୍ୟ ମୋବାଇଲ୍ ଫୋନ୍‌ର ବ୍ୟବହାର ଯୁବପୀଢ଼ିକୁ ଆକ୍ରାନ୍ତ କରିଛି। ମୋବାଇଲ୍ ଫୋନ୍ କିମ୍ବା କମ୍ପ୍ୟୁଟରରେ ଖେଳିବା, ସିନେମା ଦେଖିବା, କଥା-ଅକଥା ଖୋଜିବା ଓ ଦେଖିବାରେ ଏସବୁ ଯନ୍ତ୍ରର ଅପବ୍ୟବହାର ହେଉଛି। ଆଗରୁ ପିଲାମାନେ ପଢ଼ିଆ କିମ୍ବା ପାର୍କକୁ ଯାଇ ଖେଳକୁଦ କରୁଥିଲେ ବା ଅବସର ସମୟ ବିତଉଥିଲେ। ଆଜି ସମୟ ଏପରି ହୋଇଛି ଯେ, ଶୈଶବ ଓ ଯୌବନ ଉଭୟ ମୋବାଇଲ୍ ଫୋନ୍ ଓ କମ୍ପ୍ୟୁଟରର ମାୟାରେ ପଡ଼ିଯାଇ ପ୍ରକୃତ ଚିନ୍ତା ଓ ଚେତନା ଠାରୁ ଦୂରେଇ ଯାଉଛନ୍ତି। ମହାନ୍ ଚିନ୍ତା ନାୟକ ତଥା ବୈଜ୍ଞାନିକ ଆଇନ୍‌ଷ୍ଟାଇନ୍ ଏଭଳି ଏକ ଭବିଷ୍ୟତକୁ ଆକଳନ କରି ଏକଦା କହିଥିବାର ଜଣାଯାଏ, ଓ ଲରବକ୍ସ ଗ୍ଧଷର ଯବଚ୍ଚ ଗ୍ଧଷବଗ୍ଧ ଗ୍ଧରମଷଭକ୍ଟଷକ୍ଟଶଚ୍ଚ ଙ୍ଗସକ୍ଷକ୍ଷ ଗ୍ଧଙ୍କକ୍ଟବଗ୍ଧଗ୍ଧ କ୍ଟଙ୍କକ୍ସ ଷଙ୍କଞ୍ଝବଭ ସଭଗ୍ଧରକ୍ସବମ- ଗ୍ଧସକ୍ଟଭ. ଝଷର ଙ୍ଗକ୍ଟକ୍ସକ୍ଷୟ ଙ୍ଗସକ୍ଷକ୍ଷ ଷବଙ୍ଗର ବ ଶରଭରକ୍ସବଗ୍ଧସକ୍ଟଭ କ୍ଟଲ ସୟସକ୍ଟଗ୍ଧଗ୍ଧ. ଏକଥାକୁ ବିଚାର କରିବାର ସମୟ ଆସିଛି। ବିଜ୍ଞାନ ପାଇଁ ମଣିଷର ସୁଖସୁବିଧା ଯେତିକି ନିକଟତର ହୋଇଛି, ତା'ଠାରୁ ଅଧିକ ମାତ୍ରାରେ ମଣିଷ ଠାରୁ ମଣିଷକୁ ଦୂରେଇ ଦେଇଛି। ଏକପକ୍ଷରେ ଏହା ବିଶ୍ୱମଣିଷ ସଂପର୍କକୁ ଯୋଡ଼ିବାରେ ସହାୟକ ହେଉଥିବାବେଳେ ବାସ୍ତବରେ ଏହା ମଣିଷକୁ ଏକୁଟିଆ କରିଦେଇଛି। କାରଣ, ମଣିଷଟିଏ ସାମାଜିକ ପ୍ରାଣୀ ଭାବରେ ବଞ୍ଚିବା ପାଇଁ ଯେଉଁ ସାମାଜିକ ସହାବସ୍ଥାନ ଦରକାର, ତାହା ଏଭଳି ଶସ୍ତା ଯୋଗାଯୋଗ ଯୋଗୁ ଆନେକାଂଶରେ ବ୍ୟାହତ ହେଉଛି। ତଥାପି ଏହାହିଁ ବାସ୍ତବତା ଓ ତାକୁ ଗ୍ରହଣକରି ନେବାକୁ ଆମକୁ ସମୟ ବାଧ୍ୟ କରିଛି।

ଡ. ପ୍ରସନ୍ନ କୁମାର ଜେନା



ଅକର୍ମଣୋ ହ୍ୟପି ବୋଦ୍ଧବ୍ୟଂ ଚ ବିକର୍ମଣଃ ।
ଅକର୍ମଣଶ୍ଚ ବୋଦ୍ଧବ୍ୟଂ ଗହନା କର୍ମଣୋ ଗତିଃ ।।

ଅର୍ଥ :କର୍ମର ସ୍ୱରୂପ ଜାଣିବା ଉଚିତ ଓ ଅକର୍ମର ସ୍ୱରୂପ ବି ଜାଣିବା ଉଚିତ ତଥା ବିକର୍ମର ସ୍ୱରୂପ ମଧ୍ୟ ଜାଣିବା ଉଚିତ; କାରଣ କର୍ମର ଗତି (ତତ୍ତ୍ୱ) ଅତି ଗହନ ।।

## ହିତୋପଦେଶ

~~ଯତ୍ତୁ କାମେପ୍ସୁନା କର୍ମ ସାହଙ୍କାରେଣ ବା ପୁନଃ ।~~
~~କ୍ରିୟତେ ବହୁଳାୟାସଂ ତଦ୍ରାଜସମୁଦାହୃତମ୍ ।।~~

~~ଅର୍ଥ : କିନ୍ତୁ ଯେଉଁ କର୍ମ ଭୋଗେଚ୍ଛାରେ ଅଥବା ଅହଂକାର ସହିତ ଓ ପରିଶ୍ରମପୂର୍ବକ କରାଯାଏ, ତାହାକୁ ରାଜସ କର୍ମ କୁହାଯାଏ ।~~

## ଭାଗବତ ବାଣୀ

ଅଧିକ ସଂସାର ସଙ୍ଗତେ । ପୀରତି ନକରିବ ଚିତ୍ତେ ।।
ଯେବେ କହିବ ସ୍ନେହଆଶ । କୋପତ ପ୍ରାୟ ଯିବ ନାଶ ।

ଅଜାଗା ଘା ଦେଖିହୁଏ ନାହିଁ କି ଦେଖାଇ ହୁଏ ନାହିଁ

ଅମଞ୍ଜା ମଞ୍ଜା
ମଞ୍ଜି ନାହିଁ ତାର ଭୂଇଁରୁ ଗଜା
ଉତ୍ତର- ଛତୁ

## ଚାଣକ୍ୟ ନୀତି



ମାତା ଶତ୍ରୁଃପିତା ବୈରୀ ଯେନ ବାଲୋ ନ ପାଠିତଃ
ନ ଶୋଭତେ ସଭା ମଧ୍ୟେ ହଂସ ମଧ୍ୟେ ବାକୋଯଥା ।

ଅର୍ଥ : ବାଲ୍ୟକାଳେ ସନ୍ତାନମାନଙ୍କୁ ଶିକ୍ଷାଦାନ ନ କରାଇବା ପିତାମାତା ହିଁ ସନ୍ତାନମାନଙ୍କର ଶତ୍ରୁତୁଲ୍ୟ । ହଂସମାନଙ୍କ ମଧ୍ୟରେ ବକମାନଙ୍କର ଯେପରି ଶୋଭା ପ୍ରାପ୍ତ ହୁଏନାହିଁ, ସେହିପରି ପଣ୍ଡିତମାନଙ୍କ ମଧ୍ୟରେ ମୂର୍ଖମାନଙ୍କର ଶୋଭା ନିନ୍ଦା ପରିହେବ ।

## ନୀତିଶ୍ଳୋକ

ଯତ୍ତୁ କାମେପ୍ସୁନା କର୍ମ ସାହଙ୍କାରେଣ ବା ପୁନଃ ।
କ୍ରିୟତେ ବହୁଳାୟାସଂ ତଦ୍ରାଜସମୁଦାହୃତମ୍ ।।

ଅର୍ଥ : କିନ୍ତୁ ଯେଉଁ କର୍ମ ଭୋଗେଚ୍ଛାରେ ଅଥବା ଅହଂକାର ସହିତ ଓ ପରିଶ୍ରମପୂର୍ବକ କରାଯାଏ, ତାହାକୁ ରାଜସ କର୍ମ କୁହାଯାଏ ।

## ଢଗଢମାଳି

ଆଦର ନଥାଇ ଯେଉଁ ଭୋଜନ
ମନେ ଭୟ ଥାଇ ଯେଉଁ ଶୟନ
ଘରଣୀ ନଥାଇ ଯେଉଁ ଭବନ
ଚିତ୍ତ ଥୟ ନାହିଁ ଯେଉଁ ଭଜନ
ଦିନାଇଁ କହଇ ଅତି ହିନିମାନ ।

## ଖନା ବଚନ / ଦନେଇ ବଚନ

○ ଅତି ପରିଚୟ ଗୌରବ ନଷ୍ଟ-
ଅତି ଭାବ, ଅଭାବରେ ପରିଣତ ହୁଏ ।

.........●● ...........

○ ଆପଣା ସୁନା ଭେଣ୍ଡି-
ନିଜ ଲୋକ ଅପାରଗ ।

# ବିଚିତ୍ରା

## ୮୯ଜଣଙ୍କୁ ପଦ୍ମ ସମ୍ମାନ ୪ଓଡ଼ିଆଙ୍କୁ ପଦ୍ମଶ୍ରୀ

କେନ୍ଦ୍ର ସରକାର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଓ ଅବଦାନ ପାଇଁ ୨୦୧୭ର ପଦ୍ମ ସମ୍ମାନ ଘୋଷଣା କରିଛନ୍ତି । ରାଷ୍ଟ୍ରର ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମବିଭୂଷଣ ସମ୍ମାନରେ ୭ ଜଣଙ୍କୁ ଭୂଷିତ କରାଯାଇଥିବାବେଳେ ୭ ଜଣଙ୍କୁ ପଦ୍ମଭୂଷଣ ଉପାଧି ପ୍ରଦାନ କରାଯାଇଛି । ସେହିଭଳି ପଦ୍ମଶ୍ରୀ ପାଇଛନ୍ତି ୭୫ ଜଣ । ମୋଟ ୮୯ଜଣଙ୍କ ମଧ୍ୟରେ ୧୯ଜଣ ମହିଳା ଓ ୫ଜଣ ପ୍ରବାସୀ ଭାରତୀୟଙ୍କ ନାମ ରହିଛି । ଛ'ଜଣଙ୍କୁ ମରଣୋତ୍ତର ଭାବେ ପଦ୍ମ ସମ୍ମାନ ପାଇଁ ମନୋନୀତ କରାଯାଇଛି । ଓଡ଼ିଶାର ୪ଜଣ କୃତବିଦ୍ୟଙ୍କୁ ପଦ୍ମଶୀ ସମ୍ମାନ ପ୍ରଦାନ କରାଯାଇଛି । ସେମାନେ ହେଉଛନ୍ତି ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା ଅଭିନେତା ସାଧୁ ମେହେର, ଓଡ଼ିଶୀ ନୃତ୍ୟଶିଳ୍ପୀ ଅରୁଣା ମହାନ୍ତି, ସମ୍ବଲପୁରୀ ଗାୟକ ଜିତେନ୍ଦ୍ରିୟ ହରିପାଲ ଓ ବିଶିଷ୍ଟ ଚିକିତ୍ସକ ମୁକୁଟ ମିଞ୍ଜ ।



ଶ୍ରୀମତୀ ଅରୁଣା ମହାନ୍ତି ଓଡ଼ିଶୀରେ ନିପୁଣ ନୃତ୍ୟାଙ୍ଗନା ଭାବରେ ଜଣାଶୁଣା । ଓଡ଼ିଶାର ଏହି ଅନନ୍ୟ ଶାସ୍ତ୍ରୀୟ ନୃତ୍ୟର ବିକାଶ କ୍ଷେତ୍ରରେ ତାଙ୍କର ବିଶେଷ ଅବଦାନ ରହିଛି ।

ସାଧୁ ମେହେର ଜଣେ ସିନେ ଅଭିନେତା ଭାବେ ପରିଚିତ । ସେ ଏକାଧିକ ହିନ୍ଦି ଓ ଓଡ଼ିଆ ସିନେମାରେ ଅଭିନୟ କରିବା ସହ ୧୯୭୪ରେ





ହିନ୍ଦି କଥାଚିତ୍ର 'ଅଙ୍କୁର' ପାଇଁ ଶ୍ରେଷ୍ଠ ଅଭିନେତା ଭାବେ ଜାତୀୟ ପୁରସ୍କାର ଲାଭ କରିଥିଲେ । ଭାରତୀୟ ସିନେମାରେ ୭୦ରୁ ୮୦ଦଶକରେ ଆରମ୍ଭ ହୋଇଥିବା ସମାନ୍ତରାଳ ସିନେମାରେ ସେଥିଲେ ଜଣେ ଅଗ୍ରଗଣ୍ୟ ଅଭିନେତା । ସେ କିଛି କଥାଚିତ୍ରର ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି ।

କଣ୍ଠଶିଳ୍ପୀ ଜିତେନ୍ଦ୍ରୀୟ ହରିପାଲ ସମ୍ବଲପୁରୀ/କୋଶଳୀ ଲୋକଗୀତର ଜଣେ ବିଶିଷ୍ଟ ଗାୟକ । ସେ ଓ ସୁଶ୍ରୀ କ୍ରିଷ୍ଣା ପଟେଲଙ୍କ ଯୁଗଳ କଣ୍ଠଦାନରେ ପ୍ରସିଦ୍ଧ 'ରଙ୍ଗବତୀ'ଗୀତ କେବଳ ଓଡ଼ିଶା ନୁହେଁ ଦେଶ ବିଦେଶରେ ଆଦୃତ ।

ସୁନ୍ଦରଗଡ଼ରେ ଜନ୍ମିତ ଡ. ମକୁତ ମିଞ୍ଜ ଶଲ୍ୟ ଚିକିତ୍ସା କ୍ଷେତ୍ରରେ ଜଣେ ସ୍ୱନାମଧନ୍ୟ ଚିକିତ୍ସକ ।

ବରିଷ୍ଠ ରାଜନେତା ଶରଦ ପଓ୍ୱାର ଓ ମୁରଲୀ ମନୋହର ଯୋଶୀଙ୍କ ସହ ମୁଫତି ମହମ୍ମଦ ସୟିଦ, ପି.ଏ ସାଙ୍ଗମା, ସୁନ୍ଦରଲାଲ ପଟଓ୍ୱା ଓ ଗାୟକ କେ.ଜେ ୟେସୁଦାସ୍‌ଙ୍କୁ ପଦ୍ମବିଭୂଷଣ ମିଳିଥିବାବେଳେ ଥାଇଲାଣ୍ଡ ରାଜକୁମାରୀ ମହା ଚକ୍ରୀ ଶିରିନ୍ଧ୍ରୋନ୍, ସାମ୍ବାଦିକ ତଥା ଲେଖକ ଚୋ ରାମସ୍ୱାମୀ, ବିଶ୍ୱମୋହନ ଭଟ୍ଟ ପ୍ରମୁଖଙ୍କୁ ପଦ୍ମ ଭୂଷଣ ମିଳିଛି ।

## ଆଇଆଇଟି ଖଡଗପୁରକୁ ବିନୋଦ ଗୁପ୍ତାଙ୍କ ଦାନ

.ଆଇଆଇଟି ଖଡଗପୁରକୁ ଆମେରିକାରେ ରହୁଥିବା ଭାରତୀୟ ବଂଶୋଦ୍ଭବ ବିନୋଦ ଗୁପ୍ତା ଦାନ କରିଛନ୍ତି ୯୦ହଜାର ଡଲାର । ୧୯୬୭ରେ ଏଠାରୁ ସେ ଇଂଜିନିୟରିଂରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ । ଏହା ପରଠାରୁ ସେ ଆମେରିକାର ବିଭିନ୍ନ ସଂସ୍ଥା ଓ କମ୍ପାନିରେ ବଡବଡ ପଦ ପଦବୀରେ ରହି ଆସିଛନ୍ତି । ଇନଫୋ ଗ୍ରୁପ, ଡାଟାବେସ ୟୁଏସଏ, ଇନଫୋଫ୍ରି ଡଟକମ, ଜନ୍ କେନେଡି ସେଣ୍ଟରର ଟ୍ରଷ୍ଟି , ଲାଟିନ ଆମେରିକୀୟ ଦେଶ 'ବର୍ମୁଡା'ରେ ଆମେରିକାର କୂଟନୀତିଜ୍ଞ ଓ ଫିଜିରେ ଆମେରିକାର ଆମ୍ବାସାଡର ପଦରେ ରହିଥିବା ବିନୋଦ ୫୦ ବର୍ଷ ତଳେ ଆଇଆଇଟି ଖଡଗପୁରରୁ ପାସ କରିଥିଲେ । ଏହାର ସ୍ମୃତି ଉଦ୍ଦେଶ୍ୟରେ ସେ ଏହି ଦାନ କରିଛନ୍ତି । ଏଥି ପୂର୍ବରୁ ସେ, ୧୯୯୩ରେ ୨୦ଲକ୍ଷ ଡଲାର , ଏହାର କିଛି ବର୍ଷ ପରେ ପୁଣି ୧୦ଲକ୍ଷ ଡଲାର ଦାନ କରିଥିଲେ । ତେଣୁ ତାଙ୍କ ନାମରେ ଏଠାରେ ଏକ 'ସ୍କୁଲ୍ ଅଫ୍ ମ୍ୟାନେଜ୍‌ମେଣ୍ଟ' ଓ ବୌଦ୍ଧିକ ସମ୍ପତ୍ତିର ସୁରକ୍ଷା ତଥା ପେଟେଣ୍ଟ ଆଦି ମାମଲାରେ ସହାୟତା ପାଇଁ ଏକ ଆଇନ ପ୍ରତିଷ୍ଠାନ ଖୋଲା ଯାଇଛି ।

## ସୁର୍ଜିତ ସିଂ ବର୍ଣ୍ଣାଲାଙ୍କ ପରଲୋକ

ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ସୁର୍ଜିତ ସିଂ ବର୍ଣ୍ଣାଲାଙ୍କ ୯୧ ବର୍ଷ ବୟସରେ ପରଲୋକ ହୋଇଯାଇଛି । ୧୯୮୫-୮୭ ପର୍ଯ୍ୟନ୍ତ ସେ ପଞ୍ଜାବର ମୁଖ୍ୟମନ୍ତ୍ରୀ ଥିଲେ । ଅକାଳୀ ଦଳର ଜଣେ ସହନଶୀଳ ନେତା ଭାବେ ପରିଚିତ ଥିଲେ । ବର୍ଣ୍ଣାଲାଙ୍କ ସମୟରେ ପଞ୍ଜାବରେ ଆତଙ୍କବାଦର ମୂଳୋତ୍ପାଟନ ପାଇଁ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ କରାଯାଇଥିଲା । ସେ ତାମିଲନାଡୁ,

ଆନ୍ଧ୍ରପ୍ରଦେଶ ଓ ଆଣ୍ଡାମାନ ନିକୋବରର ରାଜ୍ୟପାଳ ମଧ୍ୟ ଥିଲେ।

## ଯବାନମାନଙ୍କୁ ସ୍ମାର୍ଟ୍ ଫୋନ୍ ଓ ସୋସିଆଲ ମିଡିଆ ମନା

ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଯବାନ ତେଜ ବାହାଦୁର ଯାଦବ ଓ ସେନାର ଲ୍ୟାନ୍ସ ନାଇକ ଯଜ୍ଞ ପ୍ରତାପ ସିଂହ ସୋସିଆଲ ଗଣମାଧ୍ୟମକୁ ଉପଯୋଗ କରି ବିଏସଏଫ ଓ ସେନାରେ ଥିବା ବିଭିନ୍ନ ତୋଷରପାତ ଓ ଅବହେଳା ଘଟଣା ସମ୍ମୁଖକୁ ଆଣିବା ପରେ ସୃଷ୍ଟି ହୋଇଛି ବିବାଦ । ଏହା ପରେ ସେନା ଓ ଅର୍ଦ୍ଧସେନା ଯବାନଙ୍କ ପାଇଁ ସ୍ମାର୍ଟ ଫୋନ ବାରଣ କରାଯାଇଛି । ସେମାନଙ୍କୁ ସୋସିଆଲ ମିଡିଆରୁ ଦୂରେଇ ରହିବାକୁ କୁହାଯାଇଛି। ଏଥିପାଇଁ ପ୍ରତି ସେନା ମୁଖ୍ୟାଳୟରେ 'ପ୍ରସ୍ତାବ ଓ ଅଭିଯୋଗ ବାକ୍ସ' ରଖାଯିବା ବ୍ୟବସ୍ଥା ହେବ ବୋଲି ଜେନେରାଲ ରାଓ୍ୱତ୍ ଘୋଷଣା କରିଛନ୍ତି।

## ପେଣ୍ଟାଗନ୍ ସଫଳତା ପୂର୍ବକ ପରୀକ୍ଷା କଲା ମାଇକ୍ରୋ ଡ୍ରୋନ୍ ସ୍ୱାର୍ମ

ଆମେରିକାର ପ୍ରତିରକ୍ଷା ବିଭାଗ ମାଇକ୍ରୋ ଡ୍ରୋନ୍‌ସ୍ୱାର୍ମଙ୍କୁ ସଫଳତା ପୂର୍ବକ ପରୀକ୍ଷା କରିଛି। ଏହି ଡ୍ରୋନ୍ ଶତ୍ରୁ ପାଇଁ ଚରମ ଘାତକ ହେବାର ଆଶଙ୍କା କରାଯାଉଛି। ଅତି ଶକ୍ତିଶାଳୀ ଅଥଚ କ୍ଷୁଦ୍ରାତିକ୍ଷୁଦ୍ର ଏହି ଡ୍ରୋନ୍‌ର ଆକାର ମାତ୍ର ୬ ଇଞ୍ଚ। ଏହା ମାଇଲ ମାଇଲ ଦୂରତା ଅତିକ୍ରମ କରି ନିର୍ଭୁଲ ଭାବେ ଶତ୍ରୁକୁ ହତ୍ୟା କରିପାରେ।

## ସାଧାରଣତନ୍ତ୍ର ଦିବସରେ ଶେଖ ମହମ୍ମଦ ମୁଖ୍ୟ ଅତିଥି



ଜାନୁଆରୀ ୨୬ ରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣତନ୍ତ୍ର ଦିବସରେ ସଂଯୁକ୍ତଆରବ ଏମିରେଟ୍‌ସ ଯୁବରାଜ ଶେଖ ମହମ୍ମଦ ମୁଖ୍ୟ ଅତିଥି ରୂପେ ଯୋଗଦେଇଛନ୍ତି। ଭାରତ ଓ ଏମିରେଟ୍ସ ମଧ୍ୟରେ ସମ୍ପର୍କ ବୃଦ୍ଧି କରିବା ପାଇଁ ଏହା ସୁଯୋଗ ସୃଷ୍ଟି କରିବ ବୋଲି କୁହାଯାଉଛି।

## ବଲିଉଡ୍‌ର ପ୍ରଖ୍ୟାତ ଅଭିନେତା ଓମ୍‌ପୁରୀଙ୍କ ପରଲୋକ

ବଲିଉଡ୍‌ର ପ୍ରଖ୍ୟାତ ଅଭିନେତା ଓମ୍‌ପୁରୀ ପରଲୋକ ଗମନ କରିଛନ୍ତି। ୬୬ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଛି। ଶୁକ୍ରବାର ସନ୍ଧ୍ୟା ୬ଟାରେ ମୁମ୍ବାଇରେ ତାଙ୍କର ଶବ ସତ୍କାର କରାଯାଇଛି। ୩୦୦ରୁ ଅଧିକ ଚଳଚ୍ଚିତ୍ରରେ ଅଭିନୟ କରିଥିବା ଓମ୍‌ପୁରୀ ହୃଦ୍‌ଘାତରେ ମରିଥିବା ଜଣାପଡିଛି। ସର୍ଜିକାଲ ଷ୍ଟ୍ରାଇକ୍ ସମୟରେ ବିବାଦୀୟ ମନ୍ତବ୍ୟ ଦେଇ ସେ ଚର୍ଚ୍ଚାକୁ ଆସିଥିଲେ। ୧୯୫୦ ଅକ୍ଟୋବର ୧୮ରେ ହରିୟାଣାର ଅମ୍ବାଲା ସହରରେ ସେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ରେଳବାଇ ଓ ପରେ ସେନାରେ କାର୍ଯ୍ୟ କରିଥିଲେ। ତେବେ ତାଙ୍କ ଜନ୍ମଦିବସକୁ ନେଇ ତାଙ୍କ ପରିବାରବର୍ଗ ଦ୍ୱନ୍ଦ୍ୱରେ ଥିଲେ। ତାଙ୍କ ପ୍ରକୃତ ଜନ୍ମତାରିଖ ଜଣାନଥିଲେ ମଧ୍ୟ ନାମ ଲେଖାବେଳେ ତାଙ୍କ ଜନ୍ମତାରିଖ ୧୯୫୦ ମାର୍ଚ୍ଚ ୯ ଦର୍ଶାଯାଇଥିଲା। ୧୯୭୬ରେ ମରାଠୀ ଚଳଚ୍ଚିତ୍ର ଘାସିରାମ 'କୋଟଓ୍ୱାଲି' ନୁହେଁ ତ? ସେ ଅଭିନୟ ଆରମ୍ଭ କରିଥିଲେ। ୧୯୭୨ରୁ ଶେଷ ପର୍ଯ୍ୟନ୍ତ ସେ ଚଳଚ୍ଚିତ୍ରରେ ସକ୍ରିୟ ଥିଲେ। ୧୯୯୧ରେ ସୀମା କପୁର ଓ ୧୯୯୩ରୁ ୨୦୧୩ ପର୍ଯ୍ୟନ୍ତ ସେ ନନ୍ଦିତା ପୁରୀଙ୍କୁ ବିବାହ କରିଥିଲେ। ତାଙ୍କର ଏକମାତ୍ର ସନ୍ତାନ ଇନାନ ପୁରୀ । ସେ ପଦ୍ମଶ୍ରୀ ଓ ରାଷ୍ଟ୍ରୀୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ। ତାଙ୍କ ଦେହାନ୍ତରେ ବଲିଉଡ୍‌ର ବହୁ କଳାକାର ଓ ବିଶିଷ୍ଟ ବ୍ୟକ୍ତିମାନେ ଶୋକ ବ୍ୟକ୍ତ କରିଛନ୍ତି।

## ଅମୂଲ୍ୟ ପଟ୍ଟନାୟକ ଦିଲ୍ଲୀ ପୁଲିସ କମିଶନର



ଓଡିଆ ଆଇପିଏସ୍ ଅଫିସର ଅମୂଲ୍ୟ ପଟ୍ଟନାୟକ ଦିଲ୍ଲୀ ପୁଲିସ କମିଶନର ଭାବେ ନିଯୁକ୍ତି ପାଇଛନ୍ତି। ୧୯୮୫ ବ୍ୟାଚ୍ ଅରୁଣାଚଳ ପ୍ରଦେଶ, ଗୋଆ, ମେଘାଳୟ ଓ କେନ୍ଦ୍ର ଶାସିତ ଅଞ୍ଚଳ (ଏଜିଏମୟୁଟି) କ୍ୟାଡର ଆଇପିଏସ୍ ଶ୍ରୀ ପଟ୍ଟନାୟକ ତାଙ୍କର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏବେ ସେ ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର କମିଶନର (ଭିଜିଲାନ୍ସ ଓ ପ୍ରଶାସନ) ଭାବେ କାର୍ଯ୍ୟ କରିଆସୁଥିଲେ। ଜଣେ ନିର୍ବିବାଦୀୟ ଓ ସ୍ୱଚ୍ଛ ଭାବମୂର୍ତ୍ତିସମ୍ପନ୍ନ ପୁଲିସ ଅଧିକାରୀ ଭାବେ ଜଣାଶୁଣା ଶ୍ରୀ ପଟ୍ଟନାୟକ ୨୦୨୦ ଜାନୁଆରୀରେ ଅବସର ଗ୍ରହଣ କରିବେ। ଆଇନଶୃଙ୍ଖଳା ଓ ତଦନ୍ତ କ୍ଷେତ୍ରରେ ତାଙ୍କର ବେଶ ଦକ୍ଷତା ରହିଛି। ବମ୍ବେ ବିସ୍ଫୋରଣ ଅଭିଯୁକ୍ତଙ୍କୁ ଠାବ କରିବା, ପାର୍ସଲ ବୋମାର ତଦନ୍ତ କରିବା ଓ ସମ୍ବେଦନଶୀଳ ସରିତା ବିହାର ଅପହରଣ ଘଟଣାର ଉନ୍ମୋଚନ କରି ସେ ଚର୍ଚ୍ଚିତ ହୋଇଥିଲେ। ଉଲ୍ଲେଖନୀୟ ସେବା ପାଇଁ ତାଙ୍କୁ ରାଷ୍ଟ୍ରପତି ପୁଲିସ ପଦକ ମିଳିଛି।

## ୭ ରାଷ୍ଟ୍ରକୁ ଆମେରିକା ମନା

ଆମେରିକା ଆଗମନ ଲାଗି ୭ଟି ମୁସଲମାନ ବହୁଳ ରାଷ୍ଟ୍ରର ନାଗରିକଙ୍କ ଉପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କଟକଣା ଲାଗୁ କରିଛନ୍ତି। ନିର୍ଦ୍ଦେଶନାମା ଅନୁଯାୟୀ ଇରାନ, ଇରାକ, ଲିବିୟା, ସୋମାଲିଆ, ସୁଦାନ, ସିରିୟା ଓ ୟେମେନର ନାଗରିକଙ୍କୁ ଆମେରିକା ଆଗମନ ଲାଗି ଭିସା ଦିଆଯିବ ନାହିଁ। ଏହିସବୁ ଦେଶରୁ ଆତଙ୍କବାଦୀମାନେ ଶରଣାର୍ଥୀ ବେଶରେ ଆମେରିକା ଆସୁଥିବାର ଆଶଙ୍କା କରି ରାଷ୍ଟ୍ରପତି ଟ୍ରମ୍ପ ଏପରି କଟକଣା ଲାଗୁ କରିଛନ୍ତି। ବିଶେଷକରି ସିରିୟାରୁ ଆସୁଥିବା ଶରଣାର୍ଥୀଙ୍କୁ କୌଣସି ପ୍ରକାର ପ୍ରବେଶ ଅନୁମତି ଦିଆଯିବ ନାହିଁ ବୋଲି ସ୍ପଷ୍ଟ ନିର୍ଦ୍ଦେଶ ଜାରି କରାଯାଇଛି। ନିର୍ଦ୍ଦେଶ ଅନୁଯାୟୀ ଉକ୍ତ ଦେଶର ନାଗରିକଙ୍କୁ ୯୦ଦିନ (ତିନିମାସ) ପର୍ଯ୍ୟନ୍ତ ଦୀର୍ଘକାଳୀନ ଭିସା ପ୍ରଦାନ କରାଯିବ ନାହିଁ। ଅନ୍ୟପଟେ ପାକିସ୍ତାନ, ଆଫଗାନିସ୍ତାନ ଓ ସାଉଦି ଆରବର ନାଗରିକଙ୍କୁ ମଧ୍ୟ ଭିସା ପ୍ରଦାନ ଉପରେ କଟକଣା ଲାଗୁ କରାଯାଇଛି।

# କେତେକ ଔଷଧୀୟ ବୃକ୍ଷ ଏବଂ ତାର ବ୍ୟବହାର



ଡକ୍ଟର ପ୍ରେମଚାନ୍ଦ ମହାନ୍ତି

ଯୁଗେଯୁଗେ ଜୀବନ ସହ ରୋଗ ଯୋଡ଼ି ହୋଇ ରହିଛି। ପୁରାତନ ସମୟରେ ରୋଗର ଉପଚାର ପାଇଁ ମନୁଷ୍ୟ ଭଗବାନଙ୍କ ଶରଣାପନ୍ନ ହେଉଥିଲା କିମ୍ବା ନିଜ ଚାରିପାଖେ ଥିବା ଉଦ୍ଭିଦ ଉପରେ ନିର୍ଭର କରୁଥିଲା। କେତେବେଳେ ନିରୀକ୍ଷଣ ତ ଆଉ କେତେବେଳେ ଅନୁଭୂତିରୁ ସେ ପ୍ରକୃତିରେ ମିଳୁଥିବା ଉଦ୍ଭିଦର ଔଷଧୀୟ ଗୁଣକୁ ଜାଣି ତାକୁ ନିଜ ବ୍ୟବହାରରେ ଲଗାଇଲା। ଏହା ଉପରେ ନିଜ ଦୃଷ୍ଟି ନିବିଷ୍ଟକରି ଗବେଷଣା କରୁଥିବା ବ୍ୟକ୍ତିଙ୍କୁ ବୈଦ୍ୟ ବୋଲି କୁହାଗଲା। ସେମାନେ ଦୁରୁହ ରୋଗକୁ ମଧ୍ୟ ଏହି ମାଧ୍ୟମରେ ଚିକିତ୍ସା କରି ରୋଗୀକୁ ଭଲ କରି ଦେଉଥିଲେ। ଆମର ପୁରାଣ, ମହାଭାରତ ଓ ରାମାୟଣରେ ବି ଏହାର ବର୍ଣ୍ଣନା ରହିଛି। ଏହା କେବଳ କାହାଣୀ ନୁହେଁ ବରଂ ବାସ୍ତବତା ଉପରେ ଆଧାରିତ ଥିଲା। ଆଜି ସମୟର ରଥ ଚକ ଘୂରିଗଲା। ଆଲୋପାଥିକ୍ ଔଷଧର ଉଦ୍ଭାବନ,ତାର ବହୁଳ ପ୍ରସାର ଏବଂ ଲୋକଙ୍କ ପାଖରେ ଏହା ସହଜଲଭ୍ୟ ହେବାରୁ ଔଷଧୀୟ ଉଦ୍ଭିଦର ଆଦୃତି କମିଗଲା। କିନ୍ତୁ ଆଲୋପାଥିକ ଔଷଧର ବ୍ୟବହାରର ଏକ ସୀମା ରହିଛି ଏବଂ ଏହାର ପାର୍ଶ୍ୱ ପ୍ରତିକ୍ରିୟା ରହିଛି । ଅନ୍ୟ ପକ୍ଷରେ ଔଷଧୀୟ ଉଦ୍ଭିଦ ଏ ଦୃଷ୍ଟିରୁ ନିରାପଦ ଅଟେ। ବିସ୍ମୃତିର ଗର୍ଭରୁ ଏହିପରି କେତେକ ଉଦ୍ଭିଦଙ୍କୁ ଉଦ୍ଧାର କରି ତାଙ୍କୁ ଆପଣଙ୍କ ସମକ୍ଷରେ ପରିଚିତ କରାଇବା ଏହି ଲେଖାର ଉଦ୍ଦେଶ୍ୟ। ପ୍ରତ୍ୟେକ ସଂଖ୍ୟାରେ ଗୋଟିଏ, ଗୋଟିଏ ଉଦ୍ଭିଦ ଏବଂ ତାର ଉପଯୋଗୀତା ସଂପର୍କରେ ଏଠାରେ ଉଲ୍ଲେଖ କରାଯିବ। ଆଜି ଏହି କ୍ରମରେ ଆଲୋଚନା କରିବା 'ପୁନର୍ନଭା' ସଂପର୍କରେ।

_ê^ðû(Boerhaavia diffusa):

ଭାରତର ବିଭିନ୍ନଭାଗରେ ଏହା ପରିତ୍ୟକ୍ତ ଭୂମିମାନଙ୍କରେ



ବର୍ଷସାରା ବଂଚିପାରୁଥିବା ଏକ ସିଧା ଓ ଶକ୍ତ ଉଦ୍ଭିଦ ଭାବରେ ବଢିଥାଏ। ଏହାର ଚେର ଟାଣ ଓ ସିଧା, ଶାଖା ଗୁଡିକ ଗୋଟିଏ ଗୋଟିଏ ପବରୁ ଚତୁର୍ଦ୍ଦିଗକୁ ପ୍ରସାରିତ ହୋଇଥାଏ। ପତ୍ରଗୁଡିକ ସରଳ ,ବିପରୀତ ଅଣ୍ଡାକାର ଏବଂ ଛୋଟ ଡେମ୍ଫଯୁକ୍ତ। ଏହାର ନିମ୍ନଭାଗ ଗୋଲାକାର ଓ ଅଗ୍ରଭାଗ ମୁନିଆଁ ହୋଇଥାଏ। ଗୋଟିଏ ଶାଖାରେ ବି ପତ୍ରଗୁଡିକ ସମାନ ଆକାରର ନ ଥାନ୍ତି। ଏହା ଦୁଇ ପ୍ରକାରର ଅଟେ। ଧଳା ଫୁଲ ଫୁଟୁଥିବା ପ୍ରକାରକୁ ଶ୍ୱେତ ପୁନର୍ନଭା ଓ ଲାଲ ଫୁଲ ଧାରଣ କରୁଥିବା ପ୍ରକାରକୁ ରକ୍ତ ପୁନର୍ନଭା କୁହାଯାଏ। ପୂରା ଗଛଟିକୁ ଶୁଷ୍କ ହେଉ ବା କଂଚା ଆକାରରେ ମୂତ୍ରରୋଗର ଉପଚାରରେ ବ୍ୟବହୃତ ହୋଇଥାଏ। ଅବଶ୍ୟ ଡାଳ ଅପେକ୍ଷା ଚେର ଓ ପତ୍ର ଅଧିକ ପ୍ରଭାବୀ ବୋଲି ଅନୁଭବୀମାନେ କହିଥାନ୍ତି। ଖୋଲାରେ ଶୁଖାଯାଇଥିବା ଏହି ଗଛର ଅଂଶମାନଙ୍କରେ ପୋଟାସିଅମ୍ ନାଇଟ୍ରେଟ୍ ଓ ପୁନର୍ନାଭାଇନ୍ ନାମକ ଏକ ଆଲକାଲଏଡ୍ ବହୁ ପରିମାଣରେ ଥାଏ। ଏହା ମୁଖ୍ୟତଃ ବୃକକ୍‌ର ଗ୍ଲୋମେରୁଲି ଉପରେ ପ୍ରଭାବ ପକାଇ ପରିସ୍ରା କ୍ରିୟାକୁ ନିୟନ୍ତ୍ରିତ କରେ। ଯକୃତ ଉପରେ ଏହାର ପ୍ରଭାବ ସେକେଣ୍ଡାରୀ ଅଟେ। ଅନ୍ୟ ଏକ ଉପାଦାନ ହାଇପୋଜାନ୍ଥାଇନ୍ ୯-ଏଲ୍ ଆରାବିନୋ ଫ୍ଲୁରାନୋସାଇଡ୍ ସହ ମିଶି ଏହା ସିରମ୍ ୟୁରିକ୍ ଏସିଡ ସ୍ତରକୁ ହ୍ରାସ କରେ ବୋଲି ପରୀକ୍ଷାରୁ ଜଣା ପଡିଛି। ଏହାକୁ କ୍ଷୀରସହ ମିଶାଇ ଶିଶୁମାନଙ୍କୁ ଦେଲେ ତାହା ତାଙ୍କ ଶରୀର ବୃଦ୍ଧି ସହ ରକ୍ତରେ ହିମୋଗ୍ଲୋବିନ୍‌ର ସ୍ତରକୁ ବଢାଇଥାଏ। ଡାଇୟୁରେଟିକ୍ ଗୁଣସହ ଏହା ଯନ୍ତ୍ରଣା ନିବାରକ ହୋଇଥିବା ହେତୁ ଏହାକୁ ବୃକକ୍‌ର ଯନ୍ତ୍ରଣା ,ଓ ନେଫ୍ରୋଟିକ୍ ସିଣ୍ଡ୍ରୋମ୍ ଉପଚାରରେ ବ୍ୟବହାର କରାଯାଏ। ଏହା ପେଟଭିତରର ଟ୍ୟୁମର, କ୍ୟାନସରର ଉପଶମ ତଥା ଏକରକ୍ତ ବିଶୋଧକ, କାଡିଓଟନିକ୍ ଓ ଆଂଟିମାଇକ୍ରୋବିଆଲ୍ ରୂପେ ଏହା ସୁପରିଚିତ। ଏହାର ପତ୍ରର ରସକୁ ଏକବୁନ୍ଦା ମହୁସହ ମିଶାଇ କ୍ରନିକ୍ ଅପ୍‌ଥାଲମିଆ ରୋଗର ନିଦାନପାଇଁ ବ୍ୟବହାର କରାଯାଏ। କୋଷ୍ଠକାଠିନ୍ୟ ଦୂର ପାଇଁ ଏହାର ଚେରକୁ ଶୁଖାଇ ଗୁଣ୍ଡ କରି ଉଷୁମ ପାଣିରେ ପାନ କରାଯାଏ। ଏହି ଚେରରୁ ପ୍ରସ୍ତୁତ ତୈଳକୁ ଅନ୍ୟ କେତେକ ରାସାୟନିକ ସହ ମିଶାଇ ପ୍ରଲେପରୂପେ ଗନେରିଆ, ସିଫଲିସ୍ ଓ ଜଣ୍ଡିସ ଯୋଗୁଁ ଉତ୍ପନ୍ନ ଆନାସାର୍କା ଭଳି ଜଟିଳତାକୁ ଦୂର କରିବାକୁ ବ୍ୟବହାର କରାଯାଏ। ବାତ ଓ ଗଣ୍ଠି ଯନ୍ତ୍ରଣା ଦୂର ପାଇଁ ଅନ୍ୟ କେତେକ ଗୁଳ୍ମସହ ଏହାକୁ ଏକ ପ୍ରଲେପରୂପେ ଲଗାଯାଏ। ଶ୍ୱେତ ପୁନର୍ନଭାକୁ କାଶ, କଫ, ପେଟମୋଡା ଏବଂ ହୃଦ୍‌ରୋଗର ଉପଚାରରେ ଲଗାଯାଏ ଏବଂ ରକ୍ତ ପୁନର୍ନଭାକୁ ହିମରେଜ୍ ଓ ବିଲିଅସନେସ ଦୂର କରିବାରେ ଲଗାଯାଏ। ଉଭୟ ପ୍ରକାରର

ପୁନର୍ନଭା ଅର୍ଶ, ରକ୍ତହୀନତା, ଶୋଥ, ସ୍ନାୟୁ ଦୁର୍ବଳତା, କାଡିଆକ କଂଗ୍ରାକଟିଲିଟି ଓ ଭାଲଭୁଲାର ଷ୍ଟେନୋସିସ୍ ପାଇଁ ଉପଯୋଗୀ ଅଟନ୍ତି। ଚରକ ଏହି ଗଛରୁ ପ୍ରସ୍ତୁତ ମଲମକୁ କୁଷ୍ଠ ଓ ଅନ୍ୟ ଚର୍ମ ରୋଗର ଉପଚାରରେ ବ୍ୟବହାର କରୁଥିଲେ। ସୁଶ୍ରୁତରେ ପୁନର୍ନଭାକୁ ସାପବିଷକୁ କାଟିବାକୁ ଉପଯୋଗ କରା ଯାଉଥିଲା ବୋଲି ଉଲ୍ଲେଖ ଅଛି। ତି୍ଵତୀୟମାନେ ଏହାକୁ ଶ୍ୱାସ, ଜଣ୍ଡିସ୍, ଭର୍ମିଫ୍ୟୁଜ୍ ଓ ଫେବ୍ରିଫ୍ୟୁଜ୍‌ର ଉପଚାରରେ ବ୍ୟବହାର କରୁଥିଲେ।

## ବାତରୋଗୀଙ୍କ ପାଇଁ ଏକ ଖାଦ୍ୟ ତାଲିକା:

କୁହାଯାଏ ଯେ ସବୁରି ମୂଳରେ ଖାଦ୍ୟ ରହିଛି। ତେଣୁ ପ୍ରତ୍ୟେକ ରୋଗୀପାଇଁ ଆୟୁର୍ବେଦରେ ଅନୁକୂଳ ଖାଦ୍ୟର ଏକ ତାଲିକା ରହିଛି। ଆଜି ବାତରୋଗୀଙ୍କ ପାଇଁ ଏପରି ଏକ ତାଲିକା ଦିଆଯାଉଛି। ଏପରି ରୋଗୀଙ୍କ ମୁଖ୍ୟ ଅଭିଯୋଗ ଥାଏ ଆଙ୍ଗୁଠିର ଯନ୍ତ୍ରଣା ଓ ଜ୍ୱଳନ। ତାର ଉପଶମ ଏହାର ଲକ୍ଷ୍ୟ।

ରକ୍ତର ପି.ଏଚ. :-ଏପରି ରୋଗୀ ଲେମ୍ବୁ, କମଳା, ଟମାଟୋ, ଆଳୁ ଓ ବାଇଗଣ ନ ଖାଇବା ଭଲ, କାରଣ ଏହି ଖାଦ୍ୟସବୁ ରକ୍ତର ପି.ଏଚ୍ କୁ ହ୍ରାସ କରି ହାଡର ଗଂଠିରେ ସ୍ଫଟିକ ଜମା କରନ୍ତି। କିନ୍ତୁ ଯଦି ଏମାନେ ଦୈନିକ ଗୋଟିଏ ଗ୍ଲାସ୍ ଗାଜର କିମ୍ବା ସେଓ ରସ ପାନ କରନ୍ତି ତେବେ ଏହାର କ୍ଷାରୀୟ ଗୁଣଯୋଗୁ ରକ୍ତର ପି.ଏଚ ସ୍ଥିର ରଖିବାରେ ସହାୟକ ହୋଇଥାନ୍ତି।

ସବୁଜ ପନିପରିବା :-ଏପରି ରୋଗୀ ନିଜର ଦୈନନ୍ଦିନ ଖାଦ୍ୟରେ



ସବୁଜ ପତ୍ରହରିତ୍ ଯୁକ୍ତ ପନିପରିବା କିମ୍ବା ଶାଗ ଖାଇବା ଭଲ। କାରଣ କ୍ଲୋରୋଫିଲ୍ ବା ପତ୍ରହରିତକଣିକା ଗଂଠିସ୍ଥାନ ମାନଙ୍କରୁ ଫ୍ରି ରେଡିକାଲ ଜମା କରୁଥିବା ଭାରିଧାତୁମାନଙ୍କ ଅପସାରଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଏହି ଫ୍ରି ରେଡିକାଲ୍‌ଗୁଡିକ ଅତି ପ୍ରତିକ୍ରିୟାଶୀଳ ହୋଇଥିବାରୁ ଆମ ଆଂଠୁଗଂଠିର କ୍ଷତି କରିଥାନ୍ତି।

ରସୁଣ:-ଏହା ଏକ ଯନ୍ତ୍ରଣା ନିବାରକ ରୂପେ ଅତି ପରିଚିତ ଅଟେ। ବାତରୋଗୀ ଏହାକୁ ନିୟମିତ ବ୍ୟବହାର କଲେ ଯନ୍ତ୍ରଣା ଓ ଫୁଲାରୁ ରକ୍ଷା କରିଥାଏ। ତା ଛଡା ଏହା ଶରୀରର ରୋଗ ପ୍ରତିଷେଧକ ଶକ୍ତି ବୃଦ୍ଧି ସହ ରୋଗ ଉପଶମରେ ଦ୍ରୁତକଭାବେ କାର୍ଯ୍ୟ କରେ। ଏଥିରେ ମହଜୁଦ ଥିବା ସେଲେନିଅମ୍ ନାମକ ଆଂଟିଅକ୍ସିଡେଂଟ୍ ଫ୍ରି ରେଡିକାଲ୍ ସୃଷ୍ଟିକୁ ପ୍ରତିହତ କରେ।

ଓମେଗା-୩ :-ଏହା ମୁଖ୍ୟତଃ ତଟକା ମାଛରୁ ମିଳିଥାଏ। ଏହା



ଲିଉକୋଟ୍ରାଇଇନ୍ ନାମକ ଏକ ପ୍ରାକୃତିକ ଯୌଗିକ ତିଆରିରେ ସହାୟତା କରେ ଯାହା ଯନ୍ତ୍ରଣା ନିବାରକଭାବେ କାର୍ଯ୍ୟ କରଥାଏ। ତେଣୁ ବାତରୋଗୀ ସପ୍ତାହକୁ ଥରେ ବା ଦୁଇଥର ତଟକା ମାଛ ଖାଇବା ଦରକାର।

ଅଦା ରସ :- ପାକସ୍ଥଳୀକୁ ସଫା ରଖିବା ସହ ଅଦା ଏକ ପ୍ରଭାବୀ ଯନ୍ତ୍ରଣା ନିବାରକଭାବେ କାର୍ଯ୍ୟ କରିଥାଏ। ତେଣୁ ଏପରି ରୋଗୀ ଅତି କମ୍‌ରେ ଦିନକୁ ଏକ କପ୍ ଅଦା ମିଶ୍ରିତ ଚା ପିଇବା ଉଚିତ।

ଚା, କଫି, ସୋଡ଼ା, ଚକୋଲେଟ :-ଏପରି ମାଦକ ଓ ଅଭ୍ୟାସ ସୃଷ୍ଟିକାରୀ ପଦାର୍ଥକୁ ଖାଦ୍ୟରୂପେ ନ ଗ୍ରହଣ କରିବା ଭଲ। କାରଣ ଚା,କଫି ଆଦିରେ ଥିବା କେଫିନ୍ ଏକ ଡାଇୟୁରେଟିକ୍ ଭାବେ ଶରୀରରୁ ଆବଶ୍ୟକୀୟ ଉପାଦାନକୁ ବି ବାହାର କରିଦିଏ।

ଶାସ୍ତ୍ର କହେ ଯଦି ଜଣେ କ୍ରମାଗତଭାବେ ୮ ସପ୍ତାହ ଧରି ଏହି ଖାଦ୍ୟସୂଚୀକୁ ଅନୁସରଣ କରେ ତେବେ ନିଶ୍ଚିତଭାବେ ଯନ୍ତ୍ରଣା ଏବଂ ଅସ୍ଥି ଅଚଳ ହୋଇଯିବା ଭଳି ଅବସ୍ଥାରୁ ମୁକ୍ତି ପାଇ ପାରିବ।

## ଅଦା (Zingiber officinale )

ସାରା ଭାରତରେ ଉଷ୍ମ, ଆର୍ଦ୍ର ଜଳବାୟୁରେ ଏହାକୁ ବହୁ ପରିମାଣରେ ଚାଷ କରାଯାଏ। ଏହାକୁ ବର୍ଷର ଯେ କୌଣସି ସମୟରେ ଲଗାଯାଇପାରେ। ଏହାର ଚେର ମାଟିତଳେ ମୋଟା ହୋଇ ବଢିଥାଏ, ଯାହାକୁ ଆମେ ବ୍ୟବହାର କରିଥାଉ। ବସନ୍ତ ଋତୁ ଆସିଲେ ଏଥିରୁ ଏକ ସରୁ, ସିଧା ହୋଇ ପ୍ରାୟ ୨ ଫୁଟ ଉଚ୍ଚର କାଣ୍ଡ ବଢିଥାଏ, ଯେଉଁଥିରେ ସରୁ, ଲମ୍ବାଳିଆ ସବୁଜ ପତ୍ର ଏକାନ୍ତର ଭାବେ ବଢିଥାଏ। ଏହାକୁ ଲେନ୍ସିଓଲେଟ୍ ଲିଫ୍ ବୋଲି କୁହାଯାଏ। ଅଦାଗଛର ଫୁଲ ଗୁଡିକ ଈଷତ୍ ସବୁଜ ରଙ୍ଗର ଯାହାର ଅଗ୍ରଭାଗ ବାଦାମି କିମ୍ବା କଳା –ବାଦାମି ମିଶ୍ରିତ ହୋଇଥାଏ। ଏହାର ମୂଳ ନିଦା, ବର୍ତ୍ତୁଳ ଓ ସମାନ୍ତରଭାବେ କାଣ୍ଡ ତଳେ ତଳେ ମାଡିଥାଏ। ଫୁଲ ଓ କାଣ୍ଡରୁ ଏକ ପ୍ରକାର ସୁଗନ୍ଧ ବାହାରିଥାଏ।



ଅଦା ଗଛର ମୁଖ୍ୟ ଅଂଶ ହେଲା ଏହାର ମୂଳ। ଏହାର ଅନେକ ଔଷଧୀୟ ଗୁଣ ରହିଛି, ଯଥା ଏହା ଭୋକ ଜାତ କରେ, ସୌନ୍ଦର୍ଯ୍ୟ ବୃଦ୍ଧିକରେ, ଅମ୍ଳତ୍ୱ ଦୂର କରେ ଓ ପେଟ ସଫା ରଖେ। ଶୁଖିଲା ଅଦାକୁ ଆମ ଦେଶରେ ମସଲା, ଆଚାର ଓ ପାଉଁରୁଟିରେ ପକାନ୍ତି। ଏହାର

ଚୋପାକୁ କାଟିବା ଅପେକ୍ଷା ଘସି ଛଡାଇବା ଭଲ, ତଦ୍ଵାରା ଏଥିରେ ଥିବା ତନ୍ତୁ ଓ ଉଦବାୟୁ ତୈଳାଂଶ ନଷ୍ଟ ହେବନାହିଁ।

ତଟକା ଅଦାକୁ ବାଟି ମହୁ ବା ଲହୁଣି ସହ ବହଳା ହେଲା ପର୍ଯ୍ୟନ୍ତ ଗରମ କରନ୍ତୁ ଓ ଏଥିରୁ ଗୁଳା କରି ଶୁଖାଇ ଥଣ୍ଡା, କାଶର ଉପଚାରପାଇଁ ବ୍ୟବହାର କରିପାରନ୍ତି। ଡ୍ରପ୍ସି ରୋଗୀ ପ୍ରତ୍ୟହ ଅଦାରସକୁ ବର୍ଦ୍ଧିତ ମାତ୍ରାରେ ଗ୍ରହଣ କଲେ ସୁଫଳ ମିଳିଥାଏ। ଲିଭର୍ ସିରୋସିସ୍ ଯୋଗୁଁ ଆସାଇଟ୍ସ ଓ ଡ୍ରପସି ଭୋଗୁଥିବା ରୋଗୀ ଅଦାକୁ ଏକ ମହୌଷଧି ରୂପେ ନେଇପାରନ୍ତି। ଅଦାରସ,ମିଶ୍ରିକୁ ପାଣି ସହମିଶାଇ ଫୁଟାନ୍ତୁ ଓ ସେଥିରେ କେଶର, ଗୋଲମରିଚ, ଲବଙ୍ଗ ଓ କାର୍ଡାମମ୍ ଗୁଣ୍ଡ ମିଶ୍ରିତ କରି ଦିନକୁ ୨ ବା ୩ ଥର କରି ନେଲେ ଥଣ୍ଡା, କାଶ, ଶ୍ଵାସ, ଅଜିର୍ଣ୍ଣତା ଓ ଅରୁଚିରୁ ରକ୍ଷା ମିଳିଥାଏ। ଯଦି ଅଜିର୍ଣ୍ଣତା ସହ ଭୋକ ହେଉ ନ ଥାଏ ତେବେ ସମ ପରିମାଣର ଅଦା ଓ ଲେମ୍ବୁରସକୁ ସୈନ୍ଧବ ଲୁଣ ସହ ମିଶାଇ ଖାଇବା ପୂର୍ବରୁ ଗ୍ରହଣ କଲେ ଉପଶମ ମିଳିଥାଏ। ତଂଟି ବସିଥିଲେ କିମ୍ଵା ସ୍ଵର ରୁକ୍ଷ ହୋଇ ଯାଉଥିଲେ ଅଭ୍ୟାସ କରି ଅଦାକୁ ଚୋବାଇ ରସକୁ ଢୋକନ୍ତୁ, ନିଶ୍ଚିତ ସୁଫଳ ପାଇବେ। ବାନ୍ତି ହେଉଥିଲେ କିମ୍ଵା ସେପରି ଲାଗୁଥିଲେ ଅଦା ଓ ପିଆଜ ରସକୁ ଅଳ୍ପ ଅଳ୍ପ କରି ନେଲେ ରୋଗୀ ଆରାମ ଅନୁଭବ କରିଥାଏ। ଶାସ୍ତ୍ରରେ ବର୍ଣ୍ଣିତ ଅଛି ଦୁଇବେଳା ଅଦାରସକୁ ପାନକଲେ ସବୁ ପ୍ରକାର ମଧୁମେହରୁ ରକ୍ଷା ମିଳିଥାଏ। ଶୁଖିଲା ଅଦାକୁ ହୃଦରୋଗ, ଶ୍ଵାସ ଏବଂ ବାତରୋଗୀ ବଦହଜମି ଓ କୋଷ୍ଟ କାଠିନ୍ୟ ଦୂର କରିବାକୁ ବ୍ୟବହାର କରି ପାରନ୍ତି। କିନ୍ତୁ ମନେ ରଖନ୍ତୁ କୁଷ୍ଠ , ଧବଳକୁଷ୍ଠ , ପେଟରେ ଘାଆ ହୋଇଥିବା ରୋଗୀ, ରକ୍ତହୀନତା କିମ୍ଵା ଅନ୍ୟ ରକ୍ତ ସମ୍ପର୍କିତ ରୋଗ ଭୋଗୁଥିବା ବ୍ୟକ୍ତି ଅଦାର ବ୍ୟବହାରକୁ ବର୍ଜନ କିମ୍ଵା ସଂଯମତା ସହ ବ୍ୟବହାର କରିବା ଉଚିତ। ଅଦାକୁ ଗୋଲମରିଚ ଓ ଡାଲଚିନି ସହ ମିଶାଇ ତ୍ରିକାଟୁ ନାମକ ଏକ ପାଚନ ପ୍ରସ୍ତୁତ କରାଯାଏ ଯାହା ବଦହଜମି ଓ ଅଜିର୍ଣ୍ଣତା ଦୂର କରେ।ଏହା ଅମ୍ଳ, ପେଟମୋଡା,କୋଲିକ୍ ଓ ମଳତ୍ୟାଗ ଜନିତ ଅସୁବିଧାରୁ ରକ୍ଷା କରିଥାଏ। ଶାସ୍ତ୍ର କହେ ସାପ, ବିଛା କାମୁଡାରେ ବିଷର ପ୍ରଭାବକୁ ଅଦାରସ କମ୍ କରିପାରେ କିନ୍ତୁ ମନେ ରଖିବା ଉଚିତ ଯେ ଏହା ରୋଗୀକୁ ବଂଚାଇବାର ଉପାୟ ନୁହେଁ କିମ୍ଵା ଏହା ତାର ଔଷଧ ନୁହେଁ।

ରୋଗକୁ ଜାଣିଥାନ୍ତୁ -

## ରୋଜାସିଆ (ଏକ ଚର୍ମ ରୋଗ )

ଏହା ଏକ ଚର୍ମରୋଗ ଯାହାଦ୍ଵାରା ନାକ, କପାଳ ଓ ଥୋଡି ପାଖରେ ନାଲିରଙ୍ଗର ଚକଡା ଚକଡା ଫୁଲା ଅଂଶ ଦେଖିବାକୁ ମିଳେ। ବିଶେଷକରି ଗୋରାଲୋକଙ୍କଠାରେ ଏହା ଦେଖାଯାଏ। ଏହା ଏକ ବଂଶାନୁଗତ ରୋଗ ଅଟେ। ପ୍ରଥମାବସ୍ଥାରେ ରୋଗୀଟିର ମୁହଁ ଲାଲ୍ ପଡିବା ଆରମ୍ଭ କରେ। ଏହାକୁ ଏରିଥିମା କହନ୍ତି। ଯଦି ଚିକିତ୍ସା କରା ନ ଯାଏ ତେବେ ଏହି





ସ୍ଥାନରେ ବ୍ରଣଭଳି ଘାଆ ହୋଇ ପୁଜ ଭର୍ତ୍ତି ହୋଇଥାଏ। ଏହାକୁ Pustules & Telangiectasia କୁହାଯାଏ। ଅତି ମାରାତ୍ମକ ଅବସ୍ଥାରେ ତୈଳଗ୍ରନ୍ଥୀ ସବୁ ଫୁଲିଯାଏ ଫଳରେ ନାକ ଅଗ ଓ ଚିନ୍ ବା ଥୋଡିଭାଗ ଫୁଲିଯାଇ ଲାଲ୍ ରଙ୍ଗର କଦାକାର ରୂପ ନେଇଥାଏ। ଏହାକୁ ରାଇନୋଫାଇମା କୁହାଯାଏ। ଏ ରୋଗର କାରଣ ଜଣା ନାହିଁ ଏବଂ ଏହା ଭଲ ହୁଏନାହିଁ। ଏପରି ରୋଗୀ ଗରମ ବାଷ୍ପ, ଟାଣଖରା ଓ ଗରମ ପାଣିକୁ ଯଥା ସମ୍ଭବ ବର୍ଜନ କରିବା ବିଧେୟ, କାରଣ ଏହାଦ୍ଵାରା ଲାଲରଙ୍ଗର ତୀବ୍ରତା ବଢିଯାଏ।

ଏକ ସର୍ଭେରୁ ଜଣାଯାଇଛି ଯେ ଅତିଶୟ ରାଗ, ତେଲ, ମସଲା ଓ ସାମୁଦ୍ରିକ ମାଛ ଖାଇଲେ ଏ ରୋଗର ତୀବ୍ରତା ବଢିଯାଏ। ହିଷ୍ଟାମିନ୍‌ଯୁକ୍ତ ଖାଦ୍ୟ ଯଥା ଛେନା, ପନିର୍, ଡବା ବନ୍ଦ ମାଂସ, ମାଛ ଇତ୍ୟାଦିକୁ ବର୍ଜନ କଲେ ଭଲ। ସେହିପରି ଅତି ଗରମ ଖାଦ୍ୟ ଯଥା ଚା, କଫି, ସୁପ୍ ଆଦିର ବ୍ୟବହାରକୁ କମାଇବା ଆବଶ୍ୟକ। ମଦ୍ୟପାନ ବର୍ଜନ କଲେ ଭଲ। ଶୀତଦିନେ ମୁହଁକୁ ସ୍କାର୍ଫ କିମ୍ଵା ଶାଲ ଗୁଡାଇ ରଖିଲେ ଆରାମ ଲାଗେ। ଅତି ଗରମ କି ଅତି ଥଣ୍ଡା ପାଣିରେ ମୁହଁ ଧୋଇଲେ ମୁହଁ ଜଳିଗଲା ପରି ଲାଗେ। ସାବୁନ, ସାମ୍ପୁ ଓ ପ୍ରସାଧନ ସାମଗ୍ରୀ ବ୍ୟବହାର କଲେ ଏହାର ମାରାତ୍ମକତା ବଢିଯାଏ। ମାନସିକ ଚାପ ମଧ୍ୟ ରୋଗ ବୃଦ୍ଧିରେ ସହାୟତା କରେ।

ବିଭାଗୀୟ ମୁଖ୍ୟ(ରସାୟନ ବିଜ୍ଞାନ )
ଏନ୍ ଏ ସି ମହାବିଦ୍ୟାଳୟ
ବୁର୍ଲା ମୋ -୯୪୩୭୧୨୭୮୨୦

ସକାଳ ବନ୍ଦନା

# ସଂଜପ୍ରାର୍ଥନା



**ରମେଶ ମଙ୍ଗରାଜ**

ସାରା ଜଗତଟା ଶୋଇଗଲା ପରେ
ତମ ଚକାଆଖି ଅନେଇଥାଏ
ସବୁ ଆଖି ସିନା ପଲକ ପଡ଼ଇ
ପ୍ରଭୁ ତୁମ ଆଖି ସେମିତି ନୁହେଁ।।୦।।

ଦୁନିଆର ଆଖି ପାପପୁଣ୍ୟ ଦେଖେ
ଚକାଡ଼ୋଳା ଆଖି ଅମୃତମୟ
ସେ ଚକାଆଖିରେ ଆଖି ମିଶିଗଲେ
ଆନନ୍ଦରେ ପୂରେ ଶୂନ୍ୟ ହୃଦୟ
ସୂର୍ଯ୍ୟ ଚନ୍ଦ୍ର ସମ ତମ ଚକାଆଖି
ଦିବ୍ୟ ଆଲୋକରେ ଝଟକୁ ଥାଏ
ସାରା ଜଗତଟା .......॥୧॥



ତମ ଯୋଗୁଁ ପ୍ରଭୁ ସାରା ଦୁନିଆଟା
ନିରବ ବେଳାରେ ମାରୁଛି ହାଇ
ଭକତର ଭଲମନ୍ଦ ବୁଝିବୁଝି
ତୁମ ପାଇଁ ପ୍ରଭୁ ବିଶ୍ରାମନାହିଁ
ସେଥିପାଇଁ ତୁମେ ଭକତ ବାନ୍ଧବ
ତୁମରି ଗୁମର ଜାଣିବ କିଏ ?
ସାରା ଜଗତଟା .........॥୨॥

**କବି ଓ କବିତା ଭବନ**
**ମହୁଲ / ଅଙ୍ଗାରପଡ଼ା / ଖୋର୍ଦ୍ଧା - ୭୫୨୦୫୪**
**ମୋ - ୯୧୭୮୬୭୬୨୮୦**

# ନୈବେଦ୍ୟ

**ସୌଦାମିନୀ ଦାସ**

ଆମେତ ହେଲୁଣି ଅଖୋଜା ଅଲୋଡ଼ା ଆମକୁ ପଚାରେ କିଏ,
ଜନମ ମରଣ ଦେଉଛି ଯେ ନିତି ନେଉ ତ ନାହାନ୍ତି ସିଏ।

ଏମାୟା ସଂସାରେ ମାୟା ଖେଳଘର ସରିତ ଗଲାଣି ମୋର,
କିମ୍ବା ଏ ଜୀବନ ନଯାଇ ରହିଛି କିବା ଆଉ ଦରକାର।

ଜୀବନଟା ସାରା ଛଟପଟ ହୁଏ ନିତି ନୂଆ ନୂଆ ଚିନ୍ତା
ଚିନ୍ତା କରି ମନ ହୁଏ ଆନମନା ସାର ହୁଏ ସିନା ବ୍ୟଥା।

କରି ମୁଁ ଭକତି ତାଙ୍କ ପଦେ ନିତି ଗୁହାରି କରନ୍ତି ଯାଇ,
ସେ ହେଲେ ନିର୍ଦ୍ଦୟ ତାପିତ ହୃଦୟ ଖୋଜି ଆଉ ପାଉ ନାହିଁ।

ବାରେ ସପନରେ ଦିଅନ୍ତେ କି ଦେଖା ଜଗତର ପିତା ମାତା,
ତାଙ୍କ ପାଦ ଧୂଳି ଶିରେ ଦେଲେ ବୋଲି ସରିଯାନ୍ତା ସବୁ ଚିନ୍ତା।

ଜୀବନର ଶେଷ ହୋଇଲାଣି ଆସି ଦିନେ ତ ପାରିନି ଡାକି,
ମାୟାମୋହ ବଶେ ବିଭୋର ହେଲି ମୁଁ,ଏବେ ଆଉ ଶୁଣିବେକି।

ଶରଣ ବତ୍ସଳ ଶରଣ ରଖିବ ଶରଣ ପଶିଲି ପାଦେ,
କୃପା କଟାକ୍ଷରେ ମୋର ଦୁଃଖ-ସିନ୍ଧୁ ଶୁଖିଯିବ ଅପ୍ରମାଦେ।

**ବାଗଦା, ବରି**
**ଯାଜପୁର-୭୫୫୦୦୩**

# ବର୍ଣ୍ଣ ଓ ଜାତି ସମାନ ନୁହନ୍ତି



ଇଂ ଯଜ୍ଞପ୍ରକାଶ ଦାସ

ଆର୍ଜେଣ୍ଟିନା ଭ୍ରମଣରେ ଯାଇଥିବା ସମୟରେ ରୋଟାରୀ କ୍ଲବରେ କିଛି କହିବାର ସୁଯୋଗ ମିଳିଥିଲା। ପ୍ରଶ୍ନ ଥିଲା- "ଆପଣଙ୍କ ଭାରତରେ ଜାତିପ୍ରଥା ବହୁତ ଉତ୍କଟ ବୋଲି ଆମେ ଶୁଣିଛୁ। ବାପ ଯେଉଁ ଜାତିର, ପୁଅଝିଅ ସେହି ଜାତିର ହୁଅନ୍ତି। ସରକାର ମଧ୍ୟ ଜାତିପ୍ରଥାକୁ ସମର୍ଥନ କରନ୍ତି। ଏହାର ଯୁକ୍ତି କ'ଣ ?" ପାଶ୍ଚାତ୍ୟ ଲୋକମାନଙ୍କୁ ଆମର ଜାତିଭେଦ କଥା ବୁଝାଇବା ଅତ୍ୟନ୍ତ କଷ୍ଟକର ବ୍ୟାପାର। ତଥାପି ପ୍ରାଚୀନ ଭାରତର ବର୍ଣ୍ଣ ବ୍ୟବସ୍ଥା ଯେ ଅପଭ୍ରଂଶ ହୋଇ ପ୍ରଚଳିତ ଜାତିପ୍ରଥାରେ ପରିଣତ ହୋଇଛି, ଏହା ଶୁଣି ସେମାନେ ତଟସ୍ଥ ହୋଇଗଲେ। ଆମର ପ୍ରାଚୀନ ଶାସ୍ତ୍ର କୁହନ୍ତି ଯେ ଜାତି 'ଜନ୍ମ'ରୁ ହୁଏ। ଛଅ ପ୍ରକାର ଜାତି ହେଉଛି ମନୁଷ୍ୟ, ପଶୁ, ପକ୍ଷୀ, କୀଟ, ପତଙ୍ଗ ଓ ସରୀସୃପ। ଆଧୁନିକ ବିଜ୍ଞାନ ଏହାକୁ ଅନେକ ଶ୍ରେଣୀ, ଉପଶ୍ରେଣୀରେ ବିଭକ୍ତ କରିଛି। ଏହାର ଅର୍ଥ ଖୁବ୍ ସରଳ। ଜୀବମାନଙ୍କ ଶରୀର ଗଠନ ଓ ଗତି ବିଧିକୁ ନେଇ ସେମାନଙ୍କ ଜାତି ନିର୍ଣ୍ଣୟ ହୁଏ। ଉଦାହରଣସ୍ୱରୂପ- ଚାରିପାଦ ବିଶିଷ୍ଟ ଲାଂଜଥିବା ପ୍ରାଣୀ ପଶୁ ଅଟେ। ପକ୍ଷଥାଇ ଉଡ଼ିବାପାଇଁ ସକ୍ଷମ ଥିବା ଜୀବ ପକ୍ଷୀ। ସେହିପରି ଉନ୍ନତ ମସ୍ତିଷ୍କଯୁକ୍ତ ପ୍ରାଣୀ ମନୁଷ୍ୟ। ଗୋଟିଏ ଜାତିର ପୁରୁଷ ଓ ସ୍ତ୍ରୀର ସଙ୍ଗମରେ ସନ୍ତାନ ଜାତ ହୁଏ। ଯେପରି ଜଣେ ନିଗ୍ରୋ ସ୍ତ୍ରୀ ଓ ଜଣେ ଗୋରା ଇଂରେଜ ପୁରୁଷ ବିବାହ କରି ମନୁଷ୍ୟ ଜାତିର ସନ୍ତାନ ଜାତ କରନ୍ତି। କଳା, ଗୋରା, ହଳଦିଆ, ମାଟିଆ ରଙ୍ଗ ତଥା ଭିନ୍ନ ଭିନ୍ନ ଭାଷା ପୋଷାକ ଓ ଭୋଜନ ହେବା ସତ୍ତ୍ୱେ ସମସ୍ତ ମନୁଷ୍ୟ- ମାନବ ଜାତିର ଅଟନ୍ତି। ବିଜ୍ଞାନ ମଧ୍ୟ ଏଥିରେ ସହମତ।

ବୈଦିକ ଯୁଗରେ ପ୍ରଚଳିତ ଜାତିପ୍ରଥାର ଚିହ୍ନବର୍ଣ୍ଣ ନଥିଲା। ସେତେବେଳେ ଗୁଣ, କର୍ମ ଓ ସ୍ୱଭାବ ଅନୁସାରେ ମନୁଷ୍ୟମାନେ ବିଭିନ୍ନ ବର୍ଣ୍ଣରେ ବିଭକ୍ତ ହେଉଥିଲେ। ବର୍ଣ୍ଣ ମୁଖ୍ୟତଃ ଚାରିପ୍ରକାର: ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୁଦ୍ର। ଏକଥା ସତ ଯେ ପ୍ରତ୍ୟେକ ମନୁଷ୍ୟର ପ୍ରବୃତ୍ତି ଭିନ୍ନ ଭିନ୍ନ ଅଟେ। ଯାହାର ଯେମିତି ପ୍ରବୃତ୍ତି ଥିଲା, ସେ ସେହି ବର୍ଣ୍ଣ ଧାରଣ କରୁଥିଲା। ପିତାଙ୍କର ପ୍ରବୃତ୍ତି ଯେ ପୁତ୍ର ପାଖରେ ରହିବ,ଏହା ନିଶ୍ଚିତ ନୁହେଁ। ଆଜି ମଧ୍ୟ ଡ଼ାକ୍ତରଙ୍କ ପୁଅ ଡ଼ାକ୍ତର ବା ଇଂଜିନିୟରଙ୍କ ପୁଅ ଇଂଜିନିୟର ହେବ ବୋଲି କୌଣସି ନିଶ୍ଚିତତା ନାହିଁ। ତେଣୁ ପୂର୍ବକାଳରେ ବର୍ଣ୍ଣ ଜନ୍ମଗତ ନଥିଲା। ମନୁ ସ୍ମୃତିରେ ସ୍ପଷ୍ଟ ଭାବରେ ଲେଖାଅଛି- 'ଶୂଦ୍ରଃ ବ୍ରାହ୍ମଣତାଃ ଏତି' (ଶୁଦ୍ଧ ମନୁସ୍ମୃତି ୧୦,୧୩) ଅର୍ଥାତ୍ ଜ୍ଞାନପ୍ରଧାନ କାର୍ଯ୍ୟକରୀ ଶୁଦ୍ର ମଧ୍ୟ ବ୍ରାହ୍ମଣ ହେବାର ଯୋଗ୍ୟତା ଅର୍ଜନ କରିବା ପାଇଁ ସକ୍ଷମହୁଏ। ପ୍ରଚଳିତ ଜାତିପ୍ରଥା ଯେ ପୁରାତନ ବର୍ଣ୍ଣ ବ୍ୟବସ୍ଥାର ଏକ ଅପଭ୍ରଂଶ ଏଥିରେ ସନ୍ଦେହ ନାହିଁ।

**ଡେପୁଟି ଜେନେରାଲ ମ୍ୟାନେଜର (କମ୍ପ୍ୟୁଟର ଆଣ୍ଡ ଆଇଟି)**
**ରାଉରକେଲା ଇସ୍ପାତ କାରଖାନା**
**ସି-୬୯, ସେକ୍ଟର -୨, ରାଉରକେଲା-୭୬୯୦୦୬**
**ମୋ-୮୮୯୫୫୦୦୪୫୪**

# ସଠିକ୍ ଉତ୍ତର



ତ୍ରିଲୋଚନ ମହାପାତ୍ର

ରାଜା ଭୋଜଙ୍କ ଦରବାରରେ ଜଣେ ବ୍ୟକ୍ତି ପହଞ୍ଚି ନିବେଦନ କଲେ - ମହାରାଜ,ଜଣେ ସାଧୁଙ୍କୁ ମୁଁ ଦୁଇଟି ପ୍ରଶ୍ନ ପଚାରିଥିଲି। ସେ ଉତ୍ତର ଦେବା ପରିବର୍ତ୍ତେ ମତେ ଢ଼େଲାଟିଏ ମାରିଲେ। ଭାରି କଷ୍ଟ ହେଲା। ମୋତେ ଉଚିତ୍ ନ୍ୟାୟ ପ୍ରଦାନ କରନ୍ତୁ।

ସାଧୁଙ୍କୁ ଦଣ୍ଡ ଦେବାକୁ ପାରିଷଦମାନେ ମତଦେଲେ। ମହାକବି କାଳିଦାସ ସେହି ବ୍ୟକ୍ତିଙ୍କୁ ପଚାରିଲେ - ତୁମେ ସାଧୁଙ୍କୁ କେଉଁ ଦୁଇଟି ପ୍ରଶ୍ନ ପଚାରିଥିଲ ?

ସେ କହିଲେ - ମୋର ପ୍ରଥମ ପ୍ରଶ୍ନ ଥିଲା - ଈଶ୍ୱର ଅଛନ୍ତି କି ନାହିଁ ? ଯଦି ଅଛନ୍ତି ଦେଖାଯାଉନାହାନ୍ତି କାହିଁକି ? ଦ୍ୱିତୀୟ ପ୍ରଶ୍ନ ଥିଲା, ଯାହା ଈଶ୍ୱର ଇଚ୍ଛା କରନ୍ତି ମନୁଷ୍ୟ ତାହା ହିଁ କରେ। ତେବେ କୁକାର୍ଯ୍ୟ ପାଇଁ ସେ ଦଣ୍ଡ ପାଏ କାହିଁକି ?

କାଳିଦାସ ରାଜାଙ୍କୁ କହିଲେ - ମହାରାଜ ସାଧୁ ଜଣେ ବିଦ୍ୱାନ ବ୍ୟକ୍ତି। ସେ ଠିକ୍ ଉତ୍ତର ଦେଇଛନ୍ତି। ତା'ପରେ କବି ସେ ବ୍ୟକ୍ତିକୁ କହିଲେ - ଢ଼େଲା ମାଡ଼ରେ ତୁମକୁ ଯେଉଁ କଷ୍ଟହେଲା ଆମକୁ ଟିକିଏ ଦେଖାଅ।

ସେ କହିଲେ କଷ୍ଟକୁ ଦେଖାଇ ହୁଏନି , ଅନୁଭବ କରାଯାଏ।

କାଳିଦାସ କହିଲେ - ଠିକ୍ ସେହିପରି ଈଶ୍ୱରଙ୍କୁ ଦେଖିହୁଏନି, ଅନୁଭବ କରିହୁଏ। ତୁମ ଦ୍ୱିତୀୟ ପ୍ରଶ୍ନାନୁସାରେ ଯଦି ସବୁକାମ ଈଶ୍ୱରଙ୍କ ଇଚ୍ଛାରେ ହୁଏ ତେବେ ତୁମକୁ ସାଧୁ ଢ଼େଲାମାରିବା ତାଙ୍କରି ଇଚ୍ଛାରେ ହୋଇଅଛି। ଢ଼େଲା ମାଡ଼ପାଇଁ ତାଙ୍କୁ ଦଣ୍ଡ ମିଳିବ କାହିଁକି ? ତୁମର ଦୁଇଟିଯାକ ପ୍ରଶ୍ନର ଉତ୍ତର ଢ଼େଲା ମାଡ଼ରେ ହିଁ ମିଳିଛି।

**ବହିଘର**
**ଭାରତୀ ବିହାର**
**ଜଟଣୀ,ଖୋରଧା**
**ମୋ-୯୯୩୮୯୯୪୮୨୨**

# ବାଟଓଷା



ବିଳାସିନୀ ଦାଶ

ଆଧାତ୍ମିକ ଶାସ୍ତ୍ରମାନଙ୍କରେ ଯମଙ୍କୁ ମୃତ୍ୟୁର ଦେବତା ବୋଲି କୁହାଯାଏ। ମନୁଷ୍ୟ ତା'ର ସାସାଂରିକ ଜୀବନ କାଳରେ ଲୋଭ ମୋହରେ ଆସକ୍ତ ହୋଇ ଅନେକ ପାପ କାର୍ଯ୍ୟ କରିବସେ। ତେଣୁ ମୃତ୍ୟୁ ପରେ ଯମ ସଦନରେ କଠୋର ଦଣ୍ଡ ଭୋଗ କରେ। ତ୍ରୈଲୋକ୍ୟନାଥ ବିଷ୍ଣୁ ମନୁଷ୍ୟମାନଙ୍କୁ ଯମ ଦଣ୍ଡରୁ ରକ୍ଷା କରିବା ପାଇଁ ଏକ ବ୍ରତ ପାଳନ କରିବାକୁ ମର୍ତ୍ତ୍ୟବାସୀଙ୍କୁ ନିର୍ଦ୍ଦେଶ ଦେଲେ। ଏହି ବ୍ରତର ନାମ 'ବାଟ ଓଷା। ନାରୀମାନେ ଯମଦେବତାଙ୍କୁ ପ୍ରସନ୍ନ କରିବା ପାଇଁ ଅତ୍ୟନ୍ତ ନିଷ୍ଠାର ସହିତ ଏହି ବ୍ରତ ପାଳନ କରିଥାନ୍ତି। 'ବାଟଓଷା' ବହିରେ ଓଷା ସମ୍ବନ୍ଧରେ ଲେଖାଅଛି-

"ଏମନ୍ତ ଦେଖି ନାରାୟଣ
ବିଚାର କଲେ ମନେ ମନ।
ଯେ ବ୍ରତେ ଯମର ସନ୍ତୋଷ
ସେ ବ୍ରତ କରିବି ପ୍ରକାଶ।
ଯମ ସନ୍ତୋଷେ ସବୁ ଭଲ।
ନୋହିଲେ ଜଳନ୍ତା ଅନଳ।
ଯାବତ ଓଷା ବାର ବ୍ରତ
ସକଳ ଯାହାଙ୍କର କୃତ।
ସେ କଲେ ଏ ଓଷା ଭିଆଣ,
'ବାଟ ଓଷା' ଟି ଯାର ନାମ ।

ବାଟ ଓଷାର ମହିମା ସମ୍ବନ୍ଧରେ ଓଷା ବହିରେ ବର୍ଣ୍ଣନା ରହିଛି ଯେ ପାଟଳିପୁରରେ ଏକ ଗରିବ ବ୍ରାହ୍ମଣ ବାସ କରୁଥିଲା। ତା'ର ସାତପୁଅ ଥିଲେ। କିନ୍ତୁ ବ୍ରାହ୍ମଣର ଦୁର୍ଭାଗ୍ୟକୁ ସାତଟି ଯାକ ପୁଅ ମରିଗଲେ। ପୁତ୍ର ଶୋକରେ ଅଧୀର ହୋଇ ବ୍ରାହ୍ମଣ ବ୍ରାହ୍ମଣୀ ଭଗବାନ ବିଷ୍ଣୁଙ୍କର ଶରଣାପନ୍ନ ହେଲେ। ବିଷ୍ଣୁ ବ୍ରାହ୍ମଣ ଦମ୍ପତିଙ୍କର ଦୁଃଖ ସହି ପାରିଲେ ନାହିଁ। ଦିନେ ରାତିରେ ଭଗବାନ ବିଷ୍ଣୁ ବ୍ରାହ୍ମଣଙ୍କୁ ସ୍ୱପ୍ନାଦେଶ ଦେଲେ-

"କହ ତୁ ପତ୍ନୀକୁ ତ୍ୱରିତ
ଆଚରୁ ବାଟ ଓଷା ବ୍ରତ।
ଏଥି ସନ୍ତୋଷ ଜନ୍ତୁ ନାହା,
କରିବେ ତୋହ ଠାରେ ଦୟା ।
ମାଘ ମାସର କୃଷ୍ଣ ପକ୍ଷ
ଅଟଇ ଏହି ଓଷା ମୋକ୍ଷ ।
ପାଣ୍ଡୁ ପୂର୍ଣ୍ଣିମା ହେବ ଗତ
ତୃତୀୟ, ନବମ, ସପତ ।

ମାଘ ମାସ କୃଷ୍ଣ ପକ୍ଷ ତୃତୀୟା, ସପ୍ତମୀ କିମ୍ବା ନବମୀ ଦିନ ଅତି ପବିତ୍ର ମନରେ ବାଟ ଓଷା କରିବ। ଯେଉଁ ପାତ୍ରରେ ପାକ ପ୍ରସ୍ତୁତ କରିବ ସେହି ପାତ୍ରରେ ଧାନକୁ ମାପିବ, ସେହିଦିନ ଚୂନା କୁଟି ବଟାବଟି କରି ଘିଅ ନୈବେଦ୍ୟ ଦେଇ ପାକ ପ୍ରସ୍ତୁତ କରିବ। ଯେଉଁ ସବୁ ଦ୍ରବ୍ୟ ପୂଜା ପାଇଁ ପ୍ରସ୍ତୁତ କରିଥିବ ସବୁକୁ ପୂଜା କରିବ। କିଛି ବଳକା ରଖିବ ନାହିଁ। ନଚେତ୍ ଯମ ଦେବତା ଅସନ୍ତୁଷ୍ଟ ହେବେ। ଆଖୁ, କଦଳୀ, ମୂଳା ଓ ଫଳ ପ୍ରଭୃତିକୁ ଚାଙ୍ଗୁଡ଼ି ମଧ୍ୟରେ ଥୋଇ ବକ୍ର ମୂଳୀରେ ଘୋଡ଼ାଇ ରଖିବା। ଚନ୍ଦନ, ସିନ୍ଦୂର, କଜ୍ଜଳ, ଝୁଣା, ଗୁଗୁଳ, ଫୁଲମାଳ ଦୀପ ଓ ପୂଜା ସାମଗ୍ରୀ ଧରି, ଯମ ଦେବତାଙ୍କୁ ସ୍ମରଣ କରି ବଣ ମଧ୍ୟରେ ପ୍ରବେଶ କରିବ। ପୂଜା ହେବାକୁ ଥିବା ସ୍ଥାନକୁ ପୂର୍ବରୁ ଲିପାପୋଛା କରି ନିର୍ମଳ କରିଥିବ। ସେଠାରେ ଏକ ଗାତ ଖୋଳି ଫୁଲ, ଚନ୍ଦନ, ସିନ୍ଦୂର, କଜ୍ଜଳ ଲଗାଇ ଦେବ। ନାରୀମାନେ ଗର୍ତ୍ତ ଚାରିପଟେ ବସି ମିଳିମିଶି ପୂଜା କାର୍ଯ୍ୟ ସମ୍ପାଦନ କରିବେ। ପୂଜା ପରେ ଗୃହକୁ ଫେରି ପ୍ରସାଦ ସଭିଙ୍କୁ ବାଣ୍ଟିବେ। ରାତ୍ରି ସମୟରେ ଏହି ଓଷା ବିଧି ମୁତାବକ ପାଳନ କଲେ ସନ୍ତାନ ଲାଭ ହେବା ସହିତ ସକଳ ଐଶ୍ୱର୍ଯ୍ୟ ପ୍ରାପ୍ତ ହେବ। ହଠାତ୍ ବ୍ରାହ୍ମଣର ସ୍ୱପ୍ନ ଭଙ୍ଗ ହେଲା। ସେ ବ୍ରାହ୍ମଣୀକୁ ନିଦରୁ ଉଠାଇ ସ୍ୱପ୍ନର ସମସ୍ତ ବୃତ୍ତାନ୍ତ ବର୍ଣ୍ଣନା କଲା। ବ୍ରାହ୍ମଣୀ ନିଷ୍ଠାପର ଭାବେ ଏହି ବ୍ରତ କରିବାରୁ ସାତଟି ପୁତ୍ର ସନ୍ତାନର ଜନନୀ ହେଲା।

ବ୍ରାହ୍ମଣୀର ପୁତ୍ର ଲାଭ କଥା ଚାରି ଆଡ଼େ ଖେଳିଗଲା। ଗ୍ରାମର ଝିଅ ବୋହୂମାନେ ଏହି ବ୍ରତ ଆନନ୍ଦ ମନରେ ପାଳନ କଲେ। ଯମଙ୍କ ମହିମା ଲୋକମୁଖରେ ପ୍ରଚାରିତ ହେଲା।

ସୁଦର୍ଶନ ନାମରେ ଜଣେ ରାଜା କୋଶଳ ଦେଶରେ ରାଜତ୍ୱ କରୁଥିଲେ। ତାଙ୍କ ପତ୍ନୀଙ୍କ ନାମ ଥିଲା ଲୀଳାବତୀ। ରାଜା ସୁଦର୍ଶନ ଜଣେ ଦୟାଳୁ ଓ ନ୍ୟାୟବନ୍ତ ରାଜା ଭାବରେ ପରିଚିତ ଥିଲେ। ଧନ ସମ୍ପଦରେ ତାଙ୍କ ରାଜ୍ୟ ପୂରି ଉଠିଥିଲା। ପ୍ରଜାମାନେ ଆନନ୍ଦରେ କାଳାତିପାତ କରୁଥିଲେ। କିନ୍ତୁ ରାଜାରାଣୀଙ୍କର କୌଣସି ପୁତ୍ର ସନ୍ତାନ ନଥିବାରୁ ସେମାନେ ମନ ଦୁଃଖରେ ରହୁଥିଲେ। ଥରେ ରାଣୀ ଦାସୀମାନଙ୍କ ଠାରୁ ବାଟ ଓଷାର ମାହାତ୍ମ୍ୟ ଶୁଣିବାକୁ ପାଇଲେ। ତେଣୁ ସେ ଭକ୍ତି ଭରେ ବିଧିବିଧାନ ସହକାରେ ବାଟଓଷା କରି ଯମଙ୍କୁ ସନ୍ତୁଷ୍ଟ କଲେ। ଯମଙ୍କ କୃପାରୁ ତାଙ୍କର ପୁଅଟିଏ ହେଲା। ପୁଅଟିର ନାମ ବୀରସେନ ରଖିଲେ। ପୁଅଟି କ୍ରମେ ବାର ବର୍ଷର ହୋଇଗଲା। କିନ୍ତୁ ରାଣୀ ଜଞ୍ଜାଳ ଭିତରେ ବୁଡ଼ି ରହି ବାଟ ଓଷା କଥା ଭୁଲିଗଲେ। ଯମ ଦେବ କ୍ରୋଧରେ ବୀରସେନଙ୍କୁ ଅପହରଣ କରି ନିଜ ପୂରରେ ଲୁଚାଇ ରଖିଲେ। ରାଜାରାଣୀ ପୁଅକୁ ନ ପାଇ ବହୁତ ଦୁଃଖରେ

ସମୟ ବିତାଇଲେ। ଯମ ଦେବଙ୍କ ମାତାଙ୍କର ପିଲାଟି ପ୍ରତି ଦୟା ହେଲା। ସେ ଯମକୁ ବୁଝାଇ ଶୁଝାଇ ବୀର ସେନକୁ ଘରକୁ ପଠାଇ ଦେଲେ। ଅନେକ ଦିନ ପରେ ପୁଅ ଫେରି ଆସିବାରୁ ରାଜାରାଣୀ ବହୁତ ଖୁସି ହେଲେ। ଏତେ ଦିନ ପର୍ଯ୍ୟନ୍ତ କେଉଁଠି ଥିଲା ବୋଲି ପଚାରିଲେ। ବୀରସେନ କହିଲା-

"ନକଲ ତୁମେ ବାଟ ଓଷା,
ହୋଇଲେ ଯମରାଜା ଘୋଷା,
ମୋତେ ଘେନିଣ ଗଲେ ବାନ୍ଧି,
ସକଳ କହେ କାନ୍ଦି କାନ୍ଦି,
ତାଙ୍କର ମାଆ ଦୟା କଲେ,
ବଞ୍ଚିବା ଉପାୟ କହିଲେ,
ନ ମାରି ତେଣୁ ସୂର୍ଯ୍ୟ ସୁତ,
ଛାଡ଼ି ଦେଇଣ ଗଲେ ଏଥ।

ବାଟଓଷା ନ କରିବାରୁ ପୁତ୍ର ଯମପୁରରେ ଏତେ ଯନ୍ତ୍ରଣା ପାଇଲା ଭାବି ରାଣୀ ବହୁତ ଦୁଃଖ କଲେ। ବାଟ ଓଷା ବିଧିର ସହିତ ପାଳନ କରି ଯମରାଜାଙ୍କୁ କ୍ଷମା ପ୍ରାର୍ଥନା କଲେ। ଓଷା ପାଳିନ କରି ଆନନ୍ଦରେ ରହିଲେ। ଓଷାର ମହିମା ସମ୍ବନ୍ଧରେ ଓଷା ବହିରେ ବର୍ଣ୍ଣନା ରହିଛି ଯେ-

"ଏଡ଼େ ମହିମା ଏ ଓଷାର,
ଯେ କରେ ଶରଧା ମନର।
ଯେ କରେ ହୋଇ ନିଷ୍ଠାବ୍ରତ,
ଅପୁତ୍ରି ହେଲେ ହୁଏ ପୁତ୍ର।
ନିର୍ଦ୍ଧନ ହୁଏ ଧନବାନ,
ଜନ୍ମାନ୍ଧ ପାଇବ ନୟନ।
ଏମନ୍ତ ଅଟେ ବାଟ ଓଷା,
ଯେ କରେ ପାଲଟେ ତା ଦଶା।
ଯମର ଜ୍ୱାଳା ନଲାଗଇ
ମହାସୁଖରେ ଦିନଯାଇ ।"
ପବିତ୍ର ମନରେ ଏହି ବ୍ରତ ପାଳନ କଲେ
ଇପସିତ ଫଳ ପ୍ରାପ୍ତ ହୁଏ।

ମଧୁସୂଦନ ନଗର
ଖୋରଧା- ୨

# ଏଇ ହାତ ଥିଲେ କ'ଣ ଭାତମୁଠେ ମିଳିବନି ?

ରବୀନ୍ଦ୍ରନାଥ ପ୍ରଧାନ

ଅନେକ ଦିନର ତଳର କଥା। ସେଦିନ କଟକ ରେଭେନ୍ସା କଲେଜରେ ଇଂରେଜ ନାଟକ ଅଭିନୀତ ହେଉଥାଏ। ଏକ ନାରୀ ଭୂମିକାରେ ଅଭିନୟ କରି ପିଲାଟିଏ ଦର୍ଶକଙ୍କ ମନ ମୋହିନେଲା। ଅନେକ ଗୋରାସାହେବ ସେଇଠି ଦର୍ଶକ ସାଜିଥାନ୍ତି। ସେମାନେ ଭାବୁଥାନ୍ତି ଏଇ ଅଭିନେତ୍ରୀ ଜଣକ କିଏ। ଜଣେ ବିଲାତି ମହିଳା ନୁହେଁ ତ ? ପୁଣି ମନେମନେ ଭାବୁଥିଲେ କଟକ କଲେଜରେ ବିଲାତି ମହିଳା କାହିଁକି ପଢ଼ିବ ? ଏହିଭଳି ସନ୍ଦେହ ଘେରରେ ବୁଡ଼ି ରହିଥିଲେ, ସେଦିନର ମୁଖ୍ୟ ଅତିଥି ଗୋରାସାହେବ ମଧ୍ୟ।

ତହିଁ ପରଦିନ କଥା। ଅଭିନେତ୍ରୀଙ୍କୁ ଡ଼କରା ଆସିଲା ସାହେବଙ୍କ ବଙ୍ଗଳାକୁ। ଯେତେବେଳେ ବାଳକ ଗୋଦାବରୀଶ ହାଜର ହେଲେ, ସାହେବ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ତାଙ୍କର ଆଖିକୁ ବିଶ୍ୱାସ କରିପାରିଲେ ନାହିଁ, ସତେ କ'ଣ କାଲିର ଅଭିନେତ୍ରୀ ଜଣକ ଇଏ ? ତଥାପି ସାହେବ ଗୋଦାବରୀଶଙ୍କର ନିଖୁଣ ଅଭିନୟ ଓ ଶୁଦ୍ଧ ଇଂରାଜୀ ଉଚ୍ଚାରଣକୁ ଭୁରିଭୁରି ପ୍ରଶଂସା ନକରି ରହିପାରିଲେ ନାହିଁ। ସାହେବଙ୍କର ମନୋଭାବ ଥିଲା ଏହିପରି - "ଓଡ଼ିଆ ପିଲାର ଅଭିନୟ ଦେଖି

ଇଂରେଜ ସାହେବ ହେଲେ ଚକିତ,
କହିଲେ, "ତୁମକୁ ବି.ଏ.ପାସ୍ ପରେ
ବଡ଼ ଚାକିରିଟେ ଦେବି ନିଶ୍ଚିତ।"

ଗୋରା ସାହେବ ସେଇଠି ତାଙ୍କର ମତବ୍ୟକ୍ତ କରିଦେଲେ, "ତୁମେ ବି.ଏ.ପାସ୍ କଲାପରେ ମୋ ପାଖକୁ ଆସିବ। ତୁମକୁ ଡ଼େପୁଟି ମାଜିଷ୍ଟ୍ରେଟ୍ ଚାକିରିରେ ନିଯୁକ୍ତ କରାଇଦେବି। ବେଶ୍ ବଡ଼ ଚାକିରିଟିଏ, ମୋଟା ଅଙ୍କର ଦରମା ମିଳିବ।"

ଏଥର ଗୋଦାବରୀଶ ରୋକ୍ ଠୋକ୍ ଉତ୍ତର ଦେଲେ-

"ଗୋଦାବରୀଶ ସେ ଗରିବ ପିଲାଟି
ରୋକ୍‌ଠୋକ୍ ମତ ଦେଲା ଜଣେଇ
ଲୋଡ଼ାନାହିଁ ମୋର ଟଙ୍କା ରୋଜଗାର
ଗୋରା ସାହେବଙ୍କର ଗୋଲାମ ହୋଇ।"

ବାସ୍ତବରେ ଗୋଦାବରୀଶ ଥିଲେ ଜଣେ ଦେଶପ୍ରେମୀ, ସ୍ୱାଧିନଚେତା ବାଳକ। ସେ ସାହେବଙ୍କ କଥାଶୁଣି ଚିହିଁକି ଉଠିଲେ। ଟଙ୍କାପ୍ରତି ତାଙ୍କର ଲୋଭ ନଥିଲା। ସେ ଚଡ଼ାଗଳାରେ କହିଲେ, "ରଖହୋ ତୁମର ଚାକିରି କିଏ ତୁମକୁ ଚାକିରି ମାଗୁଛି ? ଏଇ ହାତ ଥିଲେ କ'ଣ ଭାତମୁଠେ ମିଳିବନି ? ଅଧିକ କ'ଣ ଲୋଡ଼ା। କାହା ଆଗରେ ହାତପତେଇବା କି ଦରକାର ?"

ଏହିଭଳି ସେଦିନ ଗୋରାସାହେବଙ୍କୁ ଅପମାନିତ କରି ଚାଲିଆସିଥିବା ଗୋଦାବରୀଶ ଜୀବନସାରା ଅଭାବ ଅନଟନରେ ବୁଡ଼ି ରହିଥିଲେ। ତଥାପି ନିଜର ଅଭାବକଥା ଅନ୍ୟ ଆଗରେ ପ୍ରକାଶ କରିନଥିଲେ। ବାଣପୁରର ପ୍ରଥମ ଏମ୍.ଏ ପଢୁଆ ହୋଇଥିଲେ ବି ଚାକିରି କରିବାକୁ ପସନ୍ଦ କରିନଥିଲେ। ଦେଶସେବା ତାଙ୍କର ଶ୍ରେୟଥିଲା।

ଗୋଦାବରୀଶଙ୍କ ପିଲାଦିନର ଅଭାବ ଅନଟନ କଥା ଶୁଣିଲେ ଆଖିରୁ ଲୋତକ ଝରିପଡ଼େ। ଅନେକଙ୍କର ଅସୁବିଧାରେ ପଡ଼ି ଗୋଦାବରୀଶଙ୍କ ମାଆ ପଡ଼ିଶା ଘରୁ ଚାଉଳ ଉଧାର ଆଣିଥିଲେ। ବାପପୁଅଙ୍କୁ ଭାତମୁଠେ ବାଢ଼ିଦେଇ ନିଜେ ପେଜପିଇ କ୍ଷୁଧା ନିବାରଣ କରୁଥିଲେ। ହେଲେ ଉଦ୍ଧାର ଆଣିଥିବା ଚାଉଳ ଶୁଝିପାରିନଥିଲେ। ଫଳରେ ପରବର୍ତ୍ତୀ କାଳରେ ବାଲ୍ୟବିବାହକୁ ବିରୋଧ କରୁଥିବା ବାଳକ ଗୋଦାବରୀଶ ଚାଉଳ ଟଙ୍କା ଶୁଝିବାପାଇଁ ପଡ଼ୋଶୀ ଘର କନ୍ୟାକୁ ବିବାହ କରିଥିଲେ। ଝିଅ ଘରର ଜାତି ଛୋଟହେଲେ ମଧ୍ୟ ଦଶବର୍ଷ ବୟସରେ ବିବାହ କରିଥିଲେ, ଯେଉଁ ବୟସରେ ବିବାହ କ'ଣ ସେ ଜାଣି ନଥିଲେ। ଏଥିପାଇଁ ତାଙ୍କର ଜ୍ଞାତି-କୁଟୁମ୍ବ ଓ ବନ୍ଧୁ ବାନ୍ଧବ ତାଙ୍କୁ ବାସନ୍ଦ କରିଦେଇଥିଲେ।

ବାଳକ ଗୋଦାବରୀଶଙ୍କ ପୁରୀ ଜିଲ୍ଲା ସ୍କୁଲରେ ପାଠପଢ଼ା ବେଳର କଥା ଏବେ ଶୁଣ-

"ହଳେ ମାତ୍ର ଥିଲା ପିନ୍ଧା ପୋଷାକ,
ପିନ୍ଧୁଥିଲେ ତାକୁ ସପ୍ତାହ ଯାକ,
ପ୍ରତି ରବିବାର ଦିନ,
ସଫା କରିବାରୁ ନଥିଲା ତାଙ୍କର
ଆନ ପିନ୍ଧିବା ବସନ।
ଦିନସାରା ତେଣୁ ଘର ଭିତରେ,
ଲୁଚି ବସୁଥିଲେ ବିନା ବସ୍ତ୍ରରେ,
କଥାବାର୍ତ୍ତା ତାଙ୍କ ସାଥେ,
ହେବାକୁ ଚାହେଁ ଯେ' ହେଉଥାଏ ସେ
ଘରର ଝରକା ବାଟେ।"

ସେତେବେଳେ ଛାତ୍ରାବାସରେ ରହିବା ପିଲାଙ୍କୁ ଦୁଇଓଳି ଭାତ ଓ ଜଳଖିଆ ଖାଇବା ଖର୍ଚ୍ଚ ପୃଥକ୍ ପୃଥକ୍ ଦେବାକୁ ପଡୁଥିଲା। ସୁତରାଂ ଗୋଦାବରୀଶ ଭାତ ଖାଇବାପାଇଁ ଟଙ୍କା ଜମା କରୁଥିଲେ। ଜଳଖିଆ ଖର୍ଚ୍ଚ ଦେବାକୁ ନଥିଲା। ପାଣିପିଇ ଭୋକରେ ରହିଯାଉଥିଲେ। କିଏ ପଚାରିଲେ କହୁଥିଲେ- "ଭାଇ! ସକାଳେ ଠାକୁର ପୂଜା ନସାରି ମୁଁ କିଛି ଖାଏନି। ଠାକୁର ପୂଜା ସରିଲା ବେଳକୁ ଡ଼େରିହୁଏ। ତେଣୁ ମୁଁ ଖାଇପାରେନି। ପୁନଶ୍ଚ ସଂଧ୍ୟାବେଳେ ସମୁଦ୍ର କୂଳରେ ବୁଲିବା ସ୍ୱାସ୍ଥ୍ୟ ପକ୍ଷରେ ହିତକାରକ କହି ଚାଲିଯାଆନ୍ତି। ଜାଣିଶୁଣି ଜଳଖିଆ ଖାଆନ୍ତି ନାହିଁ।"

ଗୋଦାବରୀଶ ବାଲ୍ୟ ଜୀବନରୁ ମୃତ୍ୟୁ ପର୍ଯ୍ୟନ୍ତ ସର୍ବଦା ଆର୍ଥିକ ଅନଟନରେ ବୁଡ଼ି ରହିଥିଲେ। ଏ ସମ୍ବନ୍ଧରେ ଅନେକ କଥାଅଛି, ଯାହାକୁ କହିଲେ ସରିବ ନାହିଁ। ତଥାପି ସେ କାହା ଆଗରେ ତାଙ୍କର ସମସ୍ୟା ବଖାଣି ନଥିଲେ କି ଆର୍ଥିକ ସାହାଯ୍ୟପାଇଁ ହାତ ପତେଇନଥିଲେ। ସେ ଜୀବନ କାଳରେ ଯେଉଁ ଯଶ ଅର୍ଜି ଯାଇଛନ୍ତି, ତାହା ତାଙ୍କୁ ଅମର କରି ରଖିଛି।

ପିଲାମାନେ, ମୋର ଟିକିକଥା ରଖିଥାମନେ:

"ଧରାରେ ଶ୍ରେଷ୍ଠ ଏ ମଣିଷ ଜନ୍ମ
ଏହିକଥା ରଖି ଆପଣା ମନ
କରୁଥା ସୁକର୍ମ ନୀତି
ନିଜପାଇଁ ନୁହେଁ ପରପାଇଁ କଲେ
ଝୁରିବେ ମଣିଷ ଜାତି।"

**ଖମାରସାହି, ବାଣପୁର, ଖୋରଧା**
**ପିନ୍- ୭୫୨୦୩୧**
**ମୋ- ୯୬୬୮୫୬୦୬୪୫**

# ଟିପିରି ଟିପିରି ମେଘ

ଦିଲ୍ଲୀପ କୁମାର ତ୍ରିପାଠୀ

ଟିପିରି ଟିପିରି ମେଘ
ଘୋଡ଼ି ଘାଡ଼ି ହୋଇ ବାଘ ଶୋଇଅଛି
ଭାଲୁ ଦେଖଉଛି ବାଗ
ଝଅଟ ଝଅଟ ଯାଆ
ଭାଲୁ ଖାଇଦେବ ମହୁ ସବୁତକ
ଦେଖିଦେଲେ ମେଘ ବାଆ।।(୧)

ନଡ଼ା ଛପର ଚାଳିଆ ଘର
ଓଡ଼ିରୁ ଗଡ଼େ ପାଣି
ଟିଣ ଚଦର ଉପରେ ପଡ଼ି
ଶୁଭଇ ଟିଣିଟିଣି
ନୁଆପଥର ଦେଖି
ଝୁମୁରୀ ଆମ ଗୋଟେଇ ଆଣି
ଲୁଚେଇ ଦିଏ ରଖି।।(୨)

ବରଷା ରାଣୀ
ଓଢ଼ଣା ଟାଣି
ଝିପିରି ଝିପି ଖସେ
ବେଙ୍ଗୁଲୀ ରାଣୀ
ଦେଖିଲେ ପାଣି
ମୁରୁକି ମୁରୁକି ହସେ
ଝରିଆ ପୋକ ଉଡ଼େ
ସାରୁଗଛ ମୂଳେ କଟର କଟର
ପିଲାଏ ଯାଆନି ସାଡ଼େ।।(୩)

କ୍ୟାପିଟାଲ ହାଇସ୍କୁଲ,
ଭୁବନେଶ୍ୱର
ମୋ:୯୭୭୭୦୩୫୭୭୮



# ମୋହ

ବିଦ୍ୟାଧର ଖଟୁଆ

ବିଶ୍ୱନିୟନ୍ତା ଯିଏ କି ଏ ବିଶାଳ ପୃଥିବୀର ସ୍ରଷ୍ଟା, ସେହି ସ୍ରଷ୍ଟାଙ୍କ ସୃଷ୍ଟିକୁ ଯିଏ ସଫଳ ରୂପାୟନ ଦେବାରେ ନିଜକୁ ଉତ୍ସର୍ଗ କରିଦେଇଛି ସେ ଆଉ କେହି ନୁହେଁ ସେ ହେଉଛି ମାନବ। ଏହି କାର୍ଯ୍ୟ କରିବା ପାଇଁ ଛପନ କୋଟି ଜୀବଙ୍କ ମଧ୍ୟରୁ ଏ ମାନବ କାହିଁକି ଏତେ ଆଗ୍ରହୀ ? ଅନ୍ୟ ଜୀବମାନେ କ'ଣ ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି ? ଏହାର ଉତ୍ତର ଆପଣଙ୍କ ପାଖରେ ହୁଏତ ଥାଇପାରେ ବା ନଥାଇପାରେ। ଯଦି ଥାଏ ତାହେଲେ ମାନବର ବୈଶିଷ୍ଟ୍ୟ ଜାଣିପାରିଥିବେ ଯଦି ନ ଜାଣି ଥାନ୍ତି ତାହେଲେ ଆଜିଯାଏ କାହିଁକି ନୀରବ ରହିଛନ୍ତି ?ଏହାର ଉତ୍ତର ଖୋଜିବାରେ ନିଜକୁ ନିୟୋଜିତ କରିଦିଅନ୍ତୁ। ଦେଖିବେ ଆପଣମାନେ ନିଶ୍ଚିତ ରୂପେ ତାହାର ଉତ୍ତର ପାଇପାରିବେ।

G aÉâû úcû^a @ûRò@ûcKûe ùcûj cûdûRûi ùe Q¦òùj ûA @Y^gûi úùj ûAMf ûYö I cZûùf ûbùe ^Re i©û jeûAaûKêai ôûYö cû^aK cîf ¥ûaû] @ûRòaò~ÿÉö ceôcùe ù~_eòaûUûA Rke i§û^ KeàûKê~ûA ceûPKû _Qùe ]ûacû^ jêG I ùghùe _eògâ ` kgî^¥jêGö ^ûRk còk ^ûùgûh cùeö ùKak _eògâ iûe jêGö ùi jôkòG aÉâû úcû^a @ûRè _û½Z¥i b¥Zû_Qùe ]ûacû^ ùj ûA ^Re cû^a _Yò@ûKêRûe Keàû Kêaeû_âû Keû@Qö ^Re iõÄZò_eµeûAZ¥û KêRkû¬kòù\A _û½Z¥i b¥ZûKê @û_ùYA ù^aûe Zòk ùjùf KêÈaû] Keêû ñ bûÛcûUè ùcû KêRûa Wõ^]eòi j e i b¥Zûe ùMûf ûc ùj aûe ^RKê j ùRA ù\ CQö

i j eúi b¥Zûe ùcûùe ùi GùZ cûZaûe @ûKÉ ù~ ^Re aç _Zûcûl bûAbCYûKêMûc¥_eòagùe QûWû\A i j eùe akû a¥ ^ùe ùi ðLô Rúa^ @Zàûj Ø Keò^RKê j ùRA ù\aûe ZòkcûZâKêÈaû] Keêû ñ ùi ùake ùi ù~ø _eàûe @ûRòù\LâûKêi ûZ i_^ö ù~ø _eàûe ùi Ü, ccZû bf _ûAaû i j ù~ûM I GKZûe cjûcª @ûRò aèkö i cùÉ @ûRòGKK _eàûe _Zò@ûKÉö @ûc @ûRò 'cûùe _eŸZ ùj ûA~ûAQö 'cûùeûRMûe KeQò, 'ùcûÈúl ùcû_ôûu _ûAñ Gj òcª Gùa icÉuê@ûKhŸ Keàûe fûMQö ùZYêaû_ûcû@û bûAbCYú l a§âû§au _Zò ùi cû^ue ùKøYi òK©â¥ @ûC ^ûñ ùcûÈúùcû_ôûGj ò cjûcªùe icùÉ aûdûö

ବ୍ୟାସକବି ଫକୀର ମୋହନ ସେନାପତିଙ୍କ "ଡାକମୁନ୍‌ସୀ" ଗଳ୍ପର ହରି ସିଂ ଓ ଗୋପାଳ ଚରିତ୍ର ଆପଣମାନେ ନିଶ୍ଚିତ ରୂପେ ପାଠ କରିଥିବେ ବୋଲି ମୋର ଆଶା ଓ ବିଶ୍ୱାସ। ସେ ଗଳ୍ପର ଶିକ୍ଷିତ ରୋଜଗାରୀଆ ପୁଅ ନିଜର ବୃଦ୍ଧ ପିତାଙ୍କୁ କିପରି  ବାହାରକୁ ଫୋପାଡ଼ି ଦେଇଛି ତାହା ବାସ୍ତବିକ ହୃଦୟ ବିଦାରକ। ହରି ସିଂ କେତେ ସ୍ୱପ୍ନ ଦେଖିନଥିଲା ! ତା' ପୁଅ ହାକିମ ହେବ, ବହୁତ ରୋଜଗାର କରିବ ଆହୁରି କେତେ କ'ଣ ? ନିଜେ ନଖାଇ ନପିଇ ପୁଅକୁ ପାଠ ପଢ଼ାଇ ମଣିଷ କଲା ଶେଷରେ ସେ ପୁଅ ବାପାକୁ ମୂଲ୍ୟ ଦେଲା ନାହିଁ ! ସେ ଭାବିନଥିଲା ଯେ ଦିନେ ଏଇ ବାପା ବୃଦ୍ଧ ବୟସରେ ଖଟି ଓଳିଏ ଖାଇ ଓଳିଏ ଉପାସ ରହି ତାକୁ ମଣିଷ କରିଥିଲା ବୋଲି। ଶିକ୍ଷିତ ପୁଅ ପାଖରେ ଅଶିକ୍ଷିତ ବାପା କିପରି ଅଲୋଡ଼ା ଅଖୋଜା ହୋଇଯାଆନ୍ତି ତାହାର ନିଚ୍ଛକ ପ୍ରତିଚ୍ଛବି ଏହି ଗଳ୍ପ ମାଧ୍ୟମରେ ଗାଳ୍ପିକ ସୁନ୍ଦର ଭାବରେ ଉପସ୍ଥାପନା କରିଛନ୍ତି। ଏହି ଗଳ୍ପର ପ୍ରଭାବ ଏ ବସ୍ତୁବାଦୀ ସମାଜ ଉପରେ କେତେ ଦୂର ପଡ଼ିଛି ତାହା କେବଳ ପାଠକମାନେ କହିବେ। କିନ୍ତୁ ଆଜିର ଏ ମୋହଗ୍ରସ୍ତ ସମାଜରେ ସେହିଭଳି କେତେ ହରି ସିଂ ଓ ଗୋପାଳ ଚରିତ୍ର କିପରି ଜୀବନ ଅତିବାହିତ କରୁଛନ୍ତି ତାର ସଠିକ୍ ଚିତ୍ର କିଏ ଦେଇପାରିବ ?

ପ୍ରତିଦିନ ଖବର କାଗଜ ପୃଷ୍ଠା ଓଲଟାଇଲେ ଏହାର ନିଚ୍ଛକ ଛବି ଆମ ଆଖି ଆଗରେ ଜଳ ଜଳ ହୋଇ ଝଲସି ଉଠେ। କିନ୍ତୁ ନୀରବ ଦର୍ଶକ ଭଳି ଆମେ ସେ ସବୁକୁ ଦେଖିଚାଲୁ। ପ୍ରତିବାଦର ସ୍ୱର ଦିନେ ହେଲେ ଆମ ମୁହଁରେ ସ୍ଫୁରିତ ହୁଏ ନାହିଁ। ଯଦି ଆମେ ସମସ୍ତେ ସଚେତନ ହେବା ତାହେଲେ ଏ ମୋହଗ୍ରସ୍ତ ମାନବ ସମାଜର ଚିତ୍ର ଆମ ଚକ୍ଷୁ ସାମ୍ନାରୁ ଦୂରେଇଯିବାରେ କୌଣସି ଅସୁବିଧା ହେବନାହିଁ। ହେ ମୋର ପ୍ରିୟ ପାଠକ ପାଠିକା, ଯଦି ଆମ୍ଭେମାନେ ସମସ୍ତେ 'ମୁଁ' ରୁ 'ଆମେ'କୁ ପହଁଚି ପାରିବା ଓ ନିଜ ମନରେ ଥିବା ଲୋଭ, ମୋହ, ଅଂହକାରକୁ ପରିତ୍ୟାଗ କରିପାରିବା ତାହେଲେ ଏ ଧରା ପୃଷ୍ଠରେ ଏକ ସୁସ୍ଥ ସୁନ୍ଦର ସମାଜ ଗଠନ ହୋଇପାରିବ, ଏଥିରେ ତିଳେ ହେଲେ ସନ୍ଦେହର ଅବକାଶ ରହିବ ନାହିଁ। ସେଥିପାଇଁ ସମସ୍ତଙ୍କର ସହଯୋଗ ଏକାନ୍ତ ଅପରିହାର୍ଯ୍ୟ। ସମସ୍ତେ ଶାନ୍ତିରେ ରହିଲେ ଏ ପୃଥିବୀ ଶାନ୍ତିରେ ରହିବ। ଶାନ୍ତିର ସୁମଧୁର ବାସ୍ନାରେ ଏ ବିଶ୍ୱ ସୁଗନ୍ଧିତ ହୋଇ ମହକି ଉଠିବ। ସେଥିପାଇଁ କୁହାଯାଇଛି -

ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟାଃ,
ସର୍ବେ ଭଦ୍ରାଣି ପଶ୍ୟନ୍ତୁ, ମା କଶ୍ଚିତ୍ ଦୁଃଖ ଭାଗ୍ ଭବେତ୍।

ମୋ- ୯୯୩୮୦୫୧୨୪୩
E-mail-bidyadharkhatua 70 @gmail.com

ଗଳ୍ପ

# ଚିଠିଟି



ଶକ୍ତିଶଙ୍କର ମିଶ୍ର

ଜର୍ମାନୀର ଫ୍ରାଙ୍କଫୁଟ ସହର । ଚଳ ଚଞ୍ଚଳ ସହରବାସୀ ନାଗରିକମାନଙ୍କର ସଚେତନତା ନିମନ୍ତେ ସମାଜରୁ ସହର ସବୁ ସମୃଦ୍ଧ। ସଂଧ୍ୟା ୬ଘଣ୍ଟାରେ ସହର ଖବର ସମସ୍ତ ପାଇଁ ନୂଆ ଉନ୍ମାଦନା ସୃଷ୍ଟି କରିଛି । ଦୂର ଦର୍ଶନରେ ରାଜ୍ୟ ମୁଖ୍ୟଙ୍କର ବାର୍ତ୍ତାଟି ପ୍ରଚାରିତ ହେବାପରେ ସମସ୍ତେ ନିରବ । ଆଲୋଚନାର ଆବଶ୍ୟକତାଠାରୁ ସମସ୍ୟାର ସମାଧାନ ନିମନ୍ତେ ସହଯୋଗଙ୍କୁ ଶ୍ରେୟ ମଣିଛନ୍ତି ସହରବାସୀ ତେବେ ନାଗରିକମାନଙ୍କର ସହଯୋଗରେ ସମସ୍ୟାର ସମାଧାନ କରିବାକୁ ଅଧିକ ଦୃଢ଼ତା ପ୍ରକାଶ ପାଇଲା ପ୍ରତ୍ୟେକ ନାଗରିକଙ୍କ ମନରେ।

ଜୁନ୍‌ମାସ ୧୦ତାରିଖ ସଂଧ୍ୟାରୁ ସମ୍ବାଦ ଶୁଣି ରାଜ୍ୟ ମୁଖ୍ୟଙ୍କ ପ୍ରସ୍ତାବକୁ ଅନ୍ତରରେ ଗ୍ରହଣ କରିସାରିଥିବା ସମସ୍ତ ନାଗରିକ ସମସ୍ୟା ସମାଧାନ ପାଇଁ ନିଜର କର୍ତ୍ତବ୍ୟକୁ ମୁଖ୍ୟ ଭାବରେ ଗ୍ରହଣ କରିସାରି ଥିବାରୁ ସମସ୍ୟାଟି ଗୌଣ ହୋଇଯିବା ସ୍ୱାଭାବିକ । ହଠାତ୍ ଡିସେମ୍ବର ୮ତାରିଖରେ ସହର ଖବରରେ ଘୋଷିତ ସମ୍ବାଦ ସମସ୍ତଙ୍କୁ ଗୌରବାନ୍ୱିତ ହେବାକୁ ବାଧ କଲା । ରାଜ୍ୟମୁଖ୍ୟଙ୍କ ବାର୍ତ୍ତାଟି ଥିଲା ଏହିପରି ।

ବିଦେଶରୁ ରାଜ୍ୟର ଆଗାମୀ ଏକବର୍ଷ ପାଇଁ ଆବଶ୍ୟକ ଚିନି ଆମଦାନୀ ହୋଇ ପଣ୍ୟାଗାରରେ ପହଞ୍ଚିସାରିଛି । ରାଜ୍ୟରେ ଆଜି ଦିନରେ ଗଚ୍ଛିତ ଥିବା ଚିନି ଏକମାସରୁ ଅଧିକ ସମୟର ଆବଶ୍ୟକତାକୁ ପୂରଣ କରିପାରିବ । ଏଣୁ ରାଜ୍ୟବାସୀ ମିତବ୍ୟୟତାରୁ ଦୂରେଇ ରହିବାକୁ ଅନୁରୋଧ । ସମ୍ବାଦ ପରିବେଷଣ ପରେ ସେହିଦିନ ସଂଧ୍ୟାରେ ଟାଉନ କ୍ଲବରେ ବେଶ୍ ଖୁସି ମନାଇଲେ ସହରବାସୀ ପରସ୍ପରକୁ ଆଲିଙ୍ଗନ କରି ଓ ଧନ୍ୟବାଦ ମାଧ୍ୟମରେ ।

ତେବେ ଜୁନ୍ ୧୦ତାରିଖର ସମ୍ବାଦଟି ଥିଲା ପ୍ରିୟ ନାଗରିକ ଗଣ, ରାଜ୍ୟରେ ଗଚ୍ଛିତ ଥିବା ଚିନି ତିନିମାସ ପାଇଁ ଯଥେଷ୍ଟ। କିନ୍ତୁ ବିଡ଼ମ୍ବନାର କଥା କେତେକ ଅନିବାର୍ଯ୍ୟ କାରଣ ଯୋଗୁଁ ବିଦେଶରୁ ଚିନି ଆମଦାନୀ ହୋଇ ରାଜ୍ୟରେ ପହଞ୍ଚିବାକୁ ଅତି କମରେ ୧୬୦ଦିନ ଲାଗିବ। ଏଣୁ ଚିନିର ବ୍ୟବହାରରେ ମିତବ୍ୟୟିତା ପ୍ରତ୍ୟେକ ନାଗରିକ ଅବଲମ୍ବନ କରିବାକୁ ଅନୁରୋଧ ।

ସମୟ ୩ବାଜି ୪୫ମିନିଟ୍। ଖାଇବା ଛୁଟିରୁ ସଚିବ ଫେରି ଚୌକିରେ ବସୁବସୁ ରୁମ୍ ଭିତରକୁ ପଶି ଆସିଲେ ବ୍ୟକ୍ତିଗତ ସହାୟକ। ହାତରେ ଗୋଟିଏ ଫ୍ୟାକ୍ସରେ ଆସିଥିବା ଚିଠି। ସଚିବ ଚାହିଁଲେ ସହାୟକଙ୍କୁ। କଣ ହେଲା ସାହୁବାବୁ ? ତୁରନ୍ତ ହାତରେ ଧରିଥିବା ଚିଠିଟି ବଢ଼ାଇଦେଲେ। ସବିବ ଚିଠିଟକୁ ପଢ଼ି ହଠାତ୍ ଗମ୍ଭୀର ହୋଇ ଉଠିଲେ । ସଚିବ ମହୋଦୟ ୨/୩ଥର ଚିଠିଟି ପଢ଼ିସାରି ସହାୟକଙ୍କୁ ପ୍ରଶ୍ନ କଲେ, ଆମ ଅଫିସରେ ରାଜ୍ୟର ଡିଲର ଲିଷ୍ଟଟା ଥିଲା। ବୋଧେ ରାଉତ ବାବୁଙ୍କ ପାଖରେ ଥିବ ଟିକେ ନେଇଆସନ୍ତୁ ।

(ଗତଥର ଉକ୍ତ ଲେଖାଟିର ପ୍ରକାଶନରେ ଅସଂପୂର୍ଣ୍ଣତା ଏବଂ ସାମାନ୍ୟ ତ୍ରୁଟି ପାଇଁ ଆମେ ଦୁଃଖିତ-ସଂପାଦକ)

ଉପରବେଳା୪ଟା୧୫ ସୁଦ୍ଧା ଡିଲର ତାଲିକା ପହଞ୍ଚିଲା ସଚିବଙ୍କ ଟେବୁଲରେ। ଏହା ଭିତରେ ସଚିବ ମୋବାଇଲରେ ପ୍ରାୟ ୫ଟି କଲ କରିସାରିଲେଣି। ନୋଟ ପ୍ୟାଡ଼ରେ କଣ ସବୁ ଲେଖିଛନ୍ତି। କଲିଂବେଲ ମାରି ଡକାଇଲେ ସହାୟକ ଓ ଡିଲରଙ୍କ ଫାଇଲ ଦାୟିତ୍ୱରେ ଥିବା ଦାସବାବୁଙ୍କ ଭଣଜାର ହୋଟେଲ ପାଇଁ, ପୁତୁରା (ଶଳାଙ୍କ ପୁଅ) ଦାୟିତ୍ୱ ନେଇଥିବା ଜେଲ ଏବଂ ଡାକ୍ତରଖାନା ପାଇଁ ଏବଂ ନିଜ ଘରେ ବ୍ୟବହାର ପାଇଁ ଆଗାମୀ ୩ମାସ ନିମନ୍ତେ ଆବଶ୍ୟକ ପରିମାଣ ନିଜର କରି ତୁରନ୍ତ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଲେ ମହାମାନ୍ୟ ଯୋଗାଣ ସଚିବ ।

ଅଫିସର କାମ କରୁଥିବା ସମସ୍ତ କର୍ମଚାରୀ, ବିଭାଗୀୟ ମନ୍ତ୍ରୀ ଓ ଦୁଇଜଣ ରାଜନେତାଙ୍କ ପାଇଁ ମଧ୍ୟ ବ୍ୟବସ୍ଥା ହୋଇ ସାରିଲା ବେଳକୁ ସଂଧ୍ୟା ୬ଟା। ସଚିବଙ୍କ ନିର୍ଦ୍ଦେଶ ୨୪ଘଣ୍ଟାରେ କାର୍ଯ୍ୟକାରି କରିବାକୁ ସମସ୍ତେ ତତ୍ପର , ପୁରୁଷ ପଣିଆର ଜୟ ଜୟକାରରେ ସମସ୍ତେ ଖୁସି ।

ଠିକ୍୫ ଦିନ ପରେ ରାଜ୍ୟର ସମସ୍ତ ଖବର କାଗଜ ଓ ଟି.ଭି.ରେ ମୁଖ୍ୟ ସମ୍ବାଦ ହେଲା "ରାଜ୍ୟରେ ଅମୂଲ ସ୍ପ୍ରେ ର ଘୋର ଅଭାବ। ୧ମାସର ଷ୍ଟକ ୨ଦିନରେ ଶେଷ ଗୋଦାମ୍ ଖାଲି। ରାଜ୍ୟବାସୀ ଅଭାବକୁ ମୁକାବିଲା ପାଇଁ ଚଢ଼ା ଦରରେ କଳା ବଜାରରେ କିଣିବାକୁ ବାଧ। ଅବଶ୍ୟ ସେଥିପାଇଁ ପ୍ରତିକ୍ରିୟା ଶୂନ। ସରାକରଙ୍କଠାରୁ ଗଣ ମାଧ୍ୟମ ସଂଗ୍ରହ କରିଥିବା ଅଭାବିର କାରଣକୁ ନେଇ ରାଜ୍ୟରେ ବୁଦ୍ଧିଜୀବୀ ନୀରବ ।

ତେବେ ସେଦିନର ଫାକ୍ସ ବାର୍ତ୍ତାଟି ଏହିପରି-

"ଶ୍ରମିକ ଅଶାନ୍ତି ଯୋଗୁଁ ଅମୂଲ ସ୍ପ୍ରେ ଉତ୍ପାଦନ ପ୍ରଭାବିତ ହୋଇଛି । ଗଚ୍ଛିତ ଥିବା ଅମୂଲ ସ୍ପ୍ରେ ୧ମାସ ପାଇଁ ଯଥେଷ୍ଟ। ତେବେ ଯୋଗାଣ ବିଭାଗ ଜରିଆରେ ଅମୂଲ ସ୍ପ୍ରେ ବିକ୍ରୟକୁ ସାମାନ୍ୟ ନିୟନ୍ତ୍ରଣ ଆବଶ୍ୟକ । ୨ ମାସ ଭିତରେ ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣିବାକୁ କମ୍ପାନୀ କର୍ତ୍ତୃପକ୍ଷ ପ୍ରତିଶ୍ରୁତିବଦ୍ଧ ।

**ଆମଘର, ଖୋରଧା**

**୯୪୩୭୭୧୪୯୦୦**

(ଏବେ, କେବେ, କୋଉଠି- ୫୩)



# ଧନ୍ୟବାଦ ପ୍ରସଙ୍ଗରେ......

ସତ୍ୟନାରାୟଣ ସାମନ୍ତରାୟ (ସତ୍ୟକଜ୍ଞ)

କୌଣସି ଏକ ସଭାରେ ନିମନ୍ତ୍ରିତ ଅତିଥିମାନଙ୍କୁ ଧନ୍ୟବାଦ ଦେବାର ଦାୟିତ୍ୱ ମୋ ଉପରେ ନ୍ୟସ୍ତ ଥିଲା। ହଠାତ୍ କାହିଁକି କେଜାଣି ମନକୁ ମୋର ଦୋହଲେଇଦେଲା ଭଳି ଗୋଟେ ଭାବନା ଆସିଲା। ମନଟା ମୋର ଏମିତି ଭାବରେ ଦୋହଲିଗଲା ଯେ, "ଅତିଥିମାନଙ୍କୁ ଧନ୍ୟବାଦ ଦେବାର ଯୋଗ୍ୟତା ମୋର ନାହିଁ; ସୁତରାଂ, ମୁଁ ଧନ୍ୟବାଦ ଦେଇପାରିବି ନାହିଁ" ବୋଲି ସେହି ମୁହୂର୍ତ୍ତରେ କର୍ମକର୍ତ୍ତାମାନଙ୍କୁ ଜଣେଇଦେଲି।

ହଠାତ୍ ଦିନେ ମନିଅର୍ଡ଼ରଟିଏ ପାଇଲି। ପାଞ୍ଚଶହ ଟଙ୍କାର ମନିଅର୍ଡ଼ର। ତଳେ କୁପନରେ ଯାହାକିଛି ଲେଖାଥିଲା, ଆଉ ଲେଖା ଥିଲା, "ଆପଣଙ୍କ ସାହାଯ୍ୟପାଇଁ ଧନ୍ୟବାଦ"। ମନେପଡ଼ିଲା କଥାଟିଏ। ବିଜୟନଗରମ୍ ପ୍ଲାଟ୍‌ଫର୍ମରେ ଭୁବନେଶ୍ୱର ପାଇଁ ଟ୍ରେନ୍ ଅପେକ୍ଷାରେ ଥିବାବେଳେ ଜଣେ ୨୩/୨୪ବର୍ଷର ଯୁବକ ବ୍ୟସ୍ତବିବ୍ରତ ହୋଇ ୫୦୦ଟଙ୍କା ସାହାଯ୍ୟ ମାଗିଲେ। ଯୁବକ ଜଣକର ଘର ଅହମଦାବାଦ। ଟ୍ରେନ୍‌ରେ ତାଙ୍କର ମୋବାଇଲ୍ ଫୋନ୍ ସହ ବ୍ୟାଗ୍-ବସ୍ତାନି ସବୁକିଛି ଚୋରି ହୋଇଯାଇଛି। ଘରକୁ ଫେରିବା ପାଇଁ ପାଞ୍ଚଶହ ଟଙ୍କା ଦରକାର। ଯୁବକଟିକୁ, ତା'ର ବେଶଭୂଷାକୁ ଓ ତା'ର କଥାବାର୍ତ୍ତାରୁ, ସିଏ କୌଣସି ପ୍ରକାରେ ଠକ ହୋଇନଥିବ ଏ ଧାରଣା ମୋର ଆସିଲା। ଅନ୍ୟପକ୍ଷରେ, ବାହାରେ ରହୁଥିବା ଠିକ୍ ଏଇ ବୟସର ମୋ ପୁଅ ଏପରି କିଛି ଅସୁବିଧାରେ ପଡ଼ି ହଇରାଣ ହେଉଥିବାର ଭାବନା ମନକୁ ମୋର ଭାରାକ୍ରାନ୍ତ କରିଦେଲା। ପିଲାଟି ପାଇଁ ମନଟା ମୋର କୁରୁଳି ଉଠିଲା। ତାକୁ ପ୍ରବୋଧନା ଦେଲି। ପ୍ଲାଟ୍‌ଫର୍ମରେ ଥିବା ଏ.ଟି.ଏମ୍. କାଉଣ୍ଟରରୁ ଟଙ୍କା ଉଠାଇ ପିଲାଟିକୁ ଦେଲି। କହିଲି, "ଏହା ମୋର କଷ୍ଟ ଉପାର୍ଜିତ ଧନ। ମିଛ କହୁଥିଲେ, ଏ ଧନ ପକେଟ୍‌ରୁ ଉଭାନ୍ ହୋଇଯିବ" ବୋଲି ପରିହାସ ଛଳରେ ଲଘୁମନ୍ତବ୍ୟ ଦେଉଥିବାବେଳେ, ପିଲାଟି ମୋର ପାଦ ଛୁଇଁ ପ୍ରଣାମ କରୁ କରୁ କହିଲା, "ଆପଣଙ୍କୁ ଧନ୍ୟବାଦ। ଆପଣଙ୍କ ଠିକଣାଟା ଦିଅନ୍ତୁ। ମୁଁ ପହଞ୍ଚୁ ପହଞ୍ଚୁ ଟଙ୍କାଟା ମନିଅର୍ଡ଼ର କରିଦେବି।" ପିଲାଟିକୁ ଠିକଣା ଲେଖି ଦେଲି। ଯା' ପରେ ମୁଁ ସେ ଘଟଣା ଭୁଲିଗଲି। ତିନି କି ଚାରି ମାସ ପରେ ଏ ମନିଅର୍ଡ଼ରଟା ପାଇଲି, ଯୋଉଥିରେ ଏକସଙ୍ଗେ ମୋ ଟଙ୍କା ତ ଫେରସ୍ତ ଥିଲା, ତା' ସହ ଆଉ ଏକ ଧନ୍ୟବାଦ ବି।

ମଟର ସାଇକେଲରେ ଯାଉଥିବାବେଳେ କେହି କେହି ଅଟକାନ୍ତି ଓ କିଛି ବାଟ ପଛରେ ବସି ଯାଆନ୍ତି। ଓହ୍ଲେଇଲାବେଳେ ସାମାନ୍ୟ ହସି ଦେଇ କହନ୍ତି, 'ଧନ୍ୟବାଦ'। କ୍ଷୁଧାର୍ତ୍ତକୁ ପେଟପୂରାଇ ଖାଇବାକୁ ଦେଲେ, ସିଏ କହେ ଧନ୍ୟବାଦ। ତୃଷାର୍ତ୍ତକୁ ମଧୁରଜଳ ପରିବେଷଣର ପରବର୍ତ୍ତୀ ଭାଷା ତା' ପାଟିରୁ ବାହାରିପଡ଼େ, 'ଧନ୍ୟବାଦ'। ମାନସିକ ପୂରଣ ହେଲେ ଦେବତାଙ୍କୁ ଧନ୍ୟବାଦ ଦିଆଯାଏ। ଅସୁବିଧା ସମୟରେ ଟଙ୍କାପଇସା ସାହାଯ୍ୟ କରିଥିବା ବ୍ୟକ୍ତିଙ୍କୁ ଧନ୍ୟବାଦ ଦିଆଯାଏ। ଛାତ୍ର ଗୁରୁଙ୍କୁ ଧନ୍ୟବାଦ ଦିଏ। ପ୍ରେମିକାର ପ୍ରେମ ପାଇଲେ ପ୍ରେମିକ କହେ ଧନ୍ୟବାଦ। ପ୍ରେମିକଠାରୁ ଉପହାର ପାଇଲେ, ପ୍ରେମିକା କହେ ଧନ୍ୟବାଦ। ସୁତରାଂ, କିଛି ଉପକାର ପାଇଲେ ବା ଉପକୃତ ହେଲେ, ପାଟିରୁ ଆପେ ଆପେ ଧନ୍ୟବାଦ ବାହାରେ। ଅତଏବ, ଧନ୍ୟବାଦ ଏକ ଶସ୍ତା ପ୍ରତିଦାନ, ଯାହା ଯେ କେହି ଯେ କୌଣସି ପରିସ୍ଥିତିରେ ପ୍ରୟୋଗ କରିପାରେ।

ତେବେ ଅତିଥିମାନଙ୍କୁ ଏଭଳି ଶସ୍ତା ଧନ୍ୟବାଦ ଦିଆଯିବା ଉଚିତ୍ କି? ଏ ପ୍ରଶ୍ନ ଥରେ କାହିଁକି ମୁଁ ଶହେ ଥର ପଚାରିବାକୁ ଚାହେଁ। ବାରବାର ପଚାରିବାକୁ ଚାହେଁ। କିଏ ଦେବ ସେ ଉତ୍ତର? ଅତିଥିମାନଙ୍କୁ ଏ ଶସ୍ତା ପ୍ରତିଦାନର ପ୍ରହସନ କାହିଁକି? କାରଣ, ଏମାନେ 'ସମୟ' ଦିଅନ୍ତି। ସମୟ କାହାରିକୁ ଫେରେଇ ହୁଏନାହିଁ। ଯୋଉ ଦାନ ଫେରେଇ ହୁଏନାହିଁ, ତା'ର ପ୍ରତିଦାନ କାହିଁ? ବ୍ୟକ୍ତିଗତ ସମୟ ମଧ୍ୟରୁ ବ୍ୟକ୍ତିଟି ଯେଉଁ ସମୟ ବାହାରକରେ ତାହା ଦୁଇ ପ୍ରକାରେ ହୋଇଥାଏ। ପ୍ରଥମପ୍ରକାରଟି ହେଲା, ନିର୍ଦ୍ଧାରିତ କାର୍ଯ୍ୟସାରଣୀ ଭିତରୁ ସମୟ ବାହାର କରି ଜଣେ ଅନ୍ୟ ପାଇଁ ବିନିଯୋଗ କରିବା। ଅନ୍ୟପ୍ରକାରଟି ହେଲା, ନିର୍ଦ୍ଧାରିତ କାର୍ଯ୍ୟସାରଣୀକୁ ଭ୍ରୁକ୍ଷେପ ନକରି ଅନ୍ୟପାଇଁ ସମୟ ଦେବା। ପ୍ରଥମ ଓ ଦ୍ୱିତୀୟ ଉଭୟ ଭିନ୍ନ ଅର୍ଥ ପ୍ରକାଶ କରୁଥିଲେ ମଧ୍ୟ, ଉଭୟର ଅନ୍ତଃସ୍ୱର ହେଉଛି ସମୟଦାନ କରିବା।ଏହି ସମୟ ହେଉଛି ଏକ କାଳଖଣ୍ଡ। ମଣିଷର ବ୍ୟକ୍ତିଗତ ସାମଗ୍ରିକ ଆୟୁଷର ଏକ ସୂକ୍ଷ୍ମ କାଳାଂଶ। ଯିଏ ଯାହା ପାଇଁ ଯେଉଁ ପରିସ୍ଥିତିରେ ସମୟ ଦିଏ, ସିଏ ତା'ର ବ୍ୟକ୍ତିଗତ ଆୟୁଷର କାଳାଂଶକୁ ବିନିଯୋଗ କରେ। ସମୟ ହେଉଛି ବ୍ୟକ୍ତିର ଜୀବନ। ସମୟ ଦେବା ଅର୍ଥ ନିଜ ଜୀବନର କିଛିଅଂଶ ଦାନ ଦେବା। ଜଣେ ସର୍ବସ୍ୱ ଦେବା ଓ ଅନ୍ୟଜଣେ ସମୟ ଦେବା ଭିତରେ ଥିବା ଅନ୍ତର୍ନିହିତ ଭାବନାକୁ ଆମେ ସାମନାକୁ ଆଣି ବିଚାର କରିନଥିଲେ ମଧ୍ୟ ସମୟଦାନ ନିଶ୍ଚୟ ମହତଦାନ।

ଅତଏବ, ଯିଏ ଜଣକ ପାଇଁ ସମୟ ଦାନ ଦେଲା, ତାକୁ ଶସ୍ତା ଧନ୍ୟବାଦ ଦେଇ ସ୍ୱସ୍ତିର ନିଃଶ୍ୱାସ ମାରି ପ୍ରକୃତ କର୍ତ୍ତବ୍ୟଠାରୁ ଆମେ ଦୂରେଇ ଯାଉଥିବାଭଳି ଆମକୁ ଲାଗେ। ତେବେ, ସେଦିନ ନୀଳାମ୍ବର ସବୁ ଶୁଣି କହିଲା, ତୁମେ କହୁନ, ଧନ୍ୟବାଦ ବଦଳରେ କ'ଣ ଦିଆଯିବା ଉଚିତ୍।

ଲମ୍ବା ଭାଷଣ ଦେଇ ସେଇ ଭାଷଣକୁ ନିଜେ ବୁଝି ପାରୁନଥିବା ତଥାକଥିତ ବାଚସ୍ପତିଟି ଭଳି ମୁଁ ନିଜେ ହିଁ ସେଦିନ ନିଜର ସନ୍ଦେହ ଭିତରେ ଘାଣ୍ଟିଚକଟି ହେଲି। ଅନେକ ଭାବିଲି, କ'ଣ ହେବ ଉଚିତ୍ ଶବ୍ଦ, ଯାହା ଧନ୍ୟବାଦଠାରୁ ଅଧିକ ଗୁରୁତ୍ୱ, ଅଧିକ ଘନୀଭୂତ ଏବଂ ଅଧିକ ଓଜନଦାର ହୋଇଥିବ? କ'ଣ ହେବ ସେ ଉଚିତ୍ ଶବ୍ଦ, ଯାହା ଜୀବନକୁ ବାଣ୍ଟିଥିବା ସତ୍ତାଟି ପାଇଁ ଅଧିକ ଗୌରବାବହ ହୋଇଥିବ? ସେ ଶବ୍ଦରେ ନଥିବ ମିଛ ପ୍ରଶଂସା, ଦେଖେଇହେବାଭଳି ଆତ୍ମବଡ଼ିମା କିମ୍ବା ଅହଂକାରର ଅର୍ଥାନ୍ତରନ୍ୟାସ।

ପାଠକେ! ଆପଣମାନେ ଜାଣନ୍ତି କି, ସେ ଶବ୍ଦଟି କ'ଣ ହୋଇପାରେ? ଜାଣିଥିଲେ ଦୟାକରି ବତେଇଦେବେ। ଜାଣିପାରିଲେ ଆରଥରକୁ ହୁଏତ ତାକୁ ନେଇ ଆଉ କିଛି ଲେଖିପାରନ୍ତି।

**ବେଗୁନିଆ, ଖୋରଧା**
**ମୋ- ୯୪୩୮୭୩୪୮୧୬।**

# ଫୁଲର ଫଗୁଣ

ଯମେଶ୍ୱର କହଲସିଂହ



ଶୀତର ପରଦା ହଟିଲା
ବସନ୍ତକୁ ବାଟ ଫିଟିଲା
ଫୁଲ ସବାରୀରେ
ଫଗୁଣ ଆସିଲା
ଚଉଦିଗ ବାସ ଛୁଟିଲା।।
ବଉଳ ବଉଳ ବାସିଲା
କୋଇଲିର କୁହୁ ଶୁଭିଲା
ପତର କଅଁଳି
ଥୁଣ୍ଟାଗଛ ସବୁ
ମୁରୁକି ମୁରୁକି ହସିଲା।।
ମଳୟ ପବନ ବହିଲା
କେତେ କଥା କାନେ କହିଲା
ସବୁଜ ସୁନ୍ଦର
ଡ଼ାଳଭର୍ତ୍ତି ଫୁଲ
ଧୋବ ଫରଫର ଦିଶିଲା।।
ପ୍ରଜାପତି ମନ ରଂଗିଲା
ଏ ଫୁଲେ ସେ ଫୁଲେ ବସିଲା
ହୋଲି ଖେଳିବାକୁ
କଅଁଳ କଳିକୁ
ଗୁଣୁଗୁଣୁ ସ୍ୱରରେ ଡ଼ାକିଲା।।

**ଲୋକିପୁର, ଗଡ଼ମାଣତୀର,**
**ଖୋରଧା- ୭୫୨୦୬୨**

# ବାର୍ଦ୍ଧକ୍ୟ ଖୁସିର ଦିନ: ଧାରଣା ଭୁଲ କି ?



ଡକ୍ଟର ମୁରାରି ମୋହନ ଦାଶ

ଭାରତୀୟ ସଂସ୍କୃତି ବାର୍ଦ୍ଧକ୍ୟକୁ ଉତ୍ସାହିତ କରିବା ସମ୍ପର୍କରେ ବହୁତ ଦୁର୍ବଳ କି ?କେତେକ ଦୁଃଖଦ ଘଟଣା ବୃଦ୍ଧ/ବୃଦ୍ଧାଙ୍କ ଭବିଷ୍ୟତକୁ ଚିନ୍ତାଭିଭୂତ କରେ। ଜଣେ ଚିନ୍ତା କରିବାକୁ ବାଧ୍ୟ ହୁଏ, ଆମ ସଂସ୍କୃତିକୁ ନେଇ ଆମେ ଏତେ ଗର୍ବ କରୁଥିଲେ ମଧ୍ୟ,ଏଠାରେ ବୃଦ୍ଧ/ବୃଦ୍ଧାମାନେ ଅସହାୟ ଅବସ୍ଥାରେ ମୃତ୍ୟୁ ବରଣ କରନ୍ତି କାହିଁକି? ଯଦିବା ବଞ୍ଚିରହନ୍ତି ତେବେ ଗୁରୁତ୍ୱହୀନ ବା ଅନାଦରରେ ବଞ୍ଚିବାକୁ ହୁଏ।

ସହରର ବିଭିନ୍ନ ପାର୍କରେ,ଖୋଲା ସ୍ଥାନରେ ଓ ସମୁଦ୍ର କୂଳରେ ବରିଷ୍ଠ ନାଗରିକମାନେ ମର୍ଣ୍ଣିଙ୍ଗ୍ ୱାକ୍ କରନ୍ତି। ଚାଲିଲାବେଳେ କେହି କେହି ବଙ୍କୁଲିବାଡ଼ି ଧରିଥାନ୍ତି,ନିଜ ନିଜର ଅଭିଜ୍ଞତା ବଖାଣୁଥାନ୍ତି ଓ କେତେକ ବ୍ୟକ୍ତି କ୍ଷୁଦ୍ର ଉପାଖ୍ୟାନ ବର୍ଣ୍ଣନା କରନ୍ତି। ବେଳେବେଳେ ଦେଖାଯାଏ ଅନେକ ବୟସ୍କ ଦମ୍ପତି ଉଭୟ ଉଭୟଙ୍କ ଉପରେ ସନ୍ତୁଷ୍ଟ ଥାଇ,ଚାଲିଚାଲି ଯାଉଥାନ୍ତି। ଜଣାଯାଏ ସତେ ଯେପରି ତାଙ୍କର ଚାଲି, ତାଙ୍କ ପ୍ରେମ-ଜୀବନର ଅବିଚ୍ଛିନ୍ନ ଧାରା। ପାର୍କ ସମୁଦ୍ର କୂଳ ଓ ସର୍ବସାଧାରଣ ସ୍ଥାନରେ ବୟସ୍କ ବ୍ୟକ୍ତିଙ୍କ ପାଇଁ ଉତ୍ସବ ପାଳନ କରାଯାଏ।କିନ୍ତୁଜଣେ ଯଦି ଆହୁରି ଗଭୀର ଭାବରେ ଅନୁସନ୍ଧାନ କରେ ତେବେ ସେ ଜାଣିବାକୁ ପାଇବ ଯେ ଏଥିରେ ବାସ୍ତବତା ବହୁତ କମ୍ ଥାଏ। ହେଲ୍ପ ଏଜ୍ ଇଣ୍ଡିଆର ୨୦୧୪ ବିବରଣୀ ଅନୁଯାୟୀ ବରିଷ୍ଠ ନାଗରିକମାନଙ୍କୁ ଅନେକ କ୍ଷେତ୍ରରେ ଦୁର୍ବ୍ୟବହାରର ଶିକାର ହେବାକୁ ପଡ଼େ। ବିଭିର୍ନ୍ନ ସହରର ସାମ୍ପୁଲ୍ ସର୍ଭେ କରାଯାଇ ୧୨୦୦ ଲୋକଙ୍କୁ ସେମାନଙ୍କର ଅବସ୍ଥା ସମ୍ପର୍କରେ ପଚରାଯାଇଥିଲା। ସେଥିମଧ୍ୟରୁ ୫୦ ଭାଗଲୋକ ଭୟରେ ପରିବାର ସହିତ ବସବାସ କରୁଛନ୍ତି ଓ ସେମାନଙ୍କ ଉପରେ ବିଭିନ୍ନ ପ୍ରକାରର ଅତ୍ୟାଚାର କରାଯାଉଛି ବୋଲି କହିଥିଲେ। ସେଥିମଧ୍ୟରୁ ୪୧ ପ୍ରତିଶତ ଲୋକ ସେମାନଙ୍କର ଅତ୍ୟାଚାର ବିଷୟ କାହାରିକୁ ଜଣାନ୍ତି ନାହିଁ। ଡର ଓ ଅସହାୟତା ଯୋଗୁଁ ସେମାନେ କାହାରି ଆଗରେ ଗୁହାରି ମଧ୍ୟ କରନ୍ତି ନାହିଁ, ନୀରବରେ କାଳାତିପାତ କରନ୍ତି। ଚତୁର୍ଥ ଅବସ୍ଥାରେ ଥିବା ବରିଷ୍ଠନାଗରିକମାନେ ଭାବିଥାନ୍ତୁ- ଜୀବନସାରା ତ ଖଟିବାକୁ ପଡ଼ିଲା,ବୁଢ଼ା ଦିନେ ଟିକେ ଖୁସିରେ ରହିବି। କିନ୍ତୁ ହେଲ୍ପଏଜ୍ ଇଣ୍ଡିଆର ବିବରଣୀ ଅନୁସାରେ ଆମ ସମାଜର ବ୍ୟବହାର ସତେ ଯେପରି ସେମାନଙ୍କ ବୟସକୁ ତାଚ୍ଛଲ୍ୟ ବା ଅବମାନନା କରୁଛି।

ପ୍ରଥମ ଶ୍ରେଣୀର ସହର ମଧ୍ୟରେ ବେଙ୍ଗାଲୁରରେ ସବୁଠାରୁ ବେଶି ବରିଷ୍ଠ ନାଗରିକ ତାଡ଼ନାର ଶୀକାର ହୁଅନ୍ତି। ସେଠାରେ ୭୫ ପ୍ରତିଶତ ବୃଦ୍ଧା/ବୃଦ୍ଧଙ୍କୁ ପରିବାର ଲୋକେ ଖରାପ ବ୍ୟବହାର କରିଥାନ୍ତି। ଦ୍ୱିତୀୟ ଶ୍ରେଣୀର ସହର ମଧ୍ୟରେ ନାଗପୁର ସହରର ସ୍ଥାନ ପ୍ରଥମରେ ରହିଛି।

ସେଠାରେ ୮୫ ପ୍ରତିଶତ ବରିଷ୍ଠ ନାଗରିକମାନଙ୍କୁ ଅପମାନଜନକ ଭାଷାରେ ଗାଳିଦେବା ସହିତ ଖରାପ ବ୍ୟବହାର କରାଯାଏ।ଖରାପ ବ୍ୟବହାର ମଧ୍ୟରେ ୪୧ ପ୍ରତିଶତବରିଷ୍ଠନାଗରିକଙ୍କୁ ଗାଳି ଦିଆଯାଏ,୩୩ପ୍ରତିଶତଙ୍କୁ ଅସମ୍ମାନ କରାଯାଏ ଓ ୨୯ %ଙ୍କୁ ଅଣଦେଖା ବା ହତାଦର କରାଯାଏ। ବରିଷ୍ଠ ନାଗରିକମାନଙ୍କୁ ହତାଦର କରିବାର ମୁଖ୍ୟ କାରଣ ହେଲା-ଅର୍ଥନୀତିକ ନିର୍ଭରଶୀଳତା, ଆବେଗଜନିତ ନିର୍ଭରତା ଓ ସମାଜର ମନୋବୃତ୍ତିରେ ପରିବର୍ତ୍ତନ।

କେତେକ ବରିଷ୍ଠ ନାଗରିକମାନଙ୍କ ପାଇଁ ବୃଦ୍ଧାବସ୍ଥା ହେଉଛି ଅସହାୟତା,ହୃଦୟହୀନତା ଓ ଉଦାସୀନତାର କ୍ଷେତ୍ର। ଶାରୀରିକ ହିଂସା ବ୍ୟତୀତ ବରିଷ୍ଠ ନାଗରିକମାନେ ନିରାଶାରେ ଦିନ କଟାନ୍ତି। ସେମାନେ ଭାବନ୍ତି ଯେ ବୃଦ୍ଧାବସ୍ଥା ଏକ ପଣ୍ୟଦ୍ରବ୍ୟ। କାରଣ ଯୁବକ ସନ୍ତାନମାନଙ୍କ ପାଇଁ ସେମାନଙ୍କର ପେନସନ୍,ସମ୍ପତ୍ତି ଆୟର ଏକ ଉତ୍ସ ହୋଇଥାଏ। ବୃଦ୍ଧମାନେ ସନ୍ତାନଙ୍କପାଇଁ ସୁନାର ଅଣ୍ଡା ଦେଉଥିବା କୁକୁଡ଼ା ସଦୃଶ। ବୃଦ୍ଧମାନେ ଅକର୍ମଣ୍ୟ ହୋଇଗଲେ କେତେବେଳେ ମରିବେ ତାକୁ ସନ୍ତାନମାନେ ଅପେକ୍ଷାକରି ରହିଥାନ୍ତି। ସେମାନେ ଭାବନ୍ତି ଯେ ବୃଦ୍ଧମାନେ 'ଅଦରକାରୀ ଓ ଖାଦ୍ୟ ଧ୍ୱଂସକାରୀ'ଅଟନ୍ତି। ସେଥିପାଇଁ ସେମାନଙ୍କୁ ଖାଦ୍ୟ ଓ ଔଷଧ ଦେବାରେ ଅବହେଳା କରନ୍ତି। ବରିଷ୍ଠ ନାଗରିକମାନେ ନୀରବରେ ସବୁ ସହି ଅଚଳ ମହାମେରୁପରି, ପରିବାରର ଗୌଣ ସଦସ୍ୟଭାବରେ, ଭାଗ୍ୟକୁ ଆଦରି ପଡ଼ିରହିଥାନ୍ତି। ସେମାନେ ଯେତେବେଳେ ନିର୍ଯାତନା ବିଷୟରେ ଅଭିଯୋଗ କରନ୍ତି ସେତେବେଳେ ସେମାନଙ୍କୁ ଘରର ଚାକରପରି ବ୍ୟବହାର କରାଯାଏ, ଖାଦ୍ୟ, ବସ୍ତ୍ର,ଔଷଧ ସବୁଥିରୁ ବଞ୍ଚିତ କରାଯାଏ। ପ୍ରକୃତରେ ଆଶ୍ଚର୍ଯ୍ୟଲାଗେ ଏକଥା ଶୁଣିବା ପାଇଁ,ଯେତେବେଳେ ଆମେ କହୁ 'ଆମ ଭାରତୀୟ ସଂସ୍କୃତି ବହୁତ ଉନ୍ନତ' ଏହା ଏକ ଫାଙ୍କା ଆବାଜ୍ ନୁହେଁ କି ?

ସାଧାରଣତଃ ବରିଷ୍ଠ ନାଗରିକମାନେ ଆଶା ବାନ୍ଧିଥାନ୍ତି ଯେ ପିଲାମାନେ ବୃଦ୍ଧାବସ୍ଥାରେ ସେମାନଙ୍କର ରକ୍ଷଣାବେକ୍ଷଣ ସହିତ ସେବା କରିବେ। କିନ୍ତୁ ପିଲାମାନେ ସେମାନଙ୍କୁ ଅଦରକାରୀ ଭାବରେ ଗଣନା କରନ୍ତି। ଏହା ସେମାନଙ୍କ ପାଇଁ ବଡ଼ ଦୁଃଖର କାରଣ ହୋଇଥାଏ। ପିଲାମାନଙ୍କର ବ୍ୟବହାର ବେଳେବେଳେ ନିୟମ ଉଲ୍ଲଙ୍ଘନ କରି ହିଂସ୍ର ରୂପ ଧାରଣ କରେ। ବୃଦ୍ଧଙ୍କ ପାଇଁ ରାଜନୈତିକ ବ୍ୟକ୍ତି, ପୁଲିସ ଓ ସାଇପଡ଼ିଶା କେହି ସାହାଯ୍ୟ କରିବାକୁ ଆଗେଇ ଆସି ନଥାନ୍ତି। ତେଣୁ ସେମାନେ ଅସହାୟତା ମଧ୍ୟରେ ବଞ୍ଚି ରହନ୍ତି। ବୃଦ୍ଧାବସ୍ଥା ବର୍ତ୍ତମାନ ହେଉଛି ଏକ ଦ୍ୱାର ବିହୀନ ଲୁହା ପଞ୍ଜୁରୀ।


ବୃଦ୍ଧା/ବୃଦ୍ଧାଙ୍କୁ ଖରାପ ବ୍ୟବହାର କରିବାରେ କେତେକ ବୋହୂ ମୁଖ୍ୟ ଭୂମିକା ନିର୍ବାହ କରନ୍ତି। ପୁଅ ମଧ୍ୟ ବୋହୂ କଥାରୁ ବାହାରି ଯାଏନି। ପୁଅ,ବୋହୂର ପକ୍ଷ ନେଉଥିବାରୁ ତାକୁ ମଧ୍ୟ ମାଆର ବିରୁଦ୍ଧରେ ଯିବାକୁ ହୁଏ। ପୁଅ ବୋହୂ ପ୍ରକାରାନ୍ତରେ ଚାହାନ୍ତି ଯେ ବାପା/ମା ସବୁ ସମ୍ପତ୍ତି ସେମାନଙ୍କୁ ଦେଇ ଘରୁ ଚାଲି ଯାଆନ୍ତୁ। ନାତି ନାତୁଣୀଙ୍କୁ ମଣିଷ କରିବାରେ କେତେ ଜରୁରି।

ବର୍ତ୍ତମାନ ସ୍ପଷ୍ଟ ପ୍ରତୀୟମାନ ହେଉଛି ଯେ ଆମ ସଂସ୍କୃତି ଆମ ବରିଷ୍ଠ ନାଗରିକମାନଙ୍କୁ ଦୁଃଖ ଦୁର୍ଦ୍ଦଶାରୁ ମୁକ୍ତି ଦେଇ ପାରିବ ନାହିଁ। ବରିଷ୍ଠନାଗରିକମାନଙ୍କର ଭବିଷ୍ୟତ ଦିନକୁ ଦିନ ଅଧିକରୁ ଅଧିକ ବିଷାଦମୟ ହେବ। ଆମ ସଂସ୍କୃତି ପାଇଁ ଆମେ ଯେଉଁ ଗର୍ବ କରୁଥିଲେ ତାହା ପାଣି ଫୋଟକା ପରି ଲୀନ ହୋଇଯିବ। ବରିଷ୍ଠ ନାଗରିକମାନେ ହତାଶରେ ପ୍ରାଣ ହରାଇବେ। ସମାଜରେ ପିତାମାତାଙ୍କ ପ୍ରତି ଅସମ୍ମାନ ପ୍ରଦର୍ଶନ ପ୍ରବୃତ୍ତିକଣ ବଦଳିବ ନାହିଁ ? ହେ ପ୍ରଭୁ ! ଆମ ଯୁବଗୋଷ୍ଠୀଙ୍କୁ ଟିକିଏ ସଦ୍‌ବୁଦ୍ଧି ଦିଅ।


ଜି/ଏଲ-୧ ,ଭି,ଏସ୍,ଏସ୍.ନଗର
ଭୁବନେଶ୍ୱର-୭୫୧୦୦୭
ମୋ-୯୪୩୭୧୧୦୭୧୫


# କର୍ମ ଘେନି ଫଳ

ଲେଖିକା: ସୁଲେଖା ସାମନ୍ତରାୟ



**ପ୍ରକାଶକ:** ମୃଣ୍ମୟ ପ୍ରକାଶନୀ
ପ୍ଲଟ ନଂ: ଏନ୍-୧/୨୩,
ଆଇ.ଆର୍.ସି. ଭିଲେଜ,
ଭୁବନେଶ୍ୱର-୭୫୧୦୧୫
ଫୋନ୍ ନଂ: ୦୬୭୪-୨୫୫୦୫୮୨
ମୋବାଇଲ ନଂ: ୯୯୩୭୫୬୨୭୫୬
ମୂଲ୍ୟ: ୫୦ ଟଙ୍କା
ପୃଷ୍ଠା: ୪୮

ଉଭୟ ଗଦ୍ୟ ଓ ପଦ୍ୟ ଶୈଳୀରେ ଲିଖିତ ଶିଶୁ ଉପନ୍ୟାସିକା 'କର୍ମ ଘେନି ଫଳ'ରେ ଏକ କାଳ୍ପନିକ ଧଳା କାଉର ସ୍ୱର୍ଗକୁ ଯାତ୍ରା ଏବଂ ତା' ପରବର୍ତ୍ତୀ ଘଟଣା ପ୍ରବାହର ବର୍ଣ୍ଣନାକୁ ସୁନ୍ଦର ଓ ସାବଲୀଳ ଭାବରେ ଉପସ୍ଥାପନା କରାଯାଇଛି। 'ପଞ୍ଚତନ୍ତ୍ର'ର ଗଳ୍ପଗୁଡ଼ିକ ପରି ଏହି ପୁସ୍ତକରେ ପ୍ରାୟ ସମସ୍ତ ଚରିତ୍ର ପଶୁ ଓ ପକ୍ଷୀ। ଜଙ୍ଗଲରେ ବାସ କରୁଥିବା ଏହି ପଶୁ, ପକ୍ଷୀ ଓ ସେମାନଙ୍କର ରାଜା ସିଂହର ଚରିତ୍ର ବର୍ଣ୍ଣନା ଭିତରେ ମଣିଷ ସମାଜର ବିଭିନ୍ନ ପ୍ରକାର ଚରିତ୍ରମାନଙ୍କ ପ୍ରତି ପରୋକ୍ଷରେ ଇଙ୍ଗିତ କରାଯାଇଛି।



## ସ୍ୱାସ୍ଥ୍ୟ



# ରକ୍ତ ଜମାଟ

ଡ଼ା: ଧନେଶ୍ୱର ସାହୁ ଏମ.ବି.ବି.ଏସ.ଏମ.ଏସ



**ଏହା କ'ଣ ?**

ରକ୍ତ ସାଧାରଣତଃ ତରଳ ଅବସ୍ଥାରେ ଶରୀରରେ ରକ୍ତନଳୀରେ ପ୍ରବାହିତ ହୁଏ। କୌଣସି କାରଣରୁ ଯଦି ରକ୍ତ ତରଳ ଅବସ୍ଥାରୁ ଜେଲ ଅବସ୍ଥାକୁ ପରିବର୍ତ୍ତିତ ହୋଇ ଜମାଟ ତିଆରି କରେ ତାହାକୁ ରକ୍ତ ଜମାଟ କୁହାଯାଏ।

**ରକ୍ତ ଜମାଟ ସମୟ କେତେ ?**

୨-୧୫ମିନିଟ

ଷ୍ଟାଣ୍ଡାର୍ଡ଼ କଣ୍ଡିସନରେ ରକ୍ତ ନମୁନା ଲାବୋରେଟୋରିରେ ଜମାଟ ହେବାପାଇଁ ଯେତିକି ସମୟ ଲାଗେ।

**ଏହାଦ୍ୱାରା କଣ ହୁଏ ?**

- ଯେତେବେଳେ ରକ୍ତନଳୀ ଖଣ୍ଡିଆ ହୋଇ ରକ୍ତ ବାହାରେ ରକ୍ତ ଜମାଟ ହୋଇ ଅଧିକ ରକ୍ତ ବୋହିବାକୁ ବନ୍ଦକରେ ଓ ଜୀବନ ରକ୍ଷାକରେ।
- ଦରକାର ନଥିଲାବେଳେ ବି ରକ୍ତ ଜମାଟ ହୁଏ ଯାହାଦ୍ୱାରା ହାର୍ଟ୍ ଆଟାକ୍, ଷ୍ଟ୍ରୋକ୍ ଓ ଅନ୍ୟାନ୍ୟ ସାଂଘାତିକ ଅସୁବିଧା ମଧ୍ୟ ହୁଏ।

**ରକ୍ତଜମାଟ ପାଇଁ ଦାୟୀ କିଏ ?**

**ନିମ୍ନଲିଖିତ ଜିନିଷଗୁଡ଼ିକ ରକ୍ତ ଜମାଟ ପାଇଁ ଦାୟୀ।**

୧. ରକ୍ତରେ ଥିବା ସେଲସ୍- ପ୍ଲେଟଲେଟସ୍

୨. ରକ୍ତନଳୀକୁ ଲାଇନିଙ୍ଗ୍ କରିଥିବା ସେଲସ୍

୩. ରକ୍ତରେ ଥିବା ପ୍ରୋଟିନଗୁଡ଼ିକ- ରକ୍ତ ଜମାଟ ଫ୍ୟାକ୍ଟରସ୍।

ପ୍ଲେଟ୍‌ଲେଟସ୍ ଓ ରକ୍ତରେ ଥିବା ରକ୍ତ ଜମାଟ ଫ୍ୟାକ୍ଟରସ୍ ମିଶି ରକ୍ତ ନଳୀରେ ରକ୍ତ ଜମାଟ ତିଆରି କରନ୍ତି।

କେତେ ଉପାୟରେ ରକ୍ତ ଜମାଟ ହୁଏ ?

**ଦୁଇଟି ଉପାୟରେ ରକ୍ତ ଜମାଟ ହୁଏ।**

୧. ଇନ୍‌ଟ୍ରିନସିକ୍

୨. ଏକ୍ସଟ୍ରିନସିକ୍

**ରକ୍ତ ଜମାଟ ଫ୍ୟାକ୍ଟରସ୍ କଣ କଣ ?**

୧. ଫ୍ୟାକ୍ଟର ୧- ଫିବ୍ରିନୋଜେନ୍

୨. ଫ୍ୟାକ୍ଟର ୨- ପ୍ରୋଥ୍ରୋମ୍ବିନ୍

୩. ଫ୍ୟାକ୍ଟର ୩- ଟିସୁ ଫ୍ୟାକ୍ଟର କିମ୍ବା ଟିସୁ ଥ୍ରୋମ୍ବୋପ୍ଲାସ୍ଟିନ୍

୪. ଫ୍ୟାକ୍ଟର ୪- କ୍ୟାଲସିୟମ୍

୫. ଫ୍ୟାକ୍ଟର ୫- ପ୍ରୋଆକ୍‌ସେଲେରିନ କିମ୍ବା ଲାବାଇଲ ଫ୍ୟାକ୍ଟର

୬. ଫ୍ୟାକ୍ଟର ୬- ଆକ୍‌ସେଲେରିନ

୭. ଫ୍ୟାକ୍ଟର ୭- ପ୍ରୋକନଭରଟିନ କିମ୍ବା ସେରସ ପ୍ରୋଥ୍ରୋମ୍ବିନ କନଭରସନ ଆକ୍‌ସିଲରେଟର କିମ୍ବା ଷ୍ଟେବଲ ଫ୍ୟାକ୍ଟର

୮. ଫ୍ୟାକ୍ଟର ୮- ଆଣ୍ଟିହିମୋଫିଲିକ ଫ୍ୟାକ୍ଟର

୯. ଫ୍ୟାକ୍ଟର ୯- ଖ୍ରିସ୍ଟମାସ ଫ୍ୟାକ୍ଟର କିମ୍ବା ପ୍ଲାଜମା ଥ୍ରମ୍ବୋପ୍ଲାସ୍ଟିନ କଂପୋନେଣ୍ଟ

୧୦. ଫ୍ୟାକ୍ଟର ୧୦- ଷ୍ଟୁଆରଟ ପାୱାର ଫ୍ୟାକ୍ଟର କିମ୍ବା ଷ୍ଟୁଆରଟ ଫ୍ୟାକ୍ଟର


୧୧. ଫ୍ୟାକ୍ଟର ୧୧- ପ୍ଲାଜମାଥ୍ରମ୍ବୋପ୍ଲାସ୍ଟିନ ଆଣ୍ଟିସିଡ଼େଣ୍ଟ

୧୨. ଫ୍ୟାକ୍ଟର ୧୨- ହେଗ୍‌ମ୍ୟାନ ଫ୍ୟାକ୍ଟର

୧୩. ଫ୍ୟାକ୍ଟର ୧୩- ଫିବ୍ରିନ ଷ୍ଟାବିଲାଇଜିଙ୍ଗ ଫ୍ୟାକ୍ଟର

**ରକ୍ତ ଜମାଟ କେମିତି ହୁଏ ?**

ଚିତ୍ରରେ ପ୍ରଦତ୍ତ କରାଗଲା।




ରକ୍ତ ଜମାଟର କାରଣ ?

- ରକ୍ତନଳୀରେ ଖଣ୍ଡିଆ।
- ଦୀର୍ଘଦିନଧରି ଚଲାବୁଲା ନକରି ପଡ଼ିରହିବା।

○ ଧୁମ୍ରପାନ
○ କେତେକ ଔଷଧ ବ୍ୟବହାର କରିବା ଦ୍ୱାରା।
ଜନ୍ମ ନିରୋଧ ବଟିକା।
ହରମୋନ
ସ୍ତନ କର୍କଟ ଔଷଧ।
○ ହାଡ଼ ଅପରେସନରେ ଯେତେବେଳେ କାସ୍ଟସ୍ ଓ ସ୍ପ୍ଲିଣ୍ଟସ ଦିଆଯାଏ। ଅନ୍ୟାନ୍ୟ ଅପରେସନରେ।
○ ଜନ୍ମଗତ ରକ୍ତ ଜମାଟ ଦୋଷ।
○ ଉଚ୍ଚ ରକ୍ତଚାପ।
○ ରକ୍ତରେ କଲିଷ୍ଟେରଲ ପରିମାଣ ଅଧିକ ଥିଲେ।
○ ମଧୁମେହ ରୋଗ
○ କର୍କଟ ରୋଗ
○ ଅଧିକ ଚର୍ବିଥିବା ଲୋକ
○ ବୟସ୍କ ଲୋକ
○ ଶାରୀରିକ ପରିଶ୍ରମ ଅଭାବ
○ ଆଟ୍ରିଆଲ ଫିବ୍ରିଲେସନ
○ ହାର୍ଟରିଦମ୍ ଡ଼ିସ୍ଟରବାନସ୍
○ ହାର୍ଟଆଟକ୍ ପରେ ଯେତେବେଳେ ହାର୍ଟର କିଛି ମାଂସପେଶୀ ଖଣ୍ଡିଆ ହୋଇ ସଂକୁଚିତ କରିପାରେ ନାହିଁ।
○ ଆଣ୍ଟିଫସ୍‌ଫୋଲିପିଡ଼ି ସିଣ୍ଡ୍ରୋମ
○ ଆରଟେରିଓସ୍କ୍ଲେରୋସିସ/ ଆଥେରୋସ୍କ୍ଲେରୋସିସ
○ ମେକାନିକାଲ ପ୍ରୋଥେଟିକ ହାଟଭାଲଭ
○ ହାର୍ଟ ଫେଲ୍ୟୁର
○ ପେରିଫେରିଆଲ୍ ଆରବିଟାରୀ ରୋଗ
○ ପଲିସାଇଥିମିଆ ଭେରା
○ ଗର୍ଭାବସ୍ଥା

**ସଂକେତ ଓ ଲକ୍ଷଣ:-**

○ ଖଣ୍ଡିଆ ଜାଗାରେ ରକ୍ତ ଜମାଟ ଦେଖାଯିବା।
○ ହାତ ଓ ଗୋଡ଼ ଭେନ୍‌ରେ ରକ୍ତ ଜମାଟ ହେଲେ:-
ବ୍ୟଥାହୁଏ
ଫୁଲା ଦେଖାଯାଏ
ଚର୍ମ ଲାଲ ଦେଖାଯାଏ
ଚର୍ମ ଛୁଇଁଲେ ଗରମ ଲାଗେ
ଚର୍ମ ଚିପିଲେ ଦରଜ ଲାଗେ ଓ ଦବିଯାଏ।
○ ହାତ ଓ ଗୋଡ଼ ଆରଟେରିରେ ରକ୍ତ ଜମାଟ ହେଲେ:-
ବ୍ୟଥାହୁଏ କିମ୍ବା କ୍ରାମ୍ପ ହୁଏ।
ଚର୍ମ ଶେତାଳିଆ ଦେଖାଯାଏ।
ଚର୍ମ ଛୁଇଁଲେ ଥଣ୍ଡାଲାଗେ।
○ କରୋନାରି ଆରଟେରି ଓ ତାର ଶାଖା ଆରଟେରିରେ ରକ୍ତ ଜମାଟ ହେଲେ:-
ହାର୍ଟଆଟାକ ହୁଏ। ଛାତି ଓ ବାମ ହାତରେ ବ୍ୟଥାହୁଏ। ଝାଳ ବାହାରେ। ପ୍ରଶ୍ୱାସ ଶ୍ୱାସ ନେବା ଆଣିବାରେ କଷ୍ଟ ଅନୁଭବ ହୁଏ। ଛାତି ଚିପି ହେଲାପରି ଲାଗେ। ବହୁତଥର ପ୍ରଶ୍ୱାସ ଶ୍ୱାସ ନେବା ଆଣିବା କରିବା। ବାନ୍ତି ଲାଗହିବା। ବାନ୍ତି ହେବା। ଖାଦ୍ୟ ହଜମ ନ ହେବା।
○ ଫୁସଫୁସରେ ରକ୍ତ ଜମାଟ ହେଲେ: -
ପ୍ରଶ୍ୱାସ ଶ୍ୱାସ ନେବା ଆଣିବାରେ କଷ୍ଟ ଅନୁଭବ କରିବା।
ବହୁତ ଥର ପ୍ରଶ୍ୱାସ ଶ୍ୱାସ ନେବା ଆଣିବା କରିବା।
କାଶ ହେବା
ଝାଡ଼ା ବାହାରିବା
ଚର୍ମ ବିବର୍ଣ୍ଣ ଦେଖାଯିବା
ଗୋଡ଼ରେ ଫୁଲା ଦେଖାଯିବା
ବହୁତ ଥର ହୃତ ସ୍ପଂଦନ/ ନାଡ଼ୀର ସ୍ପଂଦନ
ମୁଣ୍ଡ ବୁଲେଇହେବା
○ ବ୍ରେନ ଆରଟେରିରେ ରକ୍ତ ଜମାଟ ହେଲେ: -
○ ଷ୍ଟ୍ରୋକ ହୁଏ - ଦେଖିବାରେ ଅସୁବିଧା ହୁଏ। କଥା କହିବାରେ ଅସୁବିଧା ହୁଏ। ବାତ ମାରେ। ଦୁର୍ବଳ ଲାଗେ। ଶରୀରର ଗୋଟିଏ ପଟ ଦୁର୍ବଳ ହୋଇଯାଏ।
○ ମିଜେଣ୍ଟେରିକ ଆରଟେରିରେ ରକ୍ତ ଜମାଟ ହେଲେ: -
ପେଟ ବ୍ୟଥାହୁଏ।
ବାନ୍ତି ଲାଗେ।
ବାନ୍ତି ହୁଏ।
○ ଝାଡ଼ାରେ ରକ୍ତ ପଡ଼େ।

○ ଅତ୍ୟାବଶ୍ୟକ ସଂକେତ: - ରକ୍ତଚାପ, ନାଡ଼ିସ୍ପନ୍ଦନ, ହୃତ୍‌ସ୍ପନ୍ଦନ, ପ୍ରଶ୍ୱାସ ଶ୍ୱାସ ରେଟ, ଅକ୍ସିଜେନ ସାଚୁରେସନ।

ନିଦାନ: -

○ ସଂକେତ ଓ ଲକ୍ଷଣ ଦେଖି।
○ ଇଲେକକ୍ଟ୍ରୋକାର୍ଡ଼ିଓଗ୍ରାମ (**ECG**)
○ ଭେନସ ଅଲଟ୍ରାସାଉଣ୍ଡ
○ ଡ଼ପଲର ଅଲଟ୍ରାସାଉଣ୍ଡ
○ ଭେନୋଗ୍ରାଫି
○ ଛାତିର ଏକ୍‌ସରେ
○ ରକ୍ତ ପରୀକ୍ଷା:-
ଏନଂଜାଇମ ଟ୍ରୋପୋନିନଟେଷ୍ଟ
ଡ଼ି.ଡ଼ାଇମର ଟେଷ୍ଟ - ଡ଼ି.ଡ଼ାଇମର ରକ୍ତ ଜମାଟର କିଛି

ଖଣ୍ଡ ଅଂଶ। ରକ୍ତରେ ଏହାର ପରିମାଣ ମପାଯାଏ।

- ଆରଟେରିଓଗ୍ରାଫି କିମ୍ବା ଆଂଜିଓଗ୍ରାଫି
- ମୁଣ୍ଡ, ଛାତି, ପେଟ, ପେଲଭିସର ସିଟି ସ୍କାନ
- ଏମଆରଆଇ
- ଭେଣ୍ଟିଲେସନ ପରଫ୍ୟୁଜନ ସ୍କାନ
- ସିଟି ପରଫ୍ୟୁଜନ
- ସିଟି ଆଂଜିଓଗ୍ରାଫି
- କାରୋଟିଡ଼ ଅଲଟ୍ରାସାଉଣ୍ଡ
- ଏକୋକାର୍ଡ଼ିଓଗ୍ରାଫି
- ହାର୍ଟ କ୍ୟାଥେଟରାଇଜେସନ - ଏହା ନିଦାନ ଓ ଚିକିତ୍ସାରେ ସାହାଯ୍ୟ କରେ।

**ଚିକିତ୍ସା:-**

ରକ୍ତ ଜମାଟ କେଉଁ ଜାଗାରେ ଅଛି ତାରି ଉପରେ ଚିକିତ୍ସା ନିର୍ଭର କରେ।

- ବ୍ୟଥା କମାଇବା ପାଇଁ - ଏସିଟାମିନୋଫେନ୍, ଆଇବୁ ପ୍ରୋଫେନ ଆଇଓଡ଼େକ୍ସ ବାମ
- ମାସେଜ କଲେ ରକ୍ତ ସଂଚାଳନ ତ୍ୱରାନ୍ୱିତ ହୁଏ।
- ହାଇଡ୍ରୋଥେରାପି - ଗରମ ଓ ଥଣ୍ଡା ପ୍ୟାକ୍ ଗୋଟିକ ପରେ ଗୋଟିଏ ଲଗାଇଲେ ରକ୍ତ ସଂଚାଳନ ତ୍ୱରାନ୍ୱିତ ହୁଏ।
- ଚାଲିବା ଦ୍ୱାରା ଉପକାର ହୁଏ।
- ପିଆଜ ଓ ରସୁଣ ଖାଇଲେ ଉପକାର ମିଳେ।
- ସ୍କିମଡ଼ କ୍ଷୀର, ସ୍ପାଇନାକ, ସିନାମନ, ବ୍ରୋକୋଲି, କମ ଫ୍ୟାଟ ଥିବା ତେଲ ବ୍ୟବହାର କଲେ ଉପକାର ମିଳେ।
- ଆଣ୍ଟିକୋ ଆଗୁଲାଣ୍ଟସ:-

**(୧) ଥ୍ରମ୍ବିନ ଇନହିବିଟରସ**

- ହିରୁଡ଼ିନ
- ଲେପିରୁଡ଼ିନ୍
- ବାଇଭାଲିରୁଡ଼ିନ
- ଆରଗାଟ୍ରୋବାନ
- ଡ଼ାବିଗାଟ୍ରାନ
- ଜାଇମେଲାଗାଟ୍ରାନ

**(୨) ଫ୍ୟାକ୍ଟର ୧୦ଏ ଇନହିବିଟରସ:-**

- ରିଭାରୋକ୍ସାବାନ
- ଆପିକ୍ସାବାନ
- ଏଡ଼ୋକ୍ସାବାନ
- ବେଟ୍ରିକ୍ସାବାନ
- ଡ଼ାରେକ୍ସାବାନ
- ଲେଟାକ୍ସବାନ
- ଏରିବାକ୍ସାବାନ
- ଫଣ୍ଡାପାରିନକ୍ସ
- ଇଡ୍ରାପାରିନକ୍ସ

**(୩) କୁମାରିନସ:-**

- ୱାରଫାରିନ (କୁମାଡ଼ିନ)
- ଏସିନୋକୁମାରଲ
- ଫେନପ୍ରୋକୁମନ
- ଆଟ୍ରୋମେଣ୍ଟିନ
- ଫେନିଣ୍ଡାଇଅନ

**(୪) ହେପାରିନ:-**

ଲୋ ମେଲିକୁଲାର ୱେଟ ହେପାରିନ -

ଏନୋକ୍ସାପାରିନ

ଡ଼େଲଟିପାରିନ

- ଅନଫ୍ରାକସନେଟେଡ଼ ହେପାରିନ

**(୫) ଆଣ୍ଟିଥ୍ରମ୍ବିନ ପ୍ରୋଟିନ**

**(୬) ଅନ୍ୟାନ୍ୟ - ବାଟ୍ରୋକ୍ସୋବିନ, ହେମେଣ୍ଟିନ, ଭିଟାମିନ ଇ**

- ଇନଫେରିଅର ଭେନାକାଭା (IVC) ଫିଲଟର ପ୍ଲେସମେଣ୍ଟ - ଏହାଦ୍ୱାରା ଇନଫେରିଅର ଭେନାକାଭାରେ ଏକ ଫିଲଟର ରଖାଯାଏ ଯିଏ ରକ୍ତ ଜମାଟର କିଛି ଖଣ୍ଡ ଅଂଶକୁ ହୃତପିଣ୍ଡ ଓ ଫୁସଫୁସ ମଧ୍ୟକୁ ଯିବାକୁ ଦିଏନି।
- କ୍ୟାଥେଟର ଡ଼ାଇରେକ୍ଟେଡ଼ ଥ୍ରମ୍ବୋଲାଇସିସ:- ଆରଟେରିରେ ରକ୍ତ ଜମାଟ ଥିଲେ ଏହି ମେଥଡ଼ରେ "କ୍ଲଟ ବଷ୍ଟିଙ୍ଗ" ଔଷଧ ରକ୍ତ ଜମାଟ ଯାଗାକୁ ଦିଆଯାଏ।
- ଅପରେସନ କରି ରକ୍ତ ଜମାଟ ବାହାର କରାଯାଏ।
- ହୃତପିଣ୍ଡ କ୍ୟାଥେଟରାଇଜେସନ ଓ ଷ୍ଟେଣ୍ଟିଙ୍ଗ।

ଯଦି କୌଣସି ଲୋକର ଗୋଡ଼ କିମ୍ବା ହାତରେ ବ୍ୟଥା ହୁଏ, ଫୁଲେ, ଲାଲପଡ଼େ, ଗରମ କି ଥଣ୍ଡାଲାଗେ, ଛାତିବ୍ୟଥା ହୁଏ, ପ୍ରଶ୍ୱାସ ଶ୍ୱାସ ବହୁତ ଥର ନେବାକୁ ଆଣିବାକୁ ପଡ଼େ, ଛାତି ଧଡ଼ ଧଡ଼ ହୁଏ, କଥା କହିବାକୁ ଅସୁବିଧା ହୁଏ, ଦେଖିବାରେ ଅସୁବିଧା ହୁଏ, ଗୋଟିଏ ପଟ ଦୁର୍ବଳ ଲାଗେ, ଝାଳ ବହେ, ପେଟ ବ୍ୟଥାହୁଏ, ବାନ୍ତିଲାଗେ, ବାନ୍ତିହୁଏ, ତେବେ ତୁରନ୍ତ ଡାକ୍ତରଙ୍କପରାମର୍ଶ କରି ଚିକିତ୍ସା କରନ୍ତୁ। ନଚେତ ଜୀବନ ପ୍ରତି ବିପଦ ଆସିପାରେ।

**ପୂର୍ବତନ ମୁଖ୍ୟଚିକିତ୍ସାଧିକାରୀ**
**ଖୋର୍ଦ୍ଧା**
**ମୋ- ୯୪୩୭୧୦୭୬୧୩**

# ମାତୃଦେବୋ ଭବ



ଡକ୍ଟର ଶରଚ୍ଚନ୍ଦ୍ର ମହାପାତ୍ର



ସ୍ମୃତି ଶାସ୍ତ୍ରର ପ୍ରଣେତା ବୀରହରେକୃଷ୍ଣପୁରର ଗଦାଧର ରାଜଗୁରୁ ଯାହା ଲେଖନ୍ତି ନିଜର ମାଆଙ୍କୁ ପଢ଼ାଇ ଶୁଣାନ୍ତି। ସେଦିନ ତାଙ୍କର ଲେଖା ପଢି ମାଆଙ୍କ ଚକ୍ଷୁ ଅଶ୍ରୁରେ ଭରି ଯାଇଥିଲା। ଏହାର କାରଣ କ'ଣ ? ସେ ଲେଖି ଦେଇଥିଲେ ଯେ କାଞ୍ଜି ମଦ୍ୟଜାତୀୟ। କାରଣ ଏହା ବାସି ତୋରାଣିରୁ ତିଆରି ହୁଏ। ଏଣୁ ସ୍ତ୍ରୀ ଲୋକମାନେ ବିଶେଷତଃ ବିଧବାମାନେ ଏହାକୁ ଭକ୍ଷଣ କରିବା ନିଷେଧ। ମାଆ ଦୁଃଖର ସହିତ ପୁଅକୁ କହିଲେ, 'ହଇରେ ପୁଅ, ଗରିବ ବିଧବା ସ୍ତ୍ରୀମାନେ ପଖାଳ ଓ କାଞ୍ଜିଖାଇ ବଞ୍ଚିଥାଆନ୍ତି। ଏବେ କଅଣ କରିବେ ?' ମାତୃ ହୃଦୟର ବ୍ୟଥା ସେ ସହି ପାରିଲେ ନାହିଁ। ଏହାକୁ ବଦଳାଇ ସେ ଲେଖିଲେ, 'ସଫଳାକାଞ୍ଜିକା ଗ୍ରାହ୍ୟା, ଇତି ମାତୃ ବଚନାତ୍' କାଞ୍ଜିରେ ଯଦି ଫଳ ମିଶିଯାଏ ଯଥା କଖାରୁ, ମୂଳା ପ୍ରଭୃତି ତେବେ ତାହା ଭକ୍ଷଣ କରିବାରେ କିଛି ଦୋଷନାହିଁ। ସେ ଲେଖିଥିଲେ, 'ମାତୃବଚନାତ୍' ଅର୍ଥାତ ଏହା ଯାଜ୍ଞବଲ୍‌କ୍ୟ ବା ପରାଶରଙ୍କ ମତ ଅନୁଯାୟୀ ସେ କହିନାହାନ୍ତି। ଏହା ସେ ଲେଖିଛନ୍ତି ମାଆଙ୍କ କଥା ଅନୁଯାୟୀ । ମାଆର କଥାକୁ ସେ କେତେ ସମ୍ମାନ ଦେଉଥିଲେ ତାହା ଏଥିରୁ ଜଣାପଡ଼େ। ଉତ୍କଳର ଆଉଜଣେ ଯୋଗ୍ୟ ସନ୍ତାନ ଜଗନ୍ନାଥ ଦାସ ମାତୃ ହୃଦୟର ବ୍ୟଥାକୁ ସହି ନପାରି ସଂସ୍କୃତ ଭାଗବତକୁ ଓଡ଼ିଆରେ ଅନୁବାଦ କରିଦେଲେ। ଜଗନ୍ନାଥ ଦାସଙ୍କର ଏ ଅକ୍ଷୟ କୀର୍ତ୍ତି ପଛରେ ଯେ ଜଣେ ଜନନୀର ପ୍ରେରଣା ରହିଅଛି ତାହା କେହି ଅସ୍ୱୀକାର କରିପାରିବେ ନାହିଁ।

ଜଣେ ଆଦର୍ଶ ଜନନୀ ତାର ସନ୍ତାନମାନଙ୍କୁ ସତ୍ୟ ଓ ଧର୍ମ ପଥରେ ଚାଲିବା ପାଇଁ ପ୍ରେରଣା ଦେଇଥାଏ। ସେ ସେମାନଙ୍କୁ ଶକ୍ତି ଓ ସାହସ ଦେଇଥାଏ। ମହାଭାରତ ଯୁଦ୍ଧ ଆସନ୍ନ ପ୍ରାୟ। ପାଣ୍ଡବମାନେ ମାଆଙ୍କର ଆଶୀର୍ବାଦ ନେବାପାଇଁ ଯାଇଛନ୍ତି। କୁନ୍ତୀ କହିଲେ 'ହେ ମୋର ପୁତ୍ରଗଣ, ଜଣେ କ୍ଷତ୍ରିୟ ଜନନୀ ଯେଉଁଥିପାଇଁ ବୀର ସନ୍ତାନମାନଙ୍କୁ ଜନ୍ମ ଦେଇଥାଏ ତାହା ଆସି ଉପସ୍ଥିତ। ସେଇଥିପାଇଁ ପ୍ରସ୍ତୁତ ହୁଅ।' ସେହିଭଳି ଭାଗବତରେ ଧ୍ରୁବଙ୍କ ପ୍ରସଙ୍ଗରେ ଲେଖାଅଛି ଯେ ଯେତେବେଳେ ଧ୍ରୁବ ବିମାତା ସୁରୁଚିଙ୍କ ଦ୍ୱାରା ଅପମାନିତ ଓ ପିତାଙ୍କ ଦ୍ୱାରା ଅବହେଳିତ ହୋଇ କ୍ରୋଧରେ କାନ୍ଦି କାନ୍ଦି ସବୁକଥା ନିଜ ମାଆ ସୁନୀତିଙ୍କ ଆଗରେ କହିଛନ୍ତି, ସୁନୀତି ଦୁଃଖରେ ଭାଙ୍ଗିପଡ଼ିଛନ୍ତି। ଦାବାନଳରେ ଜଳିଯାଇଥିବା କୋମଳ ବନଲତାଭଳି ତାଙ୍କର ହୃଦୟ ବିଦୀର୍ଣ୍ଣ ହୋଇଯାଇଛି। ଦୁଃଖରେ ସେ ବିଳାପ କରିଛନ୍ତି। କିନ୍ତୁ ନିଜର ପୁତ୍ର ହୃଦୟରେ ଅନ୍ୟପ୍ରତି ଘୃଣା ବା କ୍ରୋଧଭାବ ଉଦ୍ରେକ କରିବାକୁ ଚେଷ୍ଟା କରିନାହାନ୍ତି, 'ମା ମଙ୍ଗଳଂ ତାତ ପରେଷୁ' ଅନ୍ୟର ଅମଙ୍ଗଳ ଚିନ୍ତା କରନା। ଯଦି ସେ ସିଂହାସନରେ ବସିବାକୁ ଚାହୁଁଛନ୍ତି ତେବେ ମନରୁ ଦ୍ୱେଷ ଭାବକୁ ଛାଡ଼ିଦିଅନ୍ତୁ। ସାବତ ମାଆଙ୍କ କଥା ପାଳନ କରି ଭଗବାନଙ୍କ ଚରଣ କମଳକୁ ଆରାଧନା କରନ୍ତୁ। ଅର୍ଥାତ୍ ସାଧନା ମାର୍ଗରେ ଗତି କରନ୍ତୁ। ମାଆଙ୍କ ଉପଦେଶ ମାନି ଧ୍ରୁବ କଠୋର ତପସ୍ୟା କରିଥିଲେ। ସେ ସିନା ପିତାଙ୍କ କୋଳରେ ବସିପାରିଲେନି କିନ୍ତୁ ପରମପିତା, ଜଗତପିତାଙ୍କ କୋଳ ମଣ୍ଡନ କଲେ। ଆଧ୍ୟାତ୍ମିକତାର ଶୀର୍ଷସ୍ଥାନରେ ଧ୍ରୁବ ପହଞ୍ଚି ପାରିଥିଲେ ମାଆଙ୍କ ପ୍ରେରଣା ଓ ଆଶୀର୍ବାଦ ଲାଭକରି।

ମାଆର ହୃଦୟରେ ସନ୍ତାନ ପ୍ରତି ଯେଉଁଳି ମମତା ରହିଥାଏ, ମାଆ ପ୍ରତି ସନ୍ତାନର ଆକର୍ଷଣ ମଧ୍ୟ ତଦନୁପାତରେ ରହିଥାଏ। ଏହା ସାଧାରଣ ମଣିଷ କାହିଁକି ସାଧୁ, ସନ୍ଥ, ମହାତ୍ମାମାନେ ମଧ ଅନୁଭବ କରିଥାଆନ୍ତି। ତିନିବର୍ଷ ବୟସରେ ଶଙ୍କର ପିତାଙ୍କୁ ହରାଇଥିଲେ ଏବଂ ମାଆର ମମତା ଘେନି ତାଙ୍କର ଜୀବନ ଗଢି ଉଠିଥିଲା। କିନ୍ତୁ ହୃଦୟରେ ବୈରାଗ୍ୟ ଭାବ ଘନୀଭୂତ ହୋଇଆସିଲା। ସେ ସନ୍ନ୍ୟାସ ଦୀକ୍ଷା ନେବା ପାଇଁ ମାଆଙ୍କଠାରୁ ବିଦାୟ ନେବା ଅବସରରେ ଶୋକାକୁଳା ଜନନୀଙ୍କୁ ଆଶ୍ୱାସନା ଦେଇ କହିଥିଲେ ଯେ ଜୀବନର ଅନ୍ତିମ ମୁହୂର୍ତ୍ତରେ ଯେତେବେଳେ ତାଙ୍କୁ ମନେ ପକାଇବେ, ସେ ତାଙ୍କ ପାଖରେ ଆସି ଉପସ୍ଥିତ ହେବେ। ତାହାହିଁ ଘଟିଛି। ଶଙ୍କର ଆସିଛନ୍ତି ଓ ମାଆଙ୍କୁ ଚାହିଁ ବିଷ୍ଣୁଭୁଜଙ୍ଗମ ସ୍ତୋତ୍ର ଗାନ କରିଛନ୍ତି। ଶବଦାହ ପୂର୍ବରୁ ମାଆଙ୍କ ଶରୀରକୁ ଦେଖି ଅତୀତର ବହୁ ସ୍ମୃତି ତାଙ୍କ ମାନସ ପଟରେ ଜାଗି ଉଠିଛି। ମୁଖରୁ ଝରିପଡିଛି ପାଞ୍ଚଗୋଟି ଶ୍ଲୋକ। ଏହାକୁ କୁହାଯାଏ ମାତୃପଞ୍ଚକମ୍। ଅତୀବ ପ୍ରାଣସ୍ପର୍ଶୀ–

'ଆସ୍ତାଂ ତାବଦୀୟଂ ପ୍ରସୂତି ସମୟେ
ଦୁର୍ବାର ଶୂଳବ୍ୟଥା,
ନୈରୁଚ୍ୟେ ତନୁଶୋଷଣଂ ମଳମୟୀ
ଶଯ୍ୟାଚ ସାମ୍ବତ୍ସରୀ,
ଏକସ୍ୟାପି ନ ଗର୍ଭଭାରଭରଣ
କ୍ଳେଶସ୍ୟ ଯସ୍ୟାକ୍ଷମଃ,
ଦାତୁଂ ନିଷ୍କୃତିମୁନ୍ନତୋପି ତନୟଃ
ତସ୍ୟୈ ଜନନ୍ୟୈ ନମଃ'।

ମାତୃ ଗର୍ଭରେ ସନ୍ତାନ ରହିବାଠାରୁ ତାର ଲାଳନ ପାଳନ ପର୍ଯ୍ୟନ୍ତ ସେ କେତେ କଷ୍ଟ ନୀରବରେ ସହିଥାଏ। ଶରୀରର ପୀଡ଼ା, ଦୁର୍ବଳତା, ଦୀର୍ଘଦିନର ଯନ୍ତ୍ରଣା, ଖାଦ୍ୟପ୍ରତି ଅରୁଚି, ପ୍ରସବ କାଳର ଅସହ୍ୟ ବେଦନା। ପୁନଶ୍ଚ ଶିଶୁର ଶଯ୍ୟାରେ ମଳମୂତ୍ର ତ୍ୟାଗ ଓ ତାହାରି ଭିତରେ ମାଆ ଘାଣ୍ଟି ହେବା। ପୁନଶ୍ଚ ଅନ୍ୟ ପ୍ରସଙ୍ଗରେ ଶଙ୍କର ମାଆର ମହନୀୟତା ଓ ଉଦାର ଭାବକୁ ମନେ ପକାଇ ଲେଖିଛନ୍ତି,

'କୁପୁତ୍ରୋ ଜାୟେତ କ୍ୱଚିଦପି କୁମାତା ନ ଭବତି'

ଏ ସଂସାରରେ ବହୁ କୁପୁତ୍ର ଅଛନ୍ତି ମାତ୍ର କୁମାତା ନାହାନ୍ତି।

ଉପନିଷଦରେ ଜଣେ ମାତାର ସତ୍ୟପ୍ରତି ପ୍ରତିବଦ୍ଧତା ଏବଂ ପୁତ୍ରକୁ ସତ୍ୟ କହିବା ପାଇଁ ପ୍ରେରଣା ଦେବାର ଏକ ଅନୁପମ ଚିତ୍ର ପ୍ରଦାନ କରାଯାଇଛି। ଛାନ୍ଦୋଗ୍ୟ ଉପନିଷଦରେ 'ସତ୍ୟକାମ ଜାବାଳ' ପ୍ରସଙ୍ଗର ଅବତାରଣା କରାଯାଇଅଛି। ସତ୍ୟକାମ ଗୁରୁ ଗୌତମଙ୍କ ପାଖକୁ ଯାଇଛନ୍ତି ଅଧ୍ୟୟନ ପାଇଁ। ଗୁରୁ ବ୍ରହ୍ମଚାରୀ ଭାବରେ ତାଙ୍କୁ ଗ୍ରହଣ କରିବା ପୂର୍ବରୁ ପ୍ରଚଳିତ ନିୟମ ଅନୁଯାୟୀ ତାଙ୍କୁ ତାଙ୍କର ଗୋତ୍ର ବିଷୟରେ ପଚାରିଛନ୍ତି। ସେ ତାର ଉତ୍ତର ଦେଇ ପାରିନାହାନ୍ତି। ପିଲାଟି ଦିନରୁ ପିତାଙ୍କୁ ସେ ହରାଇଛନ୍ତି। ମାଆଙ୍କୁ ପଚାରିଛନ୍ତି। ମାଆ ନିଃସଙ୍କୋଚରେ ସତ୍ୟକଥା କହିଛନ୍ତି। ଯୌବନରେ ବିବିଧ ସେବାରେ ସେ ଥିଲେ ନିଯୁକ୍ତା। ଗୋତ୍ର କଥା ସେ ଜାଣନ୍ତି ନାହିଁ। ତେବେ ତାଙ୍କର ନାମ ଜବାଳା ଓ ପୁତ୍ରର ନାମ ସତ୍ୟକାମ। ଏଣୁ ସେ ହେଲେ ସତ୍ୟକାମ ଜାବାଳ। ସତ୍ୟକାମ ଜାବାଳ ସବୁକଥା ଗୁରୁଙ୍କୁ କହିଛନ୍ତି। ଗୁରୁ ଆଦରରେ କୋଳକୁ ତାଙ୍କୁ ନେଇ ଆଶ୍ରମରେ ଅଧ୍ୟୟନ କରିବାର ଅନୁମତି ଦେଇଛନ୍ତି। ସତ୍ୟପ୍ରତି ତାଙ୍କର ଅନନ୍ୟ ଅନୁରାଗରେ ଗୁରୁ ମୁଗ୍ଧ ହୋଇଛନ୍ତି। ଗୁରୁ ଗୃହରେ ଅଧ୍ୟୟନ କରି ଜଣେ ମହାନ୍ ଆଚାର୍ଯ୍ୟ ଭାବରେ ସେ ଭବିଷ୍ୟତରେ ପ୍ରସିଦ୍ଧି ଲାଭ କରିଛନ୍ତି।

ମାଆର ତ୍ୟାଗ ଓ ବଳିଦାନର ପଟାନ୍ତର ନାହିଁ। ଏଣୁ ତାଙ୍କୁ ପ୍ରଥମ ସମ୍ମାନ ଦିଆଯାଇଛି। ସେ ଆମର ପ୍ରଥମ ଗୁରୁ। ତାପରେ ଆସନ୍ତି ପିତା ଏବଂ ପରେ ଆଚାର୍ଯ୍ୟ। ଶଙ୍କରଙ୍କ ଭାଷାରେ ସେ ହେଉଛନ୍ତି

ପୁତ୍ରସ୍ୟ ସମ୍ୟଗ୍ ଅନୁଶାସ୍ତ୍ରୀ-ଅନୁଶାସନ କର୍ତ୍ତ୍ରୀ
(ବୃହଦାରଣ୍ୟକ ଭାଷ୍ୟ)

ତୈତ୍ତିରୀୟ ଉପନିଷଦରେ ବିଦାୟର ଅନ୍ତିମ ମୁହୂର୍ତ୍ତରେ ବ୍ରହ୍ମଚାରୀଙ୍କୁ ଗୁରୁଙ୍କର ଉପଦେଶ ହେଉଛି, 'ମାତୃ ଦେବୋଭବ' 'ପିତୃଦେବୋଭବ' ପ୍ରଭୃତି। ଏଠାରେ ସର୍ବପ୍ରଥମେ ମାତାଙ୍କୁ ଦେବୀଭାବରେ ଜ୍ଞାନ କରିବାପାଇଁ ଯଥାର୍ଥରେ ଗୁରୁ ଉପଦେଶ ଦେଇଛନ୍ତି।

ଏହି ପ୍ରସଙ୍ଗରେ ପ୍ରଭୁ ଶ୍ରୀରାମଙ୍କ ଉକ୍ତିକୁ ସ୍ମରଣ କରାଯାଇପାରେ। ଲକ୍ଷ୍ମଣ ସ୍ୱର୍ଣ୍ଣମୟୀ ଲଙ୍କାରେ ଆଉ କିଛିଦିନ ରହିବା ପାଇଁ ଅନୁରୋଧ କରିଥିଲେ। କିନ୍ତୁ ଶ୍ରୀରାମ ଜନନୀ ଓ ଜନ୍ମଭୂମିକୁ ଦେଖିବାପାଇଁ ବ୍ୟାକୁଳ ହୋଇଉଠିଛନ୍ତି। ସେ ଯଥାର୍ଥରେ କହିଛନ୍ତି,

ଅପି ସ୍ୱର୍ଣ୍ଣମୟୀ ଲଙ୍କା ନ ମେ ରୋଚତେ ଲକ୍ଷ୍ମଣ
ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ'

ଆମ ପରମ୍ପରାରେ ମାତା ସର୍ବଦା ବନ୍ଦନୀୟା। କିନ୍ତୁ ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ ଓ ଚରମ ସ୍ୱାର୍ଥପରତା ଯୋଗୁ ଏହି ମୂଲ୍ୟବୋଧର ଅବକ୍ଷୟ ପରିଲକ୍ଷିତ ହେଉଛି। ଆଜି ପରିବାର ସଂଜ୍ଞା ବଦଳି ଯାଇଛି। ପରିବାର କହିଲେ ଜଣେ ବ୍ୟକ୍ତି ଭାବେ ସେ ନିଜେ, ତାର ପତ୍ନୀ ଏବଂ ସନ୍ତାନଗଣ। ଅନ୍ୟମାନେ ପର। ତଥାକଥିତ ପରିବାର ଆରାମରେ ଜୀବନ କାଟୁଥିବା ବେଳେ ମାଆମାନେ କେଉଁ ଅଖ୍ୟାତ ପଲ୍ଲୀରେ ରୋଗ ବାର୍ଦ୍ଧକ୍ୟ ମଧ୍ୟରେ ସଢୁଛନ୍ତି। ତାହା ଏମାନଙ୍କ ମନକୁ ସ୍ପର୍ଶ କରୁନାହିଁ। ତେବେ ଆମର ପୂର୍ବପୁରୁଷଙ୍କର ଭକ୍ତିଭାବନା ଆମର ମନର ମୋହକୁ ଦୂର କରିଦେଉ। ଭକ୍ତ ଭଗବାନଙ୍କୁ କାତର କଣ୍ଠରେ ଡାକେ।

"ତ୍ୱମେବ ମାତା ଚ ପିତା ତ୍ୱମେବ
ତ୍ୱମେବ ବନ୍ଧୁଶ୍ଚ ସଖା ତ୍ୱମେବ
ତ୍ୱମେବ ବିଦ୍ୟା ଦ୍ରବିଣଂ ତ୍ୱମେବ
ତ୍ୱମେବ ସର୍ବଂ ମମ ଦେବ ଦେବ"

ଏହି ଶ୍ଳୋକରେ ଭଗବାନଙ୍କୁ ବିଭିନ୍ନ ଭାବରେ ସମ୍ବୋଧନ କରାଯାଇଛି। କିନ୍ତୁ ସର୍ବାଗ୍ରେ ଭଗବାନ ମୋ ପାଇଁ ମାଆ କାରଣ ମାଆ ସ୍ନେହ ଓ ପ୍ରେମର ଅକ୍ଷୟ ଭଣ୍ଡାର।

ନାସ୍ତି ଗଙ୍ଗାସମତୀର୍ଥଂ
ନାସ୍ତି ବିଷ୍ଣୁ ସମଃପ୍ରଭୁ,
ନାସ୍ତି ଶମ୍ଭୁ ସମଃ ପୂଜ୍ୟଃ
ନାସ୍ତି ମାତୃ ସମୋ ଗୁରୁଃ।
(ବୃହର୍ଦ୍ଧର୍ମ ପୁରାଣ)

ମଙ୍ଗଳା ନଗର,ଖୋରଧା
୦୬୭୫୫-୨୨୨୪୫୮
୯୯୩୭୩୭୬୮୧୯(ମୋ)

# ଚିଠିର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ

ଡ. ରାମଚନ୍ଦ୍ର ଦେଓ

କେଉଁ ଆଦିମ ଯୁଗର କଥା। ପର୍ବତର ଏକ ଗୁହାରେ ତେଗୁମାଇ ବପସଲାଇ, ତାର ସ୍ତ୍ରୀ ତେସୁମାଇ ତେଉଇଣ୍ଡ୍ରୋ ଓ ଝିଅ ଟାଫି ସହିତ ବାସ କରୁଥିଲା। ଦିନକର କଥା, ସେ ତାର ଝିଅ ଟାଫି ସହିତ ଓ୍ୱାଗି ନଦୀକୁ ମାଛ ଧରିବାକୁ ବାହାରିଲା। ନଦୀକୂଳରେ ପହଞ୍ଚି ସେ ଦେଖିଲା ମାଛ ମାରିବା ନୂଆ ବର୍ଚ୍ଛାଟି ନଆଣି ଭୁଲରେ ଭଙ୍ଗା ବର୍ଚ୍ଛାଟି ନେଇ ଆସିଛି। ଉପାୟହୀନ ଭାବରେ ସାହାଯ୍ୟ ପାଇଁ ସେ ଚାରିଆଡ଼କୁ ଅନେଇଲା। ଦେଖିଲା ଜଣେ ଅଜଣା ଲୋକ ତା ଆଡ଼କୁ ଆସୁଅଛି। ଲୋକଟି ତା ପାଖରେ ପହଞ୍ଚିବା ବେଳକୁ ପ୍ରଥମେ ତା ଝିଅ ଟାଫି ପାଖକୁ ଯାଇ କହିଲା, ଆଜ୍ଞା ଆମକୁ ଟିକେ ସାହାଯ୍ୟ କଲେ ଆମେ କୃତଜ୍ଞ ହେବୁ। ନିକଟରେ ଥିବା ପାହାଡ଼ ଆଡ଼କୁ ହାତ ଦେଖାଇ ସେ କହିଲା- ବାପା ଭୁଲରେ ମାଛମାରିବା ନୂଆ ବର୍ଚ୍ଛାଟି ଛାଡ଼ି ଆସିଛନ୍ତି। ଦୟାକରି ସେଇଟିକୁ ଆମଘରୁ ଆଣିଦିଅନ୍ତୁ। ଲୋକଟିକୁ ଟାଫି କହୁଥିବା ଭାଷା ଜଣାନଥିଲା। ଏଣୁ ସେ କିଛି ବୁଝିନପାରି କେବଳ ବଲ ବଲ କରି ତା ଆଡ଼େ ଅନେଇଲା। ଟାଫି ତା ମନର କଥା ଜାଣିପାରି କେଉଁ ଉପାୟରେ ତାକୁ ବୁଝାଇବ ଏଇ କଥା ଚିନ୍ତା କରୁ କରୁ ନିକଟରେ ଥିବା ଗୋଟିଏ ଗଛ ଉପରେ ତା ଆଖି ପଡ଼ିଲା। ସେ ଉଲ୍ଲସିତ ହୋଇ ଗଛ ପାଖକୁ ଗଲା। ତାର ବକଳ ଖଣ୍ଡିଏ ଆଣି ନିଜ ବେକରେ ଝୁଲୁଥିବା ସାର୍କର ଦାନ୍ତରେ ତା ନିଜର, ତା ବାପାର ଓ ସେ ଲୋକଟିସହିତ ପୁରୁଣା ବର୍ଚ୍ଛାଟିର ଚିତ୍ର ଆଙ୍କିଲା। ତା ମାଆ ରହୁଥିବା ଗୁହା ନିକଟକୁ ଯିବାର ରାସ୍ତା ବତାଇଦେଲା।

ଲୋକଟି ଅଳ୍ପ ସମୟ ପରେ ଗୁହାରେ ପହଞ୍ଚି ଦେଖିଲା ଟାଫିର ମାଆ ପଡ଼ୋଶୀର କେତେକ ସ୍ତ୍ରୀଲୋକଙ୍କ ସହିତ ମଧ୍ୟାହ୍ନ ଭୋଜନ କରିବାକୁ ଯାଉଛି। ଲୋକଟି ହାତରୁ ଟାଫି ପଠାଇଥିବା ବକଳଟିକୁ ତେସୁମାଇ ନେଇ ଚିତ୍ରଗୁଡ଼ିକୁ ଭଲଭାବରେ ଦେଖିଲା। ମାତ୍ର ଟାଫି ପଠାଇଥିବା ଚିତ୍ରର ପ୍ରକୃତ କଥା ବୁଝି ନପାରି ସେ ବୁଝିଲା,ଏ ଲୋକଟି ଟାଫା ଓ ତା ବାପାକୁ ନଦୀକୂଳରେ ହତ୍ୟାକରି ଘରେ ଥିବା ଜିନଷପତ୍ର ଲୁଟି ନେବାପାଇଁ ଆସିଛି। ଏଣୁ ସେ କ୍ରୋଧିତ ହୋଇ ଅନ୍ୟ ସ୍ତ୍ରୀମାନଙ୍କ ସହିତ ମିଶି ଲୋକଟିକୁ ପିଟାପିଟି କରିବା ସହିତ ଢ଼ୋଲ ବଜାଇ ସାହିର ଅନ୍ୟ ଲୋକମାନଙ୍କୁ ବିପଦର ସୂଚନା ଦେଲା। ସଙ୍ଗେ ସଙ୍ଗେ ସାହି ଲୋକ ମାନେଧାଇଁ ଆସିଲେ ଓ ଲୋକଟିକୁ ବାନ୍ଧି ନଦୀକୂଳକୁ ନେଇଗଲେ। ବହୁଲୋକ ଗହଣରେ ଲୋକଟି ବନ୍ଧା ହୋଇ ଆସୁଥିବାର ଦେଖି ଟାଫି ବିସ୍ମିତ ହୋଇ ତା ମାଆକୁ କାରଣ ପଚାରିଲା। ମାଆଠୁ ସବୁ ଶୁଣି ସାରିଲା ପରେ ସେ ପଠାଇଥିବା ଛବିଟିର ଉଦ୍ଦେଶ୍ୟ ସଂପର୍କରେ କହିଲା। ଟାଫିର ଏକଥା ଶୁଣି ଉତ୍ୟକ୍ତ ଲୋକଙ୍କ ମନରୁ କ୍ରୋଧଭାବ ପ୍ରସମିତ ହୋଇ ହସର ଲହର ଚହଲିଗଲା। ସେମାନେ ସମସ୍ତେ ନିଜ ନିଜର ଅଜ୍ଞତା ପାଇଁ ଲଜ୍ଜିତ ହେଲେ। ସେଇ ଦିନଠୁ କେମିତି ଉପଯୁକ୍ତ ଚିତ୍ର ମାଧ୍ୟମରେ ନିଜର ମନକଥା ସ୍ପଷ୍ଟ ଭାବରେ ଜଣାଇ ହେବ ସେ ସଂପର୍କରେ ଚିନ୍ତା କରିବାକୁ ଲାଗିଲେ। ଏଇଠୁ ଆରମ୍ଭ ହେଲା ଚିଠି ଲେଖାର ଆଦ୍ୟ ଜୀବନ।

ପ୍ରାଚୀନ କାଳରେ ଗଛର ବକଳ,ପତ୍ର ପଶୁର ଚମଡ଼ା ଉପରେ କାଠ ବା ପଶୁପକ୍ଷୀର ହାଡ଼ରେ ଚିଠିଲେଖା ଆରମ୍ଭ ହୋଇଥିଲା। ସମୟର ଗତି ବଦଳିବା ସହିତ ଧୀରେ ଧୀରେ ଆରମ୍ଭ ହେଲା କାଗଜ ଓ କଲମର ବ୍ୟବହାର। ଜଣାଯାଏ ଚିଠି ଲେଖାର ଆରମ୍ଭ ହୋଇଥିଲା ଖ୍ରୀଷ୍ଟପୂର୍ବ ୫୦୦ରେ। ପାରସ୍ୟ ସମ୍ରାଟ ସାଇରସ୍ ଦି ଗ୍ରେଟଙ୍କ କନ୍ୟା ଆଟୋସା ପ୍ରଥମ ଚିଠି ଲେଖିଥିଲେ ବୋଲି ଇତିହାସବିତ୍ ହେଲାନିକାସ ଦର୍ଶାଇଛନ୍ତି। ତା ପରେ ପରେ ପୃଥିବୀର ବିଭିନ୍ନ ପ୍ରାନ୍ତରେ ଚିଠି ଲେଖାର ଅଭ୍ୟାସ ପରିବ୍ୟାପ୍ତ ହେଲା। ମିଶର, ଭାରତ, ଚୀନ୍, ଗ୍ରୀସ୍, ଇଂଲଣ୍ଡ ଆଦି ଦେଶରେ ଚିଠି ଲେଖାର ପ୍ରଚଳନ ହେଲା। ୯୦ ଖ୍ରୀଷ୍ଟାବ୍ଦରେ ରୋମାନ ସମ୍ରାଟ ଟ୍ରାଜନଙ୍କ ଆଦେଶରେ କିଛି କିଛି ଦୂର ଅନ୍ତରରେ ଜଣେ ଜଣେ ପୋସିଟାସ ବା ବାର୍ତ୍ତାବାହକ ନିଯୁକ୍ତ ହୋଇଥିଲେ। ସେମାନେ ରଥରେ ଚଢ଼ି ନିର୍ଦ୍ଦିଷ୍ଟ ଲୋକଙ୍କ ନିକଟରେ ବାର୍ତ୍ତା ପହଞ୍ଚାଉଥିଲେ। ପ୍ରାପକଙ୍କୁ ଚିଠି ପହଞ୍ଚାଇବାର ସମସ୍ତ ମୂଲ୍ୟ ଚିଠି ବାହାକଙ୍କ ହାତରେ ପ୍ରେରକଙ୍କୁ ଦେବାକୁ ହେଉଥିଲା। ଦୂରତା ଓ ଚିଠିର ଓଜନ ଉପରେ ନିର୍ଭର କରୁଥିଲା ଚିଠିର ମୂଲ୍ୟ। ୧୬୩୯ମସିହା ଜୁଲାଇ ୩୧ତାରିଖରେ ପ୍ରଥମ ଚାର୍ଲସ ପ୍ରଥମଥର ପାଇଁ ସର୍ବସାଧାରଣଙ୍କ ପାଇଁ ଚିଠିର ଆଦାନ ପ୍ରଦାନ ସକାଶେ ରୟେଲମେଲର ପ୍ରଚଳନ କରିଥିଲେ। ଏହି ପ୍ରଥାରେ ମଧ୍ୟ ଗ୍ରାହକଙ୍କୁ ଡ଼ାକ ଖର୍ଚ୍ଚ ଦେବାକୁ ପଡୁଥିଲା। ଏଣୁ ଏହା ସର୍ବସାଧାରଣ ବ୍ୟବହାର ଉପଯୋଗୀ ନଥିଲା। ୧୮୪୦ ଖ୍ରୀଷ୍ଟାବ୍ଦ ମେ ୧ତାରିଖରେ ଯୁକ୍ତରାଜ୍ୟ ପ୍ରଥମଥର ପାଇଁ ପୋଷ୍ଟାଲ ଷ୍ଟାମ୍ପର ପ୍ରଚଳନ କରିଥିଲେ ଓ ମେ୬ ତାରିଖରୁ ପ୍ରଥମଥର ପାଇଁ ଚିଠି ପ୍ରେରକଙ୍କୁ ଚିଠିର ମୂଲ୍ୟ ଦେବାର ବ୍ୟବସ୍ଥା ହେଲା।ମାତ୍ର କେତେକ ସମୟରେ ଚିଠି ବାଟମାରଣା ହୋଇ ଗ୍ରାହକଙ୍କ ପାଖରେ ପହଞ୍ଚି ପାରିଲା ନାହିଁ। ଏହି ଅସୁବିଧା ଦୂର କରିବା ପାଇଁ ୧୮୪୧ ମସିହାରେ ଯୁକ୍ତରାଜ୍ୟରେ ପ୍ରଥମଥର ପାଇଁ ପ୍ରଚଳନ ରେଜିଷ୍ଟ୍ରୀ ଡ଼ାକ ଯାହା ଫଳରେ ଗ୍ରାହକଙ୍କ ନିକଟରେ ଚିଠି ପହଞ୍ଚିବାର କୌଣସି ପ୍ରତିବନ୍ଧକ ଆଉ ରହିଲା ନାହିଁ। ଚିଠିର ଆଦାନ ପ୍ରଦାନ ପାଇଁ ଗାଁ ଗଣ୍ଡାରେ ବିସ୍ତାର ଲାଭକଲା ଗ୍ରାମ୍ୟ ପୋଷ୍ଟ ଅଫିସ୍ ଓ ଲୋକେ ଅନାୟସରେ ଚିଠି ଦ୍ୱାରା ନିଜ ନିଜର ବାର୍ତ୍ତା ବିନିମୟର ସୁଯୋଗ ଲାଭ କଲେ।

ଅସନ୍ତୁଷ୍ଟ ମଣିଷ ନିଜର ସୁଖ ସୁବିଧା ପାଇଁ ବ୍ରତୀ ଥାଏ ନୂତନର ସନ୍ଧାନରେ। ନୂତନ ସନ୍ଧାନ ହେଉଛି ବିଜ୍ଞାନ। ବିଜ୍ଞାନର ଅଗ୍ରଗତି ସହିତ ନୂଆ ଟେକ୍ନୋଲୋଜିର ପ୍ରସାର ଘଟିଲା। ଫଳରେ ଚିଠିର ପୂର୍ବ ଆଦର ଧୀରେ ଧୀରେ କମିବାକୁ ଲାଗିଲା। ଦୂର ସ୍ଥାନରେ ଚିଠି ପହଞ୍ଚିବାକୁ ବିଳମ୍ବ ଘଟୁଥିବାରୁ ଏହାର ସମାଧାନ ଖୋଜିଲା ବିଜ୍ଞାନୀର ସନ୍ଧାନୀ ଜ୍ଞାନକୌଶଳ। ଆବିଷ୍କୃତ ହେଲା ସାମୁଏଲ୍ ମୋର୍ସଙ୍କ ଟେଲିଗ୍ରାଫ୍। ପରୀକ୍ଷା ମୂଳକ ଭାବରେ ମୋର୍ସ ମେ ୨୪ତାରିଖ ୧୮୪୪ ମସିହାରେ ତାଙ୍କର ପ୍ରଥମ ଟେଲିଗ୍ରାଫ୍ ଆମେରିକାର ୱାସିଂଟନ୍ ଡ଼ିସିରୁ ବାଲଟିମୋର ପଠାଇ ଐତିହାସିକ ବାର୍ତ୍ତା ପ୍ରେରଣ ଉସ୍ ସୃଷ୍ଟି କରିଥିଲେ। ୧୮୬୬ ମସିହାରେ ଆଟଲାଣ୍ଟିକ ମହାସାଗର ମଧ୍ୟଦେଇ ଆମେରିକାରୁ ୟୁରୋପକୁ ଏକ ଟେଲିଗ୍ରାଫ୍ ଲାଇନ୍ ଟଣାଯାଇ ସଂଯୋଗର ଏକ ସେତୁ ନିର୍ମାଣ କରାଗଲା। ଏହା ପରେ ପରେ ବିଶ୍ୱର ଅନ୍ୟାନ୍ୟ ସ୍ଥାନକୁ ସଂବାଦ ପ୍ରେରଣ ପାଇଁ ବ୍ୟବହୃତ ହେବାକୁ ଲାଗିଲା ଟରେଟକା ଯନ୍ତ୍ର ଯାହା ଫଳରେ ପ୍ରେରକର ବାର୍ତ୍ତା ସଂକେତ ମାଧ୍ୟମରେ ଅଳ୍ପ ସମୟ ମଧ୍ୟରେ ଗ୍ରାହକଙ୍କ ନିକଟବର୍ତ୍ତୀ ଷ୍ଟେସନରେ ପହଞ୍ଚିଲା ଓ ସେଠାରୁ ବାହାକଙ୍କ ଦ୍ୱାରା ପ୍ରେରିତ ହୋଇ ନିର୍ଦ୍ଦିଷ୍ଟ ଲୋକ ପାଖରେ ପହଞ୍ଚୁଥିଲା। ମାତ୍ର ଟେଲିଗ୍ରାଫ ସାଂକେତିକ ଶବ୍ଦ ମାଧ୍ୟମରେ ପ୍ରେରଣ କରାଯାଉଥିବାରୁ ମନର ସମସ୍ତ କଥା ବ୍ୟକ୍ତ କରିବାର ସୁବିଧା ଏଥିରେ ନଥିଲା। ପୁଣି ଏହା ପ୍ରେରକ ଓ ଗ୍ରାହକ ଉଭୟଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। ଏହି ଅସୁବିଧାକୁ ଦୂର କରିବା ପାଇଁ ମଣିଷ ପୁଣି ଖୋଜି ବୁଲିଲା ଏହାର ବିକଳ୍ପ। ଶେଷରେ ଆବିଷ୍କୃତ ହେଲା ଟେଲିପ୍ରିଣ୍ଟର।

୧୮୫୬ ମସିହାରେ ଡାଭିଡ଼୍ ଏଡ଼ୱାଡ଼୍ ହ୍ୟୁଗ ଆବିଷ୍କାର କଲେ ଟେଲିପ୍ରିଣ୍ଟର। ବୈଜ୍ଞାନିକ ଏହାର କାରିଗରୀ କୌଶଳରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲେ। ଫଳରେ ଘରେ ବସି କେବଳ ଟାଇପରାଇଟର ପରି ଏକ ଯନ୍ତ୍ର ସାହାଯ୍ୟରେ ଅନ୍ୟ ପ୍ରାନ୍ତରେ ଥିବା ଗ୍ରାହକଙ୍କ ସହିତ ସିଧାସଳଖ ସଂପର୍କ ସ୍ଥାପନ ରଖିବାକୁ ସମର୍ଥ ହେଲେ। ଏଥିପାଇଁ ତାକୁ କୌଣସି ଟେଲିଗ୍ରାଫ ଅଫିସ ଯିବାକୁ ପଡ଼ିଲା ନାହିଁ ଓ ମନର ବକ୍ତବ୍ୟକୁ ନିଜ ଇଚ୍ଛାନୁସାରେ ସେ ଗ୍ରାହକଙ୍କ ନିକଟକୁ ଅନାୟସରେ ପଠାଇପାରିଲେ।

ପୁଣି ମଣିଷ ଚିନ୍ତାକଲା ଟେଲିପ୍ରିଣ୍ଟର ମାଧ୍ୟମରେ ନିଜର ଭାବକୁ ବିସ୍ତାରିତ ଭାବରେ ପ୍ରେରଣ କରାଯାଇପାରିଲା ସିନା, ହେଲେ ଚିଠିପରି ପ୍ରେରକର ହସ୍ତାକ୍ଷରର ଚିହ୍ନ ସେ ଦେଖିବାକୁ ପାଇଲା ନାହିଁ। ଏଣୁ ପ୍ରେରକର ହସ୍ତଲେଖା ବହନ କରିପାରୁଥିବା କୌଣସି ବାର୍ତ୍ତା ତା ପାଖରେ ପହଞ୍ଚିବା ପାଇଁ ସେ ପୁଣି ଚିନ୍ତାକଲା ଓ ୧୮୪୩ ମସିହା ମେ ୨୭ତାରିଖରେ ସ୍କଟଲ୍ୟାଣ୍ଡରେ ଜନ୍ମିତ ଇଞ୍ଜିନିୟର ଆଲେକଜାଣ୍ଡର ବେନ୍ ଆବିଷ୍କାର କଲେ ଫାକ୍ସ ମେସିନ୍। ଏହା ଫଳରେ ଜଣେ ନିଜର ହସ୍ତ ଲିଖିତ ବିଷୟ ବସ୍ତୁକୁ ଅବିକଳ ଭାବରେ ଅନ୍ୟ ଜଣକ ପାଖକୁ ପଠାଇବାକୁ ସମର୍ଥ ହେଲା।

ମଣିଷ ନିଜର ଭାବକୁ ନିଜ ହସ୍ତାକ୍ଷରରେ ସ୍ୱଳ୍ପ ସମୟ ମଧ୍ୟରେ ପରିଜନଙ୍କ ନିକଟକୁ ପଠାଇ ଖୁସିହେଲା ସତ, ହେଲେ ସନ୍ତୁଷ୍ଟ ହୋଇପାରିଲା ନାହିଁ। ସେ ଚିନ୍ତାକଲା ଦୂରରେ ଥିବା ତା ପରିଜନ ସହିତ ପାଖ ଲୋକଭଳି ଦୁଇପଦ ସୁଖଦୁଃଖ ହୋଇ ପାରନ୍ତିକି ? ଏଣୁ ତାର ସନ୍ଧାନୀ ମନ ପୁଣି ନୂଆ କିଛି ସନ୍ଧାନରେ ନିବିଷ୍ଟ ହେଲା। ଶେଷରେ ସ୍କଟଲ୍ୟାଣ୍ଡ୍ ଜନ୍ମିତ ବୈଜ୍ଞାନିକ ଆବ୍ରାହିମ ଗ୍ରାହମ୍ ବେଲ ୧୮୭୬ ମସିହା ଅଗଷ୍ଟ ୧୦ତାରିଖରେ ଲୋକଙ୍କର ବହୁ ଆକାଂକ୍ଷିତ ଇଚ୍ଛା ପୂରଣ କରି ଉଦ୍‌ଭାବନ କଲେ ଯୁଗାନ୍ତକାରୀ ଟେଲିଫୋନ। ସେ ବ୍ରାଣ୍ଟ ଫୋର୍ଡ଼ରୁ ପ୍ୟାରିସ ପର୍ଯ୍ୟନ୍ତ ତାର ବିଛାଇ ତାଙ୍କର ସହକାରୀ ଥୋମାସ୍ ୱାଟସନ୍‌ଙ୍କ ସହିତ ପ୍ରଥମ ବାର୍ତ୍ତାଳପ କରି ବିଶ୍ୱବାସୀଙ୍କୁ ମୁଗ୍ଧ କରିଦେଇଥିଲେ। ଏହାଦ୍ୱାରା ଘରେ ବସି ଦୂର ବିଦେଶରେ ଥିବା ଆତ୍ମୀୟ ସ୍ୱଜନଙ୍କ ସହିତ ଇଚ୍ଛାନୁସାରେ ବାର୍ତ୍ତାଳାପ କରିବାର ସୁଯୋଗ ମିଳିଲା। ଟେଲିଫୋନ୍‌ର ଏହି ଉପାଦେୟତା ପିଲାମାନଙ୍କୁ ଅତି ସରଳ ଭାଷାରେ ବୁଝାଇବା ପାଇଁ କୁହାଯାଇଛି– ଟେଲିଫୋନ୍‌ର ମଜା ବିଦେଶରେ ଥାଇ ଆଈ ସହିତ କଥା ହେଉଛନ୍ତି ଅଜା। ମାତ୍ର ଏ ସୁବିଧାର ସୁଯୋଗ ସମସ୍ତ ଜନତାଙ୍କ ପାଖରେ ପହଞ୍ଚି ପାରିଲା ନାହିଁ। ତାର ମାଧ୍ୟମରେ ଏ ସଂବାଦ ପ୍ରେରଣ ହେଉଥିବାରୁ ତାର ସଂଯୋଗ ହୋଇପାରୁନଥିବା ଦୁର୍ଗମ ଅଞ୍ଚଳର ଅଧିବାସୀମାନେ ଏ ସୁଯୋଗରୁ ବଞ୍ଚିତ ହେଲେ। ହିତାଧିକାରୀ ଭାବରେ ପରିଗଣିତ ହେଉଥିବା ବିଜ୍ଞାନ ଏ ଅସୁବିଧା ହୃଦୟଙ୍ଗମ କରି ସମାଧାନର ସୂତ୍ର ବାହାର କଲା।

୧୯୪୯ମସିହାରେ ଅଲଗ୍ରସ୍‌ଙ୍କ ଦ୍ୱାରା ଉଦ୍ଭାବିତ ହେଲା ତାର ବିହୀନ ବାର୍ତ୍ତା ପ୍ରେରଣର ଯନ୍ତ୍ର ପେଜର୍ ଓ ପ୍ରଥମଥର ପାଇଁ ନିଉୟର୍କସ୍ଥିତ ଜ୍ୟୁଇସ ହାସପାତାଳରେ ଏହା ବ୍ୟବହୃତ ହୋଇ ବିସ୍ମୟରେ ସମସ୍ତଙ୍କୁ ଅଭିଭୂତ କରିଦେଲା। ୧୯୫୮ ମସିହା ପର୍ଯ୍ୟନ୍ତ ପେଜର୍ ସର୍ବସାଧାରଣଙ୍କ ବ୍ୟବହାର ନିମନ୍ତେ ଉଦ୍ଦିଷ୍ଟ ନଥିଲା। ଯେତେବେଳେ ମୋଟରଓ୍ୱାଲା କମ୍ପାନୀ ଏହାର ନିର୍ମାଣ ଦାୟିତ୍ୱ ୧୯୫୯ ମସିହାରେ ନେଲା ସେତେବେଳେ ସର୍ବସାଧାରଣ ଏହାର ବ୍ୟବହାରର ସୁଯୋଗ ଲାଭ କଲେ। ମାତ୍ର ଏହା ସ୍ୱଳ୍ପଦୂରତାରେ ଥିବା ଲୋକ ପାଖକୁ କେବଳ ବାର୍ତ୍ତା ପ୍ରେରଣ କରି ପାରୁଥିବାରୁ ଏହାର ବହୁଳ ବ୍ୟବହାର ହୋଇପାରିଲା ନାହିଁ।

ଏହି ଅସୁବିଧାକୁ ହୃଦୟଙ୍ଗମ କରି ଏପ୍ରିଲ ୩ତାରିଖ ୧୯୭୩ ମସିହାରେ ଆମେରିକୀୟ ଇଞ୍ଜିନିୟର ମାର୍ଟିନ ମେରୀ କୁପାର ଉଦ୍ଭାବନ କଲେ ସେଲ ଫୋନ ବା ମୋବାଇଲ ଫୋନ। ପ୍ରଥମେ ସେ ଦୂରରେ ଥିବା ତାଙ୍କର ବନ୍ଧୁ ଡ଼କ୍ଟର ଜୋଏଲ ଏଞ୍ଜେଲଙ୍କ ସହିତ ଫୋନରେ କଥାବର୍ତ୍ତା କରି ବିଶ୍ୱବାସୀଙ୍କୁ ବିସ୍ମିତ କରିଦେଇଥିଲେ। ତାଙ୍କର ଏଇ ମୋବାଇଲ ଫୋନ ୧ଜି ବା ଫାଷ୍ଟ ଜେନେରେସନ ମୋବାଇଲ ଫୋନ୍ (**1G or First Generation Mobile Phone**) ଭାବରେ ପରିଚିତ ହେଲା। ଏ ଫୋନ୍ ସର୍ବସାଧାରଣଙ୍କ ବ୍ୟବହାର ପାଇଁ ବଜାରକୁ ଆସିଲା ୧୯୮୩ ମସିହାରେ। ମାତ୍ର ଏ ଫୋନ ଆକାରରେ ବଡ଼ ହୋଇଥିବାରୁ ହାତରେ ଧରି ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ପାଇଁ ସୁବିଧା ହେଲାନାହିଁ। କ୍ରମେ ଏହାର କ୍ରମବିକାଶ ହେଲା ଓ ଜନ୍ମ ନେଲା ୨ଜି ମୋବାଇଲ ଫୋନ୍ ବା ସେକେଣ୍ଡ

ଜେନେରେସନ ମୋବାଇଲ ଫୋନ (**2G or Second Generation Mobile Phone**)। ଏହାର ଆକାର ସାନ ହେଲା ଓ ହାତରେ ନେବା ଆଣିବା ସୁବିଧା ହେବାରୁ ଏହାର ଆଦର ବଢ଼ିଲା। ଏହାପରେ ବଜାରକୁ ଆସିଲା ୩ଜି ମୋବାଇଲ ଫୋନ ବା ଥାର୍ଡ଼ ଜେନେରେସନ ମୋବାଇଲ ଫୋନ (**3G or Third Generation Mobile Phone**)। ୨୦୦୧ ମସିହା ମେ ମାସରେ ଜାପାନ ସର୍ବପ୍ରଥମେ ଏହି ଟେକ୍ନୋଲୋଜିର ଫୋନ୍ ବ୍ୟବହାର କରି ବଜାରରେ ଏକ ବିକଳ୍ପ ସୃଷ୍ଟିକଲା। ୨ଜି ମୋବାଇଲ ଫୋନ୍ ଅପେକ୍ଷା ଏହାର ଟେକ୍ନୋଲୋଜି ଉନ୍ନତ ମାନର ଥିବାରୁ ବଜାରରେ ଏହାର ଚାହିଦା ବଢ଼ିଲା। ୩ଜି ମୋବାଇଲ ଫୋନ୍ ବ୍ୟବହାରରେ ମଣିଷ ସନ୍ତୋଷ ପାଇଲେ ମଧ୍ୟ ଅଧିକ ସୁବିଧା ସୁଯୋଗ ପାଇବା ପାଇଁ ନୂତନର ସନ୍ଧାନ ଓ ବଜାରକୁ ଆସିଲା ୪ଜି ମୋବାଇଲ ଫୋନ୍। ଏହା ୩ଜି ମୋବାଇଲ ଫୋନ୍ ଅପେକ୍ଷା ଅଧିକ ଅଧିକ ଉନ୍ନତ ମାନର। ଏଥିରେ **GPS** (**Global Positioning System**) ବା ପଥ ନିର୍ଦ୍ଦେଶକ ଯନ୍ତ୍ରର ସୁବିଧା ଥିବାରୁ ଗାଡ଼ି ଚାଳକକୁ ଅନ୍ଧର ଲଉଡ଼ି ପରି କାର୍ଯ୍ୟକଲା। ଅନ୍ଧ ହାତରେ ଖଣ୍ଡିଏ ବାଡ଼ିଥିଲେ ସେ ଯେମିତି ଦେଖିପାରୁ ନଥିବା ସ୍ଥାନକୁ ଅକ୍ଳେଶରେ ଯିବା ଆସିବା କରିପାରେ, ସେମିତି ଗାଡ଼ି ଚାଳକ ହାତରେ ଏମିତି ଏକ ଫୋନ୍ ଥିଲେ ସେ ଯେକୌଣସି ଅଜଣା ସ୍ଥାନକୁ ଅନାୟସରେ ଯିବା ଆସିବା କରିପାରିବାର ସୁଯୋଗ ଲାଭ କଲା। ତା ଛଡ଼ା ଏଥିରେ ଭିଡ଼ିଓ ଫଟୋଗ୍ରାଫିର ବ୍ୟବସ୍ଥା ଥିବାରୁ ହାତମୁଠାରେ ରହିପାରୁଥିବା ଏମିତି ଗୋଟିଏ ଫୋନ ଦ୍ୱାରା ବହୁବିଧ କାର୍ଯ୍ୟ ସମାହିତ ହୋଇପାରିଲା।

ମଣିଷ ଯେତେ ସୁବିଧା ପାଇଲେ ବି ସେଥିରେ ସନ୍ତୁଷ୍ଟ ନରହି ଅଧିକ କିଛି ସୁବିଧା ପାଇବାର ଆଶା ରଖେ। ମଣିଷର ଏଇ ପ୍ରକୃତି ପାଇଁ ବିଜ୍ଞାନର ଅଗ୍ରଗତି ଘଟୁଛି। ମଣିଷ ମନର ଅସନ୍ତୁଷ୍ଟ ଜ୍ୱଳନକୁ ପ୍ରଶମିତ କରିବା ପାଇଁ ମେ ୧୨ତାରିଖ ୨୦୧୩ ମସିହାରେ ସାମସଙ୍ଗ କମ୍ପାନୀ ପୃଥିବୀର ସର୍ବପ୍ରଥମ ୫ଜି ମୋବାଇଲ ଫୋନ୍ ବଜାରକୁ ଛାଡ଼ିଲା। ଗୁଣବତ୍ତା ଦୃଷ୍ଟିରୁ ଏହାର ବିକଳ୍ପ ନାହିଁ। ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ଛାତ୍ର, ଶିକ୍ଷକ, ଡ଼ାକ୍ତର,ଇଞ୍ଜିନିୟର ସମସ୍ତଙ୍କ ପାଇଁ ଏହା ଉପାଦେୟ।

ଏହା ବ୍ୟତୀତ ଭାବର ଦୃତ ଆଦାନ ପ୍ରଦାନ ପାଇଁ ବିଜ୍ଞାନ ଆମ ହାତରେ ଦେଇଛି ଇମେଲ। ଭାରତରେ ଜନ୍ମଲାଭ କରିଥିବା ଆମେରିକୀୟ ବୈଜ୍ଞାନିକ ଭି.ଏ.ଶିବ ଆୟାଦୁରାଇ ୧୯୮୨ ମସିହାରେ ଇଣ୍ଟର୍ନେଟ ମାଧ୍ୟମରେ ଚିଠିର ଆଦାନ ପ୍ରଦାନ ପାଇଁ ଏକ ନୂଆ ସିଷ୍ଟମ ବାହାର କଲେ ଯାହାକୁ ସେ ଇମେଲ ଆଖ୍ୟା ଦେଇଥିଲେ। କମ୍ପ୍ୟୁଟର ଆଗରେ ବସି ଦୁଇ ପ୍ରାନ୍ତରେ ଥିବା ଦୁଇଜଣ ବ୍ୟକ୍ତି ନିଜ ନିଜ ମନର କଥାକୁ ଇମେଲ ମାଧ୍ୟମରେ ପ୍ରେରଣ ଓ ଗ୍ରହଣ କରି ସୁଖ ଦୁଃଖର ସମଭାଗୀଦାର ହୋଇପାରିବାର ସୁଯୋଗ ପାଇଲେ।

ଇମେଲ ପଠାଇବା ଲୋକ ଓ ଗ୍ରହଣ କରିବା ଲୋକ ଉଭୟଙ୍କର ଇମେଲ ଠିକଣା ଉଭୟଙ୍କୁ ଜଣାନଥିଲେ ଇମେଲ ଦ୍ୱାରା ବାର୍ତ୍ତା ପ୍ରେରଣ ସମ୍ଭବ ନୁହେଁ। ଏଣୁ ଏସ୍.ଏମ୍.ଏସ୍ ନାମକ ଅନ୍ୟ ଏକ ସରଳ ପଦ୍ଧତି ବାହାର କଲେ ଫିନଲ୍ୟାଣ୍ଡର ଇଞ୍ଜିନିୟର ମାଟ୍ଟି ମେକୋନ୍। ୩ତାରିଖ ଡ଼ିସେମ୍ବର ୧୯୯୨ ମସିହାରେ ଏସ୍.ଏମ୍.ଏସ୍ ଦ୍ୱାରା ବାର୍ତ୍ତା ପ୍ରେରଣ କରି ବିଶ୍ୱବାସୀଙ୍କୁ ସେ ଏକ ନୂତନ ଦିଗନ୍ତର ସନ୍ଧାନ ଦେଲେ। ଏଥିପାଇଁ ଇଣ୍ଟର୍ନେଟ ବା ଇମେଲ ଠିକଣାର ଆବଶ୍ୟକତା ରହିଲା ନାହିଁ। କେବଳ ଉଭୟଙ୍କର ଫୋନ ନମ୍ବର ଉଭୟଙ୍କୁ ଜଣାଥିବା ଦରକାର। ଏଣୁ ଇମେଲ ଅପେକ୍ଷା ଏସ୍.ଏମ୍.ଏସ୍.ର ଆଦର ବଢ଼ିଲା ଓ ହାତରେ ମୋବାଇଲ ଫୋନଟିଏ ଥିଲେ ଯେକୌଣସି ସମୟରେ ଓ ଯେକୌଣସି ସ୍ଥାନରେ ଥାଇ ଏସ୍.ଏମ୍.ଏସ୍. କରିବାର ସୁଯୋଗ ସାଧାରଣ ଲୋକଙ୍କୁ ମିଳିଲା।

ଏହାପରେ ଅକ୍ଟୋବର ୨୮ତାରିଖ ୨୦୦୨ ମସିହାରେ ଆରମ୍ଭ ହୁଏ ଫେସବୁକ। ଆମେରିକାର ନିଉୟର୍କରେ ଜନ୍ମଲାଭ କରିଥିବା ହାର୍ଭାର୍ଡ଼ ବିଶ୍ୱବିଦ୍ୟାଳୟର ଛାତ୍ର **Mark Zuckrberg** ଓ ତାଙ୍କର ସହପାଠୀ **Dustin Moskovitz, Eduardo Saverin, Andrew McCollum** ଓ **Chris Hughes**ଙ୍କ ସହଯୋଗରେ ସୃଷ୍ଟିହେଲା ଫେସବୁକ୍। ଏହାଦ୍ୱାରା ଅତି କ୍ଷିପ୍ର ଗତିରେ ଭାବର ଆଦାନ ପ୍ରଦାନ ହୋଇପାରିଲା। ଏହା ଦ୍ୱାରା ବିଗତ ଦିନର ପୁରୁଣା ବନ୍ଧୁଙ୍କର ସନ୍ଧାନ ମିଳିଲା, ନୂଆ ବନ୍ଧୁ ସୃଷ୍ଟି ହେବାର ସୁଯୋଗ ସୃଷ୍ଟି ହେଲା, ବ୍ୟବସାୟ କ୍ଷେତ୍ରରେ ପ୍ରଭୁତ ଉନ୍ନତି ସାଧନ ହେଲା, ଅମୋଦପ୍ରମୋଦର ସୁବିଧା ମିଳିଲା।

ଆହୁରି ଅଧିକ ସୁବିଧା ଯୋଗାଇ ଦେବାପାଇଁ ପରବର୍ତ୍ତୀ ପର୍ଯ୍ୟାୟରେ ସୃଷ୍ଟିହେଲା ହ୍ୱାଟ୍‌ସପ୍। ଆମେରିକାର ମିଚିକାନରେ ଜନ୍ମଲାଭ କରିଥିବା କମ୍ପ୍ୟୁଟର ଇଞ୍ଜିନିୟର ବ୍ରିଆନ୍ ଏକ୍ଟନ୍ (**Brian Acton**) ଓ ୟୁକ୍ରେନରେ ଜନ୍ମଲାଭ କରିଥିବା ଆମେରିକୀୟ କମ୍ପ୍ୟୁଟର ପ୍ରୋଗ୍ରାମର ଜାନ କୁମ୍ (**Jan Koum**)ଙ୍କ ମିଳିତ ଉଦ୍ୟମରେ ନଭେମ୍ବର ୨୦୦୯ ମସିହାରେ ଆରମ୍ଭ ହେଲା ହ୍ୱାଟସଆପ। ଏହାଦ୍ୱାରା ଗୋଟିଏ ଫୋନରୁ ଅନ୍ୟ ଏକ ଫୋନକୁ ବାର୍ତ୍ତା ସହିତ ଫଟୋ ଓ ଭିଡ଼ିଓ ଫଟୋ ପଠାଇବାର ସୁଯୋଗ ମିଳିଲା ଓ ପୃଥିବୀର ବହୁ ଲୋକଙ୍କ ଦ୍ୱାରା ଏହା ଅଧିକ ଆଦୃତ ହେଲା।

ବିଜ୍ଞାନର ଅଗ୍ରଗତି ସହିତ ଜନ୍ମ ନେଉଛି ବାର୍ତ୍ତା ବିନିମୟର ବହୁ ଉନ୍ନତ ମାନର ଯନ୍ତ୍ର ଓ ପ୍ରଣାଳୀ। ଏବେ ଚିଠିର ବିକଳ୍ପ ଭାବରେ ଆମ ହାତ ମୁଠାରେ ରହିଛି ଟେଲିଗ୍ରାଫ, ଟେଲିପ୍ରିଣ୍ଟର, ଫାକ୍ସ, ଟେଲିଫୋନ, ପେଜର ଓ ଶେଷରେ ମୋବାଇଲ ଫୋନ। ପୁଣି ଦୃତ ସମ୍ପର୍କ ସ୍ଥାପନ ପାଇଁ ଇମେଲ, ଏସ୍.ଏମ୍.ଏସ୍, ଫେସବୁକ୍ ଓ ହ୍ୱାଟସ୍‌ଆପ୍ ଆଦି। ମାତ୍ର ଚିଠିର ସୃଷ୍ଟି କେବଳ ସମ୍ପର୍କ ସ୍ଥାପନ ବା ଭାବର ଆଦାନ ପ୍ରଦାନ ପାଇଁ ନୁହେଁ। ଖଣ୍ଡିଏ କାଗଜ ଉପରେ ଦୁଇଧାଡ଼ିର କାଳି ଅକ୍ଷର ଭିତରେ ଛପି ରହିଥିବା ହୃଦୟର କେତେ ଅକୁହା ବେଦନା। ପ୍ରତୀକ୍ଷା କରିବା ହେଉଛି ଚିଠିର ଅନ୍ୟ ଏକ ଅନବଦ୍ୟ ବିଶେଷତ୍ୱ। ସ୍ତ୍ରୀ ପ୍ରତୀକ୍ଷା କରିଥାଏ ଦୂର ବିଦେଶରେ ଥିବା ତାର ସ୍ୱାମୀର ଚିଠିକୁ। ପ୍ରତୀକ୍ଷାର ସମୀକ୍ଷା ଘଟାଇ ଯେତେବେଳେ ଚିଠିଟିଏ ସେ ପାଏ, ତା ଅନ୍ତରର ଅକୁହା ବେଦନା ଧାର ଧାର ଲୁହ ଆକାରରେ ବହିଆସି

ଚିଠିଟିକୁ ଭିଜାଇ ଦେବାର ଅନୁଭୂତି ଆଧୁନିକ ଡ଼ିଭାଇସ୍‌ରେ ଖୋଜିଲେ ମିଳିବ କାହୁଁ। ପ୍ରେମିକର ଚିଠି ପ୍ରେମିକା ପାଖକୁ ବା ପ୍ରେମିକାର ପ୍ରେମିକ ପାଖକୁ ହେଉଛି ପ୍ରତୀକ୍ଷାର ଅନ୍ୟ ଏକ ବେଦନା ଦାୟକ ଅନୁଭୂତି ଯାହାକି ଆଧୁନିକ ଡ଼ିଭାଇସରେ ଏହା ଗୌଣ ହୋଇଯାଇଛି। ଏଣୁ ଚିଠି କେବଳ ବାର୍ତ୍ତାବାହାକର କାର୍ଯ୍ୟକରି ବଞ୍ଚିନାହିଁ, ବଞ୍ଚିଛି ମଣିଷ ଜୀବନର ବହୁବିଧ କାର୍ଯ୍ୟ ସହିତ ସଂପୃକ୍ତ ହୋଇ।

ଚିଠି ହେଉଛି ପୂର୍ବଜମାନଙ୍କର ଜୀବନ ବୃତ୍ତାନ୍ତ। ଚିଠିରୁ ଜଣାଯାଉଥିଲା ରାଜନୈତିକ, ଅର୍ଥନୈତିକ, ସାଂସ୍କୃତିକ ଓ ସାମାଜିକ ଜୀବନର କଥା। କେତେକ ସମୟରେ ବୈଜ୍ଞାନିକ ଆବିଷ୍କାରର କଥା ମଧ୍ୟ ଚିଠି ମଧ୍ୟରୁ ଜଣାଯାଇଥାଏ। ଏଣୁ ଚିଠିର ମୂଲ୍ୟ ଟଙ୍କା ବା ଅନ୍ୟ କିଛି ମୂଲ୍ୟବାନ ବସ୍ତୁର ବିନିମୟରେ ନିର୍ଦ୍ଧାରଣ କରିବା ସମ୍ଭବ ନୁହେଁ। ରାଜଦରବାରରେ ଚିଠିର ଆଦାନ ପ୍ରଦାନ ଥିଲା ମର୍ଯ୍ୟାଦାର ଏକ ସ୍ମାରକୀ। ବାର୍ତ୍ତା ବିନିମୟ ପାଇଁ ବହୁ ଗୁପ୍ତଚର ପ୍ରାଣ ହରାଇଛନ୍ତି। ରାଜନୈତିକ ଚୁକ୍ତି, ବନ୍ଦିର ସୁବିଚାର, ହାର୍ଦ୍ଦିକ ଅଭିନନ୍ଦନ ଆଦିର ବିନିମୟ ହୋଇଛି କେବଳ ଚିଠି ମାଧ୍ୟମରେ।

ବହୁ ବିଖ୍ୟାତ ସାହିତ୍ୟିକଙ୍କ ବହୁ ଉପାଦେୟ ଚିଠି ପୁସ୍ତକାକାରରେ ସଂକଳିତ ହୋଇ ସାହିତ୍ୟର ଅମୂଲ୍ୟ ସଂପଦ ହୋଇ ଏବେ ବି ରହିଛି। "ଦି ଲେଟରର୍ସ ଅଫ୍ ଅନେଷ୍ଟି ହେମିଂୱେ ଭଲ୍ୟୁମ୍-୧", ପଣ୍ଡିତ ଜବାହାରଲାର ନେହେରୁଙ୍କ "ଲେଟାରସ୍ ଫ୍ରମ୍ ଫାଦର ଟୁ ହିଜ୍ ଡ଼ଟାର", ବିଶ୍ୱକବି ରବୀନ୍ଦ୍ର ନାଥ ଠାକୁରଙ୍କ "ଭାନୁସିଂହଙ୍କ ପତ୍ରାବଳୀ" ରୋଗାର ମୋର୍ଟିମାର ଏବଂ ଚାର୍ଲି ମୋର୍ଟିମାରଙ୍କ "**Lupin: Letters to a Wayward Son**", ଭି.ଏସ୍.ନଇପାଲଙ୍କ **Between Father and Son: Family Letters** ଆଦି ପୁସ୍ତକ ସାହିତ୍ୟର ଏକ ମାଇଲଖୁଣ୍ଟ।

ଐତିହାସିକ ସୁତ୍ରଧର ଭାବରେ ଚିଠିର ଭୂମିକା ବହୁ ଗୁରୁତ୍ୱପୂର୍ଣ୍ଣ। ଏହା ହେଉଛି ଇତିହାସର ଏକ ଲିଖିତ ଦଲିଲ, ଏ.ଜି.ଗାର୍ଡ଼ନାରଙ୍କ "ଅନ୍ ଲେଟାର ରାଇଟିଂ" ରେ ଲୁପ୍ତ ହୋଇଯାଇଥିବା ଶିଳ୍ପର କଥା ଉଲ୍ଲେଖ କରାଯାଇଛି। ଏଡ଼ି.ଏସ୍.ଗ୍ଲାଡ଼ି ଏବଂ ଲାଙ୍ଗଷ୍ଟୋନ୍ ଗ୍ଲାଡ଼ିଙ୍କ "**Between a Black Father and Son**" ପୁସ୍ତକର ବର୍ଣ୍ଣ ବୈଷମ୍ୟ ଇତିହାସର ଏକ ରକ୍ତ ରଞ୍ଜିତ ଉପାଖ୍ୟାନ ଚିଠି ମାଧ୍ୟମରେ ଉପସ୍ଥାପନ କରାଯାଇଛି।

ଏଣୁ ଭାବର ଆଦାନ ପ୍ରଦାନ ପାଇଁ ଯେତେ ଗୁଡ଼ିଏ ଉଦ୍ଭାବିତ ବସ୍ତୁ (**Device**) ମଣିଷ ହାତକୁ ଆସୁନା କାହିଁକି ଚିଠିର ବିକଳ୍ପ କେବେ ହୋଇପାରିବ ନାହିଁ। ଚିଠି ବଞ୍ଚିନାହିଁ ଭାବର ଆଦାନ ପ୍ରଦାନ ପାଇଁ, ବଞ୍ଚିଛି ଆଉ ବଞ୍ଚିବ ତାର କିଛି ବିଶେଷ ଭୂମିକା ପାଇଁ।

**ସଂପାଦକ, ଆମ ପରଶମଣି,**
**ବାବୁସାହି, ବାରିପଦା,**
**ମୟୂରଭଞ୍ଜ - ୭୫୭୦୦୧**
**ମୋ- ୯୪୩୭୪୯୧୨୧୪**
**Email-ramchandradeo@rediffmail.com**

# ପାଖେଇଲା ନିର୍ବାଚନ

**ବିରେନ୍ କୁମାର ବେହେରା**



ଫେବ୍ରୁୟାରୀ ମାସେ ହେବ ନିର୍ବାଚନ,
କମିଶନ କଲା ଘୋଷଣା।
ମଦ ଓ ମାଂସର ଜମିବ ଆସର,
ବାଜିଲା ନିର୍ବାଚନ ବାଜଣା।
ପ୍ରାର୍ଥୀ ହେବା ପାଇଁ ତୋଷା ମଦିଆଙ୍କ,
ତେଲମରା ଆରମ୍ଭିବ।
ଜିତିଗଲେ କାଳେ ଭଲ ଦି ପଇସା,
ଭବିଷ୍ୟତ କୁ ସଞ୍ଚିବ।



ଆମେ ମତଦାତା ତାଙ୍କର ବିଧାତା,
ବାଛିବା ପ୍ରକୃତ ନେତା।
ପାଞ୍ଚ ବର୍ଷ ପାଇଁ ପାଞ୍ଚ ସେକେଣ୍ଡରେ,
କରିବା ଗଭୀର ଚିନ୍ତା।
ମଦ, ମାଂସ ଆଉ ଟଙ୍କା କେତେ ପାଇଁ,
ନ କରିବା ଆମେ ଲୋଭ।
ଭଲ ନେତାଟିଏ ନ ବାଛିଲେ ଆମେ,
ସର୍ବନାଶ ଆମ ହେବ।
ଆମ ସୁଖେ ଦୁଃଖେ ଭାଗିହେବା ପରି,
ଲୋକଟି ବାଛିବା ଆମେ।
ହେବା ନାହିଁ ଆମେ ଲୋଭ ବଶବର୍ତ୍ତୀ,
ନ ପଡି ଛଳନା ପ୍ରେମେ।
ସମାଜ ହିତରେ ସମାଜ ସ୍ୱାର୍ଥରେ,
କରିବା ଯେ, ମତ ଦାନ।
ପରିଚୟ ପତ୍ର ପାଖରେ ରଖିବା,
ପାଖେଇଲା ନିର୍ବାଚନ।

ପୋସାଇ, ମହାକାଳ ପଡା, କେନ୍ଦ୍ରାପଡା
ମୋ- ୭୩୮୧୧୯୯୨୦୬



# ଈଶ୍ୱରଙ୍କ ତ୍ରୁଟି ଖୋଜା

ଶ୍ରୀ ବିଭୁ ପ୍ରସାଦ ହରିଚନ୍ଦନ

ତିନି ଜଣ ବଂଧୁ ନିଜର ବିଦ୍ୟାଧ୍ୟୟନ ସାରିବାପରେ ନିଜ ଜୀବନରେ କ'ଣ କରିବେ ବସି ଗଭୀର ଭାବେ ଆଲୋଚନା କରୁଥିବା ସମୟରେ ଜଣେ ବଂଧୁ କହିଲା ଆମେ ଏତେ ପାଠ ପଢି ପଣ୍ଡିତ ହୋଇଛେ, କିନ୍ତୁ କିଛି କରିବା ପୂର୍ବରୁ ଚାଲ ଈଶ୍ୱରଙ୍କ ସୃଷ୍ଟିରେ ତାଙ୍କର କିଛି ଅନିୟମିତତାକୁ ସର୍ବସାଧାରଣରେ ପ୍ରକାଶ କରି ନିଜର ପାଣ୍ଡିତ୍ୱକୁ ଜାହିର କରିବା।ଏଇକଥା ଚିନ୍ତାକରି ୩ ଜଣ ଯାକ ପଣ୍ଡିତ ବଂଧୁ ସେଠାରୁ ଉଠି ଜଙ୍ଗଲଆଡକୁ ଚାଲିଲେ।

ଜଙ୍ଗଲ ଭିତରେ କିଛିବାଟ ଯିବାପରେ ସେମାନେ ଏକ ବଡ ଅଜଗର ସାପକୁ ଦେଖିଲେ। ସାପଟି ଧିରେ ଧିରେ ଯାଉଥାଏ। ଏଠାରେ ତିନି ବଂଧୁ  ଅଟକିଗଲେ ଓ ଚିନ୍ତାକଲେ ଏହା ଈଶ୍ୱରଙ୍କର ଏକ ବିରାଟ ଭୁଲ କାରଣ ସମସ୍ତଙ୍କୁ ହସ୍ତ ଓ ପାଦ କିମ୍ବା ପାଦ ଦେଇଥିବା ବେଳେ ଏ ଜୀବପ୍ରତି ଈଶ୍ୱର ଘୋର ଅନ୍ୟାୟ କରିଛନ୍ତି। ପାଦଥିଲେ ଏ ଜୀବଟି ନିଶ୍ଚୟ ସୁନ୍ଦର ଭାବରେ ଯାଇପାରୁଥାନ୍ତା। ଏ କଥା ଚିନ୍ତାକରି ଈଶ୍ୱରଙ୍କୁ ଦୋଷ ଦେଉଥିବା ବେଳେ ସେମାନେ କିଛି ତେଲଗୁଣୀ ପୋକ ଓ ବିଛାକୁ ଦେଖିଲେ,ଏ ସବୁ ଜୀବମାନଙ୍କର ଏତେ ଗୋଡ ଅନାବଶ୍ୟକ ବୋଲି ଚିନ୍ତା କରି ଈଶ୍ୱରଙ୍କୁ କଟୁକ୍ତି ପ୍ରକାଶ କଲେ। ଏହାପରେ କିଛି ବାଟ ଆଗକୁ ଗଲାପରେ ଏକ ହାତୀ ଦଳକୁ ଦେଖିବାକୁ ପାଇଲେ। ଏ ଜୀବ ମାନଙ୍କର ଶରୀରକୁ କଦାକାର କରିବା ସହିତ ଆଖି ଦୁଇଟିକୁ ଛୋଟ କରିବା ସହିତ ଲମ୍ବା ଥୋଡ ପାହାଡ ଦେବାଟା ଆଦୌ ସମୀଚୀନ ନୁହେଁ। ଈଶ୍ୱରଙ୍କର ଏହା ଏକ ଅକ୍ଷମଣୀୟ ଅପରାଧ ଅଟେ।

ଏହାପରେ ସେମାନେ ଆଗକୁ ଯାଇ ଦେଖିଲେ ଯେ କିଛି ଗଛମାନଙ୍କରେ 'ଫୁଲ ଓ ଫଳ ଅଛି କିନ୍ତୁ କେତେ ଗୁଡିଏ ଗଛରେ 'ଫୁଲ ନାହିଁକି ଫଳ ମଧନାହିଁ। କିଛି ଫୁଲରେ ସୁଗନ୍ଧ ଅଛି ଓ ଆଉ କିଛି ଫୁଲରେ ଆଦୌ ଗନ୍ଧହିଁ ନାହିଁ । ଏହା ଈଶ୍ୱରଙ୍କ ସୃଷ୍ଟିରେ ଏକ ବିରାଟ ବ୍ୟତିକ୍ରମ ଓ ଅନ୍ୟାୟ ବୋଲି ଭାବି ଈଶ୍ୱରଙ୍କୁ ଦୋଷ ଦେବାକୁ ଲାଗିଲେ । ଜଙ୍ଗଲ ମଧରେ ପଣସ ଗଛରେ ବଡବଡ ପଣସ ଫଳିଥିବାର ସେମାନେ ଦେଖିଲେ ଓ ଆଶ୍ଚର୍ଯ୍ୟ ମଧହେଲେ । ବର୍ତ୍ତମାନ ସେମାନେ ଏକ ସମତଳ ଚାଷ ଜମିରେ ଆସି ଦେଖିଲେ ଯେ କଖାରୁ ଓ ତରଭୁଜ ଲତା ଗଛମାନଙ୍କରେ ବଡ ବଡ ଫଳ ସବୁ ହୋଇ ଫଳିଅଛି। ଏଗୁଡିକ ଏତେ ବଡ ବଡ ଫଳ ହୋଇଥିବାରୁ ଗଛଗୁଡିକ ମାଟି ଉପରେ ପଡିରହିଛନ୍ତି। ଏହା ଏକ ଅଦ୍ଭୁତ ଚିନ୍ତାଧାରା ଓ ଅଦୂରଦର୍ଶୀତାର ପରିଣାମ ବୋଲି ଧରିନେଇ ଈଶ୍ୱରଙ୍କୁ ଭୁଲ ଦେବାକୁ ଲାଗିଲେ।

ପୁଣି ଆଗକୁ ଯାଇ ଦେଖିଲେ ବଡ ବଡ ଶିଙ୍ଘଥିବା ଏକ ହରିଣକୁ ଏକ ସିଂହ ମାରୁଅଛି। ଏତେ ବଡ ବଡ ଶିଙ୍ଗ ଥାଇ ହରିଣକୁ ନିରୀହ ପ୍ରାଣୀ କରିବା ସ୍ରଷ୍ଟାଙ୍କର ଏକ ପକ୍ଷପାତ ନୀତି ବୋଲି ସବୁ ପଣ୍ଡିତମାନେ ଅନୁଭବ କଲେ।

ଏହାପରେ ଗଛମାନଙ୍କରୁ ଫଳତୋଳି ଖାଇବାକୁ ଲାଗିଲେ। କିଛି ଫଳ ମିଠା ଲାଗିଲାବେଳେ କିଛି ଫଳ ଖଟା, ପିତା ଓ କଷା ଲାଗିଲା। ଏହାମଧ ଈଶ୍ୱରଙ୍କ ସୃଷ୍ଟିରେ ଏକ ବିରାଟ ବ୍ୟତିକ୍ରମ ବୋଲି ଚିନ୍ତାକରି ଈଶ୍ୱରଙ୍କୁ ଦୋଷ ଦେବାକୁ ଲାଗିଲେ। ଏହାପରେ ଏକ ନଦୀ ପାଖକୁ ଆସି ନଦୀମାନଙ୍କରେ ବୃହଦାକାର କୁମ୍ଭୀର ଓ ଜଳହସ୍ତୀମାନଙ୍କୁ ଦେଖି ସେମାନଙ୍କର ଏ ଜୀବଜଗତରେ ଅନାବଶ୍ୟକ ସୃଷ୍ଟି ବୋଲି ସେମାନେ ଚିନ୍ତାକଲେ କାରଣ ଅଯଥାରେ ସେମାନେ ଜଳରେ ଅନେକ ଜୀବଜନ୍ତୁଙ୍କୁ ମାରି ଖାଇଥାନ୍ତି। ଏହା ମଧ ଏକ ସନ୍ତୁଳିତ ଚିନ୍ତାଧାରା ନୁହେଁ ବୋଲି ସେମାନେ ଅନୁଭବ କଲେ।

ଈଶ୍ୱରଙ୍କ ତ୍ରୁଟି ଅନେକ ଓ ବାଛିଲେ ଅହୁରି ଅନେକ କିଛି ବାହାରିବ ବୋଲି ଚିନ୍ତାକଲେ। ଯେଉଁଠି ଖୋଜିଲେ ସେଠି ନିଶ୍ଚିତ ତ୍ରୁଟି ବାହାରିବ ବୋଲି ଚିନ୍ତାକରି ସେମାନେ ଏକ ବଡ ବରଗଛ ମୂଳରେ ଆସି ପହଂଚିଲେ ଓ ସେଠାରେ କିଛି ସମୟ ବିଶ୍ରାମ ନେବାପାଇଁ ଚାହିଁଲେ ଓ ସାଙ୍ଗରେ ଆଣିଥିବା କିଛି ଖାଦ୍ୟ ମଧ ଖାଇବାକୁ ଲାଗିଲେ। ଏତିକି ବେଳେ ଜଣେ ବଂଧୁ ଗଛରେ ଓହଳିଥିବା ଛୋଟ ଛୋଟ ଫଳଗୁଡିକୁ ଦେଖି କହିଲେ ଯେ ଭାଇମାନେ ଏତେ ବଡ ବୃହଦାକାର ଗଛ ଈଶ୍ୱର ସୃଷ୍ଟି କରିଛନ୍ତି ହେଲେ ଏଥିରେ କ୍ଷୁଦ୍ରାତିକ୍ଷୁଦ୍ର ଫଳସବୁ ଦେଇଛନ୍ତି। ଏହା ଈଶ୍ୱରଙ୍କ ସୃଷ୍ଟିରେ ଏକ ମସ୍ତବଡ ଭୁଲ। ଗଛର ଆକାର ଅନୁଯାୟୀ ଫଳ ଓ ଫୁଲ ହେବା କଥା କିନ୍ତୁ ଈଶ୍ୱରୀୟ ଅବିଚାରର ଏହା ଏକ ଅନ୍ୟ ଦୃଷ୍ଟାନ୍ତ ମାତ୍ର ଏହା କୁହାକୁହିହେବା ସହିତ ପଥଶ୍ରାନ୍ତ ହୋଇଥିବା ଯୋଗୁ ସେମାନେ ସବୁ ଶୋଇପଡିଲେ। ସେମାନେ ସ୍ୱପ୍ନ ଜଗତରେ ଥିବା ବେଳେ ହଠାତ୍ ଏକ ପାଚିଲା ବରଫଳ ଜଣେ ପଣ୍ଡିତଙ୍କ ମୁଣ୍ଡ ଉପରେ ଖସିପଡିବାରୁ ସେ ହଠାତ୍ ଉଠିପଡିଲେ ଓ ତାଙ୍କର ବିକଳ ଚିତ୍କାରରେ ଅନ୍ୟ ପଣ୍ଡିତ ବଂଧୁ ମାନେ ମଧ ଉଠିପଡିଲେ। ସମସ୍ତେ ଦେଖିଲେ ଯେ ଏକ ବରଫଳ ଜଣେ ପଣ୍ଡିତଙ୍କ ମୁଣ୍ଡ ଉପରେ ପଡିଯାଇଅଛି ଓ ସେ ଆଖିରୁ ଲୋତକ ଗଡ଼ାଉଛନ୍ତି। ଜଣେ ପଣ୍ଡିତ କହିଲେ ଏତେ ଛୋଟ ଫଳଟିଏ ପଡିଯିବାରୁ ଆପଣ କାନ୍ଦୁଛନ୍ତି। ଆମେ ଟିକିଏ ପୂର୍ବରୁ କଥା ହେଉଥିଲେ ଯେ ଏହି ଗଛରେ ବଡ ଫଳ ସୃଷ୍ଟି କରିବାର ଆବଶ୍ୟକତା

ଥିଲା ହେଲେ ଏହି ଛୋଟ ଫଳ ପରିବର୍ତ୍ତେ ଯଦି କଖାରୁ କିମ୍ବା ତରଭୁଜ ଭଳି ଫଳ ଏହି ଗଛରେ ଫଳିଥାନ୍ତା ଓ ତାହା ଆମ ବଂଧୁଙ୍କ ମୁଣ୍ଡ ଉପରେ ପଡିଥାନ୍ତା ତାହେଲେ ନିଶ୍ଚୟ କିଛି ବଡ ଅଘଟଣ ଘଟିଥାନ୍ତା। ଏହା କହୁକହୁ ପ୍ରଥମ ପଣ୍ଡିତ ଜଣକ ଦୁଃଖରେ କହିଲେ ଯେ ଯଦି ଏହିଫଳର ଆକାର ବଡ ହୋଇଥାନ୍ତା ଓ ତାହା ଯେପରି ମୋ ମୁଣ୍ଡ ଉପରେ ପଡିଲା ତା ହେଲେ ମୋ ମୁଣ୍ଡ ସଂପୂର୍ଣ୍ଣ ଠୋ ହୋଇ ମୋର ମୃତ୍ୟୁ ଅବଶ୍ୟମ୍ଭାବୀ ଥିଲା ସମସ୍ତ ପଣ୍ଡିତବଂଧୁ ଏହି କଥାରେ ସହମତ ହେଲେ ଓ ନିଜ ନିଜର ଭୁଲ ବୁଝିପାରିଲେ। ସ୍ରଷ୍ଟା ମହାନ। ସୃଷ୍ଟି ତାଙ୍କର ମହାନ।

ଏ କଥା ସମସ୍ତେ ସ୍ୱିକାର କରିବା ସହିତ ଈଶ୍ୱର ସୃଷ୍ଟିରେ ଆବଶ୍ୟକତା ଅନୁଯାୟୀ ସବୁ ସୃଷ୍ଟି କରିଛନ୍ତି। ନିଖୁଣ ଭାବରେ ସବୁ ତିଆରି କରିବା ସହିତ ସମସ୍ତଙ୍କ ପାଇଁ ଖାଦ୍ୟ,ବସ୍ତ୍ର,ପାନୀୟ ଓ ଅନ୍ୟାନ୍ୟ ଆବଶ୍ୟକୀୟ ପଦାର୍ଥମାନ ଈଶ୍ୱର ସୃଷ୍ଟି କରିଛନ୍ତି । ସ୍ରଷ୍ଟା ଯାହା କରିଛନ୍ତି ସବୁ ଠିକ୍ କରିଛନ୍ତି। ଆମେ ସବୁ ପଣ୍ଡିତ ହେଲେ ମଧ୍ୟ ଈଶ୍ୱରଙ୍କ ତ୍ରୁଟି ଖୋଜିବା ଏକ ବିକୃତ ମସ୍ତିଷ୍କର ଚିନ୍ତାଧାରା ବୋଲି ସ୍ୱିକାର କରି ପଣ୍ଡିତମାନେ ଈଶ୍ୱରଙ୍କୁ ଧନ୍ୟବାଦ ଜଣାଇ ଘରକୁ ଫେରି ଆସିଥିଲେ।

**ପ୍ରଧାନ ଶିକ୍ଷକ**
**ସାମନ୍ତରାପୁର ପ୍ରକଳ୍ପ ଉ.ପ୍ରା. ସ୍କୁଲ, ଖୋରଧା**

---

# ଧର୍ମ

**ଜାନକୀବଲ୍ଲଭ ପଟ୍ଟନାୟକ**

ଆମେ ଶ୍ରୀ ଗୁରୁଦାସ ସୂତ୍ରରେ ଶ୍ରୀଗୁରୁ ଓ ଗୁରୁବର୍ଗଙ୍କ ଶ୍ରୀମୁଖନିଃସୃତ ସନାତନ ଶାସ୍ତ୍ର ବାଣୀ ଅନୁସରଣରେ 'ପରମାର୍ଥୀ' ପାରମାର୍ଥିକ ପତ୍ରିକାରେ ଯଥାଶକ୍ତି ପୁନଃ ତାହା 'ପରସ୍ପରାନୁକଥନଂ ପାବନଂ ଭଗବତ୍ ଯଶ' (ଭାଗବତ) ଏବଂ ବୋଧୟନ୍ତ ପରସ୍ପରଂ (ଗୀତା) ନିଜ ନିଜ ମଧ୍ୟରେ ଯାହାକୁ ଇଷ୍ଟଗୋଷ୍ଠୀ କୁହାଯାଏ । ତାରି ମାଧ୍ୟମରେ ଅନୁକୀର୍ତ୍ତନ କରିଆସୁଛୁ ଶିକ୍ଷାଗୁରୁମାନଙ୍କ ନିର୍ଦ୍ଦେଶରେ । ମନୁଷ୍ୟମାତ୍ରେ ତ ତ୍ରୁଟି ବିଚ୍ୟୁତି ଅବଶ୍ୟ ରହିବ ଯେହେତୁ ଆମେ ବ୍ରହ୍ମାଙ୍କ ପରି ନୋହୁ । ପୁନଶ୍ଚ ଆମେ ଆମର ପୂର୍ବ ପୂର୍ବ ପ୍ରବନ୍ଧରେ କୀର୍ତ୍ତନ କରି ଆସିଛୁ ଯେ ବେଦର ପ୍ରଧାନ ଦେବତା ବିଷ୍ଣୁ । ଏହା ମନଗଢା ନୁହେଁ । ଶାସ୍ତ୍ରରେ ପରିଦୃଷ୍ଟ ହୁଏ ।

ଋଗ୍‌ବେଦରେ 'ବିଷ୍ଣୁ' ନାମ ୧୦୫, ଯଜୁର୍ବେଦରେ ୫୯, ସାମବେଦରେ ୨୪, ଅଥର୍ବବେଦରେ ୬୬ ଥର ଉଲ୍ଲେଖ ଅଛି । ବିଭିନ୍ନ ଉପନିଷଦ ଓ ପୁରାଣରେ ମଧ୍ୟ 'ବିଷ୍ଣୁ' ନାମ ଅଛି । ଏଣୁ ବିଷ୍ଣୁ ଏବଂ ତାଙ୍କର ଆରାଧକ ବାସେକ ବୈଷ୍ଣବ ଅଥବା ବୈଷ୍ଣବ ଧର୍ମ ଏକ ପ୍ରାଚୀନ ତମ ଧର୍ମ ଏଥିରେ ଦ୍ୱିରୁକ୍ତି ନାହିଁ । ପାଞ୍ଚମନ୍ତ୍ରର ବାସୁଦେବ, ପୁରୁଷୋତ୍ତମ, ମାଧବ, ଆରାଧନା ବି ମଧ୍ୟ ବିଷ୍ଣୁ ଉପାସନା, ପରବର୍ତ୍ତୀ କାଳରେ ସେହି ବିଷ୍ଣୁ ହିଁ ବାସୁଦେବ, ମାଧବ, ପୁରୁଷୋତ୍ତମ ଏବଂ ଶେଷରେ ପରିପୂର୍ଣ୍ଣ ରୂପେ' କୃଷ୍ଣ', 'କୃଷ୍ଣସ୍ତୁଭଗବାନ୍ ସ୍ୱୟଂ' ରୂପେ ପ୍ରତିଭାତ ହୋଇଛନ୍ତି ଶ୍ରୀକୃଷ୍ଣ ଓ ତାଙ୍କ ଅବତାର ମୁଖ୍ୟତ ଦଶାବତାର ମଧ୍ୟରୁ ଶ୍ରୀ ନୃସିଂହ ବାମନ- ଶ୍ରୀରାମ, ସମସ୍ତେ ବିଷ୍ଣୁ ପରସ୍ପର ଅଭେଦ । ବିଷ୍ଣୁତତ୍ୱ ଖଣ୍ଡିତ ନୁହଁନ୍ତି, ମାତ୍ର ରସ ତାରତମ୍ୟରେ ଶ୍ରୀକୃଷ୍ଣ ଲୀଳାର ଶ୍ରେଷ୍ଠତା ପରିଲକ୍ଷିତ ହୁଏ । ବୈଷ୍ଣବଧର୍ମ ସମ୍ବନ୍ଧେ ଆଲୋଚନ ଓ ଶାସ୍ତ୍ର ବାକ୍ୟାଦି ଉଦ୍ଧାର କଲେ ଏକ ବିରାଟ ଗ୍ରନ୍ଥହେବ ଅତଏବ ତାକୁ ଏତିକିରେ ରଖି ଧର୍ମ ସମ୍ବନ୍ଧେ ଦୁଇ ଚାରି କଥା ଆଲୋଚନା କରାଯାଉ ।

ଧର୍ମ କହିଲେ ଆମେ କ'ଣ ବୁଝୁ ? ବର୍ତ୍ତମାନ ଯେପରି ଜେହାଦି ଦେଖାଦେଇଛି ଧର୍ମନାମରେ । କେବଳ ଲେଖକର ନୁହେଁ ଆଉ ଅନ୍ୟମାନଙ୍କ ମତ ମଧ୍ୟ ଏହା ଯେ ଯଦି ପୃଥିବୀରେ କେବେ ଧର୍ମ-ଧର୍ମ ମଧ୍ୟରେ ଯୁଦ୍ଧ ଲାଗେ ତେବେ ପରମାଣୁ ବୋମା ଠାରୁ ପୃଥିବୀ ଅଧିକ ବିଷାକ୍ତ ହେବ । ବର୍ତ୍ତମାନ ଆମ୍ଭେମାନେ ଏପରି ଏକ କ୍ଷଣରେ ପହଞ୍ଚିଛେ ଯେ ପ୍ରତ୍ୟେକେ ପ୍ରତ୍ୟକଙ୍କ ଧର୍ମକୁ ଶ୍ରେଷ୍ଠ (ବଡ) କହିବାସହ ଅନ୍ୟଧର୍ମକୁ ସମାଲୋଚନା ଖଣ୍ଡନାଦିରେ ବ୍ୟସ୍ତ ରହୁଛେ । ଅବଶ୍ୟ ଅପଧର୍ମ- ଅଧର୍ମାଦି ତ ନିନ୍ଦନୀୟ । ଆମେ ଧର୍ଯ୍ୟର ସହ ସୁଯୁକ୍ତି ଓ ଶାସ୍ତ୍ରୀୟ ପ୍ରମାଣକୁ ଯଥାଯଥ ଉପସ୍ଥାପନ ନକରି ବେଳେ ବେଳେ କଳହ କରିବାରେ ଲାଗି ଯଉଛେ । ଯାହା ପୃଥିବୀରେ ଶାନ୍ତି ମତ୍ରୀ ଆଣିବା ପରିବର୍ତ୍ତେ ମାନବ ସମାଜକୁ ଶତଧା ବିଭକ୍ତ- ଖଣ୍ଡ ଖଣ୍ଡ କରିବାରେ ସହାୟ ହେଉଛି । ଏକତ୍ର ହେଲେ ଆମେ ତିଷ୍ଠିବା ଏବଂ ଭାଗ ଭାଗ ହେଲେ ଆମର ପତନ ହେବ। ଏହା ଆମେ ଚିନ୍ତାକରୁ ନାହୁଁ ସନାତନ ଧର୍ମର ସଂରକ୍ଷଣ ପାଇଁ ।

ନିରପେକ୍ଷ ଭାବେ ଚିନ୍ତାକଲେ ଧର୍ମ ବିଶ୍ୱାସ ପ୍ରଥମେ ପ୍ରକୃତିରେ ଶାନ୍ତ କମନୀୟ ସୁଷମା ଏବଂ ଅପରପକ୍ଷେ, ଭୂକମ୍ପ, ବାତ୍ୟା, ଝଡ ଇତ୍ୟାଦିରୁ ହିଁ ସୃଷ୍ଟି ହୋଇଚି ଜଣାଯାଏ ଗିରି ଗୁହାରେ ବାସ କରୁଥିବା ଆଦିମ ମାନବ ବିଜୁଳି- ଘଡଘଡି- ଘୋରବର୍ଷା ରୌଦ୍ରତାପାଦିରେ ଭୟଭୀତ ହୋଇ କୌଣସିନା କୌଣସି ଦେବାଦେବୀଙ୍କ କଳ୍ପନା କଲା ବଲାଙ୍ଗିରର ଶୁଳିଆର ଜଘନ୍ୟ ବଳିପ୍ରଥାକୁ ମଧ୍ୟ ଲୋକେ ଧର୍ମ ବୋଲି କହୁଛନ୍ତି । ଏଥିପାଇଁ ପାଶ୍ଚାତ୍ୟ ସମାଲୋଚକ ରସେଲ କହନ୍ତି –" Fear is the source of all religions' ମାର୍କସ୍‌ଙ୍କ ମତରେ ପ୍ରକୃତିର ରହସ୍ୟ ଓ ବିସ୍ମୟ ଭାବ ଦେଖି ମନୁଷ୍ୟ ତା'ର ଚତୁଃପାର୍ଶ୍ୱସ୍ଥ ପ୍ରାକୃତିକ ଶୋଭାଦିର ସୌନ୍ଦର୍ଯ୍ୟ କୁ ଉପଲବ୍ଧି କରି ତାକୁ କ୍ରମେ ଉପାସନା କରିଛି ଯେଉଁଥିରୁ ଧର୍ମର ଉତ୍ପତ୍ତି । ଏହା ସତ୍ୟ ଯେ ଆଦିମ ମାନବ ପ୍ରସ୍ତର ଖଣ୍ଡ ବିଶେଷକରି ବୃକ୍ଷାଦିକୁ ସ୍ୱ ସ୍ୱ ରୁଚି ଅନୁସାରେ ଭିନ୍ନ ଭିନ୍ନ ଈଶ୍ୱର ଈଶ୍ୱରୀ ରୂପେ ପୂଜା କରୁଥିଲା । କ୍ରମେ ତାହା ବଢି କ୍ରମ ବିକଶିତ ଅଥବା ବିବର୍ତ୍ତନ ହେଲା । ଆଉ କାହାରି ମତରେ ଧର୍ମ ପ୍ରକୃତିରୁ ସୃଷ୍ଟ ନୁହେଁ ଏହା ସ୍ୱର୍ଗୀୟ ଅବଦାନ ଦାର୍ଶନୀକ କ୍ରାଡିସନ୍‌ଙ୍କ ଏହା ମତ। ଏହି ପରି ନାନା କଥା ଅଛି ।

ବୈଷ୍ଣବମାନଙ୍କର ବିଶ୍ୱାସ ଯେ ଧର୍ମ କାହାଦ୍ୱାରା ନୁହେଁ ସ୍ୱୟଂ ଭଗବାନ୍‌ଙ୍କ ଦ୍ୱାରା ସୃଷ୍ଟ ବା ପ୍ରଣୀତ । 'ଧର୍ମନ୍ତୁସାକ୍ଷାତ୍ ଭଗବତ୍ ପ୍ରଣୀତଂ' (ଭାଗବତ) ବର୍ତ୍ତମାନ ଦେଖାଯାଉଛି ଗୋଟିଏ ଧର୍ମ (ଗୋଷ୍ଠୀ) ରେ ନାନା ଭିନ୍ନ ମତ ଉତ୍ପତ୍ତି ସହ ବହୁଦଳ ଏପରିକି ଗୋଟିଏ ଗୁରୁଙ୍କର ଶିଷ୍ୟ ମଧ୍ୟ ଏକତ୍ର ରହିପାରୁନାହାଁନ୍ତି ତେବେ ଭୁଲ୍ କେଉଁଠି ? ଗୁରୁଙ୍କଠାରେ ? ନା

ଶିଷ୍ୟଙ୍କ ଠାରେ ? ନା ଶିକ୍ଷାରେ ? ନା ଆଚରଣରେ ? ନିଜ ମଧ୍ୟରେ ଶତଧା ବିଭକ୍ତ- କଳହ-ମନାନ୍ତର ଥାଇ ଧର୍ମ ଗୁରୁମାନେ ସମାଜରେ ଯେ କିପରି ଶାନ୍ତି ପ୍ରତିଷ୍ଠା ଏବଂ ଐକ୍ୟ ସ୍ଥାପନାର୍ଥେ ସକ୍ଷମ ହେବେ ଏହା ବୁଝି ହେଉନାହିଁ । ବର୍ତ୍ତମାନ ଏପରି ଧର୍ମ-ଗୋଷ୍ଠୀ-ମଠ ଆଶ୍ରମ ନାହିଁ ଯେଉଁ ଠାରେ କି ମତପାର୍ଥକ୍ୟ, କଳହ ନାହିଁ ଅତଏବ ପୃଥିବୀରେ ଶାନ୍ତି ପ୍ରତିଷ୍ଠା କିପରି ସମ୍ଭବ ହେବ । ବୋଧହୁଏ ଏହାର ଏକମାତ୍ର କାରଣ ହୋଇପାରେ ଯେ ଆମେ ଶାସ୍ତ୍ରର ପ୍ରକୃତ ଅର୍ଥ ନବୁଝି ଅନ୍ୟ ଅର୍ଥ କରୁଛୁ । ଏସବୁ ଉପସ୍ଥାପନ କରି ଏହି ଦୀନ ଲେଖକ କାହାକୁ ବିଭ୍ରାନ୍ତ କରିବାର ଅପଚେଷ୍ଟା କରୁନାହିଁ । ଏଣୁ ସାକ୍ଷେପରେ ଧର୍ମ ର ଯଥାର୍ଥ ଅର୍ଥ ଶାସ୍ତ୍ରରୁ ଅବଗତ ହେବା ଜରୁରୀ । ସାଧାରଣ ଅର୍ଥରେ ଧର୍ମ ଅର୍ଥ କର୍ତ୍ତବ୍ୟ ଏବଂ ଧର୍ମରେ ଲାଭକ୍ଷତିର ପ୍ରଶ୍ନ ଉଠୁନି । ପୁତ୍ର ବିତାଙ୍କୁ ଭକ୍ତି କରିବ, ଭକ୍ତ ଭଗବାନଙ୍କୁ ଭକ୍ତିକରିବ ଏଇଟା ତାର ଧର୍ମ ମାତ୍ର ଭଲପାଇବା ଉଦ୍ଦେଶ୍ୟରେ ହିଁ ଭଲପାଅ । Love for love shake ଲାଭକ୍ଷତିର କଥା ଚିନ୍ତା କରିବା ଠିକ୍ ଧର୍ମ ବୋଲି ମନେହେଉନି । ଜୀବ ଭଗବାନଙ୍କୁ ଭକ୍ତି-ପ୍ରୀତି କରିବ । ଏହା ଜୀବର କର୍ତ୍ତବ୍ୟ ଏଥିରେ ଲାଭକ୍ଷତି ହିସାବ କାହିଁକି କରିବା । ଯେହି ବିଧି ରାଖେ ରାମ ଏହି ବିଧି ରହିୟେ' । ସୁଖ-ଦୁଃଖ ସବୁହିଁ ଈଶ୍ୱରଙ୍କ ଦାନ ଆମର କର୍ମଫଳାନୁସାରେ । କର୍ମଫଳ ଭୋଗ ହୋଇଯାଉ । ଜଳର ଧର୍ମ ତାରଲ୍ୟ ଓ ନିମ୍ନଗାମୀ ହେବା । ତଦ୍‌ବତ୍ 'ମମେ ବାଂଶୋ ଜୀବଲୋକ' (ଗୀତା) ଭଗବାନଙ୍କ ଅଂଶ- ଦାସ ସୂତ୍ରରେ ଭଗବାନଙ୍କୁ ଭଲ ପାଇବା ଜୀବର କର୍ତ୍ତବ୍ୟ ବା ଧର୍ମ ।

ବର୍ତ୍ତମାନ କିନ୍ତୁ ଆମେ ଆମ ଶାସ୍ତ୍ରରେ ଧର୍ମର ସଂଜ୍ଞା ସମ୍ବନ୍ଧେ କ'ଣ କୁହାଯାଇଛି ଦେଖିବା ଋଗ୍ ବେଦରେ ଅଛି "ତ୍ରଣିପଦା ବିଚକ୍ରମେ ବିଷ୍ଣୁର୍ଗୋପ୍ତା ଅଦଭ୍ୟଃ ଅତୋ ଧର୍ମାଣି ଧାରୟନ୍" ଅର୍ଥାତ୍ ଲୋକତ୍ରୟ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ (ଜଗତ) ଯାହାଦ୍ୱାରା ଧୃତ ତାହା ଧର୍ମନାମ ରେହେିନାମିତ । ଧୃ ଧାତୁରୁ ଧର୍ମର ଉତ୍ପତ୍ତି । ଅର୍ଥାତ୍ ଧାରଣ କରି ରଖିବା । ଯାହାର ଧାରଣ ଶକ୍ତି ଅଛି ତାହାହିଁ ଧର୍ମ 'ଧାରୟତେ ଇତିଃ ଧର୍ମ' ଶ୍ରୀବ୍ୟାସ ଦେବଙ୍କ ମତରେ:- ଧରଣାତ୍ ଧର୍ମ ମିତ୍ୟାହୁ ଧର୍ମୋ ଧାରୟତେ ପ୍ରଜାଃ

ଯତ୍‌ସ୍ୟାଦ୍ଧାରଣଂ ସଂଯୁକ୍ତଂ ସଧର୍ମ ଇତି ନିଶ୍ଚୟ । (ମହାଭାରତ)

ଧର୍ମଦ୍ୱାରା ଜଗତ ପରିଚାଳିତ । ଧର୍ମରେ ରାଜା ପ୍ରଜାଙ୍କୁ ପାଳନ କରନ୍ତି । ଧର୍ମ ଜଗତରେ ମୂଳହେତୁ । ଲୋକ ସମକସ୍ତ ଯାହାକୁ ଧାରଣ କରିଥାନ୍ତି ତାହାହିଁ ଧର୍ମ । ଜୈମିନୀଙ୍କ ମତରେ ଯାହା ମାନବ ସମାଜର ମଙ୍ଗଳ କାରକ ତାହାହିଁ ଧର୍ମ । ଯଏବ ଶ୍ରେୟସ୍କରିଃ ସଏବ ଧର୍ମ ଶବ୍ଦେନ୍ୟୋଚ୍ୟତେ" ମନୁସଂହିତା କହନ୍ତି ସାଧୁଙ୍କ ଆଚରଣ, କର୍ମ, ସ୍ମୃତିଶାଳଙ୍କ ବ୍ୟବହାର ଏ ବେଦ ଜ୍ଞାନ ହିଁ ଧର୍ମ: -

ବେଦୋଽଖିଳୋ ଧର୍ମ ମୂଳଂ ସ୍ମୃତିଶୀଳେଚ ତଦ୍‌ବଂଦାମ୍
ଆଚାରଶ୍ଚୈବ ସାଧୁନାଂ ମାତ୍ମନ ସୃଷ୍ଟିରେ ବଚ ॥

ମନୁ ସଂହିତାରେ ଅନ୍ୟତ୍ର ଦୟା, କ୍ଷମା, ସତ୍ୟ, ଦମ, ଶୌଚାଦିକୁ ମଧ୍ୟ ଧର୍ମ ର ଅଂଗ ବୋଲି ଉକ୍ତ ହୋଇଛି । ପଦ୍ମ ପୁରାଣ ମତରେ ସତ୍‌ପାତ୍ରରେ ଦାନ, ପିତୃମାତୃ ସେବନ, ଭଗବଦ୍ ଅନୁରକ୍ତି, ମାନବସମାଜକୁ ଶ୍ରଦ୍ଧା କରିବା ବି ଧର୍ମ ବୋଲି କୁହାଯାଇଛି ।

"ପାତ୍ରଦାନଂ ମିତଃ କୃଷ୍ଣେ ମାତା ପିତ୍ରେଶ୍ଚ ପୂଜନଂ
ଶ୍ରଦ୍ଧା ବଳିଗର୍ବା ଗ୍ରାସଃ ଷଡ୍‌ବିଧଂ ଧର୍ମ ଲକ୍ଷଣମ୍ ॥

ମହାଭାରତରେ ମଧ୍ୟ ଦାନ, ଧର୍ମ, ସତ୍ୟ, ଅହିଂସା ପିତୃମାତୃଙ୍କ ପ୍ରତି ଭକ୍ତିକୁ ଧର୍ମର ପଞ୍ଚଲକ୍ଷଣ ବୋଲି ଉକ୍ତି ଅଛି । ଏଣୁ ଭାରତ ବର୍ଷର ଆର୍ଯ୍ୟ ମୁନିଋଷିମାନେ ଏସମସ୍ତ ଧର୍ମର ଲକ୍ଷଣ ବ୍ୟକ୍ତ କରିଛନ୍ତି ଜନସମାଜର ଉପକାର ଓ ଉନ୍ନତି ପାଇଁ । ମାତ୍ର ବର୍ତ୍ତମାନର 'ଜେହାଦ' ଧର୍ମ ଏବଂ ତଥାକଥିତ ଭଣ୍ଡବାବାମାନଙ୍କ ଅପକର୍ମ, ଆଶାସ୍ତ୍ରୀୟ ଆଚରଣ କେଉଁ ଧର୍ମରେ ଯାଏ । ଯାହାଦ୍ୱାରା ସମାଜ ଭାରାକ୍ରାନ୍ତ । ସେହିପରି ଶ୍ରୀମଦ୍ ବାଗବତ କିନ୍ତୁ କହିଲେ ପରମଧର୍ମ ହେଲା । ଅଧୋକ୍ଷଜ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ଭକ୍ତିକରିବା । 'ସର୍ବୈପୁଂସାପରୋଧର୍ମ ଯ ତୋ ଭକ୍ତିରଧୋକ୍ଷଜେ"

ହିନ୍ଦୁନାମ ପ୍ରାଚୀନ ଶାସ୍ତ୍ରରେ ନଥିଲେ ମଧ୍ୟ ହିନ୍ଦୁଧର୍ମକୁ ଆମେ ସନାତନ ଧର୍ମ କହୁଛେ । ସନାତନ ବୈଦିକ ଧର୍ମରେ ପ୍ରବନ୍ଧ ପ୍ରାରମ୍ଭରୁ ଆମେ ଅବଗତ ହୋଇଛେ ଯେ ବେଦର ପ୍ରଧାନ ଦେବତା 'ବିଷ୍ଣୁ' ଏବଂ ତାଙ୍କର ଆରାଧକ ହେଲେ ବୈଷ୍ଣବ । ଶୈବ, ଶାକ୍ତ, ସୌର, ଗାଣପତ୍ୟ ସମସ୍ତେ ହିନ୍ଦୁ, ଶିବଜୀ, ଦୁର୍ଗା, ସୂର୍ଯ୍ୟଦେବ, ଗଣେଶ ଏମାନେ ସମସ୍ତେ ବିଷ୍ଣୁଭକ୍ତ ବୈଷ୍ଣବ ରମା-ଶମ୍ଭୁ- ବ୍ରହ୍ମା-ସୁରପତି- ଗଣେଶାର୍ଚ୍ଚିତ ପଦ ହେଲେ ଶ୍ରୀଜଗନ୍ନାଥ ବିଷ୍ଣୁ ଯିଏ ସ୍ୱରୂପତଃ "ଶ୍ରୀ ନଂଦନନ୍ଦନ" ବୃନ୍ଦାବନ ବସତି ଲୀଳା ପରିଚୟ ପ୍ରଦାତା ଜଗନ୍ନାଥ ସ୍ୱାମୀ ନୟନପଥଗାମୀ ଭବତୁମେ । ସେହି ଜଗନ୍ନାଥଙ୍କର ଆରାଧନା ହିଁ ବିଷ୍ଣୁ ଆରାଧନା। ତାହାହିଁ ଆମ୍ଭମାନଙ୍କର ଏକମାତ୍ର ପରମଧର୍ମ । ଭଗବାନ୍ ଶ୍ରୀକୃଷ୍ଣ ସର୍ବୋପନିଷଦ ସାରଗୀତା ଶେଷରେ ତାହାହିଁ କହିଛନ୍ତି 'ସର୍ବ ଧର୍ମାନ୍ ପରିତ୍ୟାଜ୍ୟ ମାମେକଂ ଶରଣଂ ବ୍ରଜ । ଶରଣାଗତି ହେଲା ଶ୍ରେଷ୍ଠ ଧର୍ମ ।

**ବୁଢ଼ୀ ବଗିଚା (ଖୋର୍ଦ୍ଧା)**

# ସୁ-ଡୋକୁ

ସୁ-ଡୋକୁ ଏକ ଗାଣିତିକ ଧନ୍ଦା। ନିମ୍ନରେ ପ୍ରଦତ୍ତ ଧନ୍ଦାଟିର ଖାଲି ସ୍ଥାନକୁ ଏପରି ଭାବରେ ପୂରଣ କର ଯେପରି ଧାଡି ଗୁଡିକୁ ଯେଉଁ ପଟରୁ ସିଧା ମିଶାଇଲେ ଯୋଗଫଳ ସମାନ ହେଉଥିବ ଏବଂ କୌଣସି ସଂଖ୍ୟା ଦ୍ୱିତୀୟ ଥର ବ୍ୟବହାର ହୋଇନଥିବ। ସଂଖ୍ୟା ଗୁଡିକ ୧ ଠାରୁ ୯ ମଧ୍ୟରେ ହୋଇଥିବ।

ସୁ-ଡୋକୁ ଉତ୍ତର ୩୦ ପୃଷ୍ଠାରେ

| | | | | | | | | |
|---|---|---|---|---|---|---|---|---|
| 7 | | 8 | | | | | 4 | 2 |
| | | | 6 | 7 | 2 | | | 3 |
| 6 | 5 | 2 | | | | | 1 | 9 |
| | 9 | | 7 | | | | 8 | 6 |
| 2 | | 7 | 9 | | 6 | 5 | | 1 |
| 1 | 8 | | | | 5 | 4 | | |
| 8 | | 9 | | 2 | | 1 | 6 | 4 |
| 4 | | | | 6 | 1 | | | |
| 5 | 6 | | 4 | | | 3 | 2 | 8 |



# ଜୀବନ 'କିପରି' ଓ 'କାହିଁକି'

ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

କେତେକ ସ୍କୁଲର ଅଧକ୍ଷମାନେ ଏବେ କହିଲେଣି ଯେ ଏଣିକି ସେମାନେ ସ୍କୁଲରେ 'କୋମଳ' ବିଷୟ ପଢ଼ାଇବା ବନ୍ଦ କରିଦେବେ; ଗୁରୁତ୍ୱ ଦେବେ 'କଠିନ' ବିଷୟଗୁଡ଼ିକୁ ପଢ଼ାଇବାରେ। 'କୋମଳ' ଓ 'କଠିନ' ବିଷୟ ପୁଣି କଅଣ ? ସାହିତ୍ୟ, ଇତିହାସ ଇତ୍ୟାଦି କୋମଳ ବିଷୟ ଏବଂ 'କଠିନ' ବିଷୟ ହେଉଛି ବିଜ୍ଞାନ, ଗଣିତ ଆଦି !

ସେମାନଙ୍କ ଏପରି ଦୃଷ୍ଟିକୋଣର କାରଣ ? କାରଣ ହେଲା, ଛାତ୍ରମାନେ ସାହିତ୍ୟ ତଥା ମାନବ ବିଦ୍ୟା ବା କଳା ଆଧାରିତ ବିଷୟଗୁଡ଼ିକୁ ପଢ଼ିବା ପାଇଁ ବିଶେଷ ଆଗ୍ରହ ପ୍ରକାଶ କରୁନାହାନ୍ତି। କଳା ଆଧାରିତ କୌଣସି ବିଷୟକୁ ଅତିରିକ୍ତ ବିଷୟଭାବେ ନେଉଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା କ୍ରମେ କମି କମି ଯାଉଛି। ଫଳରେ ସ୍କୁଲର ଆର୍ଥିକ ସ୍ଥିତି ପ୍ରତି ଏହା ଅନୁକୂଳ ହୋଇପାରୁନାହିଁ। ଛାତ୍ରଛାତ୍ରୀ ଯଦି କଳା ଆଧାରିତ ବିଷୟଗୁଡ଼ିକ ପ୍ରତି ବିମୁଖ, ତେବେ ସେହି ବିଷୟଗୁଡ଼ିକର ଶିକ୍ଷକମାନଙ୍କୁ ନିଯୁକ୍ତି ଦେଇ ସ୍କୁଲ କେତେଦିନ ଧରି ଅବା ଦରମା ଗଣିଚାଲିବ ? କାମ ନକରି ଦରମା କଅଣ ସ୍କୁଲର ଆର୍ଥିକ ସ୍ଥିତି ଉପରେ ଏକ ଅଯଥା ଚାପ ନୁହେଁ ?

ଆର୍ଥିକ ଦୃଷ୍ଟିକୋଣରୁ ବିଚାର କଲେ, ଛାତ୍ରଛାତ୍ରୀମାନେ କଳା ଶାଖାର ଅନ୍ତର୍ଭୁକ୍ତ ବିଷୟପ୍ରତି ଆଗ୍ରହୀ ନହେବା ମଧ୍ୟ ଯଥାର୍ଥ। କାରଣ ବିଜ୍ଞାନ ଶାଖାର ଅନ୍ତର୍ଭୁକ୍ତ ବିଷୟଗୁଡ଼ିକୁ ନେଇ ସାର୍ଟିଫିକେଟ୍ ହାସଲ କଲେ କିଏ ଡ଼ାକ୍ତର କି ଇଂଜିନିୟର୍ କିମ୍ୱା ମୋଟା ଦରମା ମିଳୁଥିବା ଚାକିରି ପାଇବାର ସମ୍ଭାବନା ବେଶ୍ ଉଜ୍ୱଳ। ମାତ୍ର କଳା ଆଧାରିତ ବିଷୟରେ ଡ଼ିଗ୍ରୀ କଲେ ଅଧିକ ଆୟର ଆଶା ସୀମିତ।

ଭାଷା, ଇତିହାସ ଭଳି ବିଷୟରେ ଡ଼ିଗ୍ରୀ କଲେ ଅଧିକାଂଶ ପିଲାଙ୍କୁ ଏବେ କେଉଁ ପ୍ରକାରର ଚାକିରି ମିଳୁଛି ? ଧରାଧରି, କୁହାବୋଲା ଇତ୍ୟାଦିକୁ ଖଟେଇ କାଁ ଭାଁ କିରାଣି ଚାକିରି କିମ୍ୱା ପୁନର୍ବାର ପରୀକ୍ଷା ଦେଇ କଦବା କେମିତି ନିଜ ଡ଼ିଗ୍ରୀ ବିଷୟକୁ ଶିକ୍ଷକ ଚାକିରି। ଆଉ ଦରମା ଦୃଷ୍ଟିରୁ ତୁଳନା କଲେ ଏଭଳି ଚାକିରି ଆଦୌ ଆକର୍ଷଣୀୟ ନୁହେଁ। କେବଳ ପରିବାର ଚଳେଇବାରେ ବାଧବାଧକତା ଯୋଗୁ ହିଁ ସେମାନେ ଏଭଳି ଚାକିରିକୁ ପ୍ରତ୍ୟାଖ୍ୟାନ କରିପାରୁନାହାନ୍ତି। ତା' ସାଙ୍ଗକୁ ଯଦି ସ୍କୁଲଗୁଡ଼ିକ କଳାଶାଖା ଆଧାରିତ ବିଷୟଗୁଡ଼ିକ ପ୍ରତ୍ୟାହାର କରିନେବେ, ତେବେ ଏହି ବିଷୟଗୁଡ଼ିକର ଶିକ୍ଷକମାନଙ୍କୁ ସେମାନେ ନିଯୁକ୍ତି ଦେବେ ଅବା କାହିଁକି ?

ରବୀନ୍ଦ୍ରନାଥ ଟାଗୋର ଏବଂ ସେକ୍ସପିୟର୍ କିମ୍ୱା ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ବିଷୟରେ ଘଣ୍ଟାଘଣ୍ଟା ଧରି ସାର ଗର୍ଭକ ଭାଷଣ ଦେଇପାରିଲେ, ଏବଂ ମୋଟାମୋଟା ବହିଲେଖି ଛପେଇଲେ ପଣ୍ଡିତ ତଥା ବିଜ୍ଞବ୍ୟକ୍ତି ଭାବରେ ଯେ ପରିଚିତ ମିଳିଯିବ, ଏଥିରେ କୌଣସି ସନ୍ଦେହ ନାହିଁ। କିନ୍ତୁ ଏହାଦ୍ୱାରା ବ୍ୟାଙ୍କ୍ ଆକାଉଣ୍ଟରେ ବିଶେଷ ଉନ୍ନତି ସାଧିତ ହୋଇପାରିବ କି ? ମାତ୍ର ଅନ୍ୟପକ୍ଷରେ ଚତୁର୍ବର୍ଗ ସମୀକରଣ ସମାଧାନ କରିପାରିଲେ କିମ୍ୱା କୌଣସି କଂପ୍ୟୁଟର ପ୍ରୋଗ୍ରାମ୍ କରିଦେଇପାରିବାର ସାମର୍ଥ୍ୟ ହାସଲ କରିନେଇପାରିଲେ  କୌଣସି ନା କୌଣସି ଟେକ୍‌ନିକାଲ୍ କମ୍ପାନୀ ଠାରୁ ଛଅସଂଖ୍ୟା ବିଶିଷ୍ଟ ଦରମାର ଚେକ୍‌ଟିଏ ମାସକୁ ମାସ ଥୁଆ। ହଁ ନା ନାହିଁ ?

ଏହା ସ୍ୱୀକାର୍ଯ୍ୟ ଯେ ଆମ ସମାଜ କ୍ରମେ ବିଜ୍ଞାନ ମୁଖାପେକ୍ଷୀ ସମାଜ ଦିଗରେ ଅଗ୍ରସର ହେଉଛି। ବିଜ୍ଞାନସହ ଆମର ସଂପୃକ୍ତି ଧୀରେ ଧୀରେ ବୃଦ୍ଧିପାଇ ଚାଲିଛି। ମାତ୍ର ବିଜ୍ଞାନର ଅନିୟନ୍ତ୍ରିତ ବୃଦ୍ଧି ପକ୍ରିୟାରେ ସନ୍ତୁଳନ ଆଣିବାରେ ମାନବବିଦ୍ୟା ବା କଳା ହିଁ ସହାୟକ ହୋଇପାରିବ। ବିଜ୍ଞାନ ଓ କଳା ପରସ୍ପରର ପ୍ରତିଦ୍ୱନ୍ଦୀ ନୁହଁନ୍ତି,ଏମାନେ ପରସ୍ପରର ପରିପୂରକ। ବିଜ୍ଞାନ ଓ କଳା ମଧ୍ୟରେ ସଂପର୍କ ଯେତେ ବେଶୀ ଘନିଷ୍ଠ ହେବ, ଆମ ଜୀବନ ସେତେ ବେଶୀ ସମୃଦ୍ଧ ହୋଇଉଠିବ।

ବିଜ୍ଞାନକୁ ଜୀବନର 'କିପରି' ବା କେଉଁ ପ୍ରକାରରେ ବୋଲି କୁହାଯାଇପାରେ। ସବୁକିଛିକୁ କିପରି କରାଯାଇପାରିବ, ସେହି ପଦ୍ଧତି ସଂପର୍କରେ ବିଜ୍ଞାନ ଆମକୁ ଶିକ୍ଷାଦେଇଥାଏ। ଉଦାହରଣସ୍ୱରୂପ, ରାସ୍ତାରେ ଯାନବାହନ ଚଳାଚଳକୁ 'କିପରି' ନିୟନ୍ତ୍ରିତ କରିହେବ, ପୋଲଟିଏ 'କିପରି' ନିର୍ମାଣ କରାଯାଇପାରିବ, ଜନସାଧାରଣ କିପରି ଶତାୟୁ ହୋଇପାରିବେ କିମ୍ୱା ମଙ୍ଗଳଗ୍ରହକୁ ଯାତ୍ରା କରିବା ନିମନ୍ତେ କିପରି ତିଆରି କରିହେବ ଏକ ମହାକାଶଯାନ ଇତ୍ୟାଦି।

ବିଜ୍ଞାନକୁ ଜୀବନର 'କିପରି' ବୋଲି କୁହାଗଲେ ମାନବବିଦ୍ୟାକୁ ଜୀବନର 'କାହିଁକି' ବୋଲି କୁହାଯିବା ବରଂ ଯଥାର୍ଥ। ସବୁକିଛିକୁ ଆମେ 'କାହିଁକି' ଦୃଷ୍ଟିରୁ ବିଚାର କଲେ ସେ ସଂପର୍କରେ ବୁଝିବା ସହଜ ହୋଇଯିବ। ପ୍ରତ୍ୟେକ କାମକୁ ଆମେ 'କାହିଁକି' କରିବା, ତାକୁ 'କାହିଁକି' କରିବା ଉଚିତ୍ କିମ୍ୱା 'କାହିଁକି' କରିବାନି ଏସବୁର ପରିସର ହୁଏତ ମାନବବିଦ୍ୟା ବା 'ଆର୍ଟସ୍'ର ଅନ୍ତର୍ଭୁକ୍ତ।

ଲୋକେ କିପରି ଶହେବର୍ଷରୁ ବେଶୀ ବର୍ଷ ପର୍ଯ୍ୟନ୍ତ ବଞ୍ଚିପାରିବେ ତାହା ହୁଏତ ଆମେ ଜାଣିନେବା। କିନ୍ତୁ ଆମେ ସେମାନଙ୍କୁ କାହିଁକି ଶତାୟୁ କରିବା ତାହା କଅଣ ଆମକୁ ଜଣା ? ଅମରତ୍ୱ କିମ୍ୱା ସୁଦୀର୍ଘ ଜୀବନ ଆମପାଇଁ ଏକ ଆଶୀର୍ବାଦ କି ଅଭିଶାପ, ଏହା ଆମକୁ ଜଣା କି ? ବାସ୍ତବରେ ଆମର

'କିପରି' ଗୁଡ଼ିକୁ ମୂଲ୍ୟାୟନ କରିବାରେ 'କାହିଁକି' ଗୁଡ଼ିକ ଆମକୁ ସାହାଯ୍ୟ କରିଥାଏ।

ଦ୍ୱିତୀୟ ବିଶ୍ୱଯୁଦ୍ଧ କାଳରେ ନାଜି ନିର୍ଯାତନା ତଥା ମୃତ୍ୟୁ ଶିବିରରେ ବନ୍ଦୀ ହୋଇଥିବା ଭିକ୍ଟର୍ ଫ୍ରାଙ୍କ୍ ଭାଗ୍ୟବଳରୁ ବଞ୍ଚିଯାଇଥିଲେ। ସେ ନିର୍ଦ୍ଧାରଣ କରିଥିଲେ ଏକ ମନସ୍ତାତ୍ତ୍ୱିକ ଶୃଙ୍ଖଳା। ଏହାକୁ ସେ 'ଲୋଗୋଥେରାପୀ' ଭାବରେ ନାମକରଣ କରିଥିଲେ।

କଅଣ ଥିଲା ସେହି 'ଲୋଗୋଥେରାପୀ' ବିଧିର ଭିତ୍ତି ? ନାଜି ନିର୍ଯାତନା ଶିବିରରେ ତାଙ୍କୁ ଯେଉଁ ଅକଥନୀୟ ଅମାନୁଷିକ ଅବସ୍ଥା ସହ୍ୟ କରିବାପାଇଁ ପଡ଼ିଥିଲା, ସେହି ବ୍ୟକ୍ତିଗତ ଅଭିଜ୍ଞତାକୁ ଆଧାରକରି ସେ ଲୋଗୋଥିରାପୀର ଭିତ୍ତି ସ୍ଥିର କରିଥିଲେ।

ନିର୍ଯାତନା ଶିବିରରେ ସେ ଆବିଷ୍କାର କରିଥିଲେ ଯେ ସେଠାରେ ରହିଥିବା ବନ୍ଦୀମାନଙ୍କ ମଧ୍ୟରୁ ଯେଉଁମାନଙ୍କର ବଞ୍ଚିରହିବା ନିମନ୍ତେ କୌଣସି ଅପରିହାର୍ଯ୍ୟ କାରଣ ରହିଥିଲା, ଜୀବିତ ରହିବାର ପଶ୍ଚାତ୍‌ରେ କୌଣସି ନିର୍ଦ୍ଦିଷ୍ଟ 'କାହିଁକି' ରହିଥିଲା- ଯେପରିକି ଅତି ଭଲପାଉଥିବା ବ୍ୟକ୍ତିମାନଙ୍କୁ ସୁରକ୍ଷିତ ରଖିବା, ବନ୍ଦୀଜୀବନରୁ ମୁକ୍ତ ହୋଇଗଲେ ନିର୍ଯାତନା ଶିବିରରେ ସେମାନଙ୍କୁ ଦିଆଯାଉଥିବା ତୀବ୍ର ତଥା ଖୁବ୍ ଭୟାବହ ଯନ୍ତ୍ରଣାର ମୂକସାକ୍ଷୀ ଭାବେ ତଥା ବ୍ୟକ୍ତିଗତ ଭାବରେ ଭୋଗିଥିବା ନିର୍ଯାତନା ସଂପର୍କରେ ସାକ୍ଷ୍ୟପ୍ରଦାନ କରିବା- ସେମାନେ 'କିପରି' ବଞ୍ଚିରହିପାରିବେ, ତା'ର ଉପାୟ କରିଥିଲେ।

ଫ୍ରାଙ୍କ୍‌ଙ୍କ ରଚିତ ପୁସ୍ତକଟିର ନାମ- "ଲୋଗୋଥେରାପୀ: ମ୍ୟାନ୍'ସ୍ ସର୍ଚ୍ ଫର୍ ମିନିଂ" ବା ଲୋଗୋଚିକିତ୍ସା: ଉଦ୍ଦେଶ୍ୟ ପୂର୍ତ୍ତିପାଇଁ ମଣିଷର ଅନ୍ୱେଷଣ। ମନସ୍ତତ୍ତ୍ୱ ଶାଖାରେ ଏହା ଏକ ଅତି ଉପାଦେୟ ମୌଳିକ ଗ୍ରନ୍ଥ। ଜୀନର 'କାହିଁକି' ଓ 'କିପରି'କୁ ଆବିଷ୍କାର କରିବା ହିଁ ହେଉଛି ଲୋଗୋଥିରାପୀର ମୂଳଭିତ୍ତି। ଅମାନବୀୟ ଅନ୍ୟାୟ, ଅତ୍ୟାଚାର ଅବସ୍ଥାର କିପରି ସନ୍ତୋଷଜନକ ମୁକାବିଲା କରିହେବ, ଏ ସଂପର୍କରେ ସବିଶେଷ ସୂଚନା ଉକ୍ତ ପୁସ୍ତକଟିରେ ପ୍ରଦତ୍ତ ହୋଇଛି।

'କାହିଁକି'ଗୁଡ଼ିକ ଆମ ଜୀବନକୁ ଅର୍ଥବୋଧକ କରିଥାଏ ତଥା ଜୀବନର ଉଦ୍ଦେଶ୍ୟ ସମ୍ବନ୍ଧରେ ଆମକୁ ଅବଗତ କରିଥାଏ। କିନ୍ତୁ ବଞ୍ଚି ରହିବାର ପ୍ରକ୍ରିୟା ସମ୍ବନ୍ଧରେ 'କିପରି'ଗୁଡ଼ିକ ପ୍ରଦାନ କରିଥାନ୍ତି ଉପଯୋଗୀ ତଥ୍ୟ। ଏକ ସୂକ୍ଷ୍ମଗ୍ରନ୍ଥିରେ 'କାହିଁକି' ଓ 'କିପରି' ଗ୍ରଥିତ ଏବଂ ଏହା ହିଁ ହେଉଛି ମାନବଜୀବନ।

'ଅଭୀପ୍‌ସା'ସେକ୍ଟର୍-୬,
ପ୍ଲଟ ନଂ- ୧୧୩୧,ଅଭିନବ ବିଡ଼ାନାସୀ,
କଟକ- ୭୫୩୦୧୪
ମୋ:୯୪୩୭୭୬୬୧୧୭

# ଏତିକି କରୁଛି ଭିକ୍ଷା



ଜ୍ଞାନ ଦାଶ

ସବୁତ କରିଛ ସବୁ କରାଉଛ
ବିଶ୍ୱନିୟନ୍ତା ହେ ପ୍ରଭୁ,
ଜୀବଜଗତକୁ ପ୍ରାଣତ ଦେଇଛ
କରମ ଦେଇଛ ସବୁ ....... (୦)

ଭଲ କରିବାକୁ ତୁମ୍ଭେ ବତାଇଛ
ଜଗତ ମଙ୍ଗଳ ପାଇଁ,
ମନ୍ଦ କରିବାକୁ ତୁମ୍ଭେ ବତାଉଛ
ଜଗତ କରତା ହୋଇ ........(୧)

ବୃକ୍ଷ ତରୁଲତା ଏ ଜୀବଜଗତ
କ୍ଷୟର ମୁଖ୍ୟ କରତା,
ଅପଯଶ ଖାଲି ଜୀବଲଭିଥାଏ
ତମେ ତ ଜୀବର ସତ୍ତା .......(୨)

ତୁମେ ଅନ୍ତର୍ଯ୍ୟାମୀ ଧରାପଡ଼ନାହିଁ
କେହି ଦିଏନାହିଁ ଦୋଷ,
ସଂସାର ତୁମର ସବୁତ ତୁମର
କାହିଁ କର ତୁମେ ବାସ ........(୩)

ଥରେ ଦେଖାହେଲେ ପଚାରନ୍ତି ପ୍ରଭୁ
ଏକି ଲୁଚା ଛପା କାମ,
ଦୋଷକରି ଏଠି ପାଏ ଦୋଷୀଦଣ୍ଡ
ତୁମେ ଯୋଡ଼ ଭାଗ୍ୟବାମ .......(୪)

ହେ ଛଳନା ମୟ ଛଳନା ନକରି
ଜଗତକୁ ଦିଅ ଦେଖା,
ତୁମ ପରଶରେ ସବୁପୂରିଯିବ
ଏତିକି କରୁଛି ଭିକ୍ଷା ........(୫)

ନବିନାବାଗ,ଖୋରଧା
୯୪୩୭୨୩୨୮୭୩



# ବୁଦ୍ଧି ହିଁ ବିବେକ

**ଅଜୟ କୁମାର ସାହୁ**

ମଣିଷ ବୁଦ୍ଧିମତ୍ତାର ଉପଯୋଗ ସଠିକ ଭାବରେ କରିପାରିଲେ ସବୁଠାରୁ ସମ୍ମାନିତ ହେବାର ସୁଯୋଗ ମିଳିଥାଏ। ନିଜର ବୁଦ୍ଧିମତ୍ତାକୁ ଉପଯୋଗ କରି ଯେଉଁମାନେ ଉପଯୁକ୍ତ ସମୟରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିପାରନ୍ତି ସେମାନେ ଜୀବନରେ ସଫଳତା ଲାଭ କରିଥାନ୍ତି। ଯେଉଁମାନେ ଅନ୍ୟମାନଙ୍କୁ ଅସୁବିଧାରେ ପକାଇବା ପାଇଁ ଲକ୍ଷ୍ୟ ରଖିଥାନ୍ତି ସେମାନେ ଅନେକ ସମୟରେ ପରାଜୟ ବରଣ କରିଥାନ୍ତି। ସେ ଦୃଷ୍ଟିରୁ ବୁଦ୍ଧିହିଁ ବିବେକ। ଏହି ବିବେକକୁ ମଣିଷ ଠିକ୍ ରୂପେ ବିନିଯୋଗ କରିପାରିଲେ ଜୀବନରେ ସଫଳତା ଲାଭ କରିପାରିବ ଏଥିରେ ସନ୍ଦେହ ନାହିଁ। ଏ ସଂପର୍କରେ ଏକ ଉଦାହରଣ ନିମ୍ନରେ ଉଲ୍ଲେଖ କରୁଛି।

ସଂସ୍କୃତ ଗୁଣ୍ଡିଚା ଚମ୍ପୂ ପ୍ରଣେତା ବକ୍ରବାକ ଚକ୍ରପାଣି ପଟ୍ଟନାୟକ ଥରେ ନୟାଗଡ଼ ଦରବାରକୁ ପରିଣତ ବୟସରେ ନିଜର ପ୍ରତିଷ୍ଠା ପ୍ରଦର୍ଶନ ଉଦ୍ଦେଶ୍ୟରେ ଆସିଥିଲେ। ସେତେବେଳେ ଯଦୁମଣି ଜଣେ ହାସ୍ୟ ରସିକ କବି ଭାବରେ ଜନସାଧାରଣରେ ଜଣାଶୁଣା ହେବା ଚକ୍ରପାଣି ପଟ୍ଟନାୟକ ଶୁଣି ସାରିଥାନ୍ତି। ଯେହେତୁ ସେତେବେଳେ ରାଜଦରବାରରେ କେବଳ ବ୍ରହ୍ମଣ, କ୍ଷତ୍ରିୟ ଏବଂ କରଣମାନେ ବସିପାରୁଥିଲେ ଯଦୁମଣି ସେଥିରୁ ବଞ୍ଚିତ ଥିଲେ। ବକ୍ରବାକ ଚକ୍ରପାଣିଙ୍କ ଅନୁରୋଧରେ ରାଜା ବିନାୟକ ସିଂହ ମାନଥାପ ପରିଷଦମାନଙ୍କ ବାରଣ ସତ୍ୱେ କିଛି ଶାସ୍ତ୍ର ଚର୍ଚ୍ଚା କରିବା ପାଇଁ ଯଦୁମଣିଙ୍କୁ ରାଜସଭାକୁ ଡ଼କାଇଲେ। ରାଜସଭାରେ ଚକ୍ରପାଣି ଏବଂ ଯଦୁମଣିଙ୍କ ମଧ୍ୟରେ ଅନେକ କିଛି ଶାସ୍ତ୍ର ପ୍ରଶ୍ନୋତ୍ତର ମାଧ୍ୟମରେ ଚର୍ଚ୍ଚା ହୋଇଥିଲା। ଚର୍ଚ୍ଚାବେଳେ ଚକ୍ରପାଣି ଯଦୁମଣିଙ୍କୁ ଅନେକ ପ୍ରଶ୍ନ ପଚାରି ସଠିକ ଉତ୍ତର ପାଇଥିଲେ ଏବଂ ସେ ଯଦୁମଣିଙ୍କ ଉତ୍ତରରେ ସନ୍ତୋଷ ଲାଭ କରିଥିଲେ। ମହାପଣ୍ଡିତ ଚମ୍ପୂ ପ୍ରଣେତା ଚକ୍ରବାକଙ୍କ ମାଧ୍ୟମରେ ସେହିଦିନ ଠାରୁ ଯଦୁମଣି ରାଜଦରବାରରେ ରାଜକବି ହିସାବରେ ଆସନ ଗ୍ରହଣ କଲେ।

ଥରେ ରାଜା ବିନାୟକ ମାନଧାତା ଚକ୍ରପାଣିଙ୍କୁ ଯଦୁମଣି କିଛି ପ୍ରଶ୍ନ ପଚାରନ୍ତୁ ବୋଲି ଚାହିଁବାରୁ ଚକ୍ରପାଣି ସମ୍ମତି ଦିଅନ୍ତେ ମହାକବି ଚକ୍ରପାଣିଙ୍କ ପାଦସ୍ପର୍ଶ କରି ଯଦୁମଣି ନମ୍ରତାର ସହିତ ନିମ୍ନୋକ୍ତ ପ୍ରଶ୍ନଟି ପଚାରିଥିଲେ।

ଛବିରେ ଏକ ଦିଶେ ନବ ରବିକି
ଏକ ପେଟ ପୋଷେ ଧନୁଶର ବିକି
ଜଳଭୀତି କାହାର ନୀତି
କାହାର ଭୟ ନାହି ଭରମ ପ୍ରତି
ବିଚାରି କହିବ,
ଚାରି ପଦାର୍ଥ ଏକ ହୋଇଥିବ।

ବୃଦ୍ଧ ସଂସ୍କୃତ କବି ଚକ୍ରପାଣି ଏହାର ଉତ୍ତର ହଠାତ ଦେଇପାରିନଥିଲେ। ବରଂ କହିଥିଲେ "ଯଦୁମଣି ତୁମେ ମୋର ପ୍ରିୟତମ ଅନୁଜ, ମୁଁ ଆଜି ତୁମ ନିକଟରେ ହାରିଲି।"

ଚକ୍ରପାଣିଙ୍କ ଯୋଗୁଁ ଯଦୁମଣି ରାଜଦରବାରରେ ସମ୍ମାନିତ ହୋଇଥିଲେ। ଯଦୁମଣି ସେହିଦିନୁ ସର୍ବଦା ଚକ୍ରପାଣିଙ୍କ ପ୍ରତି କୃତଜ୍ଞ ରହିବା ସହ ମଥାନତ କରି ପ୍ରଣାମ କରୁଥିଲେ। ଏହି ଘଟଣାରେ ରାଜା ବିନାୟକ ମାନଧାତା ଯଦୁମଣିଙ୍କୁ ଯଥାଯୁକ୍ତ ପୁରସ୍କାର ଦେଇ କେବଳ ସଭା କବି ନୁହେଁ ନିଜର ଜୟସ୍ୟ ଭାବରେ ଗ୍ରହଣ କରିଥିଲେ। ଏହା ପୂର୍ବରୁ ପାରମ୍ପରିକ ଭାବରେ କେବଳ ପୁରୋହିତମାନଙ୍କ ପୁତ୍ରମାନେ ଜୟସ୍ୟ ହେବାର ବିଧିଥିଲା। ଏଠାରେ କିନ୍ତୁ ତାହାର ବ୍ୟତିକ୍ରମ ଘଟି ବଢ଼େଇ ଯୁବକ ଯଦୁମଣି ନିଜର ବୁଦ୍ଧି ବଳରୁ ରାଜସଭାରେ ଜୟସ୍ୟ ପରି ଏକ ସମ୍ମାନଜନକ ପଦବୀର ଅଧିକାରୀ ହୋଇଥିଲେ।

**ମୋ : ୯୪୩୭୩୦୭୨୬୪**

---

# ପ୍ରାର୍ଥନା

**ଶକୁନ୍ତଳା ମିଶ୍ର**

ଦୟାମୟ ହରି ହେ ବିଶ୍ୱ ବିହାରୀ
ଘେନ ମୋର ନିବେଦନ
ଅବୋଧ କାଳକ ନଜାଣଇ ପୂଜା
ଜାଣେ ଅଛ ଭଗବାନ।
ଧ୍ରୁବପ୍ରହ୍ଲାଦ ଥିଲେ ତ ବାଳୁତ
ସାହସେ ଭଜିଲେ ହୃଦେ,
ଦୟାବହି ତାଙ୍କୁ ରଖିଲେ ହୃଦୟେ
କଲ ଅମର ଜଗତେ।
ଭଲମନ୍ଦ କିବା ସହଜେ ବୁଝିବା
ନାହିଁତ ଶକତି ମୋର,
କରୁଣା ସାଗର ମୋ ଦେଇ କରାଅ
ଯେ କର୍ମ ଜଗତେ ସାର।
ଦୟା, ପ୍ରେମ, କ୍ଷମା, ସାହସ ସୁଗୁଣେ
ଭରି ଦିଅ ମୋର ଚିତ୍ତ,
ଧୈର୍ଯ୍ୟ ଶକତି ଜୀବେଦୟା ପ୍ରୀତି
କରମେ ହେଉ ଆନନ୍ଦ।
ଅଜ୍ଞାନୀକୁ ଜ୍ଞାନ ଅନ୍ଧକୁ ନୟନ
କୁରୂପେ ଦେଇଛ ରୂପ,
ତୁମ୍ଭ କୃପା ବଳେ ଏ ଜଗତ ଚଳେ
କହିଛନ୍ତି ବଡ଼ଲୋକ।
ତୁମ୍ଭ ପଦେ ଚିତ୍ତ ରହୁ ନିରନ୍ତର
ତୁମ୍ଭରି ଜଗତ ସେବା,
କରିବାରେ ମନ ହେଉ ମୋ ଗଗନ
ଏତିକି କରୁଣା ଭିକ୍ଷା।

**ଶିବଭବନ, ଦୋଳମଣ୍ଡପ ସାହି,**
**ପୁରୀ**
**୯୪୩୯୭୨୮୫୧୦(ମୋ)**

---

ଯେଉଁ ଦାନ କେବଳ କର୍ତ୍ତବ୍ୟ ଅଟେ। ଏହା ଜାଣି ସେହି କର୍ତ୍ତବ୍ୟ ଦାନକୁ ଯେକୌଣସି ପ୍ରତ୍ୟୁପକାରୀ ବ୍ୟକ୍ତିଙ୍କୁ ଦେଶ, କାଳ, ପାତ୍ର ବିବେଚନା କରି ଯେଉଁ ଦାନ କରାଯାଏ, ତାହାକୁ ସାତ୍ତ୍ୱିକ ଦାନ କୁହାଯାଏ।

# ଫୁଲିଆ ସାର୍



ସମରଜୀତ୍ ପଟ୍ଟନାୟକ

୧୯୭୩ ମସିହାର କଥା। ସୁଦୂର ବଲାଙ୍ଗିର ଜିଲ୍ଲାର ଏକ ଅନୁନ୍ନତ ଅଂଚଳରେ ଏକ ଘରୋଇ କଲେଜରେ ଦର୍ଶନ ଅଧ୍ୟାପକ ଶ୍ରୀଯୁକ୍ତ ପ୍ରଫୁଲ୍ଲ ମିଶ୍ର। ସମସ୍ତେ ତାଙ୍କୁ ଶ୍ରଦ୍ଧାରେ ଫୁଲିଆ ବାବୁ ବୋଲି ଡ଼ାକନ୍ତି, କିନ୍ତୁ ପିଲାମାନେ ମଧ୍ୟ ଫୁଲିଆ ସାର୍ ବୋଲି ଯଥେଷ୍ଟ ସମ୍ମାନ ଦିଅନ୍ତି। ଜନ୍ମରୁ ଗୋଟିଏ ଗୋଡ଼ ଛୋଟ- ତେଣୁ ବାଡ଼ି ନଧରି ସେଇ ଛୋଟା ଗୋଡ଼କୁ ଜମି ଉପରେ ରଖି ତାରି ଉପରେ ଡ଼ାହାଣ ହାତ ପାପୁଲି ଭରାଦେଇ ସେ ବେଶ୍ ଜୋର୍‌ରେ ଛୋଟେଇ ଛୋଟେଇ ଚାଲିପାରନ୍ତି। କଲେଜର ଷ୍ଟାଫ୍ ଠାରୁ ଆରମ୍ଭକରି ପିଲାମାନେ- ସମସ୍ତଙ୍କର ଅତିପ୍ରିୟ ସାର। ଅତି ଆମାୟିକ, ମାନନାହିଁ, ଅଭିମାନ ନାହିଁ- ସବୁବେଳେ ହସ ହସ। ଯେଉଁ ପିଲା ଯେତେବେଳେ ପାଠ ବିଷୟରେ କଣ ପଚାରିଲା- ସାଂଗେ ସାଂଗେ ବସିପଡ଼ନ୍ତି ତାପାଖରେ- ପିଠି ଆଉଁସି ଦିଅନ୍ତି- ଅତି ପ୍ରାଂଜଳ ଭାବରେ ବୁଝାଇ ଦିଅନ୍ତି ଦର୍ଶନ ଶାସ୍ତ୍ରର ଅବୁଝା ତତ୍ତ୍ୱ ସବୁକୁ। ହସି ହସି ମୁଣ୍ଡ ଆଉଁସି ଦେଇ କହନ୍ତି ପୁଣି କଣ ବୁଝି ନପାରିଲେ ମୋ ପାଖକୁ ଆସିବ- ମୁଁ ବୁଝେଇ ଦେବି। ଏମିତି ଅତିପ୍ରିୟ ମଣିଷଟିଏ ସେ- ସମସ୍ତଙ୍କର ପ୍ରିୟ।

ନିଜ ଘର ପୁରୁଣା ଭୁବନେଶ୍ୱରରେ। କେଉଁ ଏକ ଅମୁହାଁ ଗଳି ଭିତରେ। ଛୋଟିଆ ଦି ବଖୁରିଆ ଘର। ରୋଷେଇ ଘର ଦାଣ୍ଡ ପିଣ୍ଡାଟିଏ। ବେଶ୍ ସେତିକି ବାପା ସେପାରିକି ଚାଲିଗଲେଣି ଅନେକ ଦିନରୁ- କେବଳ ବିଧବା ମାଆ ସେଠି ଏକୁଟିଆ ରୁହନ୍ତି। ବୋଲହାକ କରିବା ପାଇଁ ବାର ଚଉଦ ବର୍ଷର ବ୍ରାହ୍ମଣ ବାପା ମାଆ ଛେଉଣ୍ଡ ପିଲାଟିଏ ତାଙ୍କ ପାଖରେ ଥାଏ - ନାଁ ବିଭୁ। ପ୍ରତି ମାସରେ ଥରୁଟେ ଯେମିତି ହେଲେ ଫୁଲିଆ ବାବୁ ଘରକୁ ଆସି ମାଆଙ୍କ କଥା ବୁଝିଯାଆନ୍ତି।। ଏବେ ବି ଫୁଲିଆ ବାବୁ ଅବିବାହିତ। ବିବାହର ଉପଯୁକ୍ତ ବୟସ ଅନେକ ଦିନରୁ ସେ ଆଡ଼େଇ ଦେଇଛନ୍ତି- ନିଜର ଏ ଶାରିରୀକ ବିକଳାଙ୍ଗତା ଯୋଗୁଁ।

ଜାନୁଆରୀ ମାସ ସରିଆସୁଥାଏ। ପ୍ରଚଣ୍ଡ ଶୀତ ଲହରି ସମସ୍ତଙ୍କୁ ବ୍ୟତିବ୍ୟସ୍ତ କରୁଥାଏ। ସଂଧ୍ୟାହେଲେ ପ୍ରାୟ ଘର ବାହାରକୁ କେହି ବାହାରୁ ନଥାଅନ୍ତି। ହଠାତ୍ କବାଟ ଠକ୍ ଠକ୍ ହେଲା- ଫୁଲିଆ ବାବୁ କବାଟ ଖୋଲିଲେ- ଡ଼ାକପିଅନ ଟେଲିଗ୍ରାମ୍‌ଟିଏ ବଢ଼େଇ ଦେଲା- ଦସ୍ତଖତ ନେଇ ଚାଲିଗଲା। ଟେଲିଗ୍ରାମ୍ ଭୟମିଶା ହାତରେ ଖୋଲିଲେ- ଲେଖାଥିଲା- "ମଦର୍ ଏକ୍ସପାୟାର୍ଡ଼ କମ୍ ଇମିଡ଼ିଏଟ୍‌ଲି"- ବିଭୁ।। ଥକା ହୋଇ ବସିପଡ଼ିଲେ ଚଉକି ଉପରେ। ସମ୍ପୂର୍ଣ୍ଣ ରୂପେ ଭାଙ୍ଗିପଡ଼ିଥିଲେ ଫୁଲିଆ ବାବୁ। ଖବର ପାଇ ଷ୍ଟାଫ୍‌ମାନେ ଆସି ବୁଝାବୁଝି କରାଇ ରାତି ବସ୍‌ରେ ଫୁଲିଆ ବାବୁଙ୍କୁ ବସାଇଦେଲେ। ଭୋର୍ ହେବା ଆଗରୁ ବସ୍ ଭୁବନେଶ୍ୱର ପୁରୁଣା ବସ୍‌ଷ୍ଟାଣ୍ଡ ପାଖରେ ପହଂଚିଲା। ଫୁଲିଆ ବାବୁ ଭାରି ମନରେ ରିକ୍ସାଟିଏ ଡ଼ାକି ଓଲଡ଼୍‌ଟାଉନ୍ ଯିବାକୁ କହି ଲଥକିନା ବସିପଡ଼ିଲେ। ଆଖିରୁ ଲୁହ ସେଯାଏ ଶୁଖିନଥାଏ। ସେଥିରେ ପୁଣି ଘନ କୁହୁଡ଼ି ଭଲ ଦିଶୁନଥାଏ। ରାସ୍ତାକଡ଼ ବତୀ ସବୁ ନିର୍ଜୀବ ପରି ଲାଗୁଥାନ୍ତି। ରିକ୍ସାବାଲା ଯାଇ ଗଳିମୁଣ୍ଡରେ ପହଂଚି କହିଲା- ସାର୍ ରିକ୍ସା ତା ଭିତରକୁ ନେଇ ହବନି- ଏଇଠି ଓହ୍ଲାଇ ପଡ଼ନ୍ତୁ। ଫୁଲିଆ ବାବୁ କିଛି ନକହି ରିକ୍ସାଭଡ଼ା ଦେଇ ବ୍ୟାଗ୍ ଖଣ୍ଡିକ କାନ୍ଧରେ ଝୁଲାଇ ଧିରେ ଧିରେ ଘର ଆଡ଼କୁ ଛୋଟେଇ ଛୋଟେଇ ଚାଲିଲେ। ଗଳିର ଶେଷ ମୁଣ୍ଡରେ ତାଙ୍କ ଘର। ୪୦/୫୦ ହାତ ଗଲାପରେ ତାଙ୍କ ଘର ସାମନାରେ ପହଂଚି- ସେ ନିଜକୁ ସଂଜତ କରିନେଲେ। ବିଭୁ ଏକୁଟିଆ ପିଲା- ଭାଙ୍ଗିପଡ଼ିଥିବ ନିଶ୍ଚୟ। ତେଣୁ ସେ ଯଦି ଅସ୍ଥିର ହେବେ- ତାକୁ ବୁଝାଇବ କିଏ? ପୁରୁଣା ଟିଣଗେଟ୍ ଭିତରୁ ବଡ଼ ତାଲାଟିଏ ପଡ଼ିଛି। ଫୁଲିଆ ବାବୁ ତାଲାକୁ ଖଡ଼୍ ଖଡ଼୍ କରି ବଡ଼ପାଟିରେ ବିଭୁ ବୋଲି ଡ଼ାକିଲେ। କିଏ ଜଣେ ଘର କବାଟ ଖୋଲିବାର ଶବ୍ଦ ହେଲା- ପିଣ୍ଡା ଲାଇଟ୍ ମିଂଜି ମିଂଜି ଜଳୁଛି ଘନ କୁହୁଡ଼ି ଯୋଗୁଁ ୪/୫ ଫୁଟ ଭିତରେ କିଛି ବାରି ହୋଇପାରୁନଥାଏ। କିଏ ଜଣେ ଧଳା ଲୁଗା ଖଣ୍ଡେ ପିନ୍ଧି ବାରଣ୍ଡା ତଳକୁ ଓହ୍ଲାଇଲା ଓ ଗେଟ୍ ଆଡ଼କୁ ଧିରେ ଧିରେ ଚାଲି ଚାଲି ଆସିଲା ବେଳକୁ କହିଲା- କିରେ ଫୁଲୁ କିରେ? ହଠାତ୍ ଚମକି ପଡ଼ିଲେ ଫୁଲିଆ ବାବୁ- ଇଏତ ମାଆ- ମାଆର ପାଟି ପରି ଶୁଭୁଛି। ମାଆ ତ କାଲି ସଂଧ୍ୟାରୁ ସେ ପାରିକୁ ଗଲାଣି- ତେବେ ଇଏ? ଭୁତ୍ ଭୁତ୍ କହି ବିକଟାଳ ଚିତ୍କାର କରି ଚମକି ବୁଲି ପଡ଼ି ଦଉଡ଼ି ପଳେଇବାକୁ ଚେଷ୍ଟା କରୁ କରୁ ନଳା ଭିତରେ ଖସି ପଡ଼ିଲେ ଫୁଲିଆ ବାବୁ- ଚେତା ବୁଡ଼ିଗଲା। ବେଶ୍ ସେତିକି, ଆଖି ଖୋଲିଲା ବେଳକୁ ସେ ଡ଼ାକ୍ତରଖାନା ବେଡ୍ ଉପରେ ଶୋଇଛନ୍ତି- ପାଖରେ ମାଆ, ବିଭୁ, ଆଉ ଦୁଇଜଣ ଲୋକ ଠିଆହୋଇ ମୁଚୁକି ମୁଚୁକି ହସୁଛନ୍ତି।। କିଏ ଜଣେ ବଦମାସୀ କରି ମିଛରେ ଟେଲିଗ୍ରାମ୍ କରିଦେଇଥିଲା- ତାରି ଫଳ ପାଇଲେ ନିରୀହ ଫୁଲିଆ ବାବୁ।

ହାଉସିଂବୋର୍ଡ଼ ଖୋରଧା
ଖୋରଧା

# ରତମ୍ବରା ତୁମେ

ଉଦୟନାଥ ତ୍ରିପାଠୀ

ରତମ୍ବରା ତୁମେ ପହିଲି ଆଷାଢ଼େ ଝିପି ଝିପି ବର୍ଷା ଜଳେ,
ଭିଜାଅ ତୁମର ଗରମ ଦେହକୁ ଧାରା ଶିରାବଣେ ଧାରେ।
ବେପଥୁ ଭାଦ୍ରବ ହସରେ ତୁମର ହସରେ
ତୁମର ଝରିପଡ଼େ ନୀର ଧାର,
ଲାଜଟା ତୁମରି ଆଶିଣ ସଞ୍ଜରେ ଭରା କାଶତଣ୍ଡୀ ଫୁଲ।
ଭାଷାଟି ତୁମର ପୁଣ୍ୟ କାର୍ତ୍ତିକରେ ଗାଏ ଆ,ବା,ମା, କେ ଗୀତ,
ଆଦ୍ୟ ମାର୍ଗଶୀର ଶିଟୁଆ ସକାଳେ ଗୃହଲକ୍ଷ୍ମୀଙ୍କର ବ୍ରତ।
ଗଉଗରେ ତୁମେ ଘାସ ମଥାନରୁ ଝରାଅ ମୁକୁତା ବିନ୍ଦୁ ,
ମାଘରେ ଥରାଅ, ହାତ, ଗୋଡ଼, ଦେହ ଖାଲଟି ତୁଷାର ସିନ୍ଧୁ।
ଫଗୁଣରେ ତୁମେ ବାସନ୍ତୀ ଦୋଳିରେ ସାଜି ରାଧାକୃଷ୍ଣ ବେଶ,
ଫୁଲର ଗହଣେ, ମଧୁମକ୍ଷୀ ମେଳେ ଛଟାଳ ନିଟୋଳ ହସ।
ବଉଳ ବାସରେ ଦିଗ ଚହଟାଅ ଚହଟାଅ ମନେପ୍ରୀତି,
ଆମ୍ବବଉଳର ପତ୍ର କୋଣେ ବସି କୋଇଲି ଶୁଣାଏ ଗୀତି।
ରଙ୍ଗ ବିଞ୍ଚିଦିଏ, ପୀରତି ଜଗାଏ ତରୁଣ, ତରୁଣୀ ମାନେ,
ମୁଖରେ ଫୁଟାଅ କୃଷ୍ଣଚୂଡ଼ା ହସ, ଲାସ୍ୟମୟୀ, ପୁଷ୍ପବନେ।
ପଲାସ ରଙ୍ଗର ଶାଢ଼ୀ, ଶଙ୍ଖା ପିନ୍ଧି, ମଥାରେ ସିନ୍ଦୂର ବିନ୍ଦୁ,
ହସେ ଆକାଶରେ ମଳୟ ବାଆରେ ଆକାଶେ ପୂର୍ଣ୍ଣିମାଇନ୍ଦୁ।
ଆମ୍ବ ବଉଳରୁ ବାସ ହରିଅଛ, ଥୁଣ୍ଟା ଆଜି ବୃକ୍ଷଡ଼ାଳ,
ସାଇଁ ସାଇଁ ବହେ ବଇସାଖୀ ବାଆ, ପୋଡ଼େ ମୁହଁ ବହେ ଝାଳ,
ରାସ୍ତାକଡ଼େ ଦୋକାନ ବିଥିରେ ମିଳେ ଥଣ୍ଡାଜଳ, ଲସି,
ଆଇସକ୍ରିମ୍ ଦେଖି, ଶିଶୁ ଯୁବାଦଳ ମନେ ମନେ ଭାରି ଖୁସି ।
ବେଲ, ତରଭୁଜ, ଫୁଟି ପଣାହୁଏ ମହାବିଷୁବର ଦିନ,
ତାତିକୁ ନଡ଼ରି ମଲ୍ଲୀ, ହେନା, ଜୁଇ ବାସରେ ହରନ୍ତି ମନ।
ପ୍ରଭୁ ଚକ୍ରପାଣି ଗ୍ରୀଷ୍ମକାଳ ଜାଣି ଭାସନ୍ତି ଜଳାଶୟରେ
ମଥାରେ ଲଗାଇ ଶୀତଳ ଚନ୍ଦନ ଓଡ଼ିଆ ପଖାଳ ଘରେ

ଆଦିମାତା କଲୋନୀ
ମଞ୍ଚେଶ୍ୱର ରେଲବାଇ କଲୋନୀ
ଭୁବନେଶ୍ୱର- ୧୭
ମୋ- ୯୪୩୯୭୩୨୩୧୭

# ଦୁହିତା



ପୁଷ୍ପଲତା ସାମନ୍ତରାୟ

ଜନନୀ ଓ ଜାୟା ଭଗିନୀ ରୂପରେ
ଧନ୍ୟା ଅଟେ ନାରୀ ଜାତି
ପରାଣ କାନ୍ଦୁଛି ସମାଜରେ ଆଜି
ଦେଖି ସମାଜର ଗତି।।
ଦୁଇକୁଳ ହିତା ବୋଲି ସେ ଦୁହିତା
ସେ ଲାଗି ଆଖ୍ୟା ନେଇଛି
କେଉଁ କୁଳେ ଆଜି ତାହାର ସୁରକ୍ଷା
ନାଇଁଥିଲା ପରି ଲାଗୁଛି।
ସଂସାର ଆଲୋକ ଦେଖିବା ଆଗରୁ
କନ୍ୟା ଭୃଣ ରହେ ନାହିଁ,
ଶଙ୍କାକୁଳ ହୋଇ ପିତାମାତା କେହି
କନ୍ୟାଟିଏ ଚାହୁଁନାହିଁ।।
ଏଥିପାଇଁ ଦାୟୀ ନୁହେଁ କି ଆମର
ଘୃଣ୍ୟ ମାନମସିକତା
ମାନସିକ ସ୍ତରେ ପୁତ୍ର କନ୍ୟା ମଧ୍ୟେ
ରହୁନାହିଁ ସମାନତା।।
ସଂଘର୍ଷରେ ରତ ନାରୀ ଜାତି ଆଜି
ତାର ପରିଚୟ ପାଇଁ
ପ୍ରତ୍ୟେକ ସ୍ତରରେ ପ୍ରତିଷ୍ଠିତା ସିଏ
ଜାତିକୁ ଗୌରବ ଦେଇ।
ଇତିହାସ ଆଉ ପୁରାଣ ଯେତକ
ନାରୀ ଜାତି ଗୁଣ ଗାଏ
ତ୍ୟାଗ ଆଉ ଧୈର୍ଯ୍ୟ ମାନ ରଖିଛନ୍ତି
ପୁରାଣ ସେ କଥା କହେ।।
ନିଶ୍ଚୟ ସୁଦିନ ଆସିବ ଯେ ଦିନ
ଜନଜାଗରଣ ହେବ
ପୂର୍ଣ୍ଣତା ପରା ଏ ଧରା ଧାମରେ
ନାରୀ ବିନା ଅସମ୍ଭବ।

ଦଉ ତୋଟା, ପୁରୀ-୧



# ପ୍ରଜାପତି

ଅଧ୍ୟାପକ ମନୋଜ କୁମାର ମହାପାତ୍ର



ପ୍ରଜାପତିଟି ହରଷରେ
ବସିଛି ଫୁଲର ଉପରେ ।
ଫୁଲଫୁଟେ ବନଉପବନରେ
ପ୍ରଜାପତି ଉଡିବୁଲେ ଫୁଲରୁ ଫୁଲକୁ ।

ପ୍ରଜାପତିକୁ ନେଇ ଅନେକ କାବ୍ୟ ଓ କବିତା ଲେଖାଯାଇଛି। ପ୍ରଜାପତି କେତେ ସୁନ୍ଦର ଦେଖିବାକୁ ତାହା ବର୍ଣ୍ଣନା କରିବା ଅସମ୍ଭବ ଅଟେ।ପ୍ରାଣୀଜଗତର ଏହି ଛୋଟ କୀଟପତଙ୍ଗ ଶ୍ରେଣୀର ପ୍ରାଣୀଟି ଏକ ବିସ୍ମୟକର। ସେମାନଙ୍କର ଡ଼େଣାର ରଙ୍ଗ ବିଭିନ୍ନ ପ୍ରକାରର ରଙ୍ଗରେ ଆଛାଦିତ। ଏହା ହେଉଛି ସେମାନଙ୍କର ଏକ ବିଶେଷତ୍ୱ ରୂପ। ପୃଥିବୀର ପ୍ରାୟ ସବୁ ଦେଶରେ ଓ ସବୁ ସ୍ଥାନରେ ଏମାନେ ଦେଖାଯାଆନ୍ତି। ପୃଥିବୀରେ ପ୍ରାୟ ୨୦୦୦ ପ୍ରକାରର ପ୍ରଜାତିର ପ୍ରଜାପତି ଦେଖାଯାଆନ୍ତି ଓ ଆମ ଭାରତରେ ୧୫୦୧ ପ୍ରଜାତିର ପ୍ରଜାପତି ଦେଖାଯାଆନ୍ତି। ଏମାନଙ୍କ ସୃଷ୍ଟି ଟ୍ରିଆସିକ୍ ସମୟରୁ ଯେତେବେଳେ ସ୍ତନ୍ୟପାୟୀ ପ୍ରାଣୀ ସୃଷ୍ଟି ହୋଇଥିବାର ଜଣାଯାଏ। ଏମାନଙ୍କର ସ୍ୱତନ୍ତ୍ରତା ହେଉଛି ଯେ ଅନ୍ୟ ସମସ୍ତ କୀଟପତଙ୍ଗ ଠାରୁ ଦେଖିବାକୁ ଖୁବ୍ ସୁନ୍ଦର। ଆଉମଧ୍ୟ ଏମାନେ କାହାକୁ କାମୁଡି ନଥାନ୍ତି କିମ୍ବା ନାହୁଡ ମାରିନଥାନ୍ତି କିମ୍ବା କୌଣସି ରୋଗର ବାହକ ନୁହନ୍ତି କିମ୍ବା କାହାର କେବେ କ୍ଷତି କରିନଥାନ୍ତି। ଏମାନଙ୍କର ଦେହର କିଛି ନର୍ଦ୍ଦିଷ୍ଟ ରଙ୍ଗ ନଥାଏ କିମ୍ବା ରଙ୍ଗ ହେବାର କିଛି ନିୟମ ମଧ ନାହିଁ। ଅଧିକାଂଶ ପ୍ରଜାପତି ବହୁ ବର୍ଣ୍ଣର ଓ ଅତି ଗୌର ରଙ୍ଗ ଏମାନଙ୍କର ରହିଛି। ସେମାନଙ୍କର ରଙ୍ଗ ସର୍ବଦା ଉଜ୍ଜ୍ୱଳ, ସ୍ୱଚ୍ଛ ଓ ସଦାପରିବର୍ତ୍ତନଶୀଳ ଏବଂ ବିଭିନ୍ନ ପ୍ରକାର ରଙ୍ଗର ସମିଶ୍ରଣ ହୋଇଥାଏ। ସେଥିପାଇଁ ପ୍ରାଣୀ ଜଗତରେ ଏମାନଙ୍କର ରଙ୍ଗ ଅତୁଳନୀୟ ଅଟେ। ଇଂରାଜୀରେ ଏମାନଙ୍କର ନାମ ହେଉଛି Butterfly

ଏମାନଙ୍କ ଦେହର ଆକାର ବଡ ଓ ଦେହ ତିନି ଭାଗରେ ବିଭକ୍ତ ଯଥା- ମୁଣ୍ଡ, ବକ୍ଷଦେଶ ଓ ତଳିପେଟ । ଦେହଟି ସିଧା ହୋଇ ରହିଥାଏ। ମୁଣ୍ଡ ଅଂଶରେ ଦୁଇଟି ଜଟିଳ ଆଖି ଓ ଦୁଇଟି ଶୃଙ୍ଗିକା ରହିଛି। ସେହି ଶୃଙ୍ଗିକାର ଅଗ୍ରଭାଗ ଫୁଲିକି ଥାଏ ଓ ମୁଣ୍ଡ ସର୍ବଦା ଘୂର୍ଣ୍ଣମାନ ଅବସ୍ଥାରେ ଥାଏ। ଏମାନଙ୍କର ପାଟିରେ ଶୋଷି ଖାଇବାର ଏକ ଯନ୍ତ୍ର ଅଛି ଯାହାକୁ କୁଣ୍ଡଳାକାର ଓ ତାର ଭଳି ଗୁଡେଇ ଗୁଡେଇ ରହିଛି। ବକ୍ଷଦେଶରେ ତିନି ଯୋଡା ଗୋଡ଼ ଓ ଦୁଇ ଯୋଗଡା ଡେଣା ରହିଛି । ଡେଣା ଗୁଡିକ ଉପରେ ପର ରହିଛି ଓ ସେଥିରେ ଦାଗ ଦାଗ ଚିହ୍ନ ରହିଛି । ଯେତେବେଳେ ପ୍ରଜାପତି ସ୍ଥିର ହୋଇ ବସିପଡେ, ସେତେବେଳେ ଡେଣା ଗୁଡିକ ମେଲାଇ ହୋଇ ରହିଥାଏ। ତଳିପେଟ ଭାଗରେ ୧୦ ଗୋଟି ଖଣ୍ଡ ବା ଅଂଶ ଅଛି ଓ ସେଗୁଡିକ କାତି ଦ୍ୱାରା ଆବୃତ । ପ୍ରଜାପତିମାନେ ଖାଦ୍ୟକୁ ତରଳ ଅବସ୍ଥାରେ ଖାଇଥାନ୍ତି। ତେଣୁ ସେମାନଙ୍କର ଜିଭ ବା ଶୁଣ୍ଢ ସେହି ଆକାରର ଗଠିତ ହୋଇଛି। ଜିଭଟି ଲମ୍ବା ଓ ନଳୀ ଭଳି। ଶୃଙ୍ଗିକା ଦୁଇଟିରେ ପଞ୍ଚଇନ୍ଦ୍ରିୟ ରହିଛି। ଏହାର ମୁଖ୍ୟକାମ ହେଲା ବାସ୍ନା ବାହାରିବା ଓ ଦେହର ଭାରସାମ୍ୟ ରଖିବା। ଏତତ୍ ବ୍ୟତିତ ଏମାନଙ୍କର ଅନେକ ଗୁଡିଏ ଇନ୍ଦ୍ରିୟ ରହିଛି ଯାହାକି ଖାଦ୍ୟକୁ ଆଘ୍ରାଣ କରିଥାଏ । ଅଉମଧ୍ୟ ଏକ ସ୍ୱତନ୍ତ୍ର ଧରଣର ସୁଗନ୍ଧ କାତି ରହିଛି ଯାହାର ନାମ ଆଣ୍ଡ୍ରୋକୋନିଆ (Androconia)। ଏଥିରୁ ଏକ ପ୍ରକାରର କାମୋଦୀପକ ବାସ୍ନା ବାହାରିଥାଏ ଯାହାକି ପ୍ରେମ ପ୍ରଣୟ ସମୟରେ ସ୍ତ୍ରୀ ପ୍ରଜାପତିକୁ କାମ ଉତ୍ତେଜିତ କରିଥାଏ ।

ଏମାନଙ୍କର ଜୀବନ ଚକ୍ର ଅଦ୍‌ଭୁତ ପ୍ରକାର ଅଟେ । ଡ଼ିମ୍ବରୁ ରୂପାନ୍ତର ସମୟରେ ଏମାନେ ଅତି ଘୃଣ୍ୟ ଦେଖାଯାନ୍ତି ଓ ଏହାକୁ ସୁକରୂପ କୁହାଯାଏ କିନ୍ତୁ ପରେ ଅଲୌକିକ ଭାବେ ଅତି ସୁନ୍ଦର ପ୍ରାପ୍ତବୟସ୍କ ହୋଇଥାନ୍ତି । ଲାର୍ଭା ଓ ବୟସ୍କ ଦୁଇଟିଯାକ ରୂପ ସମ୍ପୂର୍ଣ୍ଣ ଅଲଗା ଅଲଗା ଘୃଣ୍ୟ ତଥା ଅସୁର ରୂପରୁ ସୁନ୍ଦର ରୂପ ହେବା ଏକ ରହସ୍ୟପୂର୍ଣ୍ଣ ବିରଳ ଘଟଣା। ପୃଥିବୀର ସବୁଠାରୁ ବଡ ପ୍ରଜାପତିର ଡେଣାର ଲମ୍ବ ୧୧.୨ ଇଞ୍ଚ ଅଟେ। କେତେକ ପ୍ରଜାତିର ପ୍ରଜାପତି ବିରଳ ଥିବାରୁ ବନ୍ୟଜନ୍ତୁ ସଂରକ୍ଷଣ ଆଇନ ୧୯୭୨ ଅନୁଯାୟୀ ସଂରକ୍ଷିତ । ଏହି ସୁନ୍ଦର ପ୍ରାଣୀଟରି ସୁରକ୍ଷା ଦେବା ଆମ୍ଭମାନଙ୍କ କର୍ତ୍ତବ୍ୟ ରହିଛି ଓ ଜନସଚେତନତା ଦ୍ୱାରା ଏହାନଙ୍କର ସୁରକ୍ଷା ହୋଇପାରିବ।

**ପ୍ରାଣୀ ବିଜ୍ଞାନ ବିଭାଗ**
**ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଙ୍କୀ**
**ମୋ- ନଂ-୯୪୩୭୩୪୭୨୬୯**

# ଶ୍ରେଷ୍ଠତମ ତାରକାଙ୍କ ଅଷ୍ଟ୍ରେଲିଆନ୍ ଓପନ୍ ବିଜୟ



ଆଶିଷ କୁମାର ରାୟ

ନିକଟରେ ମେଲବୋର୍ଣ୍ଣର ରଡ୍ ଲେଭର୍ ଏରିନାରେ ସମ୍ପନ୍ନ ହୋଇଯାଇଛି ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ୍ ଚାମ୍ପିଆନ୍‌ଶିପ୍। ବର୍ଷ-୨୦୧୭ର ଏହି ପ୍ରଥମ ଗ୍ରାଣ୍ଡ୍ ସ୍ଲାମ୍ ଟେନିସ୍ ଟୁର୍ଣ୍ଣାମେଣ୍ଟରେ ଯାହା ଘଟିଛି ତାହା ନିଶ୍ଚିତ ଭାବେ ଅବିଶ୍ୱସନୀୟ। ଯେଉଁ ପରିଣାମର କଳ୍ପନା ପ୍ରାୟତଃ କେହି କରିନଥିଲେ ତାହା ହିଁ ଦେଖିବାକୁ ମିଳିଛି ଏଥରର ପ୍ରତିଯୋଗିତାରେ। ବୟସାଧିକ୍ୟ କାରଣରୁ ଯେଉଁ ଖେଳାଳିଙ୍କର ସମୟ ଅତିକ୍ରାନ୍ତ ହୋଇଯାଇଛି ବୋଲି କୁହାଯାଉଥିଲା ସେହି ଖେଳାଳି ହିଁ ହାସଲ କରିଛନ୍ତି ଅଷ୍ଟ୍ରେଲିଆନ୍



ଓପନ୍‌ର ଟାଇଟେଲ୍। ୩୫ବର୍ଷ ବୟସ୍କ ଦୁଇଜଣ ତାରକା ପୁରୁଷ ଓ ମହିଳା ସିଂଗଲ୍ସରେ ଚାମ୍ପିଆନ୍ ହୋଇ ପ୍ରମାଣିତ କରିଦେଇଛନ୍ତି ଯେ ସେମାନଙ୍କ ନିକଟରେ ଆହୁରି କିଛିବର୍ଷ ଖେଳ ଜାରୀ ରଖିବା ନିମନ୍ତେ ଯଥେଷ୍ଟ ତାକତ ରହିଛି। ଏହି ଦୁଇଜଣ କିନ୍ତୁ ଯାହି ତାହି ଖେଳାଳି ନୁହନ୍ତି, ବରଂ ନିଶ୍ଚିତ ଭାବେ ବିଶ୍ୱର ଶ୍ରେଷ୍ଠତମ ଟେନିସ୍ ତାରକା। ତେବେ ଟେନିସ୍ ଭଳି ଏକ ଖେଳରେ, ଯେଉଁଥିରେ କି ଅଧିକ ଶାରୀରିକ ଶକ୍ତି ଓ ସାମର୍ଥ୍ୟର ଆବଶ୍ୟକତା ରହିଛି, ସେଥିରେ ଯୁବ ଖେଳାଳିମାନଙ୍କ ପ୍ରବଳ ପ୍ରତିଦ୍ୱନ୍ଦିତାକୁ ପରାହତ କରି ଏ ବୟସରେ ସିଂଗଲ୍ସ ଚାମ୍ପିଆନ ହେବା ନିଶ୍ଚିତ ଭାବେ ଆଶ୍ଚର୍ଯ୍ୟଜନକ।

ଏବେ ଏଭଳି ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରି ଦେଖାଇଛନ୍ତି ସେରେନା ୱିଲିୟମ୍‌ସ ଓ ରୋଜର ଫେଡେରର୍। ଯୁକ୍ତରାଷ୍ଟ୍ର ଆମେରିକାର ମିଶିଗନ୍ ରାଜ୍ୟରେ ୨୬ ସେପ୍ଟେମ୍ବର,୧୯୮୧ରେ ଜନ୍ମଗ୍ରହଣ କରିଥିବା ସେରେନା ୱିଲିୟମ୍‌ସ ଏବଂ ସ୍ୱିଜରଲାଣ୍ଡର ବାସେଲ୍ ନଗରୀରେ ୮ ଅଗଷ୍ଟ, ୧୯୮୧ରେ ଭୂମିଷ୍ଠ ହୋଇଥିବା ରୋଜର ଫେଡେରର୍ ଉଭୟେ ହେଉଛନ୍ତି ଟେନିସ୍ ଜଗତର ଜୀବନ୍ତ କୀମ୍ବଦନ୍ତୀ। ୧୯୬୮ରୁ ଆରମ୍ଭ ହୋଇଥିବା ଓପନ୍ ଯୁଗରେ ସର୍ବାଧିକ ଗ୍ରାଣ୍ଡ୍ ସ୍ଲାମ୍ ଟାଇଟେଲ୍ ହାସଲର ରେକର୍ଡ ରହିଛି ଏ ଦୁହିଁଙ୍କ ନାମରେ। ଫେଡେରର୍ ଏବେ ୨୦୧୭ର ଅଷ୍ଟ୍ରେଲିଆନ୍ ଓପନ୍ ଜିତି ପୁରୁଷ ସିଂଗଲ୍ସରେ ନିଜର ଅଷ୍ଟାଦଶତମ ଗ୍ରାଣ୍ଡ୍ ସ୍ଲାମ୍ ଶିରୋପା ହାସଲ କରିଥିବା ବେଳେ ସେରେନା ୱିଲିୟମ୍‌ସଙ୍କର ଏହା ଥିଲା ତ୍ରୟୋବିଂଶତମ ଗ୍ରାଣ୍ଡ୍ ସ୍ଲାମ୍ ମହିଳା ସିଂଗଲ୍ସ ଶିରୋପା।



ଏଠାରେ ଉଲ୍ଲେଖଯୋଗ୍ୟ ଯେ ବର୍ଷ ସାରା ବିଶ୍ୱର ବିଭିନ୍ନ ସ୍ଥାନରେ ଆୟୋଜିତ ହେଉଥିବା ପ୍ରତିଯୋଗିତା ମଧ୍ୟରୁ ଚାରିଟିକୁ ଗ୍ରାଣ୍ଡ୍ ସ୍ଲାମ୍ ଟୁର୍ଣ୍ଣାମେଣ୍ଟ ଆଖ୍ୟା ଦିଆଯାଇଛି। ଶତାଧିକ ବର୍ଷ ଧରି ଖେଳାଯାଉଥିବା ସେହି ଚାରିଟି ଟୁର୍ଣ୍ଣମେଣ୍ଟ ହେଲା - ୱିମ୍ବଲଡନ୍, ଫ୍ରେଞ୍ଚ ଓପନ୍, ୟୁ. ଏସ. ଓପନ୍ ଓ ଅଷ୍ଟ୍ରେଲିଆନ୍ ଓପନ୍। ଅନେକ ଖେଳାଳି ନିଜ କ୍ୟାରିୟରରେ ଥରେ ମାତ୍ର ଏହି ଗ୍ରାଣ୍ଡ୍ ସ୍ଲାମ୍ ମୁକାବିଲାରେ ଚାମ୍ପିଆନ୍ ହୋଇ ନିଜକୁ ଧନ୍ୟ ମନେ କରିଥାନ୍ତି; ହେଲେ ଫେଡେରର୍ ଓ ସେରେନାଙ୍କ କଥା ହେଲା ଅଲଗା। ଏ ଦୁହେଁ ଗ୍ରାଣ୍ଡ୍ ସ୍ଲାମ୍ ଟୁର୍ଣ୍ଣାମେଣ୍ଟମାନଙ୍କରେ ଅନେକ ଥର ଚାମ୍ପିଆନ୍ ଆଖ୍ୟା ଅର୍ଜନ କରିଛନ୍ତି ହେଲେ ବିଜୟ ହାସଲର କ୍ଷୁଧା ସେମାନଙ୍କ ମନରୁ ଲୋପ ପାଇନାହିଁ । ସୁତରାଂ ପ୍ରାୟତଃ ତିରିଶ ବର୍ଷ ଟପିଗଲା ପରେ ଅଧିକାଂଶ ଖେଳାଳି ଟେନିସ୍‌କୁ ଅଲବିଦା କହିଦେଉଥିବା ବେଳେ ଏହି ଦୁଇଜଣ ୩୫ବର୍ଷ ବୟସରେ ଚମତ୍କାର କ୍ରୀଡ଼ାନୈପୁଣ୍ୟ ପ୍ରଦର୍ଶନ ପୂର୍ବକ ହାସଲ

କରିନେଇଛନ୍ତି ଅଷ୍ଟ୍ରେଲିଆନ୍ ଓପନ୍ ଟାଇଟେଲ୍।

ଫାଇନାଲରେ ଏ ଦୁହେଁ ଯାହାଙ୍କୁ ହରାଇଛନ୍ତି ସେମାନେ ମଧ୍ୟ କିଛି କମ ନୁହଁନ୍ତି। ସେରେନା ୱିଲିୟମ୍ସ ମହିଳା ସିଂଗଲ୍ସର ଚୂଡ଼ାନ୍ତ ମୁକାବିଲାରେ ନିଜ ବଡ଼ ଭଉଣୀ ୩୬ବର୍ଷ ବୟସ୍କା ଭିନସ୍ ୱିଲିୟମ୍ସଙ୍କୁ ୬-୪,୬-୪ରେ ପରାସ୍ତ କରିଦେଇଛନ୍ତି। ପୂର୍ବରୁ ସାତଟି ଗ୍ରାଣ୍ଡ ସ୍ଲାମ୍ ସିଂଗଲ୍ସ ଟାଇଟେଲ୍ ଜିଣିବା ସହିତ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ଜିଣିଥିବା ଭିନସ୍ ୱିଲିୟମ୍ସ ଦୀର୍ଘ କିଛି ବର୍ଷର ବ୍ୟବଧାନ ପରେ କୌଣସି ଗ୍ରାଣ୍ଡ ସ୍ଲାମ୍ ଫାଇନାଲରେ ଅବତୀର୍ଣ୍ଣ ହେବା ମଧ୍ୟ ଏକ ବଡ଼ ଘଟଣା। ଏହା ପୂର୍ବରୁ ଭିନସ୍ ୨୦୦୯ର ୱିମ୍ବଲଡନ୍ ଫାଇନାଲରେ ପ୍ରବେଶ କରି ଭଉଣୀ ସେରେନାଙ୍କ ହାତରୁ ପରାଜୟ ବରଣ କରିଥିଲେ। ଅନ୍ୟ ଦିଗରେ ଅଷ୍ଟ୍ରେଲିଆନ୍ ଓପନ୍‌ର ପୁରୁଷ ସିଂଗଲ୍ସ ଫାଇନାଲରେ ରୋଜର ଫେଡେରର୍‌ଙ୍କ ମୁକାବିଲା ଯାହାଙ୍କ ସହିତ ହୋଇଥିଲା ସିଏ ରାଫାଏଲ୍ ନାଦାଲ୍‌ଙ୍କ ବ୍ୟତୀତ ଆଉ କେହି ନୁହନ୍ତି। ସ୍ପେନ୍‌ର ଏହି ମହାନ ତାରକା ଜଣଙ୍କ ୧୪ଟି ଗ୍ରାଣ୍ଡ ସ୍ଲାମ୍ ସିଂଗଲ୍ସ ଟାଇଟେଲ୍‌ର ଅଧିକାରୀ ହେବା ସହିତ ଦୁଇ ଦୁଇଟି ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକର ମଧ୍ୟ ବିଜେତା ଅଟନ୍ତି। ଏହା ପୂର୍ବରୁ ରାଫାଏଲ୍ ନାଦାଲ ବିଭିନ୍ନ ଟୁର୍ଣ୍ଣାମେଣ୍ଟରେ ୩୪ଥର ରୋଜର ଫେଡେରର୍‌ଙ୍କ ସହିତ ମୁକାବିଲା କରି ୨୧ଟିରେ ବିଜୟୀ ହୋଇଥିଲେ। ଏଥର କିନ୍ତୁ ବାଜି ଫେଡେରର୍‌ଙ୍କ ସପକ୍ଷରେ ଯାଇଥିଲା। ତେବେ ଦୀର୍ଘ ସାଢ଼େ ତିନିଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଚାଲିଥିବା ଏହି ରୋମାଞ୍ଚକାରୀ ଚୂଡ଼ାନ୍ତ ମୁକାବିଲାକୁ ବହୁ ଶ୍ରମ ସ୍ୱୀକାର କରି ଫେଡେରର୍ ଜିଣିଥିଲେ ୬-୪,୩-୬,୬-୧,୩-୬ ଓ ୬-୩ରେ।



ମହିଳା ସିଂଗଲ୍ସରେ ସେରେନାଙ୍କର ଏହା ସପ୍ତମ ଅଷ୍ଟ୍ରେଲିଆନ୍ ଓପନ୍ ଟାଇଟେଲ୍ ହୋଇଥିବା ବେଳେ ମୋଟ ୨୩ତମ ଗ୍ରାଣ୍ଡ ସ୍ଲାମ୍ ଟାଇଟେଲ୍। ୨୦୧୭ ପୂର୍ବରୁ ସେ ୨୦୦୩,୨୦୦୫,୨୦୦୭, ୨୦୦୯,୨୦୧୦ ଓ ୨୦୧୫ରେ ମଧ୍ୟ ଅଷ୍ଟ୍ରେଲିଆନ୍ ଓପନ୍‌ରେ ବିଜୟୀ ହୋଇଥିଲେ। ଅଷ୍ଟ୍ରେଲିଆନ୍ ଓପନ୍ ଭଳି ୱିମ୍ବଲଡନ୍‌ରେ ମଧ୍ୟ ସେରେନା ହାସଲ କରିଛନ୍ତି ସାତଟି ସିଂଗଲ୍ସ ଟାଇଟେଲ୍ ଏବଂ ସେଗୁଡ଼ିକ ମିଳିଛି ୨୦୦୨,୨୦୦୩,୨୦୦୯,୨୦୧୦,୨୦୧୨,୨୦୧୫ ଏବଂ ଗତବର୍ଷ ଅର୍ଥାତ ୨୦୧୬ରେ। ତେବେ ସେରେନା ତାଙ୍କର ପ୍ରଥମ ଗ୍ରାଣ୍ଡସ୍ଲାମ୍ ଟାଇଟେଲ ହାସଲ କରିଥିଲେ ୧୯୯୯ର ୟୁ.ଏସ.ଓପନ୍‌ରେ। ଏହାପରେ ୟୁ.ଏସ.ଓପନ୍‌ରେ ସେ ୨୦୦୨,୨୦୦୮,୨୦୧୨, ୨୦୧୩ ଓ ୨୦୧୪ରେ ଆହୁରି ପାଞ୍ଚଥର ଚାମ୍ପିଆନ୍ ହୋଇଛନ୍ତି। ସେହିଭଳି ଅନ୍ୟତମ ଗ୍ରାଣ୍ଡ ସ୍ଲାମ୍ ପ୍ରତିଯୋଗିତା ଫ୍ରେଞ୍ଚ ଓପନରେ ମଧ୍ୟ ସେ ତିନିଥର ଚାମ୍ପିଆନ ହୋଇଛନ୍ତି ୨୦୦୨,୨୦୧୩ ଓ ୨୦୧୫ରେ। ଗତବର୍ଷ ୱିମ୍ବଲଡନ୍ ଚାମ୍ପିଆନ୍ ହୋଇ ଜର୍ମାନୀର ଷ୍ଟେଫି ଗ୍ରାଫ୍‌ଙ୍କର ୨୨ଟି ଗାଣ୍ଡ ସ୍ଲାମ୍ ସିଂଗଲ୍ସ ଟାଇଟେଲ୍‌ର ସମକକ୍ଷ ହୋଇଥିବା ବେଳେ ଏବେ ସେ ତାହାକୁ ଅତିକ୍ରମ କରିଯାଇଛନ୍ତି। ଏବେ କେବଳ ଅଷ୍ଟ୍ରେଲିଆର ମାର୍ଗାରେଟ୍ କୋର୍ଟ ସ୍ମିଥ୍ ୨୪ଟି ଟାଇଟେଲ୍ ସହିତ ରହିଛନ୍ତି ତାଙ୍କ ଆଗରେ। କିନ୍ତୁ ସେହି ୨୪ଟି ଟାଇଟେଲ୍ ମଧ୍ୟରୁ ମାର୍ଗାରେଟ ୧୩ଟି ଟାଇଟେଲ୍ ଓପନ୍ ଯୁଗ ଆରମ୍ଭ ହେବା ପୂର୍ବରୁ ଜିଣିଥିଲେ, ଯେଉଁ ସମୟରେ କି ପୂର୍ବବର୍ଷର ଚାମ୍ପିଆନଙ୍କୁ ପରବର୍ଷ ସିଧାସଳଖ ଫାଇନାଲରେ ପ୍ରବେଶ ମିଳିଯାଉଥିଲା। ସେହି ଦୃଷ୍ଟିରୁ ସେରେନା ଯେ ଟେନିସ୍ ଇତିହାସର ସର୍ବଶ୍ରେଷ୍ଠ ମହିଳା ଖେଳାଳି ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ।

ସେରେନା ୱିଲିୟମ୍ସ ଟେନିସ୍ ଜଗତର ସର୍ବକାଳୀନ ଶ୍ରେଷ୍ଠ ମହିଳା ତାରକା ହୋଇଥିବା ବେଳେ ପୁରୁଷ ତାରକାଙ୍କ ମଧ୍ୟରେ ଅନୁରୂପ ଗୌରବର ଅଧିକାରୀ ହେଉଛନ୍ତି ରୋଜର ଫେଡେରର୍। କାରଣ ଟେନିସ୍ ଖେଳର ଇତିହାସରେ ଅନ୍ୟ କୌଣସି ଖେଳାଳି ୧୮ଟି ଗ୍ରାଣ୍ଡ ସ୍ଲାମ୍ ସିଙ୍ଗଲ୍ସ ଟାଇଟେଲ୍ ହାସଲ କରିବା ଦିଗରେ ସମର୍ଥ ହୋଇନାହାନ୍ତି। ରାଫାଏଲ୍ ନାଦାଲ୍ ତଥା ବିଗତ ବର୍ଷର ତାରକା ଯୁକ୍ତରାଷ୍ଟ୍ର ଆମେରିକାର ପିଟ୍ ସାମ୍ପ୍ରାସ୍ ୧୪ଟି ଲେଖାଏଁ ଟାଇଟେଲ୍ ସହିତ ରହିଛନ୍ତି ତାଙ୍କ ପଛକୁ। ରୋଜର ଫେଡେରର୍ ୨୦୦୩ରେ ୱିମ୍ବଲଡନ୍ ଚାମ୍ପିଆନ୍ ହୋଇ ହାସଲ କରିଥିଲେ ନିଜର ପ୍ରଥମ ଗ୍ରାଣ୍ଡ ସ୍ଲାମ୍ ଟାଇଟେଲ୍। କେବଳ ସେତିକି ନୁହେଁ ୨୦୦୩ରୁ ୨୦୦୭ ପର୍ଯ୍ୟନ୍ତ କ୍ରମାଗତ ଭାବେ ପାଞ୍ଚବର୍ଷ ୱିମ୍ବଲଡନ୍ ଚାମ୍ପିଆନ୍ ହୋଇ ଚହଳ ସୃଷ୍ଟି କରିଥିଲେ ସେ। ଏହାପରେ ୨୦୦୯ ଓ ୨୦୧୨ରେ ମଧ୍ୟ ଫେଡେରର୍ ହୋଇଥିଲେ ୱିମ୍ବଲଡନ୍ ଟୁର୍ଣ୍ଣାମେଣ୍ଟର ବିଜେତା। ସେହିଭଳି ୟୁ.ଏସ.ଓପନ୍‌ରେ ମଧ୍ୟ ୨୦୦୪ରୁ ୨୦୦୮ ପର୍ଯ୍ୟନ୍ତ ସେ ଲଗାତାର ଚାମ୍ପିଆନ୍ ବନିଥିଲେ। ୟୁ.ଏସ.ଓପନ୍ ଭଳି ଅଷ୍ଟ୍ରେଲିଆନ୍ ଓପନ୍‌ରେ ମଧ୍ୟ ରୋଜର ଫେଡେରର୍ ପାଞ୍ଚଥର ବିଜେତା ହେବାର ଗୌରବ ଅର୍ଜନ କରିଛନ୍ତି। ଏଥର ୨୦୧୭ର ଟାଇଟେଲ୍ ହାସଲ ପୂର୍ବରୁ ସେ ୨୦୦୪, ୨୦୦୬,୨୦୦୭ ଓ ୨୦୧୦ରେ ଏହି ଟୁର୍ଣ୍ଣାମେଣ୍ଟରେ ବିଜୟୀ ହୋଇଥିଲେ। ଏତଦ୍‌ବ୍ୟତୀତ ୨୦୦୯ରେ ଫେଡେରର୍ ଜିଣିଥିଲେ ତାଙ୍କର ଏକମାତ୍ର ଫ୍ରେଞ୍ଚ ଓପନ୍ ଟୁର୍ଣ୍ଣାମେଣ୍ଟର ଶିରୋପା।

ଦେଖିବାକୁ ଗଲେ ଏହି ଦୁଇ ଶ୍ରେଷ୍ଠତମ ତାରକାଙ୍କ ପ୍ରଦର୍ଶନ ଫଳରେ ୨୦୧୭ର ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ୍ ପ୍ରତିଯୋଗିତା ଅତ୍ୟନ୍ତ ସ୍ମରଣୀୟ ହୋଇଉଠିଛି। ଆଗକୁ ମଧ୍ୟ ଏମାନଙ୍କର ପ୍ରଦର୍ଶନ ଆହୁରି ସ୍ମରଣୀୟ ହେବ ବୋଲି ନିଶ୍ଚିତ ଭାବେ ଆଶା କରାଯାଇପାରେ।

ସଂପର୍କ-୯୪୩୭୬୨୭୫୧୪

# ସାଧାରଣ ଜ୍ଞାନ






## (1) ABBREVIATION

1. ASER - According to Status of Education Report
2. CCI - Competition Commission of India
3. CRS - Corporate Social Responsibility
4. DIAL - Delhi International Airport Ltd
5. FSA - Foods Standards Agency
6. FRBM - Fiscal Responsibility and Budget Management
7. IMA - Indian Military Academy
8. UNSC - United Nation Security Council
9. UAE - United Arab Emirates
10. UDAN - Ude Desh Ke Aam Nagarik

## (୨) ପୁସ୍ତକ ଓ ଲେଖକ

1. Betiyan - Karan Chopra
2. Courts of India:Past to Present - Rohit Tandan
3. The Other One Percent: Indians in Amrca - Sanjay Chakravarty
4. Dipa karmakar:TheSmall Wonder - Bishweshwar
5. Foundation of Indian Culture - Sri Aurobindo
6. ନ'ପୋଇ - କଣ୍ଠ ଦାସ
7. ଚୈତନ୍ୟ ଗୀତା - ଈଶ୍ୱର ଦାସ
8. ଗୋପି ଚନ୍ଦନ - ଋନ୍ଦ ଦାସ
9. ମଦାଳସା - ହରିହର ନରେନ୍ଦ୍ର
10. କାଞ୍ଚିକାବେରୀ - ପୁରୁଷୋତ୍ତମ ଦାସ

## (୩) ଛତିଶଗଡ଼

୧. ଗଠନ - ୦୧.୧୧.୨୦୦୦
୨. ରାଜ୍ୟପାଳ - ବଳରାମଜୀ ଦାସ ଟଣ୍ଡନ୍
୩. ମୁଖ୍ୟମନ୍ତ୍ରୀ - ଡ.ରମଣ ସିଂ
୪. ଲୋକସଭା ଆସନ - ୧୧
୫. ବିଧାନସଭା ଆସନ - ୯୦
୬. ରାଜ୍ୟସଭା - ୦୫
୭. ରାଜଧାନୀ - ରାୟପୁର
୮. କ୍ଷେତ୍ରଫଳ - ୧୩୫,୧୯୧ ବର୍ଗ କି.ମି.
୯. ଜନସଂଖ୍ୟା - ୨.୫୪୦,୧୯୬ (୨୦୧୧)
ପୁରୁଷ - ୧.୮୨୭,୯୧୫
ସ୍ତ୍ରୀ - ୧.୭୧୨,୨୮୧
୧୦. ଲିଙ୍ଗ ଅନୁପାତ - ୯୯୧
୧୧. ସାକ୍ଷରତା ହାର - ୭୧.୦୪%
୧୨. ଜିଲ୍ଲା - ୨୭
୧୩. ଗ୍ରାମ - ୧୯୭୪୪

## (୪) ଓଡ଼ିଶାରୁ ପାଇଥିବା ପଦ୍ମଶ୍ରୀ ସମ୍ମାନ ୨୦୧୭

୧. ସାଧୁ ମେହେର - ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା ଅଭିନେତା
୨. ଅରୁଣା ମହାନ୍ତି - ଓଡ଼ିଶୀ ନୃତ୍ୟଶିଳ୍ପୀ
୩. ଜିତେନ୍ଦ୍ରିୟ ହରିପାଲି - ସମ୍ବଲପୁରୀ ଗାୟକ
୪. ମୁକୁଟ ମିଞ୍ଜ - ବିଶିଷ୍ଟ ଚିକିତ୍ସକ

## (୫) ପଦ୍ମ ବିଭୂଷଣ ସମ୍ମାନ ୨୦୧୭

୧. କେ ଜେ ୟେଶୁଦାସ
୨. ସଦ୍‌ଗୁରୁ ଯାଗୀ ବାସୁଦେବ
୩. ଶରଦ ପାୱାର
୪. ମୁରଲି ମନୋହର ଯୋଶୀ
୫. ପ୍ରଫେସର ଉଦିପ୍ ରାମଚନ୍ଦ୍ର ଦେଓ
୬. ସୁନ୍ଦରଲାଲ ପଟୱା (ମରଣୋତ୍ତର)
୭. ପି. ଏ. ସାଙ୍ଗମା (ମରଣୋତ୍ତର)

## (୬) ପଦ୍ମଭୂଷଣ ସମ୍ମାନ ୨୦୧୭

୧. ବିଶ୍ୱମୋହନ ଭଟ୍ଟ
୨.ପ୍ରଫେସର ଦେବୀ ପ୍ରସାଦ ଦ୍ୱିବେଦୀ
୩. ତେହେମ୍ ଟମସ୍ ଉଡ଼ୱାଡ଼ିଆ
୪. ରତ୍ନ ସୁନ୍ଦର ମହାରାଜ
୫. ସ୍ୱାମୀ ନିରଞ୍ଜନ ସରସ୍ୱତୀ
୬. ଏଚ୍ ଆର ଏଚ୍ ପ୍ରିନସେସ୍ ମହାଚକ୍ରୀ ଶିରିନ ଥୋରନ
୭. ଚୋ ରାମସ୍ୱାମୀ(ମରଣୋତ୍ତର)

## (୭) ଓଡ଼ିଶା ସରକାରଙ୍କ ଯୋଜନା

| ଯୋଜନାର ନାମ | ଉଦ୍ଦେଶ୍ୟ |
|---|---|
| ୧. ଦାମନ୍ (Daman) | - ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ |
| ୨. ବିଜୁ ସୁରକ୍ଷା ଯୋଜନା | - ଅନାଥ ଏଚ ଆଇ ଭି ସଂକ୍ରମିତ ପିଲାଙ୍କ ପାଇଁ |
| ୩. କଳିଙ୍ଗ ଶିକ୍ଷାସାଥି ଯୋଜନା | - ଛାତ୍ରଛାତ୍ରୀଙ୍କୁ ଶିକ୍ଷାଲାଭ ପାଇଁ |
| ୪. କୃଷକ କଲ୍ୟାଣ ଯୋଜନା | - ପଞ୍ଜୀକୃତ କୃଷକଙ୍କପାଇଁ |
| ୫. କାର୍ତ୍ତିକ ହବିଷ୍ୟାଳୀ ବ୍ରତ ଯୋଜନା | - ହବିଷ୍ୟାଳୀମାନଙ୍କ ପାଇଁ |

## (୮) ନୂତନ ନିଯୁକ୍ତି

୧. ଆଲୋକ କୁମାର ବର୍ମା - ନିର୍ଦ୍ଦେଶକ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ
୨. ଅମୁଲ୍ୟ କୁମାର ପଟ୍ଟନାୟକ - ପୋଲିସ କମିଶନର,ନୂଆଦିଲ୍ଲୀ
୩. ଏନ ଚନ୍ଦ୍ରଶେଖରନ୍ - ଅଧ୍ୟକ୍ଷ ଟାଟା ମୋଟରସ୍
୪. ଜଗଦୀଶ ସିଂହ ଖେହର - ମୁଖ୍ୟ ବିଚାରପତି, ସୁପ୍ରିମ କୋର୍ଟ
୫. ଡୋନାଲ ଟ୍ରମ୍ପ୍ - ରାଷ୍ଟ୍ରପତି ,ଯୁକ୍ତରାଷ୍ଟ୍ର ଆମେରିକା

## (୯) ଓଡ଼ିଶା

୧. ବିନ୍ଦୁସାଗର କେଉଁଠାରେ ଅବସ୍ଥିତ ?
(କ) ଭୁବନେଶ୍ୱର (ଖ) ପୁରୀ
(ଗ) କଟକ (ଘ) ବାଲେଶ୍ୱର

୨. ସାତକୋଶିଆ ଗଣ୍ଡ କେଉଁ ନଦୀର ପ୍ରଧାନ ଗଣ୍ଡ ଅଟେ ?
(କ) ବିରୂପା (ଖ) ମହାନଦୀ
(ଗ) ବ୍ରାହ୍ମଣୀ (ଘ) ସାଳନ୍ଦୀ

୩. ଓଡ଼ିଶା ଦେଇ କେଉଁ ରେଳପଥ ଯାଇଛି ?
(କ) ଦକ୍ଷିଣ- ପୂର୍ବ (ଖ) ପୂର୍ବତଟ
(ଗ) କେନ୍ଦ୍ରିୟ ରେଳପଥ (ଘ) କୌଣସିଟି ନୁହେଁ

୪. ଅତ୍ରି ଉଷ୍ଣ ପ୍ରସବଣ କେଉଁ ଜିଲ୍ଲାରେ ଅବସ୍ଥିତ ?
(କ) ପଞ୍ଜାବ (ଖ) ଖୋର୍ଦ୍ଧା
(ଗ) କୋରାପୁଟ (ଘ) କଳାହାଣ୍ଡି

୫. ଓଡ଼ିଶାର ଗଙ୍ଗା କାହାକୁ କହନ୍ତି ?
(କ) ଅଶୁଂପା (ଖ) ବୈତରଣୀ
(ଗ) ମହାନଦୀ (ଘ) ଋଷିକୁଲ୍ୟା

୬. ଓଡ଼ିଶାରେ ପକ୍ଷୀବିହାର କେଉଁଠାରେ ଅବସ୍ଥିତ ?
(କ) ଅଶଂପା (ଖ) ଟିକରପଡ଼ା
(ଗ) ଚିଲିକା (ଘ) କୌଣସିଟି ନୁହେଁ

୭. ଉଦୟଗିରି ଓ ଖଣ୍ଡଗିରିରେ କେତୋଟି ଗୁମ୍ଫା ଅଛି ?
(କ) ୩୧ (ଖ) ୩୨
(ଗ) ୩୩ (ଘ) ୩୪

୮. ଓଡ଼ିଶାର ଭାତହାଣ୍ଡି କେଉଁ ଜିଲ୍ଲାକୁ କୁହାଯାଉଛି ?
(କ) କଟକ (ଖ) ବାଲେଶ୍ୱର
(ଗ) ଗଞ୍ଜାମ (ଘ) କଳାହାଣ୍ଡି

୯. କେଉଁ ଜିଲ୍ଲାରେ ସର୍ବାଧିକ ଅଦା ଓ ହଳଦୀ ଚାଷ କରାଯାଏ ?
(କ) କନ୍ଧମାଳ (ଖ) ସମ୍ବଲପୁର
(ଗ) ବଲାଙ୍ଗିର (ଘ) କୋରାପୁଟ

୧୦. ଓଡ଼ିଶାର ତୁଳସୀ କ୍ଷେତ୍ର ରୂପେ କିଏ ପରିଚିତ ?
(କ) କଟକ (ଖ) କେନ୍ଦ୍ରାପଡ଼ା
(ଗ) ପୁରୀ (ଘ) ଖୋର୍ଦ୍ଧା

## (୧୦) ଯୁକ୍ତି ପ୍ରଦର୍ଶନ ପରୀକ୍ଷା

୧. ଅରୁଣ କହିଲା- ସେ ଝିଅଟି ମୋ ମାଆଙ୍କର ନାତିର ସ୍ତ୍ରୀ, ତେବେ ଅରୁଣ ସହ ଝିଅଟି ସଂପର୍କ କଣ ?
(କ) ବାପା (ଖ) ଜେଜେବାପା (ଗ) ସ୍ୱାମୀ (ଘ) ଶ୍ୱଶୁର

୨. ଶୂନ୍ୟସ୍ଥାନଟି ପୂରଣ କର ।
୨,୧୨,୩୬,୮୦,୧୫୦, -------
(କ)୧୯୪ (ଖ)୨୧୦(ଗ)୨୫୨ (ଘ)୨୫୮

୩. **PAINT** କୁ ଯଦି କୋଡ଼ଲାଙ୍ଗୁଏଜ୍‌ରେ ୭୪୧୨୮ ଲେଖାଯାଏ ଏବଂ **EXCEL**କୁ ୯୩୫୯୬ ଲେଖାଯାଏ ତେବେ **ACCEPT** କୁ କେଉଁ କୋଡ୍‌ଲାଙ୍ଗୁଏଜ୍‌ରେ ଲେଖାହେବ ?
(କ) ୪୫୫୯୭୮ (ଖ) ୫୪୪୯୭୮
(ଗ) ୫୫୪୯୭୮ (ଘ) ୭୩୩୯୬୧

୪. ମନୋରମା ୧୦ମିଟର ଆଗକୁ ଯାଇ ପୁଣି ୧୦ମିଟର ଡ଼ାହଣକୁ ଗଲା । ପ୍ରତ୍ୟେକ ଥର ସେ ବାମକୁ ବୁଲେ ୫ମି, ୧୦ମି, ୧୫ମି ଯଥାକ୍ରମେ । ତେବେ ସେ ଯାଇଥିବା ଆରମ୍ଭ ସ୍ଥାନରୁ କେତେ ମିଟର ଦୂରରେ ଅଛି ?
(କ) ୫ମିଟର(ଖ) ୧୦ମିଟର(ଗ) ୧୫ମିଟର (ଘ) ୨୦ମିଟର

୫. ପ୍ରଶ୍ନବାଚକ ଚିହ୍ନଟି କେତେ ?

(କ) ୨୫ (ଖ) ୨୮ (ଗ) ୩୫ (ଘ) ୩୮

୬. ହିଲ୍: ମାଉଣ୍ଟେନ୍:: ଷ୍ଟ୍ରମ୍: ?
(କ) ରିଭର୍ (ଖ) କେନାଲ୍ (ଗ) ଗ୍ଲାସିଆର୍ (ଘ) ଆଭାଲାଞ୍ଚ

୭. ନିମ୍ନଲିଖିତ ଶବ୍ଦ ମଧ୍ୟରେ ଥିବା ଅକ୍ଷରକୁ ନେଇ କେଉଁ ଶବ୍ଦଟି ଗଠନ ହୋଇଛି ?
**INTRANSIGENT**
(କ)**RESIGN** (ଖ)**TRACE**(ଗ)**GRATE**(ଘ)**STAIN**

୮. **Mother** କୁ ଯଦି**ONHURF** ବୋଲି କୋଡ୍ ଦିଆଯାଇ ଲେଖାଯାଏ ତେବେ **ANSWER** କୁ କେଉଁ କୋଡ୍‌ରେ ଲେଖାଯିବ ?
(କ) **NBXSSE** (ଖ) **NBWRRF**
(ଗ) **MAVSPE** (ଘ) **NBWTRF**

୯. ନିମ୍ନରେ କେଉଁଟି ଶୂନ୍ୟସ୍ଥାନଗୁଡ଼ିକୁ ପୂରଣ କରିପାରିବ ?
**——aaba—bba—bba—abaa—b**
(କ) **aabab** (ଖ) **ababa**
(ଗ) **baaba** (ଘ) **bbaba**

୧୦. କ୍ରମାନୁସାରେ ସଜାଇ ଲେଖ ।
୧. ପ୍ରେଜେଣ୍ଟେସନ୍, ୨. ରେକମେଣ୍ଡେସନ୍, ୩. ଆରାଇଭାଲ୍, ୪. ଡ଼ିସ୍କସନ୍, ୫. ଇଣ୍ଟରୋଡ଼କସନ୍
(କ)୩,୫,୧,୪,୨ (ଖ)୩,୫,୪,୨,୧
(ଗ)୫,୩,୧,୨,୪ (ଘ)୫,୩,୪,୧,୨

**ଉତ୍ତର**

୧. (କ)ଭୁବନେଶ୍ୱର, ୨.(ଖ)ମହାନଦୀ, ୩.(ଖ)ପୂର୍ବତଟ, ୪.(ଖ)ଖୋର୍ଦ୍ଧା, ୫.(ଗ)ମହାନଦୀ, ୬.(ଗ)ଚିଲିକା, ୭. (ଘ) ୩୪, ୮.(ଖ)ବାଲେଶ୍ୱର, ୯.(କ) କନ୍ଧମାଳ, ୧୦.(ଖ) କେନ୍ଦ୍ରାପଡ଼ା

୧. (ଘ)ଶ୍ୱଶୁର , ୨.(ଗ)୨୫୨ , ୩.(କ)୪୫୫୯୭୮, ୪.(କ)୫ମିଟର, ୫.(ଘ)୩୮, ୬.(କ)ରିଭର୍, ୭.(ଖ)**TRACE**, ୮.(ଘ)**NBWTRF**, ୯.(କ)**aabab**, ୧୦.(କ)୩,୫,୧,୪,୨

## (୧୧) ଇତିହାସ

୧. ଗ୍ରୀକ୍ ଶବ୍ଦ 'ଇଷ୍ଟୋରିଆ'ର ଅର୍ଥ କ'ଣ ? ?
(କ) ଅନୁଶାସନ (ଖ) ଅନୁସନ୍ଧାନ
(ଗ) ଜିଜ୍ଞାସା (ଘ) ପରୀକ୍ଷା କରିବା

୨. 'ପର୍ଥମହାକାବ୍ୟ' ପୁସ୍ତକ କିଏ ରଚନା କରିଥିଲେ ?
(କ) କନ୍‌ଫୁସିଅସ୍ (ଖ) ଲାଓସି
(ଗ) ମେନ୍‌ସିୟସ୍ (ଘ) ସୁନ୍‌କୁ

୩. ଗ୍ରୀସ୍‌ର କେଉଁ ନଗର ରାଜ୍ୟ ଥିଲା 'ଗଣତନ୍ତ୍ରର ଜନକ' ?
(କ) ମାସିଡ଼ୋନିଆ (ଖ) ଏଥେନ୍‌ସ
(ଗ) ଥିବସ୍ (ଘ) ସ୍ପାର୍ଟା

୪. କିଏ କହିଥିଲେ - 'ଭିନି,ଭିଡ଼ି,ଭିସି'(ମୁଁ ଆସିଲି, ମୁଁ ଦେଖିଲି, ମୁଁ ଜୟ କଲି) ?
(କ) ପମ୍ପେ (ଖ) କ୍ରାସସ୍
(ଗ) ଜୁଲିୟସ୍ ସିଜର (ଘ) ବ୍ରୁଟାସ୍

୫. ହରପ୍ପା ସଂସ୍କୃତିର ପୋତାଶ୍ରୟ କେଉଁଠାରେ ଦେଖିବାକୁ ମିଳେ ?
(କ) ଲୋଥାଲ୍ (ଖ) ରୂପାର
(ଗ)କାଲିବାଙ୍ଗାନ (ଘ) ଆଲମଗିରିପୁର

୬. କେଉଁ ନାରୀ ଋକ୍ ବୈଦିକ ଯୁଗର ବିଦୂଷୀ ନୁହଁନ୍ତି ?
(କ) ଆପାଲା (ଖ) ବିଶ୍ୱବାରା
(ଗ) ଲୋପାମୁଦ୍ରା (ଘ) ପ୍ରିୟଦର୍ଶନୀ

୭. ଆଦି ବୈଦିକ ଯୁଗରେ କିଏ ସତ୍ୟ ଓ ନୈତିକତାର ଦେବତା ଥିଲେ ?
(କ) ଇନ୍ଦ୍ର (ଖ) ବରୁଣ
(ଗ) ଅଗ୍ନି (ଘ) ସୂର୍ଯ୍ୟ

୮. ଗୁପ୍ତଯୁଗ କେଉଁ ଯୁଗର ସୁବର୍ଣ୍ଣ ଯୁଗ ଥିଲା ?
(କ) ପାଲି (ଖ) ପ୍ରାକୃତ
(ଗ) ଉର୍ଦ୍ଦୁ (ଘ) ସଂସ୍କୃତ

୯. ସୁଲ୍- ଇ- କୁଲ୍‌ର ଅର୍ଥ କ'ଣ ?
(କ) ସମସ୍ତଙ୍କ ଠାରେ ଶାନ୍ତି ବିରାଜିତ ହେଉ
(ଖ) ସମସ୍ତେ ଦୟାବାନ୍ ହୁଅନ୍ତୁ
(ଗ) ସମସ୍ତେ ଅହିଂସା ନୀତି ଗ୍ରହଣ କରନ୍ତୁ
(ଘ) ସମସ୍ତେ ବ୍ରହ୍ମଚର୍ଯ୍ୟ ପାଳନ କରନ୍ତୁ

୧୦. ପ୍ରଥମେ କେଉଁଠାରେ ସିପାହୀ ବିଦ୍ରୋହ ସଙ୍ଗଠିତ ହୋଇଥିଲା ?
(କ) ଦିଲ୍ଲୀ (ଖ) କାନପୁର
(ଗ) ବାରାକପୁର (ଘ) ଆମ୍ବାଲା

## (୧୧) ଭୂଗୋଳ

୧. ଜନସଂଖ୍ୟା ଦୃଷ୍ଟିରୁ ଚୀନ ଓ ଭାରତ ପଛକୁ କେଉଁ ଦେଶଟି ପୃଥିବୀରେ ତୃତୀୟ ସ୍ଥାନରେ ରହିଛି ?
(କ) ରୁଷିଆ (ଖ) ଇଣ୍ଡୋନେସିଆ
(ଗ) ପାକିସ୍ତାନ (ଘ) ଯୁକ୍ତରାଷ୍ଟ୍ର ଆମେରିକା

୨. ଜନସଂଖ୍ୟାର ଘନତ୍ୱ କହିଲେ କ'ଣ ବୁଝାଯାଏ ?
(କ) ନିର୍ଦ୍ଦିଷ୍ଟ ଅଞ୍ଚଳର ମୋଟ ଜନସଂଖ୍ୟା
(ଖ) ମୋଟ ଜନସଂଖ୍ୟାରେ ପୁରୁଷ ନାରୀ ଅନୁପାତ
(ଗ) ଜନସଂଖ୍ୟାର ମୋଟ ସାକ୍ଷରତା ହାର
(ଘ) ପ୍ରତି ବର୍ଗ କିଲୋମିଟର ଅଞ୍ଚଳର ହାରାହାରି ଜନସଂଖ୍ୟା

୩. ପୃଥିବୀର ସମୁଦାୟ ଜଳଭାଗର ଶତକଡ଼ା କେତେ ଭାଗ ସାଗର, ମହାସାଗର ଏବଂ ହ୍ରଦରେ ରହିଥିବା ଲୁଣି ଜଳ ଅଟେ ?
(କ) ୯୪ ଭାଗ (ଖ) ୯୫ ଭାଗ (ଗ) ୯୬ ଭାଗ (ଘ) ୯୭ ଭାଗ

୪. ଭାରତର ମୋଟ ୪୧ଟି ବ୍ୟାଘ୍ର ପ୍ରକଳ୍ପ ଯୋଜନା କେତୋଟି ରାଜ୍ୟରେ କାର୍ଯ୍ୟକାରୀ ହେଉଛି ?
(କ) ୧୪ଟି (ଖ) ୧୫ଟି (ଗ) ୧୬ଟି (ଘ) ୧୭ଟି

୫. ଓଡ଼ିଶାରୁ ଉତ୍ପତ୍ତି ଲାଭ କରିଥିବା ଇନ୍ଦ୍ରାବତୀ ନଦୀ କେଉଁ ନଦୀର ଉପନଦୀ ଅଟେ ?
(କ) ଗୋଦାବରୀ (ଖ) କ୍ରିଷ୍ଣା (ଗ) ମହାନଦୀ (ଘ) ଋଷିକୁଲ୍ୟା

୬. କେଉଁ ଦେଶର ପ୍ରମାଣ ସମୟ ଭାରତର ପ୍ରମାଣ ସମୟ ସହିତ ସମାନ ଅଟେ ?
(କ) ନେପାଳ (ଖ) ଶ୍ରୀଲଙ୍କା (ଗ) ତାଜିକିସ୍ତାନ୍ (ଘ) ମୋଙ୍ଗୋଲିଆ

୭. କେଉଁ ଅରଣ୍ୟକୁ ପର୍ଣ୍ଣମୋଚୀ ଅରଣ୍ୟ ବା ସେଡିମେଣ୍ଟାରୀ ଫରେଷ୍ଟ କୁହାଯାଏ ?
(କ) ଯେଉଁ ଅରଣ୍ୟର ବୃକ୍ଷଗୁଡ଼ିକ ଖୁବ ଲମ୍ବା ହୋଇଥାନ୍ତି
(ଖ) ଯେଉଁ ଅରଣ୍ୟର ବୃକ୍ଷଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ସମୟରେ ପତ୍ରଝଡ଼ା ଦେଇଥାଏ
(ଗ) ଯେଉଁ ଅରଣ୍ୟର ବୃକ୍ଷଗୁଡ଼ିକର ପତ୍ର ସରୁ ଓ ଲମ୍ବା ହୋଇଥାଏ
(ଘ) ଯେଉଁ ଅରଣ୍ୟ ସହିତ ତୃଣଭୂମି ମଧ୍ୟ ଦେଖାଯାଇଥାଏ

୮. ପୃଥିବୀର କେଉଁ ଅଞ୍ଚଳରେ ପ୍ରଚୁର ପରମାଣରେ ରବର ଗଛ ଦେଖାଯାଏ ?
(କ) ବିଷୁବ ମଣ୍ଡଳୀୟ ଅଞ୍ଚଳ (ଖ) ମୌସୁମୀ ଜଳବାୟୁ ଅଞ୍ଚଳ
(ଗ) ଉପ କ୍ରାନ୍ତୀୟ ଅଞ୍ଚଳ (ଘ) ନାତିଶୀତୋଷ୍ଣ ଅଞ୍ଚଳ

୯. ଯୁକ୍ତରାଷ୍ଟ୍ର ଆମେରିକାର ବିଶ୍ୱ ପ୍ରସିଦ୍ଧ ହୁଭର୍ ଡ୍ୟାମ୍ କେଉଁ ନଦୀ ଉପରେ ନିର୍ମିତ ହୋଇଛି ?
(କ) କଲୋରାଡୋ (ଖ) ମିସିସିପି (ଗ) ରିଓ ଗ୍ରାଣ୍ଡ (ଘ) ପେକୋସ୍

୧୦. ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ଆଣବିକ ଖଣିଜ ପଦାର୍ଥ ନୁହେଁ ?
(କ) ୟୁରାନିୟମ (ଖ)ମୋନାଜାଇଟ (ଗ) ଥୋରିୟମ (ଘ) ଜିପ୍‌ସମ୍

**ଉତ୍ତର**

୧.(ଖ) ଅନୁସନ୍ଧାନ ,୨.(ଖ)ଲାଓସି, ୩.(ଖ)ଏଥେନ୍‌ସ, ୪.(ଗ)ଜୁଲିୟସ୍ ସିଜର, ୫.(କ) ଲୋଥାଲ୍, ୬.(ଘ) ପ୍ରିୟଦର୍ଶନୀ, ୭.(ଖ)ବରୁଣ ,୮.(ଘ)ସଂସ୍କୃତ,୯.(କ) ସମସ୍ତଙ୍କ ଠାରେ ଶାନ୍ତି ବିରାଜିତ ହେଉ,୧୦.(ଗ) ବାରାକପୁର

୧. (ଘ)ଯୁକ୍ତରାଷ୍ଟ୍ର ଆମେରିକା,୨.(ଘ)ପ୍ରତି ବର୍ଗ କିଲୋମିଟର ଅଞ୍ଚଳର ହାରାହାରି ଜନସଂଖ୍ୟା, ୩.(ଘ)୯୭ ଭାଗ, ୪.(କ)୧୪ଟି, ୫.(କ) ଗୋଦାବରୀ, ୬.(ଖ) ଶ୍ରୀଲଙ୍କା, ୭.(ଖ) ଯେଉଁ ଅରଣ୍ୟର ବୃକ୍ଷଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ସମୟରେ ପତ୍ରଝଡ଼ା ଦେଇଥାଏ, ୮.(କ) ବିଷୁବ ମଣ୍ଡଳୀୟ ଅଞ୍ଚଳ, ୯.(କ) କଲୋରାଡୋ,୧୦.(ଘ) ଜିପ୍‌ସମ୍

ଯେଉଁମାନେ କୌଣସି କିଛିରେ ଆସକ୍ତ ନୁହଁନ୍ତି, ଯିଏ ଭଲରେ ଆନନ୍ଦିତ ଓ ମନ୍ଦରେ ମୂହ୍ୟମାନ ହୁଅନ୍ତି ନାହିଁ, ସେହି ବ୍ୟକ୍ତି ହିଁ ସ୍ଥିତପ୍ରଜ୍ଞ।

## (୧୩) ଅର୍ଥନୀତି

୧. ବିଶ୍ୱ ଅର୍ଥନୈତିକ ଫୋରମ, ୨୦୧୬ ରିପୋର୍ଟ ଅନୁସାରେ ଭାରତର ସ୍ଥାନ କେତେ ? ?
(କ) ୮୦ତମ (ଖ) ୮୫ତମ
(ଗ) ୮୭ତମ (ଘ) ୮୮ତମ

୨. କେନ୍ଦ୍ର ସରକାର ବରିଷ୍ଠ ପେନସନ୍ ବୀମା ଯୋଜନା, ୨୦୧୭ କେଉଁ ଇନ୍ସୁରାନ୍ସ କମ୍ପାନୀ ସହଯୋଗରେ ଆରମ୍ଭ କରିଛନ୍ତି ?
(କ) ଜୀବନ ବୀମା ନିଗମ (ଖ) ରିଲାୟନ୍ସ ଇନସୁରାନ୍ସ
(ଗ) ବାଜାଜ ଆଲିଆଞ୍ଜ (ଘ) କୌଣସିଟି ନୁହେଁ

୩. ଅପରେସନ୍ କ୍ଲିନ୍ ମନି ଯୋଜନା କେଉଁ ବିଭାଗ ଆରମ୍ଭ କରିଛି ?
(କ) ଆୟକର ବିଭାଗ (ଖ) କଷ୍ଟମସ୍ ବିଭାଗ
(ଗ) କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ଘ) କୌଣସିଟି ନୁହେଁ

୪. ଭାରତ ସରକାରଙ୍କର ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା କିଏ ?
(କ) ରଘୁରାମ ରାଜନ (ଖ) କୌଶିକ ବସୁ
(ଗ) ଅରବିନ୍ଦ ସୁବ୍ରମନିୟମ୍ (ଘ) ଶକ୍ତିକାନ୍ତ ଦାଶ

୫. AùKŵ^ üčK i ùbõe \ gé-ÙA[ âûd ëaô@A (UBI) ର ଫୁଲଫର୍ମ କ'ଣ ?
(କ) ୟୁନିଅନ ବେସିକ ଇନ୍‌କମ୍ (ଖ) ୟୁନାଇଟେଡ୍ ବେସିକ ଇନ୍‌କମ
(ଗ) ୟୁନିଭରସାଲ୍ ବେସିକ ଇନ୍‌କମ (ଘ) ୟୁନିଭରସାଲ୍ ବେସିକ ଇଣ୍ଡଷ୍ଟ୍ରିଜ୍

୬. ଡିଜିଟାଲ ପେମେଣ୍ଟ ପାଇଁ ସରକାର କେଉଁ ଟୋଲ୍ ଫ୍ରି ନମ୍ବର ଜାରି କରିବେ ?-
(କ) ୧୪୪୪୪ (ଖ) ୨୫୫୫୫
(ଗ) ୩୫୫୫୫ (ଘ) ୪୪୪୪୪

୭. କ୍ୟାସଲେସ୍ ଟ୍ରାଜାକସନ୍ ପାଇଁ କେନ୍ଦ୍ରସରକାର କେତୋଟି ନୂଆ ପଏଣ୍ଟ ଅଫ୍ ସେଲ୍ ଟର୍ମିନାଲ ୩୧.୩.୨୦୧୭ ସୁଦ୍ଧା ଖୋଲିବାକୁ ବ୍ୟାଙ୍କମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ?
(କ) ୮ଲକ୍ଷ (ଖ) ୧୦ଲକ୍ଷ (ଗ) ୧୫ଲକ୍ଷ (ଘ) ୨୦ଲକ୍ଷ

୮. ଇକୋନୋମିକ୍ ସର୍ଭେ ଅଫ୍ ଇଣ୍ଡିଆ କେଉଁ ବର୍ଷ ପ୍ରଥମେ ଉପସ୍ଥାପନ କରାଯାଇଥିଲା ?
(କ) ୧୯୫୦-୫୧ (ଖ) ୧୯୪୭-୪୮
(ଗ) ୧୯୫୧-୫୨ (ଘ) ୧୯୪୯-୫୦

୯. ଡେଲି କ୍ୟାସ ଟ୍ରାଞ୍ଜାକସନ୍‌ର ଲିମିଟ ଏଟିଏମରୁ କେବେ ପ୍ରତ୍ୟାହାର ହେବ ବୋଲି ରିଜର୍ଭବ୍ୟାଙ୍କ ସୂଚନା ଦେଇଛି ?
(କ) ୬.୭୫%-୭.୫% (ଖ) ୬.୮%-୭.୫%
(ଗ) ୬.୭୫%-୭.୮% (ଘ) ୭.୦%-୭.୫%

୧୦.୨୦୧୬-୧୭ ରେ ସେବା କ୍ଷେତ୍ରରେ ଅଭିବୃଦ୍ଧି କେତେ ରହିବ ?
(କ) ମାର୍ଚ୍ଚ ୩୧ (ଖ) ମାର୍ଚ୍ଚ ୧
(ଗ) ଫେବୃଆରୀ ୧୫ (ଘ) ଫେବୃଆରୀ ୨୮

## (୧୪) କ୍ରୀଡା

୧. ବର୍ଷର ପ୍ରଥମ ଗ୍ରାଣ୍ଡ ସ୍ଲାମ୍ ଟେନିସ୍ ଟୁର୍ଣ୍ଣାମେଣ୍ଟ -ଅଷ୍ଟ୍ରେଲିଆନ୍ ଓପନ୍ ପ୍ରତିବର୍ଷ କେଉଁ ନଗରୀରେ ଅନୁଷ୍ଠିତ ହୋଇଥାଏ ?
(କ) ମେଲ୍‌ବୋର୍ଣ୍ଣ (ଖ) ସିଡ୍‌ନୀ (ଗ) ବ୍ରିସ୍‌ବେନ୍
(ଘ) ପ୍ରତିବର୍ଷ ଭିନ୍ନ ଭିନ୍ନ ନଗରୀରେ ଅନୁଷ୍ଠିତ ହୁଏ

୨. ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ଗ୍ରାଣ୍ଡ ସ୍ଲାମ୍ ଟେନିସ୍ ଟୁର୍ଣ୍ଣାମେଣ୍ଟ ନୁହେଁ ?
(କ) ୟୁ. ଏସ୍. ଓପନ୍ ଟୁର୍ଣ୍ଣାମେଣ୍ଟ (ଖ) ଅଷ୍ଟ୍ରେଲିଆନ୍ ଓପନ୍ ଟୁର୍ଣ୍ଣାମେଣ୍ଟ
(ଗ) ଏ.ଟି.ପି. ମାଷ୍ଟର୍ସ ଟୁର୍ଣ୍ଣାମେଣ୍ଟ (ଘ) ଓ୍ୱିମ୍‌ବଲ୍‌ଡନ୍ ଟୁର୍ଣ୍ଣାମେଣ୍ଟ

୩. ଏବେ ଭାରତରେ ପ୍ରତିବର୍ଷ ଆୟୋଜିତ ହେଉଥିବା ଏକମାତ୍ର ଏ.ଟି.ପି. ଟେନିସ୍ ଟୁର୍ଣ୍ଣାମେଣ୍ଟର ନାମ କ'ଣ ?
(କ) ହାଇଦ୍ରାବାଦ ଓପନ୍ (ଖ) ବେଙ୍ଗାଲୁରୁ ଓପନ୍
(ଗ) ମୁମ୍ବାଇ ଓପନ୍ (ଘ) ଚେନ୍ନାଇ ଓପନ୍

୪. ୨୦୧୬-୧୭ ସିଜିନ୍‌ର ରଣଜୀ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ କେଉଁ ଦଳ ଚାମ୍ପିଆନ ହୋଇଛି ?
(କ) ମୁମ୍ବାଇ (ଖ) ତାମିଲନାଡୁ (ଗ) ଗୁଜୁରାଟ (ଘ) କର୍ଣ୍ଣାଟକ

୫. ୨୦୧୭ର ଇରାନୀ ଟ୍ରଫି କ୍ରିକେଟ ମ୍ୟାଚରେ କିଏ ଦ୍ୱିଶତକ ହାସଲ କରିଛନ୍ତି ?
(କ) ପାର୍ଥିବ ପଟେଲ (ଖ) ରିଦ୍ଧିମାନ ଶାହା
(ଗ) ଚେତେଶ୍ୱର ପୂଜାରା (ଘ) କରୁଣ ନାୟାର

୬. ଏବର୍ଷ ଜୁନ ମାସରେ ଆଇ.ସି.ସି. ଚାମ୍ପିଆନ୍‌ସ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟ କେଉଁ ଦେଶରେ ଅନୁଷ୍ଠିତ ହେବ ?
(କ) ଇଂଲାଣ୍ଡ (ଖ) ନ୍ୟୁଜିଲାଣ୍ଡ (ଗ) ଭାରତ (ଘ) ଦକ୍ଷିଣ ଆଫ୍ରିକା

୭. ଏବର୍ଷ ଜୁନ-ଜୁଲାଇ ମାସରେ ଆଇ.ସି.ସି. ଦ୍ୱାରା ମହିଳା ବିଶ୍ୱକପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ କେଉଁ ଦେଶରେ ଆୟୋଜିତ ହେବ ?
(କ) ଶ୍ରୀଲଙ୍କା (ଖ) ଦକ୍ଷିଣ ଆଫ୍ରିକା (ଗ) ଇଂଲାଣ୍ଡ (ଘ) ଅଷ୍ଟ୍ରେଲିଆ

୮. କଟକର ବାରବାଟୀ ଷ୍ଟାଡିୟମରେ ଖେଳାଯାଇଥିବା ଏକଦିବସୀୟ ଆନ୍ତର୍ଜାତିକ ମ୍ୟାଚମାନଙ୍କ ମଧ୍ୟରେ ସର୍ବାଧିକ ବ୍ୟକ୍ତିଗତ ଇନିଂସ କିଏ ଖେଳିଛନ୍ତି ?
(କ) ଯୁବରାଜ ସିଂହ (ଖ) ମହମ୍ମଦ ଅଜହରୁଦ୍ଦିନ୍
(ଗ) ଦିଲିପ ଭେଙ୍ଗସରକାର (ଘ) ସଚିନ ତେନ୍ଦୁଲକର

୯. ୨୦୧୬ର ହକି ଇଣ୍ଡିଆ ଲିଗ୍‌ର ଉଦ୍‌ଘାଟନୀ ମ୍ୟାଚ କେଉଁଠାରେ ଖେଳାଯାଇଥିଲା ?
(କ) ଦିଲ୍ଲୀ (ଖ) ଭୁବନେଶ୍ୱର (ଗ) ରାଞ୍ଚି (ଘ) ମୁମ୍ବାଇ

୧୦. ୨୦୧୬ର ହକି ଇଣ୍ଡିଆ ଲିଗ୍‌ରେ ଓଡ଼ିଶାର ଦଳ କଳିଙ୍ଗ ଲାନ୍‌ସର୍ସ କେଉଁ ସ୍ଥାନ ହାସଲ କରିଥିଲା ?
(କ) ଦ୍ୱିତୀୟ (ଖ) ତୃତୀୟ (ଗ) ଚତୁର୍ଥ (ଘ) ପଞ୍ଚମ

**ଉତ୍ତର**

୧. (ଗ) ୮୭ତମ, ୨.(କ) ଜୀବନ ବୀମା ନିଗମ, ୩.(କ) ଆୟକର ବିଭାଗ, ୪.(ଗ) ଅରବିନ୍ଦ ସୁବ୍ରମନିୟମ୍, ୫.(ଗ) ୟୁନିଭରସାଲ୍ ବେସିକ ଇନ୍‌କମ, ୬.(କ) ୧୪୪୪୪, ୭.(ଖ) ୧୦ଲକ୍ଷ,୮.(କ) ୧୯୫୦-୫୧,୯. (କ) ୬.୭୫%-୭.୫%,୧୦.(ଘ) ଫେବୃଆରୀ ୨୮

୧. (କ) ମେଲ୍‌ବୋର୍ଣ୍ଣ , ୨.(ଗ) ଏ.ଟି.ପି. ମାଷ୍ଟର୍ସ ଟୁର୍ଣ୍ଣାମେଣ୍ଟ, ୩.(ଘ) ଚେନ୍ନାଇ ଓପନ୍, ୪.(ଗ) ଗୁଜୁରାଟ, ୫.(ଖ) ରିଦ୍ଧିମାନ ଶାହା, ୬.(କ) ଇଂଲାଣ୍ଡ, ୭.(ଗ) ଇଂଲାଣ୍ଡ, ୮.(ଖ) ମହମ୍ମଦ ଅଜହରୁଦ୍ଦିନ୍, ୯.(ଘ) ମୁମ୍ବାଇ , ୧୦.(କ) ଦ୍ୱିତୀୟ ।

## (୧୫) ସାହିତ୍ୟ, କଳା ଓ ସଂସ୍କୃତି

୧. ବିଶ୍ୱ ମାତୃଭାଷା ଦିବସ କେଉଁ ମାସର କେତେ ତାରିଖ ଦିନ ପାଳିତ ହୋଇଥାଏ ?
(କ) ମାର୍ଚ୍ଚ ୨୧ (ଖ) ମାର୍ଚ୍ଚ ୧
(ଗ) ଫେବ୍ରୁଆରୀ ୨୧ (ଘ) ଫେବ୍ରୁଆରୀ୨୮

୨. ବର୍ଷ-୨୦୧୬ ପାଇଁ କେନ୍ଦ୍ର ସାହିତ୍ୟ ଅକାଦେମୀ ପୁରସ୍କାର ଲାଭ କରିଥିବା ଓଡ଼ିଆ ଲେଖିକାଙ୍କ ନାମ କ'ଣ ?
(କ) ପାରମିତା ଶତପଥି (ଖ) ଗାୟତ୍ରୀବାଳା ପଣ୍ଡା
(ଗ) ହିରଣ୍ମୟୀ ମିଶ୍ର (ଘ) ମମତାମୟୀ ଚୌଧୁରୀ

୩. ନୋବେଲ୍ ସାହିତ୍ୟ ପୁରସ୍କାର ହାସଲ କରିଥିବା ବିଶ୍ୱର ପ୍ରଥମ ମହିଳା ଲେଖିକାଙ୍କ ନାମ କ'ଣ ?
(କ) ସେଲ୍‌ମା ଲାଗରଲୋଫ୍ (ଖ) ସିଗ୍‌ଫ୍ରେଡ ଉଣ୍ଡସେଟ୍
(ଗ) ଗ୍ରେସ୍ପିଆ ଦେଲେଦ୍ଦା (ଘ) ପର୍ଲ ଏସ. ବକ୍

୪. ବର୍ଷ ୨୦୧୭ର ସାଧାରଣତନ୍ତ୍ର ଦିବସ ଅବସରରେ ଦେଶର ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମ ବିଭୂଷଣରେ ନାମିତ ହୋଇଥିବା ପ୍ରସିଦ୍ଧ କଣ୍ଠଶିଳ୍ପୀ କେ. ଜେ. ୟେସୁଦାସ ଭାରତର କେଉଁ ରାଜ୍ୟର ବାସିନ୍ଦା ଅଟନ୍ତି ?
(କ) ତାମିଲନାଡୁ (ଖ) କର୍ଣ୍ଣାଟକ (ଗ) ତେଲେଙ୍ଗାନା (ଘ) କେରଳ

୫. ବର୍ଷ ୨୦୧୭ର ସାଧାରଣତନ୍ତ୍ର ଦିବସ ଅବସରରେ ପଦ୍ମଭୂଷଣ ସମ୍ମାନ ନିମନ୍ତେ ମନୋନୀତ ହୋଇଥିବା ବିଶିଷ୍ଟ ସଂଗୀତଜ୍ଞ ବିଶ୍ୱମୋହନ ଭଟ୍ଟ କେଉଁ ବାଦ୍ୟଯନ୍ତ୍ର ପାଇଁ ପ୍ରସିଦ୍ଧ ?
(କ) ସିତାର (ଖ) ବୀଣା (ଗ) ବଂଶୀ (ଘ) ତବଲା

୬. ବର୍ଷ ୨୦୧୭ର ସାଧାରଣତନ୍ତ୍ର ଦିବସ ଅବସରରେ ପଦ୍ମଶ୍ରୀ ସମ୍ମାନ ସକାଶେ ଘୋଷିତ ହୋଇଥିବା ଓଡ଼ିଶାର ସାଧୁ ମେହେର ପୂର୍ବରୁ କେଉଁ ଚଳଚ୍ଚିତ୍ରରେ ଅଭିନୟ ପାଇଁ ସର୍ବଶ୍ରେଷ୍ଠ ଅଭିନେତା ଭାବେ ରାଷ୍ଟ୍ରପତି ପୁରସ୍କାର ପାଇଥିଲେ ?
(କ) ଅଙ୍କୁର (ଖ) ନିଶାନ୍ତ (ଗ) ଭୂଖା (ଘ) ଜୀଅଁନ୍ତା ଭୂତ

୭. ବର୍ଷ ୨୦୧୭ର ସାଧାରଣତନ୍ତ୍ର ଦିବସ ଅବସରରେ ପଦ୍ମଶ୍ରୀ ସମ୍ମାନ ସକାଶେ ଘୋଷିତ ହୋଇଥିବା ସମ୍ବଲପୁରୀ ଗୀତର ପ୍ରସିଦ୍ଧ ଗାୟକ ଜଣକ କିଏ ?
(କ) କ୍ରିଷ୍ଣା ପଟେଲ (ଖ) ଜିତେନ୍ଦ୍ର ହରିପାଲ
(ଗ) ଫକିର ପଟ୍ଟନାୟକ (ଘ) ଉମାକାନ୍ତ ବାରିକ

୮. ନିମ୍ନଲିଖିତ ମଧ୍ୟରୁ କେଉଁ ନୃତ୍ୟଟି ଏକ ଶାସ୍ତ୍ରୀୟ ନୃତ୍ୟ ଅଟେ ?
(କ) ଭାଙ୍ଗଡ଼ା (ଖ) ସମ୍ବଲପୁରୀ (ଗ) ଗରବା (ଘ) କଥକ

୯. ପୌଷ ପୂର୍ଣ୍ଣିମା ଦିନ ଶ୍ରୀଜଗନ୍ନାଥଙ୍କ କେଉଁ ବେଶ ଅନୁଷ୍ଠିତ ହୋଇଥାଏ ?
(କ) ସୁନା ବେଶ (ଖ) ବଡ଼ସିଂହାର ବେଶ
(ଗ) ବାଙ୍କଚୂଡ଼ା ବେଶ (ଘ) ବାମନ ବେଶ

୯. ମାଘ ମାସର ପୂର୍ଣ୍ଣିମା ଦିନ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା କେଉଁ ବେଶ ଧାରଣ କରିଥାନ୍ତି ?
(କ) ପଦ୍ମ ବେଶ (ଖ) କାଳୀୟଦଳନ ବେଶ
(ଗ) ଚନ୍ଦନଲାଗି ବେଶ (ଘ) ଗଜ ଉଦ୍ଧାରଣ ବେଶ

## (୧୬) ବାଣିଜ୍ୟ

୧. କେଉଁ ବ୍ୟାଙ୍କ୍ **Wave- n- pay, contactless car** ଆରମ୍ଭ କରିଛି ?
(କ) ପଞ୍ଜାବ ନ୍ୟାସ୍‌ନାଲ୍ ବ୍ୟାଙ୍କ୍ (ଖ) ଆଇସିଆଇସିଆଇ
(ଗ) ୟୁକୋ ବ୍ୟାଙ୍କ (ଘ) ଏଚଡ଼ିଏଫ୍‌ସି

୨. ଆଡ୍‌ଭଟାଇଜିଙ୍ଗ ଷ୍ଟାଣ୍ଡାର୍ଡ଼ କାଉନସିଲ ଅଫ୍ ଇଣ୍ଡିଆର ମୂଖ୍ୟ ଦପ୍ତର କେଉଁଠାରେ ଅଛି ?
(କ) କୋଲକତା (ଖ) ମୁମ୍ବାଇ (ଗ) ଚେନାଇ (ଘ) ଦିଲ୍ଲୀ

୩. ଆଇ.ଏମ୍.ଏଫ୍ ରିପୋର୍ଟ ଅନୁସାରେ ଭାରତର ଜିଡ଼ିପି ଗ୍ରୋଥ୍‌ର ସଂମ୍ଭାବନା କେତେ ?
(କ) ୭.୧ (ଖ) ୭.୫ (ଗ) ୭.୬ (ଘ) ୭.୭

୪. କେଉଁ କମ୍ପାନୀ ଡ଼ିଜିଟାଲ୍ ଅନ୍‌ଲଗ୍ ତାଲିମ୍ ପ୍ରୋଗ୍ରାମ୍ ଭାରତୀୟ କ୍ଷୁଦ୍ର ବ୍ୟବସାୟ ପାଇଁ ଆରମ୍ଭ କରିଛି ?
(କ) ମାଇକ୍ରୋସଫ୍ଟ (ଖ) ଫେସ୍‌ବୁକ୍
(ଗ) ଗୁଗୁଲ୍ (ଘ) ଟୁଇଟର୍

୫. କେଉଁ ଦେଶ ବିଶ୍ୱର ସର୍ବବୃହତ୍ ସୋଲାର ପାର୍କ ନିର୍ମାଣ କରିପାରିଛି ?
(କ) ଚୀନ୍ (ଖ) ଭାରତ
(ଗ) ପାକିସ୍ଥାନ (ଘ) ବଂଗଳାଦେଶ

୬. ଖଦୀ ଓ ଗ୍ରାମୋଦ୍ୟଗର ନୂଆ ମୂଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରୂପେ କିଏ ନିଯୁକ୍ତି ପାଇଛନ୍ତି ?
(କ) ଏସ୍. ଜୟଶଙ୍କର (ଖ) ରୀନାମିତ୍ର
(ଗ) ଅଂଶୁ ସିହ୍ନା (ଘ) ଅରୁଣ କୁମାର ଝା

୭. ବିଶ୍ୱବ୍ୟାଙ୍କ୍ ଦ୍ୱାରା ତ୍ରିପୁରା ପାଓ୍ୱାର୍ ଅଫ୍ ପ୍ରେଡ଼େସନ୍ ପ୍ରୋଜେକ୍ଟ ପାଇଁ କେତେ ଅର୍ଥ ବ୍ୟୟ ବରାଦ କରାଯାଇଛି ?
(କ)୧୪୦୦ କୋଟି (ଖ) ୧୫୪୮ କୋଟି
(ଗ)୧୨୩୧ କୋଟି (ଘ) ୧୩୭୬ କୋଟି

୮. ପାସପୋର୍ଟ ଇଣ୍ଡେକ୍ସରେ ବିଶ୍ୱରେ ଭାରତର ସ୍ଥାନ କେତେ ?
(କ) ୮୮ ତମ (ଖ)୧୧୨ତମ
(ଗ) ୫୭ ତମ (ଘ) ୭୮ତମ

୯. 'କରଙ୍ଗ' ଦ୍ୱୀପ ଭାରତର ପ୍ରଥମ କ୍ୟାସ୍‌ଲେସ୍ ଦ୍ୱୀପ ଅଟେ । ତାହା କେଉଁ ରାଜ୍ୟରେ ଅବସ୍ଥିତ ?
(କ) ଅରୁଣାଞ୍ଚଳ ପ୍ରଦେଶ (ଖ) ମେଘାଳୟ
(ଗ) ଆସାମ (ଘ) ମଣିପୁର

୧୦.ପିନାକିନ୍ (**Pinakin**) ମୋବାଇଲ୍ ଆପ୍ କେଉଁ ରାଜ୍ୟ ପର୍ଯ୍ୟଟନ ବିଭାଗ ଆରମ୍ଭ କରିଛି ?
(କ) କର୍ଣ୍ଣାଟକ (ଖ) ତାମିଲନାଡୁ
(ଗ) ଆନ୍ଧ୍ରପ୍ରଦେଶ (ଘ) କେରଳ

**ଉତ୍ତର**

୧.(ଗ) ଫେବ୍ରୁଆରୀ ୨୧ ,୨.(କ) ପାରମିତା ଶତପଥି , ୩.(କ) ସେଲ୍‌ମା ଲାଗରଲୋଫ୍ , ୪.(ଘ) କେରଳ, ୫.(ଖ) ବୀଣା, ୬.(କ) ଅଙ୍କୁର, ୭.(ଖ) ଜିତେନ୍ଦ୍ର ହରିପାଲ, ୮.(ଘ) କଥକ , ୯.(କ) ସୁନା ବେଶ ,୧୦.(ଘ) ଗଜ ଉଦ୍ଧାରଣ ବେଶ ।

୧. (କ)ପଞ୍ଜାବ ନ୍ୟାସ୍‌ନାଲ୍ ବ୍ୟାଙ୍କ୍, ୨.(ଖ)ମୁମ୍ବାଇ, ୩.(ଖ) ୭.୫, ୪.(ଗ) ଗୁଗୁଲ୍ , ୫.(କ)ଚୀନ୍, ୬.(ଘ) ଅରୁଣ କୁମାର ଝା, ୭.(ଘ) ୧୩୭୬ କୋଟି ,୮.(ଘ) ୭୮ତମ,୯.(ଗ) ଆସାମ,୧୦.(ଖ) ତାମିଲନାଡୁ

## (୧୭) ରାଷ୍ଟ୍ର ଶାସନ ବ୍ୟବସ୍ଥା

**୧. ଓଡିଶାର କେଉଁ ମୁଖ୍ୟମନ୍ତ୍ରୀ କେବେ ବି ଲୋକସଭା ସଦସ୍ୟ ହୋଇନାହାନ୍ତି ?**
(କ) ନବୀନ ପଟ୍ଟନାୟକ (ଖ) ନନ୍ଦିନୀ ଶତପଥୀ
(ଗ) ଡଃ ହରେକୃଷ୍ଣ ମହତାବ (ଘ) ବିଜୁ ପଟ୍ଟନାୟକ

**୨. ଏମାନଙ୍କ ଭିତରୁ କେଉଁ ବିରୋଧୀ ଦଳ ନେତା ଓଡିଶାର ମୁଖ୍ୟମନ୍ତ୍ରୀ ହୋଇ ପାରିନାହାନ୍ତି ?**
(କ) ଡଃ ଶ୍ରଦ୍ଧାକାର ସୁପକାର (ଖ) ବିଜୁ ପଟ୍ଟନାୟକ
(ଗ) ରାଜେନ୍ଦ୍ର ନାରାୟଣ ସିଂହଦେଓ (ଘ) ସଦାଶିବ ତ୍ରିପାଠୀ

**୩. ଜିଲ୍ଲା ପରିଷଦର ଅଧକ୍ଷ କିପରି ନିର୍ବାଚିତ ହୋଇଥାନ୍ତି ?**
(କ) ପରୋକ୍ଷ ଭାବେ (ଖ) ପଞ୍ଚାୟତ ସମିତିଦ୍ୱାରା
(ଗ) ଲୋକମାନଙ୍କଦ୍ୱାରା (ଘ) ରାଜସ୍ୱ ପରିଷଦଙ୍କଦ୍ୱାରା

**୪. ସହରାଞ୍ଚଳର ସ୍ୱାୟତ୍ତ ଶାସନ ବ୍ୟବସ୍ଥା କାହା ଉପରେ ନ୍ୟସ୍ତ ?**
(କ) ପୌର ନିଗମ (ଖ) ପଞ୍ଚାୟତ ସମିତି
(ଗ) ବିଜ୍ଞାପିତ ଅଞ୍ଚଳ ପରିଷଦ (ଘ) ଜିଲ୍ଲା ପରିଷଦ

**୫. ଓଡିଶାର ପଞ୍ଚାୟତ କାର୍ଯ୍ୟକାଳ ଅବଧି କେତେ ?**
(କ) ୨ବର୍ଷ (ଖ) ୪ବର୍ଷ (ଗ) ୬ବର୍ଷ (ଘ) ୫ବର୍ଷ

**୬. ଗ୍ରାମ ପଞ୍ଚାୟତ ସଭାରେ କିଏ ଅଧକ୍ଷତା କରନ୍ତି ?**
(କ) ସରପଞ୍ଚ (ଖ) ପଞ୍ଚାୟତ ସଂପାଦକ
(ଗ) ଗ୍ରାମ ପଞ୍ଚାୟତ ଅଧିକାରୀ (ଘ) ଗୋଷ୍ଠୀ ଉନ୍ନୟନ ଅଧିକାରୀ

**୭. ପ୍ରଥମ ଲୋକସଭା ନିର୍ବଚନରେ ଓଡିଶାରେ ଜାତୀୟ କଂଗ୍ରେସ ଦଳ କେତୋଟି ଲୋକସଭା ଆସନ ପାଇଥିଲା ?**
(କ) ୧୮ (ଖ) ୧୧ (ଗ) ୧୨ (ଘ) ୧୫

**୮. ଓଡିଶାରେ ଜନକଂଗ୍ରେସ ନାମରେ ଏକ ରାଜନୈତିକ ଦଳ କିଏ ପ୍ରତିଷ୍ଠା କରିଥିଲେ ?**
(କ) ବିଜୁ ପଟ୍ଟନାୟକ (ଖ) ଡଃ ହରେକୃଷ୍ଣ ମହତାବ
(ଗ) ବିଶ୍ୱନାଥ ଦାସ (ଘ) ସଦାଶିବ ତ୍ରିପାଠୀ

**୯. ସ୍ୱାଧିନତାର ପରବର୍ତ୍ତୀ ଓଡିଶାର ପ୍ରଥମ ରାଜ୍ୟପାଳ କିଏ ?**
(କ) ଶ୍ରୀ ଆସଫ୍ ଅଲ୍ଲୀ (ଖ) ଡଃ କୈଳାଶ ନାଥ କାଟଜୁ
(ଗ) ଚନ୍ଦୁ ଲାଲ୍ ତ୍ରିବେଦୀ (ଘ) ଶ୍ରୀ ଭି.ପି. ମେନନ୍ (ଅସ୍ଥାୟୀ)

**୧୦. ଭାରତୀୟ ସମ୍ବିଧାନ କେଉଁ ଧାରାରେ ରାଜ୍ୟପାଳ ହେଉଛନ୍ତି ପ୍ରକୃତ ଶାସକ ?**
(କ) ୨୧୩ ଧାରା (ଖ) ୩୫୬ ଧାରା
(ଗ) ୩୫୫ ଧାରା (ଘ) ୩୬୦ ଧାରା

## (୧୮) କମ୍ପ୍ୟୁଟର ଶିକ୍ଷା

୧. ମାଇକ୍ରୋ ପ୍ରୋସେସର୍ କେଉଁଟି ତିଆରି କରିବାରେ ବ୍ୟବହାର ହୁଏ ?
(କ) କମ୍ପ୍ୟୁଟର (ଖ) ଡ଼ିଜିଟାଲ ସିଷ୍ଟମସ୍
(ଗ) କାଲକୁଲେଟର (ଘ) ଏଗୁଡ଼ିକ ସମସ୍ତ

୨. ଗୋଟିଏ ର୍‍ୟାମ୍‌ରେ କେତେଥର ରାଇଟ୍ ସାଇକେଲ୍ କରାଯାଏ ?
(କ) ୧ (ଖ) ୧୦
(ଗ) ୧୦୦ (ଘ) ୧୦୦୦

୩. ଗୋଟିଏ ପାୱାର ପଏଣ୍ଟରେ କେତୋଟି ଆକ୍ସନ୍ ବଟନସ୍ ଥାଏ ?
(କ) ୧୨ (ଖ)୧୫
(ଗ) ୧୬ (ଘ)୧୮

୪. ପାୱାର ପଏଣ୍ଟ ପ୍ରେଜେଣ୍ଟେସନ୍‌ରେ କେଉଁ 'କି' ଟି ପ୍ରେଜେଣ୍ଟେସନ୍ ରନ୍ କରିବା ପାଇବ୍ୟବହାର କରାଯାଏ ?
(କ) ଏଫ୍-୨ (ଖ) ଏଫ୍-୩
(ଗ) ଏଫ୍-୪ (ଘ) ଏଫ୍- ୫

୫. ଏଫ୍.ଟି.ପି. କମ୍ପ୍ୟୁଟରରେ କଣ ବୁଝାଯାଏ ?
(କ)ଫାଇଲ୍ ଟ୍ରାନ୍ସଲେଟ୍ ପ୍ରୋଟୋକଲ୍ (ଖ) ଫାଇଲ୍ ଟ୍ରାନ୍‌ଜିଟ୍ ପ୍ରୋଟୋକଲ୍
(ଗ) ଫାଇଲ୍ ଟାଇପିଙ୍ଗ୍ ପ୍ରୋଟୋକଲ୍ (ଘ)ଫାଇଲ୍ ଟ୍ରାନ୍ସଫୋର୍ ପ୍ରୋଟୋକଲ୍

୬. ଏମ୍.ଏସ୍. ଅଫିସ୍‌ର ପ୍ରୋଗ୍ରାମ୍ ମଧରେ କେଉଁଟି ଅନ୍ତର୍ଭୁକ୍ତ ନୁହେଁ ?
(କ)ଅଫିସ୍ ଆର୍ଟ (ଖ)କ୍ଲିପ୍ ଆର୍ଟ
(ଗ)ୱାର୍ଡ଼ ଆର୍ଟ (ଘ) ପେଣ୍ଟ ଆର୍ଟ

୭.ଏମ୍.ଏସ୍. ଅଫିସ୍‌ର କେଉଁଟି ଇମ୍ପୋର୍ଟ ଡ଼ିଭାଇସ୍ ନୁହେଁ ?
(କ) ସ୍କାନର୍ (ଖ) ଲାଇଟ୍ ପେନ୍
(ଗ) ମାଉସ୍ (ଘ) ଜୟଷ୍ଟିକ୍

୮. କୌଣସି ସିଲେକ୍ଟେଡ଼୍ ଟେକ୍ସଟକୁ କେଉଁ ସର୍ଟକର୍ଟ 'କି' ବ୍ୟବହାର କରି କଟାଯାଇଥାଏ ?
(କ)କଣ୍ଟ୍ରୋଲ+ସି (ଖ)କଣ୍ଟ୍ରୋଲ୍+ଡ଼ି
(ଗ)କଣ୍ଟ୍ରୋଲ୍+ ଡ଼ି (ଘ)କଣ୍ଟ୍ରୋଲ୍+ଏକ୍ସ

୯. କେଉଁ ଷ୍ଟୋରେଜ୍ ଡ଼ିଭାଇସ୍‌ଟି ସବୁବେଳେ ଭାଇରସ୍ ଫ୍ରି ଅଟେ ?
(କ) ହାର୍ଡ଼ ଡ଼ିକ୍ସ (ଖ) ଫ୍ଲପି ଡ଼ିକ୍ସ
(ଗ) କଂପାକ୍ଟ ଡ଼ିକ୍ସ (ଘ) କୌଣସିଟି ନୁହେଁ

୧୦. କଣ୍ଟ୍ରୋଲ୍ ସି କୁ କେଉଁଥିପାଇଁ ବ୍ୟବହାର କରାଯାଏ ?
(କ) କପି (ଖ) କଟ୍
(ଗ) ପେଷ୍ଟ୍ (ଘ) ଡ଼ିଲିଟ୍

**ଉତ୍ତର**

**୧.(ଖ) ନନ୍ଦିନୀ ଶତପଥୀ , ୨.(କ) ଡଃ ଶ୍ରଦ୍ଧାକାର ସୁପକାର, ୩.(କ) ପରୋକ୍ଷ ଭାବେ , ୪.(କ) ପୌର ନିଗମ , ୫.(ଘ) ୫ବର୍ଷ, ୬.(କ) ସରପଞ୍ଚ , ୭.(ଖ) ୧୧ , ୮. (ଖ) ଡଃ ହରେକୃଷ୍ଣ ମହତାବ, ୯. (ଖ) ଡଃ କୈଳାଶ ନାଥ କାଟଜୁ , ୧୦- (ଖ) ୩୫୬ ଧାରା ।**

୧. (ଘ)ଏଗୁଡ଼ିକ ସମସ୍ତ ,୨.(କ) ୧, ୩.(ଖ)୧୫, ୪.(ଘ)ଏଫ୍- ୫, ୫.(ଘ)ଫାଇଲ୍ ଟ୍ରାନ୍ସଫୋର୍ ପ୍ରୋଟୋକଲ୍, ୬.(ଘ) ପେଣ୍ଟ ଆର୍ଟ, ୭. (ଘ) ଜୟଷ୍ଟିକ୍,୮.(ଘ)କଣ୍ଟ୍ରୋଲ୍+ଏକ୍ସ,୯.କୌଣସିଟି ନୁହେଁ,୧୦.(କ)କପି

## (୧୯) ଗାଣିତିକ ପ୍ରଶ୍ନାବଳୀ

୧. ପ୍ରଥମେ କେଉଁଠାରେ ଫୁଟମାପ ପ୍ରଚଳିତ ହୋଇଥିଲା ?
(କ) ଲଣ୍ଡନ (ଖ) ପ୍ୟାରିସ୍
(ଗ) ରୋମ୍ (ଘ) ବର୍ଲିନ୍

୨. ପ୍ରଥମେ କେଉଁଠାରେ ମାଇଲ୍ ମାପ ବ୍ୟବହୃତ ହୋଇଥିଲା ?
(କ) ରୋମ୍ (ଖ) ଗ୍ରୀସ୍
(ଗ) ଭାରତ (ଘ) ଚୀନ୍

୩. ଏକ ଫର୍ଲଙ୍ଗ (**furlong**) ମାନେ କେତେ ମିଟର ?
(କ) ୨୦୧ ମି (ଖ) ୧୬୦ ମି
(ଗ) ୨୬୭ ମି (ଘ) ୩୨୦ ମି.

୪. ଏକ ଗ୍ରସ୍ (**gross**) ମାନେ କେତୋଟି ଜିନିଷକୁ ବୁଝାଏ ?
(କ) ୧୦ଟି (ଖ) ୧୦୦ଟି
(ଘ) ୧୪୪ଟି (ଘ) ୨୦୦ଟି

୫. ଏକ ଦିସ୍ତା ବା କୁଇର୍ (**Quire**) କାଗଜରେ କେତେ ଫର୍ଦ୍ଦ କାଗଜ ରହିଥାଏ ?
(କ) ୧୦ ଫର୍ଦ୍ଦ (ଖ)୧୨ ଫର୍ଦ୍ଦ
(ଗ) ୨୦ ଫର୍ଦ୍ଦ (ଘ) ୨୪ ଫର୍ଦ୍ଦ

୬. କେତେ ଦିସ୍ତା କାଗଜକୁ ଏକ ରିମ୍ (**ream**) କାଗଜ କୁହାଯାଏ ?
(କ) ୧୦ ଦିସ୍ତା (ଖ)୧୨ ଦିସ୍ତା
(ଗ)୨୦ ଦିସ୍ତା (ଘ) ୨୪ ଦିସ୍ତା

୭. ଭୂପୃଷ୍ଠରୁ ସୂର୍ଯ୍ୟର କୌଣିକ ଉନ୍ନତି କେଉଁ ଉପକରଣ ସହାୟତାରେ ମାପ କରାଯାଇଥାଏ ?
(କ) ପାଣ୍ଟୋଗ୍ରାଫ୍ (ଖ) ଥିଓଡ଼ୋଲାଇଟ୍
(ଗ)ଇଣ୍ଟିଗ୍ରେଟର (ଘ) ସେକ୍‌ଷ୍ଟାଣ୍ଟ

୮. କୌଣସି ଜ୍ୟାମିତିକ ଛବିର ବର୍ଦ୍ଧିତ ବା ସଙ୍କୁଚିତ ନକଲ ଅଙ୍କନ ପାଇଁ କେଉଁ ଉପକରଣ ବ୍ୟବହୃତ ହୋଇଥାଏ ?
(କ) ସେକ୍‌ଷ୍ଟାଣ୍ଟ (ଖ) ବିମ୍ କମ୍ପାସ୍
(ଗ) ପାଣ୍ଟୋଗ୍ରାଫ୍ (ଘ) ବୋ କମ୍ପାସ୍

୯.ସମୁଦ୍ର ପତ୍ତନରୁ ଉଡ଼ାଜାହାଜର ଉଚ୍ଚତା ନିରୂପଣ କରିବା ପାଇଁ କେଉଁ ଯନ୍ତ୍ର ବ୍ୟବହାର କରାଯାଇଥାଏ ?
(କ) ଅଲଟିମିଟର(Altimeter) (ଖ) ପ୍ଲେନିମିଟର(Planimeter)
(ଗ) ଓଡ଼ୋମିଟର (ଘ) ଷ୍ଟ୍ରେଟ୍ଏଜ୍

୧୦. ସମୁଦ୍ରର ଗଭୀରତା କେଉଁ ଯନ୍ତ୍ରରେ ମପାଯାଏ ? (କ) ଷ୍ଟ୍ରେଟ୍ଏଜ (ଖ) ସାକାରୋମିଟର
(ଗ) କ୍ରୋନୋମିଟର (ଘ) ଫାଦୋମିଟର

## (୨୦) ସାଧାରଣ ବିଜ୍ଞାନ

୧. ଇଲେକ୍‌ଟ୍ରନର ବ୍ୟାସାର୍ଦ୍ଧ କେଉଁ ଏକକରେ ମାପ କରାଯାଏ ?
(କ) ୧୦$^{-୭}$ମି. (ଖ) ୧୦$^{-୧୦}$ମି.
(ଗ) ୧୦$^{-୧୨}$ମି. (ଘ) ୧୦$^{-୧୫}$ମି.

୨. ନିମ୍ନଲିଖିତ କେଉଁ ବିଦ୍ୟୁତ୍ ଚୁମ୍ବକୀୟ ତରଙ୍ଗର ତରଙ୍ଗ ଦୈର୍ଘ୍ୟ ସବୁଠାରୁ ଅଧିକ ?
(କ) ଦୃଶ୍ୟମାନ ଆଲୋକ ରଶ୍ମି (ଖ) ରଞ୍ଜନ ରଶ୍ମି
(ଗ) ଗାମା ରଶ୍ମି (ଘ) ରେଡ଼ିଓ ତରଙ୍ଗ

୩. ନିମ୍ନଲିଖିତ କେଉଁ ଦୁଇଟି ମୌଳିକ ସମଭାରିକ ?
(କ) ଉଦ୍‌ଜାନ ଓ ହିଲିୟମ୍ (ଖ) ନିୟନ୍ ଓ ସୋଡ଼ିୟମ୍
(ଗ) ଆରଗନ ଓ କ୍ୟାଲସିୟମ୍ (ଘ) ତମ୍ବା ଓ ଦସ୍ତା

୪. ସର୍ବପ୍ରଥମେ କିଏ ଇଲେକ୍‌ଟ୍ରନର ଋଣାତ୍ମକ ଚାର୍ଜ ମାପକରି ଦର୍ଶାଇଥିଲେ ?
(କ) ଜେ. ଜେ. ଟମସନ (ଖ) ରବର୍ଟ ମିଲିକାନ
(ଘ) ନିଲ୍ ବୋର (ଘ) ଓ୍ୱିଲିୟମ ରଦରଫୋର୍ଡ଼

୫. ରାସାୟନିକ ବନ୍ଧରେ ନିମ୍ନଲିଖିତ କେଉଁଟି ମୁଖ୍ୟ ଅଂଶଗ୍ରହଣ କରିଥାଏ ?
(କ) ପରମାଣୁ (ଖ) ଅଣୁ
(ଗ) ଇଲେକ୍‌ଟ୍ରନ୍ (ଘ) ପ୍ରୋଟନ

୬. ଗୋଟିଏ ପରମାଣୁରୁ ଅନ୍ୟ ଗୋଟିଏ ପରମାଣୁକୁ ଇଲେକ୍‌ଟ୍ରନ୍ ସ୍ଥାନାନ୍ତରଣ ଫଳରେ ଯେଉଁ ବନ୍ଧ ସୃଷ୍ଟିହୁଏ ତାହାକୁ କି ବନ୍ଧ କହନ୍ତି ? ?
(କ) ବିଦ୍ୟୁତ୍ ସଂଯୋଜ୍ୟ ବନ୍ଧ (ଖ) ସହ ସଂଯୋଜ୍ୟ ବନ୍ଧ
(ଗ) ଉଦ୍‌ଜାନ ବନ୍ଧ (ଘ) ଧାତବୀୟ ବନ୍ଧ

୭. ପରମାଣୁର ବହିଃସ୍ଥ କକ୍ଷରେ କେତୋଟି ଇଲେକ୍‌ଟ୍ରନ ଥିଲେ ତାହା ଅଧିକ ସ୍ଥାୟୀ ହୋଇଥାଏ ?
(କ) ୪ଟି (ଖ) ୮ଟି
(ଗ) ୮ରୁ କମ୍ (ଘ) ୮ରୁ ଅଧିକ

୮. କେଉଁ ବୈଜ୍ଞାନିକ ଶନିଗ୍ରହର ବଳୟ ପ୍ରଥମରେ ଆବିଷ୍କାର କରିଥିଲେ ?
(କ) ଗାଲିଲି ଗାଲିଲିଓ (ଖ)ରବର୍ଟ ହୁକ୍
(ଗ) ଏଡ଼ୱିନ ହବଲ୍ (ଘ) ଖ୍ରୀଷ୍ଟିୟାନ୍ ହାଇଜେନସ୍

୯. ସ୍ପ୍ରିଂ ସାହାଯ୍ୟରେ ଘଣ୍ଟା ନିର୍ମାଣ କରିବା କୌଶଳ ପ୍ରଥମେ କେଉଁ ବୈଜ୍ଞାନିକ ଉଦ୍ଭାବନ କରିଥିଲେ ?
(କ) ଗାଲିଲି ଗାଲିଲିଓ (ଖ) ରବର୍ଟ ବୟଲ୍
(ଗ) ରବର୍ଟ ହୁକ୍ (ଘ) ଖ୍ରୀଷ୍ଟିୟାନ୍ ହାଇଜେନସ୍

୧୦. ମହାକର୍ଷଣ ନିୟମ ପାଇଁ ସାର୍ ଆଇଜାକ୍ ନିଉଟନ୍‌ଙ୍କର ନିମ୍ନଲିଖିତ କେଉଁ ବୈଜ୍ଞାନିକଙ୍କ ସହ ସାରା ଜୀବନ ବିବାଦ ଲାଗିରହିଥିଲା ?
(କ) ରବର୍ଟ ହୁକ୍ (ଖ) ରବର୍ଟ ବୟେଲ୍
(ଗ) କ୍ରିଷ୍ଟିୟାନ୍ ହାଇଜେନସ୍ (ଘ)ବ୍ଲେସ୍ ପାସ୍କାଲ୍

**ଉତ୍ତର**

୧.(ଗ) ରୋମ୍ ,୨.(କ)ରୋମ୍, ୩.(କ)୨୦୧ ମି, ୪.(ଘ)୧୪୪ଟି, ୫.(ଘ) ୨୪ ଫର୍ଦ୍ଦ, ୬.(ଗ)୨୦ ଦିସ୍ତା, ୭.(ଘ) ସେକ୍‌ଷ୍ଟାଣ୍ଟ ,୮.(ଗ) ପାଣ୍ଟୋଗ୍ରାଫ୍,୯.(କ) ଅଲଟିମିଟର(Altimeter),୧୦.(ଘ) ଫାଦୋମିଟର

୧.(ଘ) ୧୦$^{-୧୫}$ମି. ,୨.(ଘ) ରେଡ଼ିଓ ତରଙ୍ଗ, ୩.(ଗ) ଆରଗନ ଓ କ୍ୟାଲସିୟମ୍, ୪.(ଖ) ରବର୍ଟ ମିଲିକାନ, ୫.(ଗ)ଇଲେକ୍‌ଟ୍ରନ୍ , ୬.(କ)ବିଦ୍ୟୁତ୍ ସଂଯୋଜ୍ୟ ବନ୍ଧ , ୭. (ଖ) ୮ଟି,୮.(ଘ)ଖ୍ରୀଷ୍ଟିୟାନ୍ ହାଇଜେନସ,୯.(ଗ) ରବର୍ଟ ହୁକ୍,୧୦.(କ)ରବର୍ଟ ହୁକ୍

# ବିବିଧ ପ୍ରଶ୍ନାବଳୀ

୧. ୨୬ ଜାନୁଆରୀ ,୨୦୧୭ରେ କେତେ ତମ ଗଣତନ୍ତ୍ର ଦିବସ ପାଳନ କରାଯାଇଥିଲା ? -୬୮

୨. ୨୦୧୭ରେ ପଦ୍ମ ପୁରସ୍କାର କେତେ ଜଣଙ୍କୁ ଦିଆ ଯାଇଛି ? -୮୯

୩. ୨୦୧୭ରେ ପଦ୍ମବିଭୂଷଣ ପୁରସ୍କାର କେତେ ଜଣଙ୍କୁ ଦିଆ ଯାଇଛି ? -୭

୪. ୨୦୧୭ରେ ପଦ୍ମଭୂଷଣ ପୁରସ୍କାର କେତେ ଜଣଙ୍କୁ ଦିଆ ଯାଇଛି ? -୭

୫. ୨୦୧୭ରେ ପଦ୍ମ ଶ୍ରୀ ପୁରସ୍କାର କେତେ ଜଣଙ୍କୁ ଦିଆ ଯାଇଛି ? -୭୫

୬. ପଦ୍ମ,ପଦ୍ମଶ୍ରୀ,ପଦ୍ମ ଭୂଷଣ ଏବଂ ପଦ୍ମ ବିଭୂଷଣ ୨୦୧୭ ପୁରସ୍କାର ମଧ୍ୟରେ କେତେଜଣ ମହିଳ ଅଛନ୍ତି ? -୧୯

୭. ୩୫ ଲକ୍ଷ ଲୋକ ଜାତୀୟ ସଂଗୀତ ଗାନକରି ବିଶ୍ୱରେକର୍ଡ଼ ସୃଷ୍ଟି କରିଥିବା ରାଜ୍ୟର ନାମ କଣ ? -ଗୁଜୁରାଟ

୮. ହିମାଞ୍ଚଳ ପ୍ରଦେଶଅଲମ୍ପିକ୍ ଆସୋସିଏସନ୍ର ମୁଖ୍ୟ ଭାବେ କିଏ ନିର୍ବାଚିତ ହୋଇଛନ୍ତି ? -ଅନୁରାଗ ଠାକୁର

୯. ଭାରତର ପ୍ରଥମ ପାସପୋର୍ଟ ସେବାକେନ୍ଦ୍ର କେଉଁ ସହରରେ ଖୋଲାଯାଇଛି ? -ମହୀଶୂର(କର୍ଣ୍ଣାଟକ)

୧୦. 'ଜୀବନ ରେଖା'ଏକ ଇ-ହେଲଥ୍ ପ୍ରୋଗ୍ରାମ କେଉଁ ସରକାର ଆରମ୍ଭ କରିଛି ? -କେରଳ ସରକାର

୧୧. 'ଦୁଲାରୀ କନ୍ୟା' ଯୋଜନା ଶିଶୁ ମୃତ୍ୟୁହାର ରୋକିବା ପାଇଁ କେଉଁ ସରକାର ଆରମ୍ଭ କରିଛନ୍ତି ? -ଅରୁଣାଞ୍ଚଳ ପ୍ରଦେଶ

୧୨. ୨୦୧୯ ସୁଦ୍ଧା ଇଣ୍ଡିଆନ୍ ମେଟ୍ରୋଲୋଜିକାଲ ଡିପାର୍ଟମେଣ୍ଟ କେତୋଟି ଜିଲ୍ଲାରେ ପାଣିପାଗ ଷ୍ଟେସନ୍ ଖୋଲିବାକୁ ସ୍ଥିର କରିଛନ୍ତି ? -୬୬୦

୧୩. କରପସନ୍ ପରସେପସନ୍ ଇଣ୍ଡେକ୍ସ, ୨୦୧୬ରେ ଭାରତରେ ସ୍ଥାନ କେତେ ? -୭୯ତମ

୧୪.ଟିସିଏସ୍ ର ଚେୟାରମ୍ୟାନ୍ ରୂପେ କିଏ ନିଯୁକ୍ତି ପାଇଛନ୍ତି ? -ରାଜେସ୍ ଗୋପିନାଥନ୍

୧୫. ଟାଟା ସନସର ଚେୟାରମ୍ୟାନ୍ ରୂପେ କିଏ ନିଯୁକ୍ତି ପାଇଛନ୍ତି ? -ନଟରାଜନ୍ ଚନ୍ଦ୍ରଶେଖର

୧୬.ଭାରତ ପ୍ରଥମ ସୋଲାର ପାୱାର ବୋଟ୍ 'ଆଦିତ୍ୟ' କେଉଁ ରାଜ୍ୟରେ ଆରମ୍ଭ ହୋଇଛି ? -କେରଳ

୧୭. ଆନ୍ତର୍ଜାତିକ କ୍ରୀତଦାସତ୍ୱ ଉଚ୍ଛେଦ ଦିବସ କେବେ ପାଳନ କରାଯାଏ ? -ଡ଼ିସେମ୍ବର ୨ତାରିଖ

୧୮. ସର୍ବଭାରତୀୟ ଟେନିସ୍ ଆସୋସିୟେସନ୍ର ପ୍ରଥମ ମହିଳା ପ୍ରେସିଡ଼େଣ୍ଟ କିଏ ? -ପ୍ରବୀଣ୍ ମହାଜନ

୧୯ଏବେ ଅଳ୍ପଦିନ ତଳେ କେଉଁ ଦେଶ ତା'ର ସର୍ବପ୍ରଥମ କ୍ଷେପଣାଶ୍ତ୍ର ପରୀକ୍ଷା କରିଛି ? -ଦକ୍ଷିଣ କୋରିଆ

୨୦ବ୍ରାଜିଲ୍ର କେଉଁ ଫୁଟ୍‌ବଲ୍ କ୍ଲବ୍ ତା'ର ଅଧିକାଂଶ ଖେଳାଳୀମାନଙ୍କୁ କଲମ୍ବିଆ ବିମାନ ଦୁର୍ଘଟଣାରେ ହରାଇଛି ? -ଚାପେକୋଏନ୍ସ

୨୧.କେଉଁ ବ୍ୟାଙ୍କ ବଜାଜ ଫାଇନାନ୍ସ ସହିତ ମିଶି ଭାରତୀୟ ଗ୍ରାହକମାନଙ୍କ ପାଇଁ ସିରିଜ୍ @ ¨ùKâæSWýuKâÿW KuÿWë a¥ai ÚKeÓØ-**RBL** ବ୍ୟାଙ୍କ୍

୨୨. ୨୦୧୬ ବିଶ୍ୱଚେସ୍ ଚାମ୍ପିୟନ୍‌ସ କିଏ ଜିତିଛନ୍ତି ?-ମାଗ୍‌ନସ୍ କାର୍ଲସେନ୍

୨୩. ବିଶ୍ୱ ଏନାବ୍ଲିଙ୍ଗ୍ ଟ୍ରେଡ଼୍ ଇଣ୍ଡେକ୍ସ (**ETI**) ତାଲିକାରେ ଭାରତର ସ୍ଥାନ କେତେ ? -୧୦୨

୨୪. କେଉଁ ଭାରତୀୟ କମ୍ପାନୀ ଏବେ ସ୍ୱାସ୍ଥ୍ୟ ବୀମା ଯୋଜନା ଆରମ୍ଭ କରିଛି ? - ଆଦିତ୍ୟ ବିର୍ଲାଗ୍ରୁପ୍

୨୫. ଅଳ୍ପଦିନ ତଳେ ମୃତ୍ୟୁବରଣ କରିଥିବା ମଲ୍ଲାଲ ପାଲାଭାର ଇନ୍‌କୁଲାବ୍ କେଉଁ ଭାଷାର କବିଥିଲେ ? - ତାମିଲ ଭାଷାର

୨୬. କେଉଁ ପୁରୁଷ କ୍ରୀଡ଼ାବିତ୍ ଆଇ.ଏ.ଏଫ୍ ୨୦୧୬ କ୍ରୀଡ଼ାବିତ୍ ରୂପେ ମନୋନୀତ ହୋଇଛନ୍ତି ? -ଉସେନ୍ ବୋଲଟ

୨୭. ଥାଇଲାଣ୍ଡ ଦେଶର ନବନାମିତ ରାଜା କେଉଁ ରାଜବଂଶୀୟ ଅଟନ୍ତି ?- ଚକ୍ରୀ ରାଜବଂଶୀ

୨୮. ଆନ୍ତର୍ଜାତିକ ଶିଶୁ ଶାନ୍ତି ପୁରସ୍କାର ୨୦୧୬ କିଏ ଲାଭ କରିଛନ୍ତି ? - କେହ୍‌କାସନ୍ ବାସୁ

୨୯. ଭାରତର କେଉଁ ଦିନକୁ ଜାତୀୟ ପ୍ରଦୂଷଣ ପ୍ରତିରୋଧ ଦିବସ ରୂପେ ପାଳନ କରାଯାଏ ? - ଡ଼ିସେମ୍ବର ୨

୩୦. କିଛିଦିନ ତଳେ ମୃତ୍ୟୁବରଣ କରିଥିବା ଫୁଲେଲ୍ ସିଂ ସୁଜଲାନା କେଉଁ ଖେଳ ପାଇଁ ଆନ୍ତର୍ଜାତୀୟ ଅମ୍ପୋୟାର୍ ଥିଲେ ? -ହକି ଖେଳ

୩୧. ନ୍ୟାସ୍‌ନାଲ୍ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆର ନବନିଯୁକ୍ତ ଇଣ୍ଟରମ୍ ସି.ଇ.ଓ କିଏ ? -ଜେ. ରବିଚନ୍ଦ୍ରନ୍

୩୨. "ଦି ମୋଦି ଡ଼କ୍ଟ୍ରାଇନ୍- ନିଉ ପାରାଡ଼ିଗ୍‌ମସ୍ ଇନ୍ ଇଣ୍ଡିଆସ୍ ଫରେନ୍ ପଲିସି" ବହିଟିର ଲେଖକ କିଏ ? - ଅନୀର୍ବାଣ ଗାଙ୍ଗୁଲି

୩୩. ସି.ବି.ଆଇ. ସଂସ୍ଥାର ନବନିଯୁକ୍ତ ଇଣ୍ଟରିମ୍ ଡାଇରେକ୍ଟର୍ କିଏ ?-ରାକେଶ୍ ଆସ୍ଥାନା

୩୪. ନିକଟରେ ମୃତ୍ୟୁବରଣ କରିଥିବା ଉର୍ଦ୍ଦୁ କବି ବେକଲ ଉଟାସାହୀ କେଉଁ ରାଜ୍ୟର ଅଟନ୍ତି ? -ଉତ୍ତରପ୍ରଦେଶ

୩୫. କେଉଁ ଦେଶ ଷଷ୍ଠ ହାର୍ଟଅଫ୍ ଏସିଆ କନଫରେନ୍ସ ୨୦୧୬ କରିବାକୁ ନିଷ୍ପତ୍ତି ନେଇଛି ? -ଭାରତ

୩୬. କେଉଁ ଇଲେକ୍ଟ୍ରୋନିକ୍ସ କମର୍ସ କମ୍ପାନୀ 'ଲଞ୍ଚପ୍ୟାଡ଼୍' ନାମକ ଷ୍ଟାର୍ଟଅପ୍ ପ୍ରୋଗ୍ରାମ୍ ଭାରତରେ ଷ୍ଟାରଟପ୍‌ମାନଙ୍କ ଉଦ୍ଦେଶ୍ୟରେ ଆରମ୍ଭ କରିଛି ?- ଆମାଜନ୍

୩୭. ଭାରତରେ କେଉଁ ଜିଲ୍ଲାରେ ଚା ବଗିଚାର ଶ୍ରମିକମାନଙ୍କୁ ସେମାନଙ୍କର ନିଜନିଜର ବ୍ୟାଙ୍କ୍ ଆକାଉଣ୍ଟ୍ ମାଧ୍ୟମରେ ଦିଆଯାଇଛି ?-ହାଇଲାକାଣ୍ଡି

୩୮.ଇଣ୍ଟର ନ୍ୟାସନାଲ ହକି ଫେଡେରେସନ୍ର ଭାରତୀୟ ହକି ଟିମର କେଉଁ କ୍ୟାପଟେନ୍ ଏକ ସଦସ୍ୟ ରୂପେ ଯୋଗ ଦେଇଛନ୍ତି ?-ପି.ଆର.ଶ୍ରୀଯେଶ୍

୩୯.ଭାରତର ସୁପ୍ରିମ କୋର୍ଟର ୪୪ତମ ପ୍ରଧାନମନ୍ତ୍ରୀଙ୍କର ନାମ କଣ ? -ଜଗଦୀଶ୍ ସିଂ ଖେହର

୪୦.ଜାତୀୟ ଟୀକାକରଣ ଦିବସ କେବେ ପାଳନ ହୁଏ ?-୨୯ ଜାନୁଆରୀ

୪୧.୨୦୧୭ ନର୍ଥ ଇଷ୍ଟ ଫିଲ୍ମ ଫେଷ୍ଟିଭାଲ କେଉଁ ସହରରେ ଅନୁଷ୍ଠିତ ହେବ ? -ପୁଣେ

୪୨.ଦିଲ୍ଲୀର ନୂଆ ପୋଲିସ କମିଶନର ରୂପେ କିଏ ନିଯୁକ୍ତି ପାଇଛନ୍ତି ? -ଅମୁଲ୍ୟ ପଟ୍ଟନାୟକ

୪୩.ସିବିଆଇ.ର ମୁଖ୍ୟ ରୂପେ କିଏ ନିଯୁକ୍ତି ପାଇଛନ୍ତି ?-ଆଲୋକ ବର୍ମା

୪୪.ନାଳନ୍ଦା ବିଶ୍ୱବିଦ୍ୟାଳୟର ନୂଆ କୁଳପତି ରୂପେ କିଏ ନିଯୁକ୍ତି ପାଇଛନ୍ତି ? -ବିଜୟ ଭଟ୍ଟକାର

୪୫.ଆଠଟି ଶକ୍ତିଶାଳୀରାଷ୍ଟ୍ର ମଧ୍ୟରେ ଭାରତର ସ୍ଥାନ କେତେ ?-ଷଷ୍ଠ ତମ

ବଂଶରେ ପାପ ଅଧିକ ବଢ଼ିଗଲେ କୁଳ ସ୍ତ୍ରୀମାନେ ଅତ୍ୟନ୍ତ ଦୂଷିତା ହୋଇଯାଆନ୍ତି। ସେମାନେ ଦୂଷିତା ହୋଇଗଲେ ବ୍ୟଭିଚାର କରି ବର୍ଣ୍ଣସଙ୍କର ଜନ୍ମର କାରଣ ହୁଅନ୍ତି।

## କୋରାପୁଟ ଜିଲ୍ଲା




୧. ଜିଲ୍ଲାର ନାମ - କୋରାପୁଟ
୨. କ୍ଷେତ୍ରଫଳ - ୮୮୦୭ବର୍ଗ.କି.ମି
୩. ଜନସଂଖ୍ୟା - ୧୩୭୬୯୩୪
(କ) ପୁରୁଷ - ୬୭୬୮୬୪
(ଖ) ସ୍ତ୍ରୀ - ୬୯୯୦୭୦
୪. ୧୦୦୦ପୁରୁଷରେ ମହିଳା ସଂଖ୍ୟା-୧୦୩୧
୫. ସାକ୍ଷରତା ହାର - ୪୯.୮୭%
୬. ଉପଖଣ୍ଡ - ୦୨
୭. ତହସିଲ - ୧୪
୮. ବ୍ଲକ୍ - ୧୪
୯. ନିଗମ - ୦୦
୧୦. ମ୍ୟୁନିସିପାଲିଟି - ୦୧
୧୧. ଏନ.ଏ.ସି. - ୦୩
୧୨. ଗ୍ରାମ ପଞ୍ଚାୟତ - ୨୨୬
୧୩. ଗ୍ରାମ - ୨୦୪୨
୧୪. ଥାନା - ୨୪
୧୫. ମୋଟର ଯାନ ପଞ୍ଜିକୃତ କୋଡ଼ - ଓ.ଡି.-୧୦
୧୬. ବିଧାନ ସଭା ନିର୍ବାଚନ ମଣ୍ଡଳୀ - ୦୫
୧୪୧-ଲକ୍ଷ୍ମୀପୁର୍ ,୧୪୨-କୋଟପାଡ୍ ,୧୪୩-ଜୟପୁର,୧୪୪- କୋରାପୁଟ ,୧୪୫-ପଟ୍ଟାଙ୍ଗି
୧୭. ସାଧାରଣ ବୃଷ୍ଟିପାତ - ୧୫୬୭.୨ ମି.ମି.
୧୮. ପର୍ଯ୍ୟଟନ ସ୍ଥଳୀ - ପାଇକପଡ଼ା-ପାତାଳେଶ୍ୱର ମନ୍ଦିର, ଯୋଗମୁଣ୍ଡା ପର୍ବତ-ମଲ୍ଲିକେଶ୍ୱର ମନ୍ଦିର, ବୋରିଗୁମ୍ମା-ଭୈରବ ମନ୍ଦିର, ନନ୍ଦପୁର-ଗଣେଷ ମନ୍ଦିର, ଜୟପୁର-ପୁରାତନ ରାଜପ୍ରସାଦ, ସୁନାବେଡ଼-ମିଗ୍ ବିମାନ କାରଖାନା,ଡୁଡୁମା-ଜଳପ୍ରପାତ, ବାଲିମେଳା-ସୀତାକୁଣ୍ଡ ,ଜଳବିଦ୍ୟୁତ, ମୀନାଝୋଲା-ତିନୋଟି ନଦୀର ମିଶ୍ରଣସ୍ଥଳୀ, ଗୁପ୍ତେଶ୍ୱର-ରାମଗିରି ପର୍ବତ ଉପରେ ଗୁପ୍ତେଶ୍ୱର ଶିବ,

## ପର୍ବପର୍ବାଣୀ

### ଫେବ୍ରୁଆରୀ,୨୦୧୭

ତା୧. ଶ୍ରୀ ପଞ୍ଚମୀ, ସରସ୍ୱତୀ ପୂଜା, ଶ୍ରୀ ମନ୍ଦିରରେ ବସନ୍ତୋତ୍ସବ ଓ ସ୍ୱାମୀ ଭାରତୀ କୃଷ୍ଣଙ୍କ ବ୍ରହ୍ମ ଲୀନ ଦିବସ
ତା୩. ମାଘ ସପ୍ତମୀ ଓ ଚନ୍ଦ୍ରଭାଗା ତୀର୍ଥେ ସ୍ନାନ
ତା୪. ଭୀଷ୍ମାଷ୍ଟମୀ
ତା୭. ଭୈମୀ ଏକାଦଶୀ ଓ ବରାହ ଦ୍ୱାଦଶୀ ଓ ହଳ ନିଷେଧ
ତା୯. ନିତ୍ୟାନନ୍ଦ ଗୋସ୍ୱାମୀଙ୍କ ଜନ୍ମୋତ୍ସବ, ଶିବଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା
ତା୧୦. ଅଗ୍ନ୍ୟୁତ୍ସବ ପୂର୍ଣ୍ଣିମା ଓ ଯୋଗନ୍ଦା ମେଳା, ଚନ୍ଦ୍ରପୂଜା
ତା୧୧. ମାସାନ୍ତ
ତା୧୨. କୁମ୍ଭ ସଂକ୍ରାନ୍ତି ଓ ହଳ ନିଷେଧ
ତା୨୨. ପଙ୍କୋଦ୍ଧାର ଏକାଦଶୀ, ଉପବାସ, ବ୍ରତ ଓ ହଳ ନିଷେଧ
ତା୨୩. ଶରଣ ଆରମ୍ଭ
ତା୨୪. ଶିବରାତ୍ରି (ଜାଗର), ଶିବ ଚତୁର୍ଦ୍ଦଶୀ ଉପବାସ, ବ୍ରତ ଓ ବେଢ଼ା ପରିକ୍ରମା
ତା୨୬. ଅମାବାସ୍ୟା, ସୂର୍ଯ୍ୟମହତୀ ସ୍ନାନ, ଚନ୍ଦ୍ରକ୍ଷୟ, ନିଶିପାଳନ ଓ ହ.ନି
ତା୨୭. ଶରଣ ଶେଷ
ତା୨୮. ଚନ୍ଦ୍ରଦର୍ଶନ, ଉପବାସ ଓ ପୂଜା

### ମାର୍ଚ୍ଚ,୨୦୧୭

ତା୭ - ଫଗୁ ଦଶମୀ
ତା୮ - ପାପନାଶିନୀ ଏକାଦଶୀ, ଉପବାସ, ବ୍ରତ ଓ ହଳ ନିଷେଧ
ତା୯ - ସାମାନ୍ୟ ଗୋବିନ୍ଦ ଦ୍ୱାଦଶୀ ସ୍ନାନ
ତା୧୧ - ବରାହ ଦୋଳ ଓ ରାଜାଗ୍ନି, ଶିବଚତୁର୍ଦ୍ଦଶୀ ଓ ଓଳକଣା ମେଳଣ
ତା୧୨ - ଦୋଳ ପୂର୍ଣ୍ଣିମା,ଶ୍ରୀଚୈତନ୍ୟ ଦେବଙ୍କ ଜନ୍ମୋତ୍ସବ ଓ ଚନ୍ଦ୍ରପୂଜା
ତା୧୩ - ହୋଲି ଉତ୍ସବ ଓ ମାସାନ୍ତ
ତା୧୪ - ମୀନ ସଂକ୍ରାନ୍ତି, ତାରାତାରେଣୀ ଯାତ୍ରା ଓ ହଳ ନିଷେଧ
ତା୧୭ - ପଞ୍ଚୁଦୋଳ
ତା୧୮ - ସ୍କନ୍ଦ ଷଷ୍ଠୀ
ତା୨୨ - ରାଷ୍ଟ୍ରିୟ ନବବର୍ଷ ଓ ଶରଣାରମ୍ଭ
ତା୨୪ - ପାପମୋଚନୀ ଏକାଦଶୀ, ଉପବାସ ବ୍ରତ ଓ ହଳ ନିଷେଧ
ତା୨୫ - ମହାବାରଣୀ ସ୍ନାନ
ତା୨୬ - ସୁହି ଚତୁର୍ଦ୍ଦଶୀ ଓ ବାରଣୀ ସ୍ନାନ
ତା୨୭ - ଚନ୍ଦ୍ରକ୍ଷୟ, ନିଶିପାଳନ, ଶରଣ ଶେଷ ଓ ହଳ ନିଷେଧ
ତା୨୮ - ମଧୁ ଅମାବାସ୍ୟା, ତେଲୁଗୁ ନୂତନ ବର୍ଷ,ଗୋସହସ୍ରୀ ସ୍ନାନ
ତା୨୯ - ଦ୍ୱିତୀୟାର ଚନ୍ଦ୍ରଦର୍ଶନ, ପୂଜା ଓ ଉପବାସ

## ବିଭିନ୍ନ ଦିବସ ପାଳନ

### ଫେବ୍ରୁଆରୀ,୨୦୧୭

ତା ୦୨ - ବିଶ୍ୱ ଆର୍ଦ୍ରତା ଦିବସ,
ତା ୦୪ - ବିଶ୍ୱ କ୍ୟାନସର ଦିବସ,
ତା ୧୩ - ବିଶ୍ୱ ରେଡ଼ିଓ ଦିବସ, ସରୋଜିନୀ ନାଇଡୁ ଜନ୍ମ ଦିବସ
ତା ୧୪ - ଭାଲେଣ୍ଟାଇନ୍ ଦିବସ,
ତା ୨୦ - ବିଶ୍ୱ ସାମାଜିକ ନ୍ୟାୟ ଦିବସ,
ତା ୨୧ - ଆନ୍ତର୍ଜାତିକ ମାତୃଭାଷା ଦିବସ,
ତା ୨୨ - ଆନ୍ତର୍ଜାତିକ ସ୍କାଉଟ ଦିବସ,
ତା ୨୪ - ସେଣ୍ଟ୍ରାଲ ଏକସାଇଜ୍ ଦିବସ,
ତା ୨୮ - ଜାତୀୟ ବିଜ୍ଞାନ ଦିବସ,

### ମାର୍ଚ୍ଚ,୨୦୧୭

ତା ୦୩ - ଜାତୀୟ ପ୍ରତିରକ୍ଷା ଦିବସ
ତା ୦୪ - ଜାତୀୟ ସୁରକ୍ଷା ଦିବସ
ତା ୦୫ - ବିଜୁ ପଟ୍ଟନାୟକ ଜୟନ୍ତୀ ପଞ୍ଚାୟତରାଜ ଦିବସ
ତା ୦୮ - ଆନ୍ତର୍ଜାତୀୟ ମହିଳା ଦିବସ
ତା ୧୫ - ବିଶ୍ୱ ଖାଉଟି ଦିବସ
ତା ୨୦ - ଆନ୍ତର୍ଜାତୀୟ ଆନନ୍ଦ ଦିବସ
ତା ୨୧ - ବିଶ୍ୱ କବିତା ଦିବସ
ତା ୨୧ - ବିଶ୍ୱ ଜଙ୍ଗଲ ଦିବସ
ତା ୨୨ - ବିଶ୍ୱ ଜଳ ଦିବସ
ତା ୨୩ - ବିଶ୍ୱ ପାଣିପାଗ ଦିବସ
ତା ୨୪ - ବିଶ୍ୱ ଯକ୍ଷ୍ମା ଦିବସ
ତା ୨୫ - ଗୁଡ୍ ଫ୍ରାଇଡେ



ମାମାଲି ରାଉତ (୮ମ ଶ୍ରେଣୀ)ସାମନ୍ତରାପୁର ଉପ୍ରାବିଦ୍ୟାଳୟ,ଖୋରଧା



ଋତୁପଲ୍ଲବୀ ହରିଚନ୍ଦନ
ଗୀତା ଇଂଜିନିୟରିଂ କଲେଜ, ଭୁବନେଶ୍ୱର




ବିନିତ ନାୟକ (୮ମ ଶ୍ରେଣୀ)
ମୁକୁନ୍ଦପ୍ରସାଦ ୟୁଜିୟୁପି ସ୍କୁଲ, ଖୋରଧା


"ଚିତ୍ରରେ ଆମକଥା"
ଯୋଗାଯୋଗ :
ବିଭୁପ୍ରସାଦ ହରିଚନ୍ଦନ
ମୋ : ୭୦୭୭୯୮୩୮୪୦



ମାନସ ରଂଜନ ସ୍ୱାଇଁ (୮ମ ଶ୍ରେଣୀ)
ସାମନ୍ତରାପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଖୋରଧା



ମାହେଶ୍ୱରୀ ଦାସ ପଟ୍ଟନାୟକ
ପ୍ରଥମ ବର୍ଷ, ଡିଆଇଇଟି, ଖୋରଧା



ସୁକଦେବ ଖିଲୋ (୮ମ ଶ୍ରେଣୀ)
ବ୍ଲକ୍ ଆରିଓ କଲୋନୀ, ଉପ୍ରା ବିଦ୍ୟାଳୟ, ଖୋରଧା

Postal Regd. No. : PURI-33/2016-18

Volume-7 ★ Issue No-08★ Monthly ★ Feb.-2017 ★ RNI Regn. No. 107608/2010★Pages-52

# ଆମରି ସତ୍ୟ


## ଆଜୀବନ ସଦସ୍ୟତା ସମ୍ପର୍କରେ...

ମହାଶୟ / ମହାଶୟା,

ଆପଣମାନଙ୍କର ସୁହୃଦ ସହାନୁଭୂତି ଓ ସଦିଚ୍ଛା 'ଆମରିସତ୍ୟ' ପତ୍ରିକାକୁ ଆଗେଇ ନେବାରେ ଯଥେଷ୍ଟ ସାହାଯ୍ୟ କରିଆସୁଅଛି। ଯେଉଁମାନେ 'ଆମରିସତ୍ୟ' ପତ୍ରିକାର ଆଜୀବନ ସଦସ୍ୟ ହୋଇଛନ୍ତି ସେମାନଙ୍କ ନିକଟରେ ଆମେ ଚିର ଋଣୀ। ଆଜୀବନ ସଦସ୍ୟ ହେବା ନିମନ୍ତେ ମାତ୍ର ଟ.୩୦୦୦/- "ଆମରିସତ୍ୟ" ବା "ଆମରିସତ୍ୟ ଟ୍ରଷ୍ଟ" କୁ ଦାନ କଲେ ଉକ୍ତ ଅର୍ଥ ସ୍ଥାୟୀ ଜମା ରୂପେ ବ୍ୟାଙ୍କରେ ରହିବ ଏବଂ ଏହାର ସୁଧ ପତ୍ରିକାର ଛପା କାର୍ଯ୍ୟରେ ଲାଗିବ। ଜଣେ ଆଜୀବନ ସଦସ୍ୟ ହୋଇ ପତ୍ରିକାଟିର ନିବଚ୍ଛିନ୍ନ ପ୍ରକାଶନରେ ସହଭାଗୀ ହୁଅନ୍ତୁ। ଆମର ଏହି ଛୋଟ ଅନୁରୋଧଟିକୁ ସହାନୁଭୂତି ସହ ଗ୍ରହଣ କଲେ ଆମେ ଖୁସି ହେବୁ।

ଡକ୍ଟର ପ୍ରମୋଦ ଚନ୍ଦ୍ର ଦାଶ,
ପ୍ରତିଷ୍ଠାତା

ଡକ୍ଟର ପ୍ରସନ୍ନ କୁମାର ଜେନା,
ସଂପାଦକ




Printed & Published by Dr. Prasanna Kumar Jena Owned by "AMARISATYA" M-1/5, Mukunda Prasad Housing Board Colony, Post- P.N. College, Dist-Khurda, Printed at: NISWASS-CEDEC Press, Chandrasekharpur,BBSR-23, Published From - "AMARISATYA", M-1/5, Mukunda Prasad Housing Board Colony, Post- P.N. College, Dist-Khurda, Pin-752057

Editor : Dr Prasanna Kumar Jena

Founder : Dr. Pramod Chandra Dash

From To.
ଆମରିସତ୍ୟ AMARISATYA
M-1/5, M.P.H.B. Colony, Post- P.N. College, Dist-Khurda, Pin-752057